# ଧରିତ୍ରୀ DHARITRI

୪୯

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୭/୨୦୨୨ (୧୮ ପୃଷ୍ଠା) | Bhubaneswar, Wednesday, December 7/2022 | Page 18 | ₹ 7.00 | ★★★★★★

୪୯ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 14 | ମୂଲ୍ୟ ₹୭/-




## ମନୀଷା ପ୍ଲେୟର ଅଫ୍ ଦି ଇୟର

ଭାରତର ମହିଳା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ମନୀଷା ରାମଦାସ ବିଡବ୍ଲ୍ୟୁଏଫ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି।

୧୮

୧୭

## ଫିଫା ଟ୍ରଫି ଉନ୍ମୋଚନ କରିବେ ଦୀପିକା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ ଫିଫା ବିଶ୍ୱକପ୍‌ରେ ଟ୍ରଫି ଉନ୍ମୋଚନ ପାଇଁ ମନୋନୀତ ହୋଇଛନ୍ତି।





ମାସକୁ ୧୮ ହଜାର ଟଙ୍କା ଏବଂ ଅବସରକାଳୀନ ଭତ୍ତା ସମେତ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ। (ଫଟୋ: ମୌସମ)

## କୋମ୍ବିଂ ବେଳେ ୨ ମହିଳା ମାଓବାଦୀ ମୃତ

ଫୁଲବାଣୀ ଅଫିସ/କଟକ ଅଫିସ,୬।୧୨

କନ୍ଧମାଳ ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର କରାଯାଇଥିବା ମାଓବାଦୀ ଦମନ ଅଭିଯାନରେ ୨ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଛି। ପୋଲିସ ସର୍ଚ୍ଚ ଅପରେଶନ ବେଳେ ୟୁନିଫର୍ମରେ ଥିବା ୨ ସଶସ୍ତ୍ର ମହିଳା ମାଓବାଦୀଙ୍କ ମୃତଦେହ ଜବତ ହୋଇଛି। ସେଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ସମେତ ଗୋଟିଏ ଇନ୍‌ସାସ ରାଇଫଲ, ୪ଟି ବନ୍ଧୁକ ଏବଂ ୧୧ ରାଉଣ୍ଡ ଗୁଳି ଜବତ ହୋଇଛି। ମୃତ ମାଓବାଦୀ କେକେବିଏନ୍ ସଂଗଠନର ବୋଲି ସନ୍ଦେହ କରାଯାଉଛି। ଉଭୟ ମାଓବାଦୀଙ୍କୁ ଚିହ୍ନଟ କାର୍ଯ୍ୟ ଚାଲୁରହିଛି। କନ୍ଧମାଳ ଜିଲା ଗୋଚ୍ଛପଦା ଥାନା ଓ ବୌଦ୍ଧ ଜିଲା କଣ୍ଟାମାଳ ଥାନା ସୀମା ମଧ୍ୟରେ ଥିବା ମଟକୁପା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ ଜାରି ରହିଛି। ଡିଜିପି ସୁନୀଲ କୁମାର ବଂଶଲ ମାଓବାଦୀଙ୍କୁ ନିବେଦନ କରି କହିଛନ୍ତି ଯେ, ହିଂସାତ୍ମକ ପଥ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ସମାଜ କଲ୍ୟାଣରେ ନିଜକୁ ସାମିଲ କରି ଏକ ସମ୍ମାନଜନକ ଜୀବନ ଅତିବାହିତ କରନ୍ତୁ। ଅପରପକ୍ଷରେ ବାମପନ୍ଥୀ କ୍ୟାଡର ମାଓବାଦୀଙ୍କ ଦମନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଡିଜିଟାଲ ବ୍ୟବଧାନ
















# ସହର ସଫେଇରେ ଦୁର୍ନୀତି

## ଏଫ୍‌ଏଫ୍‌ସି ସର୍ତ୍ତ ନ ମାନିବାରୁ ଫେରିଗଲା ୩୩୩.୫୮ କୋଟି ଟଙ୍କା

**ସିଏଜି ରିପୋର୍ଟ**

■ ବିଏମ୍‌ସିରେ ସଫେଇ କେଳେଙ୍କାରୀ: ଗୋଟିଏ ରାସ୍ତାକୁ ୨ ପ୍ରକାର ଝାଡ଼ୁକରି ୧୦.୩୨ କୋଟି ଟଙ୍କା ବରବାଦ

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ସହରାଞ୍ଚଳ ବର୍ଜ୍ୟବସ୍ତୁ ଚିନ୍ତା ବଢ଼ାଇଛି। ସହରରୁ ଦୈନିକ ବାହାରୁ ଥିବା କୁଢ଼ କୁଢ଼ ଆବର୍ଜନା ଦୀର୍ଘ ଦିନ ଧରି ପାହାଡ଼ ଭଳି ଗଦା ହେଉଛି। ଏଭଳିସ୍ଥଳେ ବର୍ଜ୍ୟବସ୍ତୁ ପରିଚାଳନାରେ ହେଉଥିବା ଅନିୟମିତତା ଏବଂ ପୌରସଂସ୍ଥାର ଅପାରଗତାର ପର୍ଦ୍ଦାଫାଶ କରିଛନ୍ତି କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ନ ହେବା, ବାର୍ଷିକ ଆର୍ଥିକ ବିବରଣୀ ପ୍ରସ୍ତୁତ ନ ହେବା ଏବଂ ପଞ୍ଚଦଶ ଅର୍ଥ କମିଶନ (ଏଫ୍‌ଏଫ୍‌ସି) ସର୍ତ୍ତକୁ ପାଳନ କରା ନ ଯିବା ଯୋଗୁ ରାଜ୍ୟକୁ ୩୩୩.୫୮ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ହରାଇବାକୁ ପଡ଼ିଛି। କେବଳ ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ରକ୍ରିୟାକରଣରେ ଅସଫଳତା ନୁହେଁ; ପରିବହନ, ସଫେଇ, ଡଷ୍ଟବିନ୍ କିଣା ଆଦି ଦୁର୍ନୀତିରେ ଅନେକ ପୌରସଂସ୍ଥା ଉବୁଟୁବୁ ହେଉଥିବା ସିଏଜିଙ୍କ ରିପୋର୍ଟରୁ ସ୍ପଷ୍ଟ ହେଉଛି।

ଏପରି କି ପୌରସଂସ୍ଥା, ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତାକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି।

ସଦ୍ୟ ସମାପ୍ତ ବିଧାନସଭାର ଶୀତ ଅଧିବେଶନରେ ଉପସ୍ଥାପିତ ହୋଇଥିବା ସିଏଜି ରିପୋର୍ଟ-୨୦୨୧ରେ ଉଲ୍ଲେଖ ହୋଇଛି ଯେ, ରାଜ୍ୟରେ ଥିବା ୧୧୪ ପୌରସଂସ୍ଥାରୁ ଦୈନିକ ୨୨୦୮.୬୦ ଟନ୍ (ଟିପିଡି) ବାହାରୁଛି। ସେଥିରୁ ବାର୍ଷିକ ୪୫,୩୩୯.୪୦ ଟନ୍ ପ୍ଲାଷ୍ଟିକ୍, ମାସିକ ୧.୬୬ ଟିପିଡି ନିର୍ମାଣ ଭଗ୍ନାଂବଶେଷ, ୩୯୬.୭୭ ଟନ୍ ଇ-ବର୍ଜ୍ୟବସ୍ତୁ ଏବଂ ବିଏମ୍‌ଡବ୍ଲ୍ୟୁ ୧୭୯.୯୩ ଟିପିଡି ବାହାରୁଛି। ସିଏଜି ୫ଟି ମହାନଗର ନିଗମ, ୧୦ଟି ମ୍ୟୁନିସିପାଲିଟି ଏବଂ ୬ଟି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଯାଞ୍ଚ କରିଥିଲେ। ଏଥିସହିତ ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟସିଟିର ବର୍ଜ୍ୟବସ୍ତୁ ପରିଚାଳନାକୁ ମଧ୍ୟ ସିଏଜି ତାଙ୍କ ଯାଞ୍ଚ ପରିସରକୁ ନେଇ ସଫେଇ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିଛନ୍ତି। ତେବେ କୌଣସି ପୌର ସଂସ୍ଥା ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟବେକ୍ଷଣକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା କଥା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୨୩ ଜାନୁୟାରୀରେ ଓଡ଼ିଶାରେ ପୁରୁଷ ହକି ବିଶ୍ୱ କପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଭୁବନେଶ୍ୱର ଏବଂ ରାଉରକେଲାକୁ ପ୍ରଦୂଷଣ ଓ ବର୍ଜ୍ୟବସ୍ତୁ ମୁକ୍ତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ମାତ୍ର ସିଏଜିଙ୍କ ରିପୋର୍ଟକୁ ଦେଖିଲେ ଉଭୟ ସହରର ବର୍ଜ୍ୟବସ୍ତୁ ☞ପୃଷ୍ଠା-୪

## ଆଜିଠୁ ଶୀତ ଅଧିବେଶନ

ଖାଲି ପେଟରେ କେହି ନିଦ୍ରା ନ ଯାଆନ୍ତୁ: ସୁପ୍ରିମକୋର୍ଟ

ପୃଷ୍ଠା-୪

# ‘ମୁହଁ ଖୋଲିଲେ ରାଜ୍ୟ ଦୋହଲିଯିବ’

**୭ ଦିନିଆ ରିମାଣ୍ଡରେ ଅର୍ଚ୍ଚନା ନାଗ**



ଭୁବନେଶ୍ୱର, ୬।୧୨ (ବ୍ୟୁରୋ)

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବ୍ଲାକ୍‌ମେଲ୍ ମାମଲାରେ ଅଭିଯୁକ୍ତ ଅର୍ଚ୍ଚନା ନାଗଙ୍କୁ ମଙ୍ଗଳବାରଠାରୁ ୭ ଦିନିଆ ରିମାଣ୍ଡରେ ନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ମଧ୍ୟାହ୍ନରେ କ୍ୟାପିଟାଲ ହସ୍ପିଟାଲକୁ ତାଙ୍କୁ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ନିଆଯାଇଥିଲା। ଏହି ସମୟରେ ଖବରଦାତାଙ୍କ ପ୍ରଶ୍ନରେ ଅର୍ଚ୍ଚନା ଅନେକ ଚାଞ୍ଚଲ୍ୟକର କଥା କହିଛନ୍ତି। ଅର୍ଚ୍ଚନା କହିଥିଲେ, ବିନା କୌଣସି ତଥ୍ୟ ପ୍ରମାଣରେ କାହିଁକି ମତେ କଳଙ୍କିତ କରୁଛନ୍ତି। ମୁଁ ଯେତେବେଳେ ମୁହଁ ଖୋଲିବି ସାରା ରାଜ୍ୟ ଦୋହଲିଯିବ। କହିବା ପାଇଁ ସଫିସିଏଣ୍ଟ ସମୟ ଦରକାର। ଏକ୍ସକ୍ଲୁଜିଭ୍‌ଲି ମୁଁ ଦେଖାଇବି, ମତେ ଟିକେ ସମୟ ଦରକାର। ମତେ ଫସାଇ ଦେଇଛନ୍ତି, ତଥ୍ୟ ପ୍ରମାଣ ସହ ସବୁ ଦେବି। ଆଜି ନ ହେଲେ କାଲି ଦେବି। ସବୁ ଗୁମର ଖୋଲିବ, ମୁଁ କାହାକୁ ଛାଡ଼ିବିନି। ଲକ୍ଷ୍ମୀସାଗର ଥାନାରେ ଅକ୍ଷୟ ପରିଜାଙ୍କ ନାଁରେ ଏତଲା ପରଠାରୁ ଶ୍ରଦ୍ଧାଞ୍ଜଳିଙ୍କ ସିଡିଆର୍ ଯାଞ୍ଚ କରାଯାଉ। କାହା କାହା ସହ ସେ କଥା ହୋଇଛନ୍ତି, ସବୁ ଯାଞ୍ଚ କରାଯାଉ। ଯଦି ସତ୍‌ସାହସ ଅଛି, ଶ୍ରଦ୍ଧାଞ୍ଜଳି ସାମ୍ନାକୁ ଆସୁ, ପ୍ରମାଣ ଦେଉ। ମୋ ଆଖି, ମୁହଁ, ପାଟି ବନ୍ଦ କରି ମତେ ଆରେଷ୍ଟ କଲେ। ପ୍ରେସ୍‌ମିଟ୍ କରିଥାନ୍ତି, ମୁଁ କ’ଣ ଆତଙ୍କବାଦୀ ବୋଲି ପରୋକ୍ଷରେ ସେ ପୋଲିସକୁ ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ, କିଛି ନ ଜାଣି ମତେ ବଦନାମ କଲେ, ☞ପୃଷ୍ଠା-୪

# ଲୁଡୁ ନିଶାରେ ରେଣୁ ସର୍ବସ୍ୱାନ୍ତ



ଲକ୍ଷ୍ନୌ,୬।୧୨

ଜୁଆ ଖେଳିଲେ ସର୍ବସ୍ୱାନ୍ତ ହେବା ଥୟ ବୋଲି ମହାଭାରତ ଆମକୁ ଶିଖାଇଛି। ଏଭଳି ଅନେକ ଦୃଷ୍ଟାନ୍ତ ଥାଇ ମଧ୍ୟ ସଚେତନ ନ ହେବାର ମାନେ ହେଉଛି, ବିପତ୍ତିକୁ ଡାକିବା। ଉତ୍ତରପ୍ରଦେଶର ରେଣୁଙ୍କ ପାଖକୁ ଜୟପୁରରେ ଥିବା ତାଙ୍କ ସ୍ୱାମୀ ଟଙ୍କା ପଠାଉଥିଲେ। ସେହି ଅର୍ଥକୁ ସେ ଲୁଡୁ ଖେଳରେ ହରାଇ ଦେବାପରେ ଶେଷରେ ଭଡ଼ା ଘର ମାଲିକଙ୍କ ନିକଟରେ ନିଜକୁ ବାଜି ଲଗାଇଲେ। ଅନ୍ତିମ ଖେଳରେ ପରାଜୟ ରେଣୁଙ୍କୁ ବାଧକଲା ଘର ମାଲିକଙ୍କ ସହ ରହିବାକୁ। ଏହି ଘଟଣାକୁ ନେଇ ସମ୍ପ୍ରତି ୟୁପିରେ ଅନେକ ଚର୍ଚ୍ଚା।

ଉତ୍ତରପ୍ରଦେଶର ଦେଓରିଆ ଜିଲା ଦେବକାଲି ଅଞ୍ଚଳରୁ ଚକିତ କରିଦେବା ଭଳି ଘଟଣା ସାମ୍ନାକୁ ଆସିଛି। ଜୁଆଖେଳରେ ଆସକ୍ତ ରେଣୁଙ୍କ ସ୍ୱାମୀ ରାଜସ୍ଥାନର ଜୟପୁରରେ କାମ କରନ୍ତି। ସ୍ୱାମୀ ଦୁଇ ପିଲାଙ୍କ ଲାଳନପାଳନ ଏବଂ ଘର ଚଳାଇବା ପାଇଁ ତାଙ୍କ ନିକଟକୁ ନିୟମିତ ଭାବେ ଟଙ୍କା ପଠାନ୍ତି। କିନ୍ତୁ ଏପଟେ ରେଣୁ ସେହି ଅର୍ଥରାଶିକୁ ଘର ମାଲିକଙ୍କ ସହ ଲୁଡୁ ଖେଳରେ ହରାଇ ଚାଲିଥାନ୍ତି। ଦିନେ ଏମିତି ଖେଳ ଚାଲୁ ଚାଲୁ ଲୋଭୀ ମହିଳା ସବୁ ସମ୍ବଳ ହରାଇ ବସିଲେ। ଅବସ୍ଥା ଏମିତି ହେଲା ଯେ, ତାଙ୍କ ପାଖରେ ଆଉ ଟଙ୍କାଏ ବି ରହିଲାନି। ସେତିକିରେ ସେ ମନକୁ ବୁଝାଇ ଘରକୁ ଫେରିଯାଇଥିଲେ କିଛି ଅସ୍ୱାଭାବିକ ପରିସ୍ଥିତି ଘଟି ନ ଥାନ୍ତା। ହେଲେ କିନ୍ତୁ ହରାଇଥିବା ଟଙ୍କା ଫେରିପାଇବା ଆଶାରେ ରେଣୁ ଘର ମାଲିକଙ୍କଠାରେ ଶେଷ ☞ପୃଷ୍ଠା-୪



## ବାର୍‌ରେ ଗୁଳି: ୫ ମୃତ

ମେକ୍ସିକୋର ଆକାପୁଲକୋରେ ଥିବା ପାସିଫିକ୍ କୋଷ୍ଟ ରିସୋର୍ଟ ବାର୍‌ରେ ଗୁଳିକାଣ୍ଡ ଘଟି ୫ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଆକ୍ରମଣକାରୀଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୋମବାର ଆକାପୁଲକୋସ୍ଥିତ ଆଉ ଏକ ସ୍ଥାନରେ ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିଲା।



## ସଂକ୍ଷେପରେ

### ବିସ୍ଫୋରଣରେ ୭ ମୃତ

**କାବୁଲ,୬।୧୨:** ଆଫଗାନିସ୍ତାନର ମଜାର-ଇ-ଶରିଫରେ ମଙ୍ଗଳବାର ବିସ୍ଫୋରଣରେ ୭ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ସ୍ଥାନୀୟ ପେଟ୍ରୋଲିୟମ୍ କମ୍ପାନୀ କର୍ମଚାରୀ ହୋଇଥିବା ଜଣାପଡ଼ିଛି। ମଜାର-ଇ-ଶରିଫଠାରେ ଥିବା ନୀଳ ମସ୍‌ଜିଦ୍ ନିକଟରେ ସକାଳ ପ୍ରାୟ ୭ଟାବେଳେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ପୋଲିସ କହିଛି। ରାସ୍ତାକଡ଼ରେ ଏକ କାର୍ଟରେ ବୋମା ରଖାଯାଇଥିବା କୁହାଯାଉଛି। ଚଳିତ ମାସରେ ଆଇବାକ ମଦ୍ରାସାରେ ବିସ୍ଫୋରଣ ଫଳରେ ୧୯ ଜଣ ନିହତ ହୋଇଥିଲେ।

### ବରଣମାଳା ପିନ୍ଧାଇଲା ବେଳେ କନ୍ୟାଙ୍କ ମୃତ୍ୟୁ

**ଲକ୍ଷ୍ନୌ,୬।୧୨:** ଉତ୍ତର ପ୍ରଦେଶ ଲକ୍ଷ୍ନୌରେ ଶିବାଙ୍ଗୀ ନାମ୍ନୀ ଜଣେ ଯୁବତୀଙ୍କର ବିବାହ ମଣ୍ଡପରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ବାହାଘର ଦିନ ବିବାହ ମଣ୍ଡପରେ ବର, କନ୍ୟା ପରସ୍ପରକୁ ବରଣମାଳା ପିନ୍ଧାଉଥିବାବେଳେ ଶିବାଙ୍ଗୀ ହଠାତ୍ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଘରଲୋକେ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପରଲୋକ


ଯୋଗିନ୍ଦର କେ. ଅଲାଘ

**ଅହମ୍ମଦାବାଦ,୬।୧୨:** ଅର୍ଥନୀତିଜ୍ଞ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯୋଗିନ୍ଦର କେ. ଅଲାଘ ମଙ୍ଗଳବାର ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ୮୩ ବର୍ଷୀୟ ଯୋଗିନ୍ଦର ବାର୍ଦ୍ଧକ୍ୟ କାରଣରୁ ବହୁବିଧ ରୋଗରେ ପୀଡ଼ିତ ଥିଲେ। କିଛିଦିନ ପୂର୍ବେ ସର୍ଦ୍ଦାର ପଟେଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଆଣ୍ଡ୍ ସୋସିଆଲ ରିସର୍ଚ୍ଚ ପ୍ରଫେସର ଯୋଗିନ୍ଦରଙ୍କ ଦେହ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ତାଙ୍କ ପୁଅ ମୁନିଶ ଅଲାଘ ସୂଚନା ଦେଇଛନ୍ତି। ୧୯୩୯ରେ ଚକୱାଲରେ ଯୋଗିନ୍ଦର ଜନ୍ମ ଗ୍ରହଣ କରିଥିଲେ। ଭାରତ ବିଭାଜନ ପରେ ଚାକୱାଲ ଏବେ ପାକିସ୍ତାନରେ ଆସୁଛି। ପେନସିଲଭାନିଆ ୟୁନିଭର୍ସିଟିରେ ସେ ଅର୍ଥନୀତିରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ। ଦିଲ୍ଲୀ ଜବାହରଲାଲ ନେହରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଯୋଗିନ୍ଦର ୧୯୯୬-୯୮ ପର୍ଯ୍ୟନ୍ତ ଭାରତର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ।

### ୱାଇଏସ୍‌ଆର୍‌ସି ନେତାଙ୍କୁ ଛୁରିଭୁସି ହତ୍ୟା

**ଶ୍ରୀକାକୁଲମ,୬।୧୨:** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ଜଣେ ନେତାଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ବରତମ ରାମଶେଶୁ(୫୨) ଗାରା ଏମ୍‌ପିପିର ଉପସଭାପତି ଏବଂ ଶ୍ରୀକାକୁଲମ ଗ୍ରାମର ପୂର୍ବତନ ସରପଞ୍ଚ। ବିଭିନ୍ନ ବ୍ୟବସାୟ ସହ ସେ ସମ୍ପୃକ୍ତ ଥିଲେ। ସେ ପ୍ରାତଃ ଭ୍ରମଣରେ ଯାଉଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଛୁରିଭୁସି ହତ୍ୟା କରିଛନ୍ତି।

### ମହିଳାଙ୍କୁ ହତ୍ୟା ପରେ ଖଣ୍ଡ ଖଣ୍ଡ କଲେ ହତ୍ୟାକାରୀ

**ବିଶାଖାପାଟଣା,୬।୧୨:** ବିଶାଖାପାଟଣାର ମଧୁରୱାଡ଼ାରେ ଥିବା ବିକଳାଙ୍ଗୁଲା କଲୋନିର ଏକ ଘରୁ ପୋଲିସ ସୋମବାର ଜଣେ ଅଜଣା ମହିଳାଙ୍କ ଗଳିତ ମୃତଦେହ ଖଣ୍ଡ ଜବତ କରିଛି। ୩୫ ବର୍ଷୀୟ ମହିଳା ଜଣଙ୍କୁ ହତ୍ୟା କରାଯିବା ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ପ୍ଲାଷ୍ଟିକ୍ ଡ୍ରମ୍‌ରେ ରଖାଯାଇଥିଲା। ୧୮ ମାସ ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିଲା ବେଳେ ରବିବାର ରାତିରେ ଘଟଣା ପଦାକୁ ଆସିଛି। ମହିଳା ଜଣକ ଯୌନ କର୍ମୀ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ତାଙ୍କର ପରିଚୟ ଏବଂ ହତ୍ୟାକାଣ୍ଡର ଉଦ୍ଦେଶ୍ୟ ଜଣାପଡ଼ି ନାହିଁ। ହତ୍ୟାକାରୀଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ସ୍ଥାନୀୟ ୱେଲ୍ଡିଂ ଦୋକାନରେ କାମ କରୁଥିବା ଋଷି ନାମକ ଯୁବକକୁ ସନ୍ଦେହ କରି ପୋଲିସ ତାଙ୍କୁ ଧରିନେଇ ଜେରା କରୁଛି।

# ଭାରତ ମହାସାଗରରେ ଚାଇନା ଗୁପ୍ତଚର ଜାହାଜ



ଭାରତ ବଙ୍ଗୋପସାଗରରେ ଦୀର୍ଘ ଦୂରଗାମୀ ବାଲିଷ୍ଟିକ୍ ମିଶାଇଲ୍ ପରୀକ୍ଷା କରିବାକୁ ଥିବାବେଳେ ଏହା ପୂର୍ବରୁ ବିଭିନ୍ନ ଟ୍ରାକିଂ ଏବଂ ପର୍ଯ୍ୟବେକ୍ଷଣ ଉପକରଣ ସଂଯୋଗ ହୋଇଥିବା ଚାଇନାର ଗୁପ୍ତଚର ଜାହାଜ ୟୁଆନ୍ ୱାଙ୍ଗ୍-୫ ଭାରତ ମହାସାଗର ଅଞ୍ଚଳରେ ପ୍ରବେଶ କରିଛି। ଚାଇନାର ଏହି ମିଶାଇଲ୍ ଏବଂ ସାଟେଲାଇଟ୍ ଟ୍ରାକିଂ ଜାହାଜ ଉପରେ ଭାରତୀୟ ନୌସେନା ନଜର ରଖିଛି। ଗତ ଅଗଷ୍ଟରେ ଏହି ଜାହାଜ ହମ୍ବାଣ୍ଟୋଟା ବନ୍ଦରରେ ରହିଥିବାବେଳେ ଏହାକୁ ନେଇ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ କୂଟନୈତିକ ବିବାଦ ଦେଖାଦେଇଥିଲା। ଏବେ ଏହି ଜାହାଜ ଭାରତ ମହାସାଗର ଅଞ୍ଚଳରେ ପ୍ରବେଶ କରିଥିବା ଗୋଇନ୍ଦା ବିଶେଷଜ୍ଞ ଡାମିଏନ୍ ସିମୋନ୍ ଟୁଇଟ୍ କରିଛନ୍ତି। ଚାଇନା ଜାହାଜର ଅବସ୍ଥିତି ପରେ ଭାରତ ଦୂରଗାମୀ ମିଶାଇଲ ପରୀକ୍ଷା କରିବ କି ସ୍ଥଗିତ ରଖିବ, ତାହା ଜଣାପଡ଼ି ନାହିଁ।

# କ୍ଷମା ମାଗିଲେ ବିବେକ ଅଗ୍ନିହୋତ୍ରୀ

## ବିଚାରପତିଙ୍କ ବିରୋଧରେ ଟୁଇଟ୍



ଏକ ଅଦାଲତ ଅବମାନନା ମାମଲାରେ ଫିଲ୍ମ ନିର୍ମାତା ବିବେକ ଅଗ୍ନିହୋତ୍ରୀ ଦିଲ୍ଲୀ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ୨୦୧୮ରେ ଭୀମା କୋରେଗାଁଓ ହିଂସା ମାମଲାରେ ସାମାଜିକ କର୍ମୀ ଗୌତମ ନଭଲଖାଙ୍କୁ ଆଶ୍ୱସ୍ତି ପ୍ରଦାନକୁ ନେଇ ବିବେକ ସମ୍ପୃକ୍ତ ବିଚାରପତିଙ୍କୁ ସମାଲୋଚନା କରିଥିଲେ। ରାୟ ପ୍ରଦାନରେ ବିଚାରପତି ପାତରଅନ୍ତର କରିଥିବା ସେ ଅଭିଯୋଗ ଆଣିଥିଲେ। ବିବେକ ତାଙ୍କ ଓକିଲଙ୍କ ଜରିଆରେ ଲିଖିତ କ୍ଷମା ପ୍ରାର୍ଥନା ପଠାଇଥିଲେ ହେଁ ଅଦାଲତ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଏଥିପାଇଁ ଅନୁତପ୍ତ ବୋଲି ଜଣାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି କ୍ଷମା ମାଗିବାରେ କିଛି ଅସୁବିଧା ଅଛି କି ବୋଲି ଜଷ୍ଟିସ୍ ସିଦ୍ଧାର୍ଥ ମୃଦୁଳ ଏବଂ ତଲୱନ୍ତ ସିଂଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ଏସ୍. ମୁରଲୀଧରଙ୍କ ବିରୋଧରେ ମନ୍ତବ୍ୟ ପାଇଁ ଦିଲ୍ଲୀ ହାଇକୋର୍ଟ ବିବେକ ଅଗ୍ନିହୋତ୍ରୀ, ଲେଖକ ଆନନ୍ଦ ରଙ୍ଗନାଥନ ଏବଂ ସ୍ୱରାଜ୍ୟ ନ୍ୟୁଜ୍ ପୋର୍ଟାଲ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ।

# ବଢ଼ୁଛି ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ

**ବେଲଗାଭି/ବେଙ୍ଗାଲୁରୁ/ ନୂଆଦିଲ୍ଲୀ,୬।୧୨**



- ବେଲଗାଭିରେ ହିଂସା
- ମହାରାଷ୍ଟ୍ର ଟ୍ରକ୍‌କୁ ଟାର୍ଗେଟ
- ୨୪ ଘଣ୍ଟାରେ ସମାଧାନ କରିବାକୁ ବୋମାଇଙ୍କୁ କହିଲେ ପାୱାର

ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ମଧ୍ୟରେ ଆନ୍ତଃରାଜ୍ୟ ସୀମା ବିବାଦ ମଙ୍ଗଳବାର ଉଗ୍ର ରୂପ ନେଇଛି। କର୍ଣ୍ଣାଟକ ରକ୍ଷଣ ବେଦିକା ନାମକ ସଂଗଠନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ହିଂସାତ୍ମକ ରୂପ ନେବା ପରେ ଉତ୍ତ୍ୟକ୍ତ କନ୍ନଡ଼ କର୍ମୀମାନେ ମହାରାଷ୍ଟ୍ର ନମ୍ବର ପ୍ଲେଟ୍ ଥିବା ଟ୍ରକ୍‌ଗୁଡ଼ିକୁ ଟାର୍ଗେଟ କରିଥିଲେ। ଉକ୍ତ ଟ୍ରକ୍‌ଗୁଡ଼ିକୁ ଅଟକାଇ କାଳୀ ଫିଙ୍ଗିବା ସହ ଟେକାମାଡ଼ କରାଯାଇଛି। ହିଂସାକାଣ୍ଡରେ କେତେଜଣ ଆହତ ହୋଇଥିବାବେଳେ କେତେକ ଟ୍ରକ୍ ଝରକା ଭାଙ୍ଗିଯାଇଛି। ପୋଲିସ କର୍ଣ୍ଣାଟକ ରକ୍ଷଣ ବେଦିକାର ସଭାପତି ନାରାୟଣ ଗୌଡ଼ଙ୍କ ସମେତ ଶତାଧିକ କର୍ମୀଙ୍କୁ ଗିରଫ କରିଛି। ଉତ୍ତ୍ୟକ୍ତ କର୍ମୀମାନେ ମହାରାଷ୍ଟ୍ର ନେତାମାନଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା।

ଦୁଇ ରାଜ୍ୟ ମଧ୍ୟରେ ସୀମା ବିବାଦର କେନ୍ଦ୍ରବିନ୍ଦୁ ହେଉଛି ବେଲଗାଭି। ୬୦ ଦଶକରେ ଭାଷାଭିତ୍ତିରେ ରାଜ୍ୟ ସୀମା ପୁନଃ ନିର୍ଦ୍ଧାରଣ ବେଳେ ମରାଠୀ ବହୁଳ ଉକ୍ତ ଅଞ୍ଚଳକୁ ଭୁଲ୍‌ରେ କର୍ଣ୍ଣାଟକକୁ ଦିଆଯାଇଥିବା ମହାରାଷ୍ଟ୍ର ଦାବି କରୁଛି। ସେହିପରି କର୍ଣ୍ଣାଟକ ମଧ୍ୟ ମହାରାଷ୍ଟ୍ରର କେତେକ ଗାଁକୁ ନିଜର ବୋଲି ନିକଟରେ ଦାବି ଉଠାଇଛି। ଏହାକୁ ନେଇ ଉଭୟ ଭାଜପା ଶାସିତ ରାଜ୍ୟ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୋମବାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମହାରାଷ୍ଟ୍ରର ୨ ମନ୍ତ୍ରୀଙ୍କ ବେଲଗାଭି ଗସ୍ତକୁ ବିରୋଧ କରିଥିଲେ। ସେମାନଙ୍କ ଗସ୍ତ ଆଇନଶୃଙ୍ଖଳା ସ୍ଥିତି ଉପୁଜାଇପାରେ ବୋଲି ବୋମାଇ କହିବା ପରେ ମହାରାଷ୍ଟ୍ର ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ଏବଂ ଶମ୍ଭୁରାଜ ଦେଶାଇ ସେମାନଙ୍କ ଗସ୍ତ ବାତିଲ କରିଛନ୍ତି। ସୀମା ବିବାଦ ଏବେ ସୁପ୍ରିମକୋର୍ଟକୁ ଯାଇଥିବାବେଳେ ପାଟିଲ ଏବଂ ଦେଶାଇଙ୍କୁ ବିବାଦ ସମାଧାନ ଲାଗି ଦୁଇ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ମହାରାଷ୍ଟ୍ର ନିଯୁକ୍ତ କରିଥିଲା। ସପ୍ତାହେ ତଳେ ବେଲଗାଭିରେ ଏକ କଲେଜ ଉତ୍ସବ ବେଳେ ସୀମା ବିବାଦକୁ ନେଇ ହିଂସାକାଣ୍ଡ ଘଟିଥିଲା। ଜଣେ ଛାତ୍ର କନ୍ନଡ ପତାକା ହଲାଇବାରୁ ମରାଠୀ ଛାତ୍ରମାନେ ତାଙ୍କୁ ମାଡ଼ ମାରିଥିଲେ। ସୀମା ପ୍ରସଙ୍ଗକୁ ନେଇ ଆଇନଗତ ଲଢ଼େଇରେ କର୍ଣ୍ଣାଟକର ବିଜୟ ହେବ ବୋଲି ବୋମାଇ କହିବା ସହ ଉତ୍ତେଜନା ସୃଷ୍ଟି ଲାଗି ମହାରାଷ୍ଟ୍ରକୁ ଦାୟୀ କରିଛନ୍ତି।

ହିଂସାକାଣ୍ଡ ପରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବୋମାଇଙ୍କ ସହ କଥା ହୋଇଛନ୍ତି। ବେଲଗାଭି ନିକଟ ହିରେବାଗୱାଡ଼ିରେ ଉତ୍ତେଜନାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ମହାରାଷ୍ଟ୍ରରୁ ଆସୁଥିବା ଗାଡ଼ିଗୁଡ଼ିକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ବୋମାଇ ପ୍ରତିଶ୍ରୁତି ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ମହାରାଷ୍ଟ୍ର ସରକାର କର୍ଣ୍ଣାଟକକୁ ବସ୍ ସେବା ବନ୍ଦ କରିଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ର ନମ୍ବର ଥିବା ଟ୍ରକ୍‌ଗୁଡ଼ିକ ଉପରେ ଆକ୍ରମଣ ବନ୍ଦ କରିବା ଲାଗି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ ୨୪ ଘଣ୍ଟା ସମୟ ଦେଇଛନ୍ତି। ଆକ୍ରମଣ ବନ୍ଦ ନ ହେଲେ ଆମେ ଧୈର୍ଯ୍ୟ ହରାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି।


ଶରଦ ପାୱାର


ବାସବରାଜ ବୋମାଇ

## ଲଖିମ୍‌ପୁର ଖେରି ଚାଷୀ ହତ୍ୟା ମାମଲା

# ଆଶିଷ ମିଶ୍ରାଙ୍କ ବିରୋଧରେ ଚାର୍ଜଫ୍ରେମ୍



**ଲଖିମପୁର ଖେରି,୬।୧୨**

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିରେ ଗତବର୍ଷ ଆନ୍ଦୋଳନରତ ଚାଷୀଙ୍କ ଉପରେ ଏସ୍‌ୟୁଭି ମଡ଼ାଇ ୪ ଜଣଙ୍କ ଜୀବନ ନେଇଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ବିରୋଧରେ ସ୍ଥାନୀୟ କୋର୍ଟ ମଙ୍ଗଳବାର ଚାର୍ଜଫ୍ରେମ୍ କରିଛନ୍ତି। ତାଙ୍କ ସମେତ ଅନ୍ୟ ୧୨ ଜଣ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା, ଅପରାଧ ଷଡ଼ଯନ୍ତ୍ର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଦଫା ଲାଗିଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ରେ ହେବ। ଗତବର୍ଷ ଅକ୍ଟୋବର ୩୧ରେ କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀମାନେ ଲଖିମ୍‌ପୁର ଖେରିରେ ଆନ୍ଦୋଳନ ଚଳାଇଥିବାବେଳେ ଆଶିଷ ମିଶ୍ରାଙ୍କ ମହିନ୍ଦ୍ରା ଥର୍ ଏସ୍‌ୟୁଭି ୪ ଜଣ ଚାଷୀ ଓ ଜଣେ ଖବରଦାତାଙ୍କ ଉପରେ ମାଡ଼ିଯାଇଥିଲା। ଉକ୍ତ ଗାଡ଼ିରେ ଆଶିଷ ଥିଲେ। ଏହି ଘଟଣା ପରେ ଉତ୍ତ୍ୟକ୍ତ ଚାଷୀଙ୍କ ଆକ୍ରମଣରେ ୨ ଜଣ ଭାଜପା କର୍ମୀ ଓ ଗାଡ଼ି ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା।


ଗିନିଜ୍ ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇଥିବା ୱାର୍ଧା ରୋଡର ଦୀର୍ଘତମ ଡବଲ-ଡେକର ଓଭରବ୍ରିଜ୍‌ରେ ନାଗପୁର ମେଟ୍ରୋ ଟ୍ରେନ୍ ଚାଲୁଛି। ଏହି ଓଭରବ୍ରିଜ୍‌ର ଦୈର୍ଘ୍ୟ ୩.୧୪ କିଲୋମିଟର।

# ୩୩ ସପ୍ତାହରେ ଗର୍ଭପାତକୁ ହାଇକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୬।୧୨(ପି.ଟି.)**

ଭ୍ରୂଣର ମସ୍ତିଷ୍କରେ ଅସ୍ୱାଭାବିକତା ଥିବାରୁ ଜଣେ ୨୬ ବର୍ଷୀୟା ମହିଳା ଗର୍ଭପାତ କରିବା ଲାଗି ଦିଲ୍ଲୀ ହାଇକୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ଭ୍ରୂଣରେ ସମସ୍ୟା ଯୋଗୁ ତାଙ୍କର ମାନସିକ ଏବଂ ସାମାଜିକ ସ୍ୱାସ୍ଥ୍ୟ ତଥା ଶିଶୁର ସ୍ୱାସ୍ଥ୍ୟକୁ ଚିନ୍ତା କରି ସେ ଗର୍ଭପାତ କରିବାକୁ ଚାହୁଁଥିବା ଅଦାଲତଙ୍କୁ ଜଣାଇଥିଲେ। ୩୩ ସପ୍ତାହର ଗର୍ଭବତୀ ଥିବା ସମ୍ପୃକ୍ତ ମହିଳାଙ୍କୁ ତୁରନ୍ତ ଗର୍ଭପାତ କରିବା ଲାଗି ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ସେ ନିଜ ଇଚ୍ଛାରେ ଏଲ୍‌ଏନ୍‌ଜେପି ହସ୍ପିଟାଲ କିମ୍ବା ଜିଟିବି ଓ ଅନ୍ୟ କୌଣସି ହସ୍ପିଟାଲରେ ଗର୍ଭପାତ କରାଇପାରିବେ ବୋଲି ଜଷ୍ଟିସ ପ୍ରତିଭା ସିଂଙ୍କ ଜଣିକିଆ ଖଣ୍ଡପୀଠ କହିଛନ୍ତି। ମାଆବାପାଙ୍କ ମାନସିକ ଦୁଶ୍ଚିନ୍ତା ଓ ସେମାନଙ୍କ ଆର୍ଥିକ-ସାମାଜିକ ସ୍ଥିତିକୁ ହୃଦୟଙ୍ଗମ କରୁଛୁ ବୋଲି ବିଚାରପତି କହିଥିଲେ।

# ଇଣ୍ଡୋନେସିଆରେ ବିବାହ ବାହାରେ ଯୌନ ସମ୍ପର୍କ ବେଆଇନ ହେଲା

**ଜାକର୍ତ୍ତା,୬।୧୨**

## ଦଣ୍ଡ ସଂହିତାର ସଂଶୋଧନକୁ ପାର୍ଲାମେଣ୍ଟ ମଞ୍ଜୁରୀ

ଇଣ୍ଡୋନେସିଆରେ ନାଗରିକ ଏବଂ ସେଠାରେ ରହୁଥିବା ବିଦେଶୀମାନଙ୍କ ଲାଗି ବିବାହ ବାହାରେ ଯୌନ ସମ୍ପର୍କ ରଖିବା ଅପରାଧ। ଏଥିସହିତ ଗର୍ଭନିରୋଧକ ପ୍ରୋତ୍ସାହନକୁ ମଧ୍ୟ ସେଠାରେ ନିଷେଧ କରାଯିବା ସହ ରାଷ୍ଟ୍ରପତି ଓ ସରକାରୀ ଅନୁଷ୍ଠାନ ବିରୋଧରେ ମାନହାନି ମାମଲାକୁ ବ୍ୟାନ୍ କରାଯାଇଛି। ଇଣ୍ଡୋନେସିଆ ଦଣ୍ଡ ସଂହିତାର ବହୁପ୍ରତୀକ୍ଷିତ ସଂଶୋଧନକୁ ମଙ୍ଗଳବାର ପାର୍ଲାମେଣ୍ଟ ମଞ୍ଜୁରୀ ପ୍ରଦାନ କରିଛି।

ସଂଶୋଧିତ ପେନାଲ କୋଡ୍‌ରେ ବର୍ତ୍ତମାନର ଧର୍ମନିନ୍ଦା ଆଇନକୁ ବ୍ୟାପକ କରାଯାଇଛି। ସେଠାର ୬ଟି ସ୍ୱୀକୃତିପ୍ରାପ୍ତ ଧର୍ମ ଇସ୍‌ଲାମ, ପ୍ରୋଟେଷ୍ଟାଣ୍ଟିଜମ୍, କାଥୋଲିକ୍, ହିନ୍ଦୁ, ବୌଦ୍ଧ ଏବଂ କନ୍‌ଫୁସିଆନ୍‌ର କେନ୍ଦ୍ରୀୟ ସିଦ୍ଧାନ୍ତର ଉଲ୍ଲଂଘନ କଲେ ୫ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା କରାଯାଇଛି। ମାର୍କ୍ସବାଦୀ-ଲେନିନ୍‌ବାଦୀ ଚିନ୍ତାଧାରା ପ୍ରସାର କରୁଥିବା ସଂଗଠନ ସହ ସାମିଲ ହେଲେ ନାଗରିକଙ୍କୁ ୧୦ ବର୍ଷ ଏବଂ ସାମ୍ୟବାଦର ପ୍ରସାର ପାଇଁ ୪ ବର୍ଷ ଜେଲଦଣ୍ଡ ମିଳିବ। ପୂର୍ବରୁ ଗର୍ଭପାତକୁ ବେଆଇନ କରାଯାଇଥିବାବେଳେ ଜୀବନ ପ୍ରତି ବିପଦ ଥିବା ମହିଳା ଏବଂ ବଳାତ୍କାର ପୀଡ଼ିତାଙ୍କୁ ଏଥିରୁ ବାଦ୍ ଦିଆଯାଇଛି।

# ୩୧% ମହିଳାଙ୍କ ପାଖରେ ଫୋନ୍

**ନୂଆଦିଲ୍ଲୀ,୬।୧୨**

ଭାରତରେ ୩୧% ମହିଳାଙ୍କ ନିକଟରେ ନିଜସ୍ୱ ଫୋନ୍ ରହିଛି। ପୁରୁଷଙ୍କ ତୁଳନାରେ ମହିଳାମାନେ କମ୍ ସଂଖ୍ୟାରେ ଫୋନ୍ ବ୍ୟବହାର କରୁଥିବା ଅକ୍ସଫାମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଦେଶରେ ମୋଟ ୬୦% ପୁରୁଷଙ୍କ ପାଖରେ ଆଣ୍ଡ୍ରଏଡ୍ ଫୋନ୍ ରହିଛି। ଅକ୍ସଫାମ୍‌ର 'ଇଣ୍ଡିଆ ଇନ୍‌ଇକ୍ୱାଲିଟି ରିପୋର୍ଟ ୨୦୨୨: ଡିଜିଟାଲ ଡିଭାଇଡ୍' ରିପୋର୍ଟରେ ୨୦୨୧ ଶେଷ ପର୍ଯ୍ୟନ୍ତ ହସ୍ତଗତ ତଥ୍ୟକୁ ନେଇ ଏହା ପ୍ରସ୍ତୁତ ହୋଇଛି। ଡିଜିଟାଲ ଇନ୍‌ଇକ୍ୱାଲିଟିଭିତ୍ତିରେ କରାଯାଇଥିବା ଅଧ୍ୟୟନ ଅନୁସାରେ ମହିଳାମାନେ ବ୍ୟବହାର କରୁଥିବା ଫୋନ୍ ସାଧାରଣ ଭାବେ କମ୍ ମୂଲ୍ୟର ହୋଇଥିବାବେଳେ ପୁରୁଷ ଦାମୀ ଓ ଅଧିକ ଫିଚରଯୁକ୍ତ ଫୋନ୍ ବ୍ୟବହାର କରୁଛନ୍ତି। ଫୋନ୍ ବ୍ୟବହାର କ୍ଷେତ୍ରରେ ମହିଳାଙ୍କଠୁ ପୁରୁଷମାନେ ଆଗୁଆ। ମୋବାଇଲ୍‌ରେ ଉପଲବ୍ଧ ଡିଜିଟାଲ ସର୍ଭିସ୍ ସହିତ ଇଣ୍ଟରନେଟ୍‌ର କମ୍ ବ୍ୟବହାର ମହିଳାମାନେ କରୁଛନ୍ତି। ଷ୍ଟଡି ରିପୋର୍ଟ ମୁତାବକ ଭାରତରେ ମାତ୍ର ଏକ ତୃତୀୟାଂଶ ମହିଳା ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଆୟ, ଜାତି, ଶିକ୍ଷା ଓ ଅଞ୍ଚଳକୁ ନେଇ ସେଣ୍ଟ୍ରାଲ୍ ଅଫ୍ ମୋନିଟରିଂ ଇଣ୍ଡିଆ ଇକୋନୋମି (ସିଏମ୍‌ଆଇଇ) ଏବଂ ନ୍ୟାଶନାଲ ସାମ୍ପୁଲ୍ ସର୍ଭେ (ଏନ୍‌ଏସ୍‌ଏସ୍)ର ତଥ୍ୟ ଅନୁସାରେ ଅକ୍ସଫାମ୍ ଉକ୍ତ ରିପୋର୍ଟ ତିଆରି କରିଛି। ୧୦୦ ଜଣଙ୍କ ଭିତରୁ ମାତ୍ର ୫୭.୨୯% ଲୋକ ଇଣ୍ଟରନେଟ୍ ସବ୍‌ସ୍କ୍ରାଇବର ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହା ୩୪% ରହିଛି। ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ଉନ୍ନତି ହେଲେ ଯାଇ ଡିଜିଟାଲ ଟ୍ରାନ୍ସଫରମେଶନ୍ ଘଟିବ ବୋଲି ଅକ୍ସଫାମ ଇଣ୍ଡିଆ ସିଇଓ ଅମିତାଭ ବେହେରା ମତ ପ୍ରକାଶ କରିଛନ୍ତି।

# ପ୍ରତି ୫ରେ ଜଣେ କର୍ମଚାରୀ ଉତ୍ପୀଡ଼ନର ଶିକାର

## ଜାତିସଂଘ ରିପୋର୍ଟ

**ଜେନେଭା,୬।୧୨**



ବିଶ୍ୱରେ ପ୍ରତି ୫ ଜଣ କର୍ମଚାରୀଙ୍କ ମଧ୍ୟରୁ ଜଣେ କିମ୍ବା ତା'ଠାରୁ ଅଧିକ କାର୍ଯ୍ୟସ୍ଥଳରେ ଉତ୍ପୀଡ଼ନ କିମ୍ବା ହିଂସାର ଶିକାର ହେଉଛନ୍ତି। ଜାତିସଂଘ ଏବଂ ଇଣ୍ଟରନ୍ୟାଶନାଲ ଲେବର ଅର୍ଗାନାଇଜେଶନ୍ (ଆଇଏଲ୍‌ଓ) ପକ୍ଷରୁ ମିଳିତ ଭାବେ କରାଯାଇଥିବା ସର୍ଭେ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ୧୨୧ ଦେଶର ୭୪,୩୬୪ କର୍ମଚାରୀଙ୍କୁ ନେଇ ଏହି ସର୍ଭେ ହୋଇଛି। ଅଫିସ ବା କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ଉପରେ ନିର୍ଯାତନାର ମାତ୍ରା କ୍ରମାଗତ ବଢ଼ିଚାଲିଥିବା ଜାତିସଂଘ ମତ ପ୍ରକାଶ କରିଛି।

ଗତବର୍ଷର ତଥ୍ୟ ଅନୁସାରେ ବିଶ୍ୱରେ ୭୪୩ ନିୟୁତ କର୍ମଚାରୀ (୨୨.୮% ଲୋକ) ଅଫିସରେ ବିଶେଷ ଭାବେ ଗୋଟିଏ ପ୍ରକାର ହିଂସା କିମ୍ବା ଉତ୍ପୀଡ଼ନର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ କର୍ମଚାରୀଙ୍କ କହିବା କଥା କର୍ମସ୍ଥଳରେ ସେମାନଙ୍କୁ ଏକାଧିକ ପ୍ରକାରର ନିର୍ଯାତନା ଦିଆଯାଇଛି। ୫ ବର୍ଷପୂର୍ବେ ସମାନ ସ୍ଥିତି ଦେଇ ଗତି କରିଥିବା ୫୫% କର୍ମଚାରୀ ଅନ୍ୟମାନଙ୍କ ଆଗରେ ଏ ବିଷୟରେ ଆଲୋଚନା କରିଛନ୍ତି।

ଅଧିକାଂଶ କର୍ମସ୍ଥଳରେ ୧୭.୯% କର୍ମଚାରୀ (୫୮୩ ନିୟୁତ ଲୋକ) ମାନସିକ ନିର୍ଯାତନାର ଶିକାର ହୋଇଥିବାବେଳେ ୮.୫% (୨୭୭ ନିୟୁତ) କର୍ମଚାରୀ ଶାରୀରିକ ହିଂସା ଭୋଗିଛନ୍ତି। ଜାତିସଂଘ ରିପୋର୍ଟ ମୁତାବକ ୬.୩% କର୍ମଚାରୀଙ୍କୁ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଦିଆଯାଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଲଜ୍ଜାବୋଧ ଯୋଗୁ ଅନେକେ ଏ ବିଷୟରେ ଆଲୋଚନା କରିବାକୁ ପଛାଉଥିବାବେଳେ ଆଉ କେତେଜଣ ନିଜ ଉପରେ ହେଉଥିବା ନିର୍ଯାତନାକୁ ସହିଯାଉଥିବା ଜଣାପଡ଼ିଛି। କାର୍ଯ୍ୟସ୍ଥଳରେ ହିଂସା ଏବଂ ନିର୍ଯାତନା ନିଷିଦ୍ଧ କରାଯିବାର ବିଷୟ। ଏହା ବିରୋଧରେ କୌଣସି ନିର୍ଦ୍ଦିଷ୍ଟ ନୀତି ନ ଥିବା ଯୋଗୁ ଏ ପ୍ରକାର ଘଟଣା ବୃଦ୍ଧି ପାଉଥିବା ଆଇଏଲ୍‌ଓ ଆସିଷ୍ଟାଣ୍ଟ ଡିରେକ୍ଟର ଜେନେରାଲ ମୁନୁଏଲା ଟୋମ କହିଛନ୍ତି।

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ

**ଖୋର୍ଦ୍ଧା ଅଫିସ,୬।୧୨**

ଭିଜିଲାନ୍ସ ଜାଲରେ ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ଦାଶ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ମନୋଜଙ୍କ ସରକାରୀ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି। ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ମମତା ପ୍ରଧାନଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍


ମନୋଜ କୁମାର ଦାଶ

ଖୋର୍ଦ୍ଧାସ୍ଥିତ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। କାର୍ଯ୍ୟାଳୟର ବିଭିନ୍ନ ସରକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଥିଲା। ମନୋଜଙ୍କ ଚାମ୍ବରରେ ରହିଥିବା ନଥିପତ୍ର, ରେକର୍ଡପତ୍ର ଯାଞ୍ଚ କରିବା ସହ ବହୁ କାଗଜପତ୍ର ଜବତ କରିଥିଲା। ଭିଜିଲାନ୍ସଠାରୁ ମିଳିଥିବା ସୂଚନା ଅନୁଯାୟୀ, ମନୋଜଙ୍କ ଭୁବନେଶ୍ୱର ଜୟଦୁର୍ଗା ନଗରରେ ଏକ ଦୁଇ ମହଲା କୋଠା ରହିଛି। ସେହିପରି କଟକ, ଭୁବନେଶ୍ୱର ଓ ଆଠଗଡ଼ରେ ୪ଟି ପ୍ଲଟ, ୨୬.୫୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟାଙ୍କରେ ଜମା, ୧୮.୫୯ଲକ୍ଷ ଟଙ୍କାର ବୀମା ପଲିସି, ସୁନାଗହଣା ୯.୧୯ ଲକ୍ଷ ଟଙ୍କା, ରୁପା ଅଳଙ୍କାର, ବାଇକ୍ ଓ ଆସବାବପତ୍ର ମିଶାଇ ୮.୬୪ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଛି।





ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ସ୍ୱରୂପ କୁମାର ସାହା (ମଝି) ବୈଠକରେ ସମୀକ୍ଷା କରୁଛନ୍ତି।

# ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୬।୧୨**

ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲରେ ବ୍ୟାଙ୍କର ଓଡିଶା କ୍ଷେତ୍ରର କାରବାର ସମ୍ପର୍କିତ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱରୂପ କୁମାର ସାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ବ୍ୟାଙ୍କର କର୍ମଚାରୀଙ୍କୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ଥିବା ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ଏପରିକି ବ୍ୟାଙ୍କର ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା

### ଶାଖା ବୃଦ୍ଧି ସହ ଧାର୍ଯ୍ୟ ଲକ୍ଷ୍ୟ ପୂରଣକୁ ଗୁରୁତ୍ୱାରୋପ

ରାମ୍ (ଆର୍ଏଏମ୍) କ୍ଷେତ୍ରରେ ୧୫% ଏବଂ କର୍ପୋରେଟ୍ କ୍ଷେତ୍ରରେ ୭ରୁ ୮% ଅଭିବୃଦ୍ଧି ହାର ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିଭଳି ଗତ ଆର୍ଥିକ ବର୍ଷରେ ହୋଇଥିବା ଲାଭକୁ ପୁଣି ଥରେ ଦୋହରାଇବା ସହ ସାରା ଦେଶରେ ବ୍ୟାଙ୍କର ଶାଖା ସଂଖ୍ୟାକୁ ବୃଦ୍ଧି କରିବା ସହିତ ଗୁଣାତ୍ମକଭାବେ ଏହାର କଳେବର ବୃଦ୍ଧି ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେହିପରି ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କର କାସା ପରିମାଣକୁ ୩୫% ରଖିବା ସହ ଏହାର ବର୍ତ୍ତମାନ ଥିବା ନିମ୍ନକୁ ରିଫାଇନ୍ କରିବା ଓ ଏନ୍ଏଆରସିଏଲ୍‌କୁ ଅଣକାର୍ଯ୍ୟକାରୀ ସମ୍ପତ୍ତି ବିକ୍ରୟ କରିବା ପାଇଁ ଧ୍ୟାନ ଦେଉଥିବା ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ୍‌ର ବିଜୟୱାଡା ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଜି. ଶ୍ରୀନିବାସ, ଭୁବନେଶ୍ୱର ମୁଖ୍ୟ ଶାଖାର ମୁଖ୍ୟ ସଞ୍ଜୀବ ସୁମନ୍‌ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ସାହା ଓଡିଶା ଗସ୍ତରେ ଆସିଥିବା ବେଳେ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକଳାପ, ଅଧିକାରୀମାନଙ୍କ ସହ ବୈଠକ ଏବଂ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥା ଓ ଅନ୍ୟମାନଙ୍କ ସହ ସ୍ୱତନ୍ତ୍ର ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।




# ମହୁମାଛି ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

**ଗୋପବନ୍ଧୁ ନଗର,୬।୧୨ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଶିଳଘାଟୀ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମଣ ଟୁଡୁ। ସୋମବାର ସନ୍ଧ୍ୟାରେ ଖଳାରେ ଧାନକଳେଇ ରଖୁଥିବା ବେଳେ ମହୁମାଛି ଉଡ଼ିଆସି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଖୁଣ୍ଟା ଡାକ୍ତର ଖାନା ଓ ପରେ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୭୧/୨୨) ରୁଜୁ କରିଛି।



**ଆଜିର ମନ୍ତବ୍ୟ**

"ଆର୍ଥିକ ସମ୍ବଳ ଆତଙ୍କବାଦର ଜୀବନ। ତେଣୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ଉପରେ କେନ୍ଦ୍ରୀୟ ଏସୀୟ ଦେଶଗୁଡ଼ିକ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ।

– ଅଜିତ୍ ଡୋଭାଲ, ଜାତୀୟ ସୁରକ୍ଷା ପରାମର୍ଶଦାତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ କୁଣିଆ କୁଣିଆ ନୁହେଁ**
**ସକାଳ ମେଘ ମେଘ ନୁହେଁ।**

ସାଧାରଣତଃ ସକାଳୁ ଆସୁଥିବା ଅତିଥି ବା କୁଣିଆ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହି ନ ଥାନ୍ତି ବୋଲି ବିଶ୍ୱାସ କରାଯାଏ। ସେହିପରି ସକାଳେ ହେଉଥିବା ମେଘ ସ୍ୱଳ୍ପ ବୃଷ୍ଟି କରି ଛାଡି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସମ୍ପଦ ବେଳେ ସର୍ବେ ସଖା**
**ବିପଦେ ନ ଦିଅନ୍ତି ଦେଖା।**

ହାତରେ ଧନ ସମ୍ପତ୍ତି ଥିବା ପର୍ଯ୍ୟନ୍ତ ସମସ୍ତେ ଆପଣାର ମନେ ହୁଅନ୍ତି। ଅଥଚ ଯେତେବେଳେ ଧନ ସମ୍ପତ୍ତି ସରି ଆସେ ସେତେବେଳେ କେହି ଆଡ଼ ଆଖିରେ ବି ଚାହିଁ ନ ଥାନ୍ତି। ସ୍ୱାର୍ଥପର ଦୁନିଆରେ ସମସ୍ତେ ହେଉଛନ୍ତି ସୁଖର ସାଥି, ଦୁଃଖ ବିପଦ ବେଳେ କେହି ସାଥି ହେବାକୁ ଚାହିଁ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ପ୍ରଥମ ପୃଷ୍ଠାରୁ...**

### ସହର ସଫେଇରେ...

ପରିଚାଳନା କେବଳ ନାଁକୁ ମାତ୍ର। ମୁଖ୍ୟ ରାସ୍ତାକୁ ଛାଡ଼ିଦେଲେ ସହରର ବିଭିନ୍ନ ଗଳିକନ୍ଦିରେ କୁଢ଼ କୁଢ଼ ଅଳିଆ ପରିବେଶକୁ ବିପର୍ଯ୍ୟସ୍ତ କରିଛି। କେବଳ ସେତିକି ନୁହେଁ, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ମେଶିନ ଦ୍ୱାରା ହେଉଥିବା ସଫେଇ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ମେକାନିକାଲ୍ ସୁଇପିଂ ଚୁକ୍ତିନାମା ସର୍ତ୍ତ (ପାରାଗ୍ରାଫ ୭.୬)ର ଖୋଲାଖୋଲି ଉଲ୍ଲଂଘନ ହୋଇଛି। ଏହି ସର୍ତ୍ତ ଅନୁଯାୟୀ, ମେଶିନ ଦ୍ୱାରା ସଫେଇ ଦାୟିତ୍ୱ ନେଇଥିବା ଏଜେନ୍ସିସମୁଦାୟ ରାସ୍ତାର ସର୍ବନିମ୍ନ ୮୦ ପ୍ରତିଶତ ମେଶିନ ସାହାଯ୍ୟରେ ସଫେଇ କରିବ। ଯଦି ଏଥିରୁ କମ୍ ହୁଏ, ତେବେ ସମ୍ପୃକ୍ତ ସଂସ୍ଥାକୁ ଦିଆଯାଉଥିବା ଅର୍ଥରୁ ୫୦ ପ୍ରତିଶତ ଦଣ୍ଡ ଆକାରରେ କାଟିବା ବ୍ୟବସ୍ଥା ରହିଛି। ମାତ୍ର ଏହି ସର୍ତ୍ତକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଚୁକ୍ତିନାମାର ଅଗ୍ରିମ ପ୍ରଦାନରେ କୌଣସି ବ୍ୟବସ୍ଥା ନ ଥିବା ବେଳେ ବିଏମ୍‌ସି କର୍ତ୍ତୃପକ୍ଷ ୨୦୧୮ ଅକ୍ଟୋବରରୁ ୨୦୨୦ ଅକ୍ଟୋବର ମଧ୍ୟରେ ଯାନ୍ତ୍ରିକ ସଫେଇ ଦାୟିତ୍ୱ ନେଇଥିବା ଏକ ଏଜେନ୍ସିକୁ ୧୩ କୋଟି ଟଙ୍କାର ଋଣ ବିନା ସୁଧରେ ଦେଇଛନ୍ତି। ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ସେହି ଋଣ ସମ୍ପୃକ୍ତ ସଂସ୍ଥାଠାରୁ ଆଦାୟ କରାଯାଇ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଖାଲି ସେତିକି ନୁହେଁ, ୨୦୨୦ ଅଗଷ୍ଟ ଏବଂ ସେପ୍ଟେମ୍ବର ୨ ମାସ ମଧ୍ୟରେ ଉକ୍ତ ଏଜେନ୍ସି ୨୧୧୦ କି.ମି. ରାସ୍ତାରେ ଝାଡୁ ମାରୁଥିବା ମେଶିନ ସଫେଇ କରିନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଯେଉଁ ରାସ୍ତାକୁ ମେଶିନ ଦ୍ୱାରା ସଫେଇ କରିବାକୁ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଥିଲା, ସେହି ରାସ୍ତାକୁ ବିଏମ୍‌ସି କର୍ତ୍ତୃପକ୍ଷ ପୁଣି ମଣିଷ ଦ୍ୱାରା ଝାଡୁ କରାଇଛନ୍ତି। ଫଳରେ ଉଭୟ ଯାନ୍ତ୍ରିକ ଓ ମାନୁଆଲ ଝାଡୁ ଦ୍ୱାରା ବିଏମ୍‌ସିକୁ ବାର୍ଷିକ ୧୦.୩୨ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି ବୋଲି ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି।

ଦ୍ୱାର ଦ୍ୱାର ବୁଲି ଅଳିଆ ସଂଗ୍ରହରେ ମଧ୍ୟ ଦୁର୍ନୀତିର ଗନ୍ଧ ବାରିଛନ୍ତି ସିଏଜି। ଘରୁ ଅଳିଆ ସଂଗ୍ରହ ପାଇଁ ଚୁକ୍ତିନାମାର ଧାରା(ଇ) ଅନୁଯାୟୀ ଏଜେନ୍ସିଗୁଡ଼ିକ ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଅଳିଆ ସଂଗ୍ରହ କରିବେ। ଏହାକୁ ପୌରସଂସ୍ଥାର ଜଣେ ଅଧିକାରୀ ନିୟମିତ ତଦାରଖ କରିବେ। ୨୦୧୭ ଏପ୍ରିଲରେ ପୁରୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ୨୭ଟି ୱାର୍ଡରେ ଦ୍ୱାରଦ୍ୱାର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା ପାଇଁ ୪ଟି ଏଜେନ୍ସିକୁ ଆଉଟ୍‌ସୋର୍ସିଂ କରିଥିଲେ। ତେବେ ୨୦୧୮ ଜୁନ ସୁଦ୍ଧା କୌଣସି ସଂସ୍ଥା ଘରୁ ୧୦୦ ପ୍ରତିଶତ ବର୍ଜ୍ୟବସ୍ତୁ ସଂଗ୍ରହ କରି ପାରି ନ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାସତ୍ତ୍ୱେ ଏଜେନ୍ସିଗୁଡ଼ିକର କାର୍ଯ୍ୟାବଳୀକୁ ତଦାରଖ କରା ନ ଯାଇ ୨୦୧୮ ମେ ସୁଦ୍ଧା ୪.୪୭ କୋଟି ଟଙ୍କା ମଧ୍ୟରୁ ୭୦.୭୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଡଷ୍ଟବିନ ବଣ୍ଟାରେ ମଧ୍ୟ ହେରଫେର ହୋଇଥିବା ସିଏଜି ଉଲ୍ଲେଖ କରିଛନ୍ତି। ବର୍ଜ୍ୟବସ୍ତୁ ଅଲଗା ରଖିବାକୁ ଦୁଇଟି ରଙ୍ଗର ଡଷ୍ଟବିନ ବାଣ୍ଟି ୩ ବର୍ଷ ମଧ୍ୟରେ ଶତପ୍ରତିଶତ ପୃଥକତା ଲକ୍ଷ୍ୟ ହାସଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୧୭ ଜୁଲାଇରୁ ୨୦୧୮ ସେପ୍ଟେମ୍ବର ମଧ୍ୟରେ ପୃଥକୀକରଣ ପାଇଁ ୧ ଲକ୍ଷ ୮୫ ହଜାର ଡଷ୍ଟବିନ କିଣି ୯୨ ହଜାର ପରିବାରକୁ ବଣ୍ଟନ କରିବାକୁ ବ୍ରହ୍ମପୁର, ଜୟପୁର ଏବଂ ଚୌଦ୍ୱାର ମ୍ୟୁନିସିପାଲିଟିକୁ ୧.୧୯ କୋଟି ଟଙ୍କା ଦିଆଯାଇଥିଲା। ସେଥିରୁ ୯୭,୪୩୨ ଡଷ୍ଟବିନ କାହାରିକୁ ପ୍ରଦାନ କରାଯାଇ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### 'ମୁହଁ ଖୋଲିଲେ...

ମୋ ଛୁଆର ଲୁହ ପଡ଼ିବ। ମୁଁ ସମୟକୁ ଅପେକ୍ଷା କରିଛି, ଇଡି ତଦନ୍ତ କରୁ। ଯେତେବଡ଼ ତଦନ୍ତକାରୀ ସଂସ୍ଥା ଆସନ୍ତୁ, ମୁଁ ପ୍ରସ୍ତୁତ। ମୁଁ ନିର୍ଦ୍ଦୋଷ ବୋଲି ସବୁ ପ୍ରମାଣ ଦେଖାଇବି। ମୁଁ ଇଡିକୁ ଅପେକ୍ଷା କରିଥିଲି, ମୁହଁ ଖୋଲିବାକୁ ସୁଯୋଗ ମିଳିବ। କିଏ କିଏ ସବୁ ସମ୍ପୃକ୍ତ ଅଛନ୍ତି ସବୁ ପ୍ରମାଣ ଦେଖାଇବି। ନେତା ମନ୍ତ୍ରୀ ଆଉ କିଏ ସବୁ ପ୍ରମାଣ ଦେଖାଇବି। ମୋ ପ୍ରତି ଥିବା ଭ୍ରାନ୍ତ ଧାରଣାକୁ ଭୁଲ୍ ପ୍ରମାଣିତ କରିବି। ପଣସ ଖାଇ ମୋ ମୁଣ୍ଡରେ ଅଠା ବୋଳିଲେ। ୨ଜଣ ମିଶି ମୋ ମୁଣ୍ଡରେ ଅଠା ବୋଳିଛନ୍ତି ବୋଲି କହି ଅର୍ଚ୍ଚନା ଏଭଳି କିଛି ବିସ୍ଫୋରକ ମନ୍ତବ୍ୟ ଦେଇଥିଲେ। ଅର୍ଚ୍ଚନାଙ୍କ ଏଭଳି ମନ୍ତବ୍ୟକୁ ନେଇ ଚାରିଆଡ଼େ ଚର୍ଚ୍ଚା ଆରମ୍ଭ ହୋଇଛି। ସତରେ କ'ଣ ଅର୍ଚ୍ଚନାଙ୍କୁ ଫସାଇ ଦିଆଯାଇଛି ନା ସେ ଏଭଳି ମନ୍ତବ୍ୟ ଦେଇ ମାମଲାର ଭିନ୍ନ ମୋଡ଼ ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି? ଅର୍ଚ୍ଚନାଙ୍କ ପାଖରେ କି ପ୍ରମାଣ ରହିଛି? ଏଭଳି ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କୁ ମାରାଥନ୍ ଜେରା କରି ତାଙ୍କ ଆର୍ଥିକ ସାମ୍ରାଜ୍ୟର ଚେର ଖୋଜିବାରେ ଲାଗିଛି ଇଡି। ଏହି ରିମାଣ୍ଡ ସମୟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଇଡି ଆଶା ରଖିଛି। ତେବେ ତାଙ୍କ ଓକିଲଙ୍କ ଉପସ୍ଥିତିରେ ଅର୍ଚ୍ଚନାଙ୍କୁ ଜେରା କରାଯିବ ବୋଲି କୋର୍ଟ କହିଛନ୍ତି। ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ରହିଛନ୍ତି। ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ। ହାଜର ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ପକ୍ଷରୁ ଆବେଦନ କରାଯିବ ବୋଲି ସୂଚନା ମିଳିଛି। ଏପଟେ ମଙ୍ଗଳବାର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିଶାନ୍ ଘରର ଆର୍କିଟେକ୍ଟ ରଞ୍ଜିତ ବେହେରାଙ୍କୁ ଇଡି ଜେରା କରିଛି। ଅର୍ଚ୍ଚନାଙ୍କ ଘରର ସୌନ୍ଦର୍ଯ୍ୟକରଣ ପାଇଁ ବହୁ ଟଙ୍କା ଖର୍ଚ୍ଚ ହୋଇଛି। ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ନେଇ ରଞ୍ଜିତ ତଥ୍ୟ ରଖିଥିବା ସୂଚନା ମିଳିଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୮ରୁ ଅଧିକ ବ୍ୟକ୍ତିଙ୍କୁ ଇଡି ଜେରା କରି ତଥ୍ୟ ହାସଲ କଲାଣି। ଆଗକୁ ଜଗବନ୍ଧୁ ରିମାଣ୍ଡରେ ଆସିଲେ ନାଗ-ଚାନ୍ଦ ଦମ୍ପତିଙ୍କୁ ମୁହାଁମୁହିଁ ଜେରା କରିବାକୁ ଇଡି ଯୋଜନା କରିଛି। ଏହି ସମୟରେ ଶ୍ରଦ୍ଧାଞ୍ଜଳି ବେହେରା, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ୍ୟ ଡକାଇ ଇଡି ସାମ୍ନାସାମ୍ନି ଜେରା କରିପାରେ। ତେବେ ଅର୍ଚ୍ଚନା ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ପାଖରେ ବହୁ ତଥ୍ୟ ରହିଛି। ଅର୍ଚ୍ଚନାଙ୍କ ତଥ୍ୟକୁ ଆଧାର କରି ଇଡି ବହୁ ବଡ଼ବଡ଼ିଆଙ୍କୁ ଜେରା କରିବ ବୋଲି କୁହାଯାଉଛି। ଇଡି ଅର୍ଚ୍ଚନାଙ୍କଠାରୁ କେଉଁସବୁ ଗୁମର କାଢ଼ିପାରୁଛି ତାହାକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗିରହିଛି।

### ଲୁଡ୍ ନିଶାରେ...

ସର୍ତ୍ତ ଲଗାଇଥିଲେ। ମୁଁ ଜିତିଲେ ସବୁ ଟଙ୍କା ଫେରାଇ ନେବି। ତୁମେ ଜିତିଲେ ସବୁଦିନ ପାଇଁ ମୁଁ ତୁମର। ବାଜି ହାରିବା ପରେ ରେଣୁଙ୍କୁ ପର ପୁରୁଷ ସହ ରହିବାକୁ ପଡ଼ିଥିଲା। ଅନୁତପ୍ତ ରେଣୁ ଦିନେ ନିଜ ସ୍ୱାମୀଙ୍କୁ ଫୋନ୍ କରି ପୂରା ଘଟଣା ବଖାଣିଥିଲେ। ଏ ସବୁ ଶୁଣିବା ପରେ ସ୍ୱାମୀ ଗାଁକୁ ଫେରି ପ୍ରତାପଗଡ଼ ଥାନାରେ ଘର ମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏହି ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ତେବେ ଲୁଡୁକୁ ନେଇ ୟୁପିର ଏ ଘଟଣା ପ୍ରଥମ ନୁହେଁ। ୨୦୨୦ରେ ଭୋପାଳର ୨୪ ବର୍ଷୀୟା ମହିଳା ଫ୍ୟାମିଲି କୋର୍ଟରେ ତାଙ୍କ ବାପାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତାଙ୍କ ବାପା ଲୁଡୁ ଖେଳରେ ବାରମ୍ବାର ଝିଅଙ୍କୁ ହରାଇବା କାରଣରୁ ସେ ରାଗିଯାଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

# 'ଖାଲି ପେଟରେ କେହି ନିଦ୍ରା ନ ଯାଆନ୍ତୁ'

## ଶେଷ ବ୍ୟକ୍ତି ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇବା ସରକାରଙ୍କ ଦାୟିତ୍ୱ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୧୨(ପି.ଟି.)

କେହି ଯେପରି ଖାଲି ପେଟରେ ନିଦ୍ରା ନ ଯାଆନ୍ତି, ତାହା ସୁନିଶ୍ଚିତ କରିବା ଆମ ସଂସ୍କୃତି ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ଖାଦ୍ୟଶସ୍ୟ ଯେପରି ଶେଷ ବ୍ୟକ୍ତି ପାଖରେ ପହଞ୍ଚିବ ତାହା ଦେଖିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇ-ଶ୍ରମ ପୋର୍ଟାଲରେ ନାମ ପଞ୍ଜୀକରଣ କରିଥିବା ପ୍ରବାସୀ ଏବଂ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ସଂଖ୍ୟା ତାଲିକା ଦାଖଲ କରିବା ଲାଗି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ହିମା କୋହଲିଙ୍କ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି। ଏନ୍‌ଏଫ୍‌ଏସ୍‌ଆଇରେ ଶେଷ ବ୍ୟକ୍ତି ପାଖରେ ଖାଦ୍ୟଶସ୍ୟ ପହଞ୍ଚୁଛି ବୋଲି ସୁନିଶ୍ଚିତ କରାଇବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ତେବେ ସରକାର କିଛି କରୁନାହାନ୍ତି ବୋଲି ଆମେ କହୁନାହୁଁ। କୋଭିଡ୍ ସମୟରେ ସମସ୍ତଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଯାଇଥିଲା ବୋଲି



ଖଣ୍ଡପୀଠ କହିଛନ୍ତି। କୋଭିଡ୍ ମହାମାରୀ ରୋକିବା ପାଇଁ ଲକ୍‌ଡାଉନ୍ ଯୋଗୁ ପ୍ରବାସୀ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟରେ ଉପସ୍ଥିତ ରହି କହିଥିଲେ, ୨୦୧୧ ଜନଗଣନା ପରେ ଦେଶର ଲୋକସଂଖ୍ୟା ବଢ଼ିଛି। ସେହି ଅନୁଯାୟୀ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଯୋଗ୍ୟ ଗରିବ ହିତାଧିକାରୀମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ଖାଦ୍ୟଶସ୍ୟ ଯୋଗାଇଦେବା ଆବଶ୍ୟକ ବୋଲି ସେ କହିଥିଲେ। ଭାରତରେ ମୁଣ୍ଡପିଛା ଆୟ ବଢ଼ିଥିବା ସରକାର ଦାବି କରୁଥିବାବେଳେ ବିଶ୍ୱ କ୍ଷୁଧା ତାଲିକାରେ ଭାରତ ଦ୍ରୁତ ତଳକୁ ଖସୁଥିବା ଭୂଷଣ ଦର୍ଶାଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟ ଭଟି ଉପସ୍ଥିତ ରହି ଏନ୍‌ଏଫ୍‌ଏସ୍‌ଏରେ ୮୧.୩୫ କୋଟି ଉପଭୋକ୍ତାଙ୍କୁ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଥିବା କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୮ ତାରିଖକୁ ଧାର୍ଯ୍ୟ କରାଯାଇଛି।

# ଆଜିଠୁ ଶୀତ ଅଧିବେଶନ



ନୂଆଦିଲ୍ଲୀ,୬।୧୨

ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନରେ ୧୬ଟି ବିଲ୍ ପାରିତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଅଧିବେଶନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପାର୍ଲାମେଣ୍ଟର ଲାଇବ୍ରେରୀ ହଲ୍‌ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଟିଏମ୍‌ସି ଏମ୍‌ପି ଡେରିକ୍ ଓ' ବ୍ରାଏନ, ଡିଏମ୍‌କେ ଏମ୍‌ପି ଟି.ଆର ବାଲୁ ଏବଂ ଶିରୋମଣି ଅକାଳୀ ଦଳ(ଏସ୍‌ଏଡି)ର ହର୍ଷମିତ କୌର ବାଦଲ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିରୋଧୀ ଦଳଗୁଡ଼ିକ ଦରଦାମ ବୃଦ୍ଧି, ବେରୋଜଗାର, ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ବର୍ତ୍ତମାନ ସ୍ଥିତିରେ ଦେଶରେ ଦରଦାମ ବୃଦ୍ଧିଠୁ ଆରମ୍ଭ କରି ବେରୋଜଗାର ଆଦି ବହୁ ପ୍ରସଙ୍ଗ ରହିଛି। ସେଗୁଡ଼ିକ ଉପରେ କେନ୍ଦ୍ର ସରକାର ସାଧାରଣ ଜନତାଙ୍କୁ ଉତ୍ତର ଦେବାର ଆବଶ୍ୟକତା ରହିଛି ବୋଲି କଂଗ୍ରେସ ନେତା ଚୌଧୁରୀ କହିଛନ୍ତି।

ଏପରି କି କେନ୍ଦ୍ର ସରକାର ଭାରତ-ଚାଇନା ସୀମା ବିବାଦକୁ ନେଇ ସୃଷ୍ଟି ହୋଇଥିବା

### ଜୋର ଧରିବ ଦରଦାମ ବୃଦ୍ଧି, ଚାଇନା-ଭାରତ ସୀମା ବିବାଦ ପ୍ରସଙ୍ଗ

ଅଚଳାବସ୍ଥା ସମ୍ପର୍କରେ ଗୃହରେ କୌଣସି ଠିକ୍ ତଥ୍ୟ ଉପସ୍ଥାପନ କରୁନାହାନ୍ତି। ତେଣୁ ଗୃହରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯିବା ସହ କଶ୍ମୀର ପଣ୍ଡିତଙ୍କୁ ହତ୍ୟା ସମ୍ପର୍କରେ ଆଲୋଚନା କରିବାକୁ କଂଗ୍ରେସ ଦାବି କରିଛି। ସେହିପରି କଂଗ୍ରେସ ଏମ୍‌ପି ନସିର ହୁସେନ ଗୋଟିଏ ଦିନରେ ନିର୍ବାଚନ କମିଶନଙ୍କ ନିଯୁକ୍ତି ଏବଂ ଆର୍ଥିକ ଅନଗ୍ରସର ବର୍ଗ କୋଟା ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଥିଲେ। ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ ଏବଂ ତାଙ୍କ ଦଳର ଅନ୍ୟ ସଦସ୍ୟ, ଏବଂ ରାଜ୍ୟ ସଭା ସଦସ୍ୟ ଓ' ବ୍ରିଏନ୍ ଦରଦାମ ବୃଦ୍ଧି, ବେରୋଜଗାର, ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର ଏବଂ ରାଜ୍ୟଗୁଡ଼ିକରେ ହେଉଥିବା ଅର୍ଥନୈତିକ ଅବରୋଧ ସମ୍ପର୍କରେ ଆଲୋଚନା କରିବାକୁ ବିରୋଧୀଙ୍କୁ ସୁଯୋଗ ଦେବାକୁ କହିଥିଲେ। ଦେଶରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ଉପରେ ଗୃହରେ ଆଲୋଚନା କରିବାକୁ ଜୟରାମ ରମେଶ ଦାବି କରିଛନ୍ତି। ଗତ ୨୨ମାସ ଧରି ଭାରତ ଓ ଚାଇନା ମଧ୍ୟରେ ସୀମାକୁ ବିବାଦ ଲାଗି ରହିଥିବାବେଳେ କେନ୍ଦ୍ର ସରକାର ଗୃହରେ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁ ନାହାନ୍ତି। ଚଳିତ ଅଧିବେଶନରେ ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗ କଂଗ୍ରେସ ଉଠାଇବ ବୋଲି ରମେଶ କହିଛନ୍ତି। ଶୀତ ଅଧିବେଶନ ଆରମ୍ଭ ହେବାର ଦିନକ ପରେ ଗୁଜରାଟ ଏବଂ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଏହାର ଫଳାଫଳ ଉପରେ ବିଭିନ୍ନ ଆଲୋଚନା ନିର୍ଭର କରିପାରେ ବୋଲି କୁହାଯାଉଛି। ଏହି ଶୀତ ଅଧିବେଶନ ଡିସେମ୍ବର ୭ରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୭ଟି କାର୍ଯ୍ୟ ଦିବସ ରହିଛି। ଏହି ଅଧିବେଶନ ପାର୍ଲାମେଣ୍ଟର ପୁରୁଣା ହଲ୍‌ରେ ଶେଷ ଅଧିବେଶନ ହୋଇପାରେ, କାରଣ ଆସନ୍ତା ବଜେଟ ଅଧିବେଶନ ସଂସଦର ନୂଆ ବିଲ୍ଡିଂରେ ହେବ।

## ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଯାଉ: ବିଜେଡି

ନୂଆଦିଲ୍ଲୀ,୬।୧୨(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେଉଥିବାବେଳେ ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇବା ଲାଗି ବିଜେଡି ଦାବି କରିଛି। ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଏହି ପ୍ରସଙ୍ଗ ଉଠାଇଥିଲେ। ଦେଶର ସାମଗ୍ରିକ ବିକାଶ ଲାଗି ମହିଳା ସଶକ୍ତୀକରଣ ଜରୁରୀ। ସେଥିପାଇଁ ମହିଳା ସଂରକ୍ଷଣ ବିଲ୍ ଶୀତ ଅଧିବେଶନରେ ଗୃହୀତ କରାଇବାକୁ ବିଜେଡି ତରଫରୁ ସେ ଦାବି କରୁଛନ୍ତି ବୋଲି କହିଥିଲେ। ବିଜେଡି ନେତା ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ସଶକ୍ତୀକରଣ ଲାଗି ପ୍ରତିଶ୍ରୁତିବଦ୍ଧ। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକତୃତୀୟାଂଶ ଆସନ ସଂରକ୍ଷଣ ରଖିବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି। ତେବେ ପଞ୍ଚଦଶ ଲୋକ ସଭାରେ ଏହି ବିଲ୍ ଗୃହୀତ ହୋଇପାରି ନ ଥିଲା।

# ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ପରିଦର୍ଶନ କଲେ ସିନ୍ କୋଭେ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିନ୍ କୋଭେ ନିଜ ଲିଖିତ ପୁସ୍ତକ ପ୍ରଦାନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁସ୍ତକ ପ୍ରଦାନ କଲେ

ଭୁବନେଶ୍ୱର, ୬।୧୨ (ବ୍ୟୁରୋ)

ନ୍ୟୁୟର୍କ ଟାଇମ୍‌ସର ସର୍ବଶ୍ରେଷ୍ଠ ବିକ୍ରେତା ଲେଖକ ତଥା ଆମେରିକାର ଫ୍ରାଙ୍କଲିନ୍ କୋଭେ ଏଜୁକେଶନ୍‌ର ପ୍ରେସିଡେଣ୍ଟ ସିନ୍ କୋଭେ ମଙ୍ଗଳବାର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର 'ଲିଡର ଇନ୍ ମି କନେକ୍ଟ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଫ୍ରାଙ୍କଲିନ୍ କୋଭେ ଏଜୁକେଶନର ଭାଇସ୍ ପ୍ରେସିଡେଣ୍ଟ ମିଷ୍ଟର ୱିଲିୟମ୍ ବିଲ୍ ମାକେଲେଣ୍ଟାରୀ, ଲାଇଭ ଲାଇଭ୍ ଏଜୁକେଶନର ପ୍ରତିଷ୍ଠାତା ଡ. କାନନ୍ ଗିରେଶ ଏବଂ ଗ୍ରୀନ୍‌ମ୍ୟାନ ଅଫ୍ ଇଣ୍ଡିଆ ଡ. କେ. ଅବଦୁଲ୍ ଘନି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଆମେରିକୀୟ ଶିକ୍ଷାବିତ୍ ତଥା ସିନ୍ କୋଭେଙ୍କ ପିତା ଲେଖକ ଷ୍ଟିଫେନ୍ କୋଭେଙ୍କ ଲିଖିତ 'ଉଚ୍ଚ ପ୍ରଭାବଶାଳୀ ଲୋକଙ୍କ ୭ ଅଭ୍ୟାସ' ପୁସ୍ତକ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅଭ୍ୟାସଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ଜୀବନ କୌଶଳ ଶିଖାଇବା ସହ ଜଣେ ଜଣେ ଦକ୍ଷ ଲିଡର ଭାବେ ଗଢ଼ିତୋଳିବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦକ୍ଷତା ବିକାଶ ସହ ବିଦ୍ୟାଳୟର ଉନ୍ନତି ହୋଇପାରିବ ବୋଲି ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ମତ ଦେଇଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ଡିଏମ୍ ସ୍କୁଲ୍, କେନ୍ଦ୍ରୀୟ ବିଦ୍ୟାଳୟ-୧, ୨, ୩, ଜେଏନ୍‌ଭି ମୁଣ୍ଡୁଳି, କେଭି ମୁଣ୍ଡୁଳିର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ ସିନ୍ କୋଭେ ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ସହ ନିଜ ଲିଖିତ ପୁସ୍ତକ 'ଦି ଲିଡର ଇନ୍ ମି' ପ୍ରଦାନ କରିଥିଲେ।

### କୋମ୍ବିଂ ବେଳେ ୨...

ପାଇଁ ଏକ ଇଣ୍ଟରଷ୍ଟେଟ ଓ ଇଣ୍ଟରଏଜେନ୍ସି ସମନ୍ୱୟ ବୈଠକ ଭୁବନେଶ୍ୱରସ୍ଥିତ ଗୋଇନ୍ଦା ନିର୍ଦ୍ଦେଶାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଓ ଛତିଶଗଡ଼ର ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବିଏସ୍‌ଏଫ୍, ସିଆରପିଏଫ୍ ଅଧିକାରୀମାନେ ଯୋଗଦେଇ ଓଡ଼ିଶା ଓ ଛତିଶଗଡ଼ ସୀମାରେ ମାଓ ଦମନ କାର୍ଯ୍ୟକଳାପ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉଭୟ ରାଜ୍ୟର ପୋଲିସ ମଧ୍ୟରେ ମାଓ ଦମନ କାର୍ଯ୍ୟକଳାପ, ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ଦିଗରେ ସମନ୍ୱୟ ରକ୍ଷା କରିବା ଉପରେ ଆଲୋଚନା ହୋଇଥିଲା। ଡିଜିପି ସୁନୀଲ କୁମାର ବଂଶଲଙ୍କ ଅଧ୍ୟକ୍ଷତାରେ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, ଆଇଜି (ଅପରେଶନ) ଅମିତାଭ ଠାକୁର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର ଯୁକ୍ତ ମଙ୍ଗଳ ଦ୍ୱିତୀୟସ୍ଥ ଯୋଗୁ ଅର୍ଥସଂକଟ ଦୂରେଇଯିବ। କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯେତେ ସୁବିଧାଜନକ ଭାବରେ କରିବାକୁ ଚାହିଁଲେ ମଧ୍ୟ ସମସ୍ତ କାମ ଝିନ୍‌ଝଟ୍ ମଧ୍ୟରେ ଆଗକୁ ବଢ଼ିବ। ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି।

**ବୃଷ**
କର୍ମାଧିପତି ଭାଗ୍ୟସ୍ଥ ହେତୁ କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। କିନ୍ତୁ ଅବିଚାରପୂର୍ବକ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ଅସହଯୋଗ କରିବେ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।

**ମିଥୁନ**
ଏକାଦଶସ୍ଥ ରାହୁଙ୍କ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ସ୍ଥଗିତକାମରେ ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। କଳା, ସାହିତ୍ୟ, ସଙ୍ଗୀତ ଓ କ୍ରୀଡ଼ା ପ୍ରତି ଅଭିରୁଚି ବୃଦ୍ଧି ପାଇବ।

**କର୍କଟ**
କର୍ମାଧିପ ଲାଭବାସ୍ଥ ଯୋଗୁ ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ରାଜନୈତିକ କିମ୍ବା ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ସାମାଜିକ ସ୍ତରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଜାଣିଶୁଣି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ହୋହଲ୍ଲା କରିପାରନ୍ତି।

**ସିଂହ**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ମନର କଥାଟିକୁ ଲୁଚାଇ ରଖି ପ୍ରତ୍ୟକ୍ଷରେ ହସଖୁସୀରେ କଥାବାର୍ତ୍ତା କରିବାକୁ ବାଧ୍ୟ ହେବେ। ଆଜି ମଘା ନକ୍ଷତ୍ର କିନ୍ତୁ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ବିଳମ୍ବ ଘଟିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ଆଶଙ୍କା ରହିଛି।

**କନ୍ୟା**
ପାପଗ୍ରମ ମଧ୍ୟସ୍ଥ ଗୁରୁ ହେତୁ ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ତୁଳା**
କେତୁ ଓ ଅଷ୍ଟମ ଚନ୍ଦ୍ରଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପିଲାମାନଙ୍କ କନ୍ଦଳକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସଂକଟ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପାରିବାରିକ ଜୀବନରେ ଭୁଲ୍‌ବୁଝାମଣା ଅଶାନ୍ତିର କାରଣ ହୋଇପାରେ।

**ବିଛା**
ରାଶିରେ ରବିଙ୍କ ପ୍ରଭାବରୁ ଆଜି ବନ୍ଧୁଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ସଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ। ଚତୁର୍ଥସ୍ଥ ଶନିଙ୍କ ଯୋଗୁ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ।

**ଧନୁ**
ଚତୁର୍ଥସ୍ଥ ଶନି ଦୃଷ୍ଟ ଗୁରୁ ହେତୁ ଛୋଟ କଥାକୁ ଧରିବସିଲେ ଅସୁବିଧାର ସମ୍ମୁଖୀନ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରିବ। ସବୁ କାମରେ ପଛୁଆ ହେତୁ ମାନେ ନିଜକୁ ଅପାରଗ ମନେ କରିପାରନ୍ତି। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ସମୟ ଅତିବାହିତ କରିବେ।

**ମକର**
ଚତୁର୍ଥସ୍ଥ ରାହୁଙ୍କ କୁପ୍ରଭାବରୁ ସାମାଜିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କିନ୍ତୁ ରାଜନୈତିକ ଗ୍ରହ ରବି ଓ ରାହୁ ହେତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶତ୍ରୁପୀଡ଼ାଜନିତ ଟେନ୍ସନ ଲାଗି ରହିବାର ଆଶଙ୍କା ରହିଛି।

**କୁମ୍ଭ**
ଆଜିର ଗ୍ରହସ୍ଥିତି ଭଲ ରହିଥିବାରୁ ଯାହା ଚାହିଁବେ ତାହା ଅବଶ୍ୟ ପାଇପାରିବେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ଯୋଗୁ ବିଭିନ୍ନ ପ୍ରକାରର ଅସୁବିଧା ଓ ପ୍ରତି ବନ୍ଧକ ଭିତରେ ଚଳିବାକୁ ପଡ଼ିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ସଫଳତା ହାସଲ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ମୀନ**
ବୁଧ ଓ ଶୁକ୍ର କର୍ମଭାବସ୍ଥ ଯୋଗୁ କାର୍ଯ୍ୟହାସଲ ହେବା କାରଣରୁ ମାନସିକ ସ୍ଥିତି ଆଜି ପ୍ରାୟତଃ ଭଲ ରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ରେବତୀ ନକ୍ଷତ୍ର ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ଡିସେମ୍ବର ୭ ତାରିଖ, ମାର୍ଗଶିର ଚତୁର୍ଦ୍ଦଶୀ ଯୁକ୍ତ ପଣ୍ଡୁ ପୂର୍ଣ୍ଣିମା ବୁଧବାର, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ଦିବା ଘ.୧୦.୨୫ମି. ପର୍ଯ୍ୟନ୍ତ କୃତ୍ତିକା/ବୃଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬.୧୨ମି. ଗତେ ଘ.୦୮.୨୨ମି. ମଧ୍ୟେ, ଘ. ୧୦.୩୨ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୭ମି. ଗତେ ଘ. ୧୨.୫୯ମି. ମଧ୍ୟେ ରାହୁକାଳ।

## ‘ପୁଷ୍ଟି-ବଜେଟ ପ୍ରସ୍ତୁତିରେ ଓଡ଼ିଶା ପ୍ରଥମ ରାଜ୍ୟ’

ଭୁବନେଶ୍ୱର, ୬।୧୨(ବ୍ୟୁରୋ): ଓଡ଼ିଶାରେ ଶିଶୁ ଅପପୁଷ୍ଟି ଓ ଗେଡ଼ାପଣ କମାଇବା ସହ ଏଥିପାଇଁ ପୂର୍ଣ୍ଣ କ୍ଷେତ୍ର ପ୍ରସ୍ତୁତ କରାଯାଉଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ‘ଭାରତରେ ଶିଶୁ ଅପପୁଷ୍ଟି ଓ ଗେଡ଼ାପଣ ନିରାକରଣ’ ଶୀର୍ଷକ ଜାତୀୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁରେଶ ମହାପାତ୍ର ଆହୁରି କହିଛନ୍ତି, ପୃଷ୍ଟି-ବଜେଟ୍ ପ୍ରସ୍ତୁତିରେ ଓଡ଼ିଶା ପ୍ରଥମ ରାଜ୍ୟ। ବର୍ତ୍ତମାନ ରାଜ୍ୟ ସରକାର ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିଯୋଗାଣ ଏବଂ ପରିମଳ ଭଳି ସାମାଜିକ କ୍ଷେତ୍ରଗୁଡିକରେ ବିପୁଳ ପୁଞ୍ଜି ବିନିଯୋଗ କରୁଛନ୍ତି। ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୯୬.୫ ଲକ୍ଷ ପରିବାର ସାମିଲ ହେବା ସହ ୭୫ ହଜାର ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଅତିରିକ୍ତ ପୁଷ୍ଟି ଯୋଗାଣ କାର୍ଯ୍ୟକ୍ରମ ଚାଲିଛି। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଟେକହୋମ୍ ରାସନ, ୫୫ ହଜାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଗାଇବା ଏବଂ ସହରାଞ୍ଚଳରେ ଆହାର କେନ୍ଦ୍ର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଭିଟାମିନ୍ ଯୁକ୍ତ ଚାଉଳ ଓ ମାଣ୍ଡିଆ ଯୋଗାଣ ଆଦି କାର୍ଯ୍ୟକ୍ରମ ଓଡ଼ିଶାରେ ଜାରି ରହିଥିବା ସେ କହିଛନ୍ତି। ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ଶାସନ ସଚିବ ଶୁଭା ଶର୍ମା, ୟୁନିସେଫ୍ ନିୟୁଟ୍ରିସନ ମୁଖ୍ୟ ଆରଜନ ଡି ୱାଗ୍ ଶିଶୁ ଅପପୁଷ୍ଟି ଓ ଗେଡ଼ାପଣ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRE
ONE SALES OFFICER (M) having own Vehicle and one FEMALE OFFICE ASSISTANT having experience in Tally for a Distribution firm located in Baripada.
Contact: ratnakar4@gmail.com/
9712292388

ଆବଶ୍ୟକ
ବାଡ଼ିବଗିଚା କାମ ପାଇଁ ଏବଂ କୁକୁଡ଼ା ଫାର୍ମ ପାଇଁ ଦୁଇ ଜଣ ଲୋକ ରହିବା, ଖାଇବା ସହ 10,000/-, ନଖରା କଟକ କିମ୍ବା ସ୍ୱାମୀ ସ୍ତ୍ରୀ କାମ କଲେ 15,000/- ଦିଆଯିବ।
ଯୋଗାଯୋଗ: 7809525452

SAINIK SCHOOL, SAMBALPUR (ODISHA)
(Ministry of Defence, New Delhi)
WALK-IN-INTERVIEW ON 08 DECEMBER 2022
(NOTE: THIS IS NOT A STATE OR CENTRAL GOVERNMENT JOB)
1. Walk-in-Interviews are scheduled at Sainik School, Sambalpur on 08 December 2022. Candidates, who have experience in the following posts may attend the Walk-in-Interview at 0800 hrs on 08 December 2022. The appointment will be purely on temporary basis. The salary will be paid as per Rules & Regulations. For full details of age, qualification, etc., please visit School website: www.sainikschoolsambalpur.in. The School administration reserves the right to cancel the vacancy due to adminsitrative reasons.

| Sl. No. | Name of Post | No. of Posts | Type of Vacancy | Category |
|---|---|---|---|---|
| (a) | Matron | 01 | Temporary Basis | UR |
| (b) | General Employee (MTS) | 01 | Temporary Basis | ST |

Place/Date: Sambalpur/08 Dec. 2022
Principal, Sainik School, Sambalpur

WANTED
ଧରିତ୍ରୀ Oriya daily
is looking for
MARKETING EXECUTIVES
Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective time management skills.

Apply immediately to :
recruitment@dharitri.com
Attractive salary commensurate with experience

WANTED

| Sl. No. | Post | Qualification | Sex | Experience | Salary | Nos. |
|---|---|---|---|---|---|---|
| 1 | Captain (Supervisor) | | M | 1 year | 16,000 | 6 |
| 2 | Store Keeper | | M | | 9,000 | 6 |
| 3 | Caretaker | | M | | 9,000 | 6 |
| 4 | Office Staff (Stock) | PGDCA & Tally | M | | 12,000 | 2 |

Cont. Details: KM Convention (Wedding Hall), Bhubaneswar
Send your resume by mail or Whatsapp (9556924496)
Mail Id: khatamitha717@gmail.com
Cont. No.: 9556924496 (Cont. between 10.30 A.M. to 4 P.M.)

WANTED
ଧରିତ୍ରୀ Oriya daily
is looking for
DIGITAL MARKETING SPACE SELLING EXECUTIVES
- Having 3-6 years + experience in Digital Marketing.

Roles and Responsibilities -
- Responsible for online ad space selling.
- Well versed with Media Clients and Agencies (B2B advertising on our company digital platforms).
- Must have retail, corporate client base in designated locations.
- Capable to aggressively chase sales targets.
- Hands-on experience in content management.
- Drive new client acquisition.
- Proficiency in social media platforms.

Apply within 7 days to :
recruitment@dharitri.com
Attractive salary commensurate with experience

# କଳାପଟା ନାହିଁ, କବାଟରେ ଲେଖା ହେଲା ପ୍ରଶ୍ନ

### ■ ପରୀକ୍ଷାର୍ଥୀଙ୍କୁ ୨ୟ ଦିନରେ ବି ମିଳିଲାନି ପ୍ରଶ୍ନପତ୍ର
### ■ ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ଅବ୍ୟବସ୍ଥା

ଧର୍ମଶାଳା,୬।୧୨(ଡି.ଏନ୍.ଏ.)

ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ୫-ଟି ମାଧ୍ୟମରେ ବିପୁଳ ଟଙ୍କା ବ୍ୟୟ କରିଚାଲିଛନ୍ତି। ହେଲେ ଯାଜପୁର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଣ୍ଡିଆ ଗ୍ରାମରେ ଥିବା ୫-ଟି ରୂପାନ୍ତରରଣ ପଞ୍ଚାୟତ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ପରି ମଙ୍ଗଳାବର ମଧ୍ୟ ପିଲାଙ୍କୁ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇନାହିଁ। ଫଳରେ ଶିକ୍ଷକଙ୍କ ଦ୍ୱାରା ବ୍ଲାକ୍ ବୋର୍ଡ ଓ ଶ୍ରେଣୀଗୃହ କବାଟରେ ଲେଖାଯାଇଥିବା ପ୍ରଶ୍ନକୁ ଦେଖି ପିଲା ଉତ୍ତର ଲେଖିଛନ୍ତି। ଉକ୍ତ ସ୍କୁଲର କେତେକ ଶ୍ରେଣୀଗୃହରେ କଳାପଟା ନ ଥିବାରୁ ଶ୍ରେଣୀଗୃହ କବାଟକୁ କଳାପଟା କରାଯାଇ ପ୍ରଶ୍ନ ଲେଖାଯାଇଛି, ଯାହାକି ଶିକ୍ଷା ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ମୁତାବକ, ସମଗ୍ର ଶିକ୍ଷା ଅଭିଯାନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଷାଣ୍ମାସିକ ପରୀକ୍ଷା ପାଇଁ ସ୍କୁଲ୍‌ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏହିକ୍ରମରେ ଅଣ୍ଡିଆସ୍ଥିତ ପଞ୍ଚାୟତ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସୋମବାରଠାରୁ ପରୀକ୍ଷା ଆରମ୍ଭ ହୋଇଛି। ସୋମବାର ପ୍ରଥମ ଦିନ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆସିଥିବା ବେଳେ ସ୍କୁଲ୍‌କୁ ପ୍ରଶ୍ନପତ୍ର ଆସି ନ ଥିଲା। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ଅଭିଭାବକ ଜାଣିପାରି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ଅବହେଳାକୁ ଦାୟୀ କରିଥିଲେ। ମାତ୍ର ଅନିବାର୍ଯ୍ୟ କାରଣ ଯୋଗୁ ପ୍ରଶ୍ନପତ୍ର ଆଣିବା ସମ୍ଭବପର ହୋଇ ନ ଥିବା ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ପରେ ଅଭିଭାବକ, ସ୍କୁଲ କମିଟି ସଦସ୍ୟ ଓ ଶିକ୍ଷକମାନଙ୍କ ସହିତ ଆଲୋଚନା କରାଯାଇ ଶ୍ରେଣୀଗୃହର କଳାପଟା ଓ ଶ୍ରେଣୀ କବାଟରେ ପ୍ରଶ୍ନ ଲେଖାଯାଇଥିଲା। ପରୀକ୍ଷାର୍ଥୀ ସେଠାରୁ ପ୍ରଶ୍ନ ଦେଖି ଉତ୍ତର ଲେଖିଥିଲେ। ତେବେ ୨ୟ ଦିନରେ ମଧ୍ୟ ସମାନ ଅବସ୍ଥା ହୋଇଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ପାରିନାହିଁ। ସେହିପରି ବ୍ଲକ୍ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ୍ କରି ନ ଥିଲେ।



ଶ୍ରେଣୀଗୃହ କବାଟରେ ଜଣେ ଶିକ୍ଷକ ପ୍ରଶ୍ନ ଲେଖୁଛନ୍ତି।

# ହକି ବିଶ୍ୱକପ୍: ସୁନ୍ଦରଗଡ଼ ଉତ୍ସବମୁଖର



ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି। ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ଅଭିଭାଷଣ ପ୍ରଦାନ କରୁଛନ୍ତି।

ସୁନ୍ଦରଗଡ,୬।୧୨(ଡି.ଏନ.ଏ.)

ହକିବିଶ୍ୱକପ୍ ପାଇଁ ସୁନ୍ଦରଗଡ ଜିଲା ଉତ୍ସବମୁଖର ହୋଇଉଠିଛି। ରାଉରକେଲା ସହର ସମେତ ସମଗ୍ର ଜିଲାରେ ଉତ୍ସବର ମାହୋଲ ସୃଷ୍ଟି କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଭାରତୀୟ ହକିକୁ ବିଶେଷ ଅବଦାନ ଦେଇଥିବା ଏହି ଜିଲାର ବାଲିଶଙ୍କରା ବ୍ଲକ ସଉନାମରା ଗାଁରୁ ଏହି କ୍ରମରେ ମଙ୍ଗଳବାର ଜିଲାସ୍ତରୀୟ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଜିଲାର ସମସ୍ତ ୧୭ଟି ବ୍ଲକର ୨୭୯ଟି

### ଗାଁ ଗାଁରେ ହକି, ଫୁଟବଲ ଟୁର୍ନାମେଣ୍ଟ, ପ୍ରଶାସନର ବ୍ୟାପକ କାର୍ଯ୍ୟକ୍ରମ

ଗ୍ରାମପଞ୍ଚାୟତ ସ୍ତରରେ ଏକାସାଙ୍ଗେ ହକି ଏବଂ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ବ୍ଲକ ସ୍ତରରେ ହୋଇ ଜିଲାସ୍ତରରେ ପହଞ୍ଚିବ। ଏଥିରେ ହକି ଲାଗି ୮୦୦ରୁ ଅଧିକ ଏବଂ ଫୁଟବଲ ଲାଗି ୧୧୦୦ରୁ ଅଧିକ ଟିମ୍ ପଞ୍ଜୀକରଣ କରିଛନ୍ତି। ପ୍ରାୟ ୧ ମାସ ଧରି ଏହି ପ୍ରତିଯୋଗିତା ଚାଲିବ। ଏହି ଅବସରରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ଅଧ୍ୟକ୍ଷତାରେ ସଉନାମରା ହାଇସ୍କୁଲ ପଡିଆଠାରେ ମଙ୍ଗଳବାର ଏହି ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସଉନାମରା ଗାଁ ମାଟିର ପୁଅ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡକ୍ଟର ଦିଲୀପ ତିର୍କୀ ଏବଂ ସେହି ଗାଁର ଝିଅ ତଥା ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁଭଦ୍ରା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




# ୨ ହତ୍ୟାକାରୀ ଭାଇଙ୍କୁ ଆଜୀବନ କାରାଦଣ୍ଡାଦେଶ

ନୂଆପଡ଼ା ଅଫିସ,୬।୧୨

ନୂଆପଡା ଜିଲା ଖଡ଼ିଆଳ ଥାନା ନେହେନା ଗ୍ରାମରେ ୨୦୧୪ରେ ଘଟିଥିବା ଏକ ହତ୍ୟାକାଣ୍ଡର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦେୱାନୀ ଓ ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ୨ ହତ୍ୟାକାରୀ ଭାଇଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ନରୋତ୍ତମ ଟାହାଣି ଓ ଦେବାର୍ଚ୍ଚନ ଟାହାଣି। ସୂଚନା ମୁତାବକ ଖଡ଼ିଆଳ ଥାନା ଅଧୀନ ନେହନା ଗାଁର ଗୌତମ, ନରୋତ୍ତମ ଓ ଦେବାର୍ଚ୍ଚନ ୩ ଭାଇଙ୍କ ମଧ୍ୟରେ ଜମିବାଡିକୁ ନେଇ ତିକ୍ତତା ଲାଗି ରହିଥିଲା। ୨୦୧୪ ଜୁନ ୭ରେ ଗୌତମ ପୁଅ ଓମ୍‌ପ୍ରକାଶଙ୍କୁ ସାଙ୍ଗରେ ନେଇ ଜମିକୁ ଯାଇଥିଲେ। ସେଠାରେ ସାନ ଭାଇ ଦେବାର୍ଚ୍ଚନଙ୍କ ସହ ତାଙ୍କର ପାଟିତୁଣ୍ଡ ଓ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦେବାର୍ଚ୍ଚନ ସେଠାରୁ ଯାଇ ଅନ୍ୟ ଜମିରେ କାମ କରୁଥିବା ଭାଇ ନରୋତ୍ତମଙ୍କୁ ଡାକି ଆଣିଥିଲେ। ଦୁଇ ଭାଇ ନରୋତ୍ତମ ଓ ଦେବାର୍ଚ୍ଚନ ବଡ଼ଭାଇ ଗୌତମଙ୍କୁ ପୁଅ ଓମପ୍ରକାଶଙ୍କ ସମ୍ମୁଖରେ ଏକ ଠେଙ୍ଗାରେ ନିସ୍ଥୁକ ମାଡ ମାରିଥିଲେ। ଗୌତମ ରକ୍ତାତ ହୋଇପଡିଥିଲେ ହେଁ ପୁଅ ଓମ୍‌ପ୍ରକାଶ ନିରୁପାୟ ହୋଇ ଛିଡାହୋଇଥିଲେ। ଖବର ପାଇ ଗୌତମଙ୍କ ଶାଳକ ପଞ୍ଚାନନ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା। ପଞ୍ଚାନନ ଖଡିଆଳ ଥାନାରେ ଭିଣୋଇ ଗୌତମଙ୍କୁ ତାଙ୍କ ୨ ଭାଇ ଦେବାର୍ଚ୍ଚନ ଓ ନରୋତ୍ତମ ମାରି ଦେଇଥିବା ଲିଖିତ ଅଭିଯୋଗ କରିଥିଲେ। ଖଡିଆଳ ଥାନାରେ ଦଫା ୩୦୨/୩୪ରେ ଏକ ମାମଲା (ନଂ. ୧୨୨/୨୦୧୪) ରୁଜୁ ହୋଇଥିଲା। ଘଟଣାର ପ୍ରାୟ ୮ ବର୍ଷ ୬ ମାସ ପରେ ୧୯ଜଣଙ୍କ ସାକ୍ଷ୍ୟ, ୧୫ଟି ଦସ୍ତାବିଜ ଓ ଗୋଟିଏ ସାମଗ୍ରୀ ତଥ୍ୟ ଆଧାରରେ ଜିଲା ଦେୱାନୀ ଓ ଦୌରାଜଜ୍ ମାମଲାର ବିଚାର କରି ଉଭୟ ଭ୍ରାତୃହନ୍ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସେତରାମ ଦେବାଙ୍ଗନ ମାମଲା ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ଜିଲା ପବ୍ଲିକ ପ୍ରସିକ୍ୟୁଟର ବେଣୁଲାଲା ପ୍ରଧାନ ମାମଲା ପରିଚାଳନା କରିଥିଲେ।

DADLS - 71

सत्यमेव जयते



MESSAGE

On the occasion of Armed Forces Flag Day-2022, I extend my warm felicitation and good wishes to all ranks of the Armed Forces as well as our Ex-Servicemen and their families.

The Armed Forces have exhibited exemplary courage, valour and patriotism in preserving the sovereignty and territorial integrity of our mother land. Many brave and gallant heroes from the Armed Forces have laid down their lives in the service of our nation. During ongoing cross-border terrorism and counter insurgency operation, our Armed Forces have lost and continue to lose many valuable lives. The Armed Forces Flag Day provides us an opportunity to express our solidarity with the Armed Forces personnel by contributing to Flag Day Fund which is utilised for the welfare and rehabilitation of war widows, children of martyrs, disabled soldiers and Ex- Servicemen.

I appeal to all citizens to come forward and contribute generously for this noble cause and convey our respect "for the soldiers who sacrifice their today for our better tomorrow".

Jai Hind !

(Prof. Ganeshi Lal)
Governor, Odisha

सत्यमेव जयते



MESSAGE

On the occasion of Armed Forces Flag day on 7th December 2022, I extend my greetings and best wishes to the Armed Forces personnel in uniform, War Widows, Ex-Servicemen and their families.

The Armed Forces personnel have set exemplary standards of dedication, patriotism and courage in protecting the unity and territorial integrity of our motherland. They not only defend the boarders of our great nation but also render valuable service during natural calamities and combating internal insurgencies. This day gives us an opportunity to express our gratitude to our valiant soldiers, sailors and airmen by contributing generously to Armed Forces Flag Day Fund.

I appeal to all my fellow citizens to contribute generously to the Armed Forces Flag Day Fund, to support the welfare of War Widows, Disabled Soldiers, Ex-Servicemen and their families.

(Naveen Patnaik)
Chief Minister, Odisha

OIPR-15001/13/0201/2223

"ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ–ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। –ଶ୍ରୀଅରବିନ୍ଦ



# ଡିଜିଟାଲ ବ୍ୟବଧାନ

ଭାରତ ସରକାର ୧ ଜୁଲାଇ ୨୦୧୫ରେ 'ଡିଜିଟାଲ ଇଣ୍ଡିଆ' ଅଭିଯାନ ଆରମ୍ଭ କରିଥିଲେ। ଜନସାଧାରଣଙ୍କୁ ପ୍ରଯୁକ୍ତି ମାଧ୍ୟମରେ ସରକାରୀ ସୁବିଧା ଯୋଗାଇ ଦେଇ ସେମାନଙ୍କୁ ଡିଜିଟାଲ ସଶକ୍ତ କରିବା ଏହାର ଲକ୍ଷ୍ୟ ଥିଲା। ଏପରିକି ଗ୍ରାମାଞ୍ଚଳକୁ ଇଣ୍ଟରନେଟ୍‌ରେ ସଂଯୋଗ କରାଯାଇ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରାଯାଇପାରିବ ବୋଲି ସେତେବେଳେ କୁହାଯାଇଥିଲା। ଏହି ଯୋଜନାକୁ ୭ ବର୍ଷ ପୂରିଯାଇଥିଲେ ମଧ୍ୟ ଡିଜିଟାଲ ବିକାଶ କ୍ଷେତ୍ରରେ ଭାରତ ପଛରେ ପଡ଼ିରହିଥିବା ଅକ୍ସଫାମ୍ ଇଣ୍ଡିଆ ପକ୍ଷରୁ ସଦ୍ୟ ପ୍ରକାଶିତ 'ଇଣ୍ଡିଆ ଇନିକ୍ୱାଲିଟି ରିପୋର୍ଟ ୨୦୨୨: ଡିଜିଟାଲ ଡିଭାଇଡ୍'ରୁ ସ୍ପଷ୍ଟ ଅନୁମେୟ। ଏଥିରେ ଦର୍ଶାଯାଇଛି ଯେ, ୨୦୨୧ ସୁଦ୍ଧା ଭାରତରେ ମାତ୍ର ୩୧ ପ୍ରତିଶତ ମହିଳାଙ୍କ ନିକଟରେ ଫୋନ୍ ଥିବା ବେଳେ ୬୧ ପ୍ରତିଶତ ଫୋନ୍ ପୁରୁଷଙ୍କ ନିକଟରେ ରହିଛି। ଡିଜିଟାଲ ଟେକ୍ନୋଲୋଜି ପୁରୁଷ, ସହରାଞ୍ଚଳ, ଉଚ୍ଚଜାତି, ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତି ଓ ପରିବାର ନିକଟରେ ଅଧିକ ରହିଛି। ସମାଜରେ ଜାତି, ଧର୍ମ, ଲିଙ୍ଗ, ଶ୍ରେଣୀ ତଥା ଭୌଗୋଳିକ ସ୍ଥିତିର ଅସମାନତା ଭଳି ସାମାଜିକ ବ୍ୟବଧାନ ଡିଜିଟାଲ ବିଶ୍ୱରେ ମଧ୍ୟ ଦୃଶ୍ୟମାନ ହେଉଛି।

ଆଜିର ବୈଷୟିକ ଉନ୍ନତି ଯୁଗରେ ଇଣ୍ଟରନେଟ୍‌ଭିତ୍ତିକ ସେବା ଲୋକଙ୍କ ପାଖରେ ଯେତେ ପହଞ୍ଚିପାରୁଛି, ସେମାନେ ସହଜରେ ସେବା ପାଇପାରୁଛନ୍ତି। କେନ୍ଦ୍ର ସରକାର ବାରମ୍ବାର କହୁଛନ୍ତି ଯେ, ଭାରତ ବୈଷୟିକ ତଥା ପ୍ରଯୁକ୍ତି କ୍ଷେତ୍ରରେ ବହୁ ଉଚ୍ଚ ସ୍ତରରେ ଯାଇ ପହଞ୍ଚିଛି। ହେଲେ ଅନ୍ତର୍ଜାତୀୟ ସ୍ତରର ଗବେଷଣା ତଥା ସର୍ଭେ ସଂସ୍ଥାଗୁଡ଼ିକ ଦେଉଥିବା ତଥ୍ୟଠାରୁ ସରକାରଙ୍କ ତଥ୍ୟରେ ଢେର ପ୍ରଭେଦ ରହୁଛି। ଡିଜିଟାଲ ଫାଙ୍କକୁ ବୁଜିବା ଲାଗି ଏକାନ୍ତ ଆବଶ୍ୟକ ଉପାଦାନ ହେଉଛି ଭିତ୍ତିଭୂମିର ଉପଲବ୍ଧତା। ଡିସେମ୍ବର ୨୦୨୧ରେ ଲୋକ ସଭାରେ ସରକାରୀ ଭାବେ କୁହାଯାଇଥିଲା ଯେ, ଦେଶର ୯୩ ପ୍ରତିଶତ ଗ୍ରାମରେ ୩ଜି କିମ୍ବା ୪ଜି ସଂଯୋଗ ହୋଇପାରିଛି। କିନ୍ତୁ ବାସ୍ତବତା ଭିନ୍ନ ଚିତ୍ର ଆଙ୍କୁଛି। କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କୁ ଯେଉଁଭଳି ଭାବେ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଗଲା, ସେଥିରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପ୍ରଭେଦ ସହିତ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ସ୍ପଷ୍ଟ ଜଣାପଡୁଥିଲା। ଏହି ସତ୍ୟକୁ ଭାରତ ସରକାର ଆଜି ପର୍ଯ୍ୟନ୍ତ ଗ୍ରହଣ କରୁନାହାନ୍ତି। ୯୩ ପ୍ରତିଶତ ଗ୍ରାମକୁ ଇଣ୍ଟରନେଟ୍ ସହ ଯୋଡ଼ାଯାଇଥିବା ସରକାରୀ ଦାବି ବିଶ୍ୱାସଯୋଗ୍ୟ ହେଉନାହିଁ। ମହିଳାଙ୍କ ଫୋନ୍ ବ୍ୟବହାର ପ୍ରତିଶତ କମ୍ ରହିବାର ଅନ୍ୟତମ କାରଣ ହେଉଛି ଲିଙ୍ଗଗତ ଅସମାନତା। ଏଥିସହିତ କୋଭିଡ୍–୧୯ ପରେ ମହିଳାଙ୍କ ଆୟ କମିଯାଇଥିବା ଦେଖାଯାଇଛି। କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଯୋଗଦାନ ଯଥେଷ୍ଟ ହ୍ରାସ ପାଇଥିବାରୁ ଆୟରେ ଏଭଳି ତାରତମ୍ୟ ଲକ୍ଷ୍ୟ କରାଯାଇଛି।

ବର୍ତ୍ତମାନ ପରିପ୍ରେକ୍ଷୀରେ ଡିଜିଟାଲ ଇଣ୍ଡିଆରେ ଦେଶର ପ୍ରତି ବର୍ଗଙ୍କ ସ୍ଥିତି କିଭଳି ରହିଛି ତାହାର ବାସ୍ତବ ତଥ୍ୟ ଉପସ୍ଥାପନ କରାଯିବା ଦରକାର। ଯେହେତୁ ପରିସଂଖ୍ୟାନ ସରକାରଙ୍କ ମିଜାଜକୁ ଲକ୍ଷ୍ୟରେ ରଖାଯାଇ ପ୍ରସ୍ତୁତ କରାଯାଉଛି, ସେହି ଅନୁଯାୟୀ ଠିକ୍ ତଥ୍ୟ ଆସିପାରୁ ନାହିଁ। ଉପଯୁକ୍ତ ପରିସଂଖ୍ୟାନ ଯୋଜନା ବା ନୀତି ପ୍ରଣୟନ ପାଇଁ ଉପାଦେୟ ହୋଇଥାଏ। ସହରାଞ୍ଚଳ–ଗ୍ରାମାଞ୍ଚଳ, ଧନୀ–ଦରିଦ୍ର, ଲିଙ୍ଗ ଓ ଜାତିଗତ ପ୍ରଭେଦ ଭାରତର ପ୍ରତି କ୍ଷେତ୍ରରେ ଦେଖିବାକୁ ମିଳୁଛି। ଡିଜିଟାଲ ବିଶ୍ୱରେ ତାହାର ପ୍ରଭାବ ଅତି ସ୍ପଷ୍ଟ ହୋଇଯାଉଛି। ଯଦି ନୀତିରେ ପରିବର୍ତ୍ତନ ଆଣି ସାମାଜିକ ତଫାତ୍‌ଗୁଡ଼ିକୁ ଦୂରେଇ ହେବ, ତେବେ ଡିଜିଟାଲ ସମନ୍ୱୟ ପାଇଁ ଆଶା କରିବା ଯଥାର୍ଥ ହେବ।

**ଉପଯୁକ୍ତ ପରିସଂଖ୍ୟାନ ଯୋଜନା ବା ନୀତି ପ୍ରଣୟନ ପାଇଁ ଉପାଦେୟ ହୋଇଥାଏ। ସହରାଞ୍ଚଳ–ଗ୍ରାମାଞ୍ଚଳ, ଧନୀ–ଦରିଦ୍ର, ଲିଙ୍ଗ ଓ ଜାତିଗତ ପ୍ରଭେଦ ଭାରତର ପ୍ରତି କ୍ଷେତ୍ରରେ ଦେଖିବାକୁ ମିଳୁଛି। ଡିଜିଟାଲ ବିଶ୍ୱରେ ତାହାର ପ୍ରଭାବ ଅତି ସ୍ପଷ୍ଟ ହୋଇଯାଉଛି। ଯଦି ନୀତିରେ ପରିବର୍ତ୍ତନ ଆଣି ସାମାଜିକ ତଫାତ୍‌ଗୁଡ଼ିକୁ ଦୂରେଇ ହେବ, ତେବେ ଡିଜିଟାଲ ସମନ୍ୱୟ ପାଇଁ ଆଶା କରିବା ଯଥାର୍ଥ ହେବ।**

# ଶିକ୍ଷିତ ଓ ଶିକ୍ଷାପ୍ରାପ୍ତ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସା ବିଦ୍ୟା ଯା ବିମୁକ୍ତୟେ...ବିଦ୍ୟାନ୍ୟାଶିଳ୍ପ ନୈପୁଣଂ (ବିଷ୍ଣୁ ପୁରାଣ) ଅର୍ଥାତ୍ ଯାହା ଅବିଦ୍ୟା ବା ଅଜ୍ଞାନରୁ ମୁକ୍ତିଦିଏ ତାହା ହିଁ ପ୍ରକୃତ ବିଦ୍ୟା ଓ ଅନ୍ୟ ବିଦ୍ୟା ସବୁ କଳା କୌଶଳ ମାତ୍ର। ବୈଦିକ ଯୁଗରେ ବିଦ୍ୟାକୁ ଦୁଇ ଭାଗରେ ବିଭକ୍ତ କରାଯାଉଥିଲା। ମୁଣ୍ଡକ ଉପନିଷଦରେ ଶୌନକ ଋଷି ଅଙ୍ଗିରାଙ୍କଠାରୁ ଏହି ବିଦ୍ୟା ସମ୍ପର୍କରେ ଜାଣିବାକୁ ଚାହାନ୍ତେ ଅଙ୍ଗିରା କହିଲେ ''ଋକ୍‌ବେଦ, ଯଜୁର୍ବେଦ, ସାମ୍‌ବେଦ, ଅଥର୍ବ ବେଦ, ଶିକ୍ଷା, କଳ୍ପ ବ୍ୟାକରଣ, ଛନ୍ଦ ଓ ଜ୍ୟୋତିଷ– ଏସବୁ ଅପରାବିଦ୍ୟା; ଯଦ୍ଦ୍ୱାରା ଅକ୍ଷର ବ୍ରହ୍ମଙ୍କୁ ପ୍ରାପ୍ତ କରିହୁଏ ତାହା ହେଲା ପରାବିଦ୍ୟା।'' ଏହି ପରାବିଦ୍ୟା ହେଉଛି ଉପଲବ୍ଧ ବିଦ୍ୟା। ତାହା ଚେତନାରେ ଏକ ସ୍ପନ୍ଦନ ଭାବରେ କେବଳ ବିଦ୍ୟାର୍ଥୀ ହିଁ ଅନୁଭବ କରିପାରେ। ଏହି ବିଦ୍ୟାରେ ଅଭିବ୍ୟକ୍ତିର ଆବଶ୍ୟକତା ନ ଥାଏ। ଅପରପକ୍ଷରେ ଅପରାବିଦ୍ୟା ହେଉଛି ଆହରିତ ବା ଅର୍ଜିତ ବିଦ୍ୟା ଏବଂ ପ୍ରାରମ୍ଭରେ ଏହା ସ୍ମୃତିରେ ଲିପିବଦ୍ଧ ହେଉଥିଲା। ବିଦ୍ୟା ଶିଷ୍ୟାନୁଶିଷ୍ୟ କ୍ରମେ ଶ୍ରୁତି ପରମ୍ପରାରେ ପ୍ରସାରିତ ହେଉଥିଲା ବୋଲି ବେଦର ଅନ୍ୟନାମ ଶ୍ରୁତି। ଅନେକ ଶତାବ୍ଦୀ ପରେ ତାହା ତାଳପତ୍ର ବା ଭୂର୍ଜପତ୍ରରେ ପାଠ୍ୟରୂପେ ଲିପିବଦ୍ଧ ହେଲା। ସଂପ୍ରତି ଯେଉଁସବୁ ବିଦ୍ୟା ଅନୁଷ୍ଠାନମାନଙ୍କରେ ଶିକ୍ଷା ଦିଆଯାଉଛି ସେସବୁ ଅପରାବିଦ୍ୟାର ଅନ୍ତର୍ଗତ। ପୁନଶ୍ଚ ଏହି ଅପରାବିଦ୍ୟା ଯେଉଁ ଲକ୍ଷ୍ୟ ନେଇ ଓ ଯେଉଁ ପଦ୍ଧତିରେ ଅତୀତରେ ଶିକ୍ଷା ଦିଆଯାଉଥିଲା ଆଜି ଆମେ ତା'ଠୁ ବହୁଦୂରରେ। ସେତେବେଳେ ବିଦ୍ୟାର୍ଜନ ସହ ସାକ୍ଷରତା ଅନିବାର୍ଯ୍ୟ ନ ଥିଲା। ରାଜା ଅମରଶକ୍ତି ପଣ୍ଡିତ ବିଷ୍ଣୁଶର୍ମାଙ୍କୁ ତାଙ୍କ ତିନି ଗଣ୍ଡ ମୂର୍ଖ ପୁଅକୁ ଶିକ୍ଷିତ କରିବା ଦାୟିତ୍ୱ ନ୍ୟସ୍ତ କରନ୍ତେ ବିଷ୍ଣୁଶର୍ମା ଗୋଟିଏ ଗଛମୂଳେ ସେମାନଙ୍କୁ ବସାଇ କେବଳ ବହୁବିଧ କାହାଣୀ କହିଥିଲେ। ସେହି କାହାଣୀଗୁଡ଼ିକରେ ଥିଲା ମନସ୍ତତ୍ତ୍ୱ, ରାଜନୀତି, କୂଟନୀତି ଆଚରଣବିଧି ଇତ୍ୟାଦି ଅନେକ ତତ୍ତ୍ୱ। ବିଷ୍ଣୁଶର୍ମା ବିଦ୍ୟାଦାନ ସମୟରେ ସିଲଟ ଖଡ଼ି ବ୍ୟବହାର କରିଥିବା ଓ ଅକ୍ଷର ଶିକ୍ଷା କରାଇଥିବାର କୌଣସି ସୂଚନା ପଞ୍ଚତନ୍ତ୍ରରେ ନାହିଁ।

ଏବେ ବିଦ୍ୟା କହିଲେ ବୁଝାଉଛି ନିରକ୍ଷରତାରୁ ମୁକ୍ତି ଅର୍ଥାତ୍ ଲେଖିପଢ଼ି ପାରିବା, ପ୍ରତିଯୋଗିତାରେ ସାଫଲ୍ୟ ଓ ସମୃଦ୍ଧି ନିମନ୍ତେ କୌଣସି ଏକ କ୍ଷେତ୍ରରେ ତାଲିମ ପ୍ରାପ୍ତି। ଯେତେ ଅଭିଜ୍ଞତା ବା ଉପଲବ୍ଧିସିଦ୍ଧ ହୋଇଥିଲେ ମଧ୍ୟ ଲେଖି ପଢ଼ି ପାରୁ ନ ଥିଲେ ତାକୁ ଶିକ୍ଷିତ ପର୍ଯ୍ୟାୟରେ ଗ୍ରହଣ କରାଯାଉନାହିଁ। ଶିକ୍ଷିତ ପର୍ଯ୍ୟାୟଭୁକ୍ତ ହେବାପାଇଁ ଆନୁଷ୍ଠାନିକ ପ୍ରମାଣପତ୍ରକୁ ଅନିବାର୍ଯ୍ୟ ଆବଶ୍ୟକତା ଭାବରେ ଗ୍ରହଣ କରାଯାଉଛି। ପ୍ରତିଯୋଗିତାମୁଖୀ ବିଦ୍ୟାର ସାଫଲ୍ୟ ତଥାକଥିତ ଶିକ୍ଷିତମାନଙ୍କ ମନରେ ଅହଂକାର ସୃଷ୍ଟି କରୁଛି। ସେମାନଙ୍କ ମଧ୍ୟରେ ଅନେକ ନୀତିଭ୍ରଷ୍ଟ ହୋଇ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ହେଉଛନ୍ତି। ଏଣୁ ଏମାନେ ଶିକ୍ଷିତ ପଦବାଚ୍ୟ ନୁହନ୍ତି, ଶିକ୍ଷାପ୍ରାପ୍ତ ମାତ୍ର। ପ୍ରାପ୍ତ ଶିକ୍ଷାକୁ ଯିଏ ଜୀବନରେ ଉପଯୋଗ କରେ ନାହିଁ ସେ ଶିକ୍ଷିତ ନୁହେଁ। ମଣିଷ ବିଳାସ ବ୍ୟସନ ପାଇଁ ଉଦ୍ଦିଷ୍ଟ ପ୍ରାଣୀଟିଏ ନୁହେଁ। ତା' ଚେତନାରେ ଅଛି ବିପୁଳ ଐଶ୍ୱର୍ଯ୍ୟ ଓ ତା'ର ସନ୍ଧାନ ଶକ୍ତି। ସେହି ଐଶ୍ୱର୍ଯ୍ୟକୁ ସନ୍ଧାନ କରି ତାକୁ ଜୀବନରେ ଉପଯୋଗ କରିବା ହେଉଛି ବିଦ୍ୟାର ଆଭିମୁଖ୍ୟ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜି ମଣିଷ ସ୍ଥୂଳ ଉପଯୋଗିତାବାଦ ବ୍ୟାଧି ଦ୍ୱାରା ଆକ୍ରାନ୍ତ। ଦରକାରୀ ହୋଇ ନ ଥିଲେ କୌଣସି କଥାର ମୂଲ୍ୟ ନାହିଁ। ପୁନଶ୍ଚ ଯାହା ଅର୍ଥ ଆକର୍ଷଣ କରିପାରିବ ବା ଉପୁଜାଇ ପାରିବ ତାହା ହିଁ ଦରକାରୀ ବୋଲି ଚିନ୍ତା କରାଯାଉଛି। ଏହି ବ୍ୟାଧିରୁ ଆଜି ଛାତ୍ରୀଛାତ୍ରମାନେ ମଧ୍ୟ ମୁକ୍ତ ନୁହନ୍ତି। ସେମାନେ ସେହିଭଳି ଶିକ୍ଷା ଚାହୁଛନ୍ତି, ଯାହାଦ୍ୱାରା ସେମାନେ ବିପୁଳ ଅର୍ଥ ରୋଜଗାର କରି ସୁଖୀ ହେବେ। ମାତ୍ର ଏତଦ୍ୱାରା ବିଦ୍ୟାର୍ଜନ ଲକ୍ଷ୍ୟଚ୍ୟୁତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଶ୍ରୀମା'ଙ୍କ ମତରେ ଶିକ୍ଷାର ଲକ୍ଷ୍ୟ ହେଉଛି ପ୍ରକୃତି ତଥା ଜୀବନର ଗୋପନ ରହସ୍ୟ ବୁଝିବା, ଚେତନାର ଅଭିବୃଦ୍ଧି ଘଟାଇବା, ଶୃଙ୍ଖଳିତ ହେବା ଓ ନିଜ ଭିତରେ ଥିବା ଦୁର୍ବଳତା, ଅକ୍ଷମତା ଓ ଅଜ୍ଞାନ ଅତିକ୍ରମ କରିବା ନିମନ୍ତେ ଏକ ମହତ୍ତର ସତ୍ୟ ସକାଶେ ପ୍ରସ୍ତୁତ ହେବା। ଶିକ୍ଷାରେ ଆଜି ଏହି ଆଭିମୁଖ୍ୟ ନାହିଁ।



ଅକ୍ଷର ଲେଖିପଢ଼ି ପାରିଲେ ଓ ପରୀକ୍ଷାରେ ପାସ୍ କରି ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ହାସଲ କରିପାରିଲେ ଜଣେ ଶିକ୍ଷିତ ହୁଏ ନାହିଁ। ଅଭିଜ୍ଞତା ହେଉଛି ଶିକ୍ଷାର ପ୍ରାଣକେନ୍ଦ୍ର। ଶିକ୍ଷା ହେଉଛି ଏକ ମାର୍ଜନ ପ୍ରକ୍ରିୟା। ଏହା ମଣିଷକୁ ମାର୍ଜିତ ଓ ସଂସ୍କୃତିସମ୍ପନ୍ନ କରେ। ଶିକ୍ଷାଲବ୍ଧ ଜ୍ଞାନକୁ ଜୀବନରେ ପ୍ରୟୋଗ କରି ମଣିଷ ନିଜକୁ ସଭ୍ୟ ବୋଲାଏ। ଏଥିରେ ବିବେକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଥରେ ଜଣେ ଜିଜ୍ଞାସୁ ରାମକୃଷ୍ଣ ପରମହଂସଙ୍କୁ ପଚାରିଲା, ''ଜ୍ଞାନ ଓ ବିଜ୍ଞାନ ମଧ୍ୟରେ ପାର୍ଥକ୍ୟ କ'ଣ?'' ରାମକୃଷ୍ଣ ଉତ୍ତର ଦେଲେ ''କାଠ ଭିତରେ ଅଗ୍ନି ପ୍ରଚ୍ଛନ୍ନ ଭାବରେ ଅଛି ବୋଲି ଜାଣିବା ହେଉଛି ଜ୍ଞାନ। ସେ ଜ୍ଞାନକୁ ପ୍ରୟୋଗ କରି ନିଆଁଦ୍ୱାରା ରୋଷେଇ କରିବା ହେଉଛି ବିଜ୍ଞାନ। ମାତ୍ର ବିଜ୍ଞାନ ସଙ୍ଗେ ଆବଶ୍ୟକ ବିବେକ, କାରଣ ବିବେକ ନ ହେଲେ ମଣିଷ ନିଆଁକୁ ରୋଷେଇରେ ବ୍ୟବହାର ନ କରି ଅନ୍ୟ କାହାରି ସର୍ବନାଶ ପାଇଁ ଉପଯୋଗ କରିପାରେ।'' ପରମାଣୁ ବୋମାଦ୍ୱାରା ହିରୋସୀମା ନାଗାସାକି ସହରର ଧ୍ୱଂସ ସାଧନ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସାକ୍ଷରତା ବିଦ୍ୟାର୍ଜନରେ ସାହାଯ୍ୟ କରିପାରେ। ଏହା ଠିକ୍, ମାତ୍ର ବିଦ୍ୟାର୍ଜନ ବା ଶିକ୍ଷା ସର୍ବଦା ସାକ୍ଷରତା ଉପରେ ନିର୍ଭର କରେ ନାହିଁ। ସାଂପ୍ରତିକ ମାନଦଣ୍ଡରେ ରାମକୃଷ୍ଣ, ସକ୍ରେଟିସ୍ ଆଦିଙ୍କୁ ଶିକ୍ଷିତ କୁହାଯାଇପାରିବ ନାହିଁ, କାରଣ ରାମକୃଷ୍ଣ ବହୁତ କଷ୍ଟରେ ତାଙ୍କ ଦସ୍ତଖତ କରୁଥିଲେ ରାମକେଷ୍ଟ। ଗ୍ରୀକ୍ ମନୀଷୀ ସକ୍ରେଟିସ୍ କେବେ କଲମ ଧରି ନ ଥିଲେ। ସେ ଥିଲେ ଜଣେ ପଥର ମିସ୍ତ୍ରି। ଠିକ୍ ସେପରି ଭାଗବତରେ ବର୍ଣ୍ଣିତ ଅବଧୂତ ଚବିଶ ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ କେବଳ ମଣିଷ ନ ଥିଲେ, ଅନେକ ଥିଲେ କୀଟପତଙ୍ଗ, ପଶୁ ଓ ପକ୍ଷୀ। ସେମାନଙ୍କ ଜୀବନ ଶୈଳୀକୁ ପର୍ଯ୍ୟବେକ୍ଷଣ କରି ଅବଧୂତ ଅନେକ ଶିକ୍ଷା ଲାଭ କରିଥିଲେ। ଏହି ବିଦ୍ୟାର୍ଜନରେ ଲେଖାପଢ଼ାର କିଛି ଭୂମିକା ନ ଥିଲା। ତଥାପି ସେ ହେଲେ ପ୍ରଚଣ୍ଡ ଜ୍ଞାନୀ ଓ ଦର୍ଶନତତ୍ତ୍ୱବିତ୍। ଏଣୁ କେବଳ ଆନୁଷ୍ଠାନିକ ଶିକ୍ଷା ବା ପୁସ୍ତକ ଅଧ୍ୟୟନ ମଣିଷକୁ ଶିକ୍ଷିତ କରେ ନାହିଁ। ପ୍ରକୃତି ତଥା ଜୀବନ ପର୍ଯ୍ୟବେକ୍ଷଣ, ଅଭିଜ୍ଞତା ଓ ଉପଲବ୍ଧି ହିଁ ମଣିଷକୁ ଶିକ୍ଷିତ କରେ। ଯେଉଁମାନଙ୍କ ଏସବୁ ନାହିଁ ସେମାନେ ଯେତେବଡ଼ ଡିଗ୍ରୀ ବା ଡିପ୍ଲୋମାର ଅଧିକାରୀ ହୋଇଥିଲେ ମଧ୍ୟ ସେମାନେ ଶିକ୍ଷିତ ପଦବାଚ୍ୟ ନୁହନ୍ତି। ସେମାନଙ୍କୁ କୁହାଯାଇପାରେ ସାକ୍ଷର ବା ଅତିବେଶି ହେଲେ 'ଶିକ୍ଷାପ୍ରାପ୍ତ'। ସାଂପ୍ରତିକ ସମୟରେ ଶିକ୍ଷିତ ଅପେକ୍ଷା ଶିକ୍ଷାପ୍ରାପ୍ତମାନଙ୍କ ସଂଖ୍ୟା ଅଧିକ।

**ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ଓଡ଼ିଶାର ସନ୍ଥସଖା ଓ ଶିଶୁଅନନ୍ତ



ଡ. ଭବାନୀ ଶଙ୍କର ଦାଶ

ଷୋଡ଼ଶ ଶତାବ୍ଦୀବେଳକୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ସୃଷ୍ଟି ହୋଇଥିଲା ଏକ ବିରାଟ ବୈଷ୍ଣବ ମତବାଦର ମହାପ୍ଲାବନ। ଏହି ଶତାବ୍ଦୀରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ଯେଉଁ ପାଞ୍ଚଜଣ ଅଲୌକିକ ଐଶୀଶକ୍ତିସମ୍ପନ୍ନ ସାଧକ ଜନ୍ମଲାଭ କରିଥିଲେ, ସେମାନେ 'ପଞ୍ଚସଖା' ନାମରେ ଆଧ୍ୟାତ୍ମିକ ବିପ୍ଳବର କର୍ଣ୍ଣଧାର ସାଜିଥିଲେ। ସେମାନେ ନିରାକାର ବ୍ରହ୍ମଙ୍କୁ ଜଗନ୍ନାଥଙ୍କଠାରୁ ଅଭିନ୍ନ ବୋଲି ମୁକ୍ତକଣ୍ଠରେ କେବଳ ଘୋଷଣା କରିନଥିଲେ, ଅପରନ୍ତୁ ନିଜ ସାଧନା ଓ ସିଦ୍ଧି ବଳରେ ପ୍ରମାଣ କରିଦେଇଥିଲେ। ଆଜି ମଧ୍ୟ ସେମାନଙ୍କ ଜନ୍ମ ସମେତ ସୃଷ୍ଟିକର୍ମ ଇତ୍ୟାଦି ପୂର୍ଣ୍ଣତଃ ଲୋକଲୋଚନକୁ ଆସିପାରିନାହିଁ। ତେବେ ଏହି ସମୟରେ ଶ୍ରୀଚୈତନ୍ୟ ପ୍ରମୁଖଙ୍କ ଆଗମନ ଏକ ଉଲ୍ଲେଖନୀୟ ଘଟଣା। ଏଥିପାଇଁ ଶ୍ରୀକ୍ଷେତ୍ର ଏକ ସମନ୍ୱୟ କ୍ଷେତ୍ର ଭାବେ ପ୍ରତିଷ୍ଠିତ ହେବା ସହ ସର୍ବଭାରତୀୟ ଦୃଶ୍ୟପଟରେ ଏହା ଏକ ଆହ୍ୱାନ ରୂପେ ପରିଗଣିତ ହୋଇଥିଲା। କାରଣ ଏହି ସମୟକୁ ମୁସଲମାନ ଆକ୍ରମଣ ଭାରତରେ ପ୍ରଚଣ୍ଡ ରୂପ ଧାରଣ କରୁଥିଲା ବେଳେ ସାଧୁସନ୍ଥଙ୍କ ସିଦ୍ଧି ଓ ଅଲୌକିକ ଲୀଳା ବି ଥିଲା ନଭଶ୍ଚୁମ୍ବୀ। ଓଡ଼ିଶାର ପଞ୍ଚସଖା ଏହାର ଉଦାହରଣ।

ପଞ୍ଚସଖାଙ୍କ ମଧ୍ୟରେ ଶିଶୁଅନନ୍ତଙ୍କ ଜନ୍ମ ପ୍ରସଙ୍ଗ ମଧ୍ୟ ରହସ୍ୟାବୃତ। ସୁଦର୍ଶନ ଦାସଙ୍କ 'ଚଉରାଶୀ ଆଜ୍ଞା', ଜଗନ୍ନାଥ ଦ୍ୱିଜଙ୍କ 'ଭକ୍ତିଚନ୍ଦ୍ରିକା', ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ', ପଞ୍ଚସଖାଙ୍କ ନିଜସ୍ୱ ରଚନାବଳୀ ଓ ପରବର୍ତ୍ତୀ ଶିଷ୍ୟମାନଙ୍କ ଭଣତି ଇତ୍ୟାଦିରୁ ପଞ୍ଚସଖାଙ୍କ ସମ୍ପର୍କରେ ଯାହା କିଛି ସୂଚନା ମାତ୍ର ମିଳେ। ଅଚ୍ୟୁତାନନ୍ଦଙ୍କ 'ଉଦୟ କାହାଣୀ'କୁ ଭିତ୍ତିକରି ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ସ୍ଥିର କରିଛନ୍ତି ଯେ, ଗଜପତି ରାଜାଙ୍କ ୨୫ ଅଙ୍କ ଅର୍ଥାତ୍ ୧୪୮୬ରେ ଶିଶୁଅନନ୍ତ ଜନ୍ମ ଗ୍ରହଣ କରିଥିଲେ। ଅନ୍ୟ ସମୀକ୍ଷକଗଣ ଏହି ସିଦ୍ଧାନ୍ତକୁ ମାନିନେଇଥିଲେ ହେଁ ପଞ୍ଚସଖାଙ୍କ ଠାର ବା ଇଙ୍ଗିତଧର୍ମୀ ଭାଷାର ବାସ୍ତବ ତଥା ବୈଜ୍ଞାନିକ ବିଶ୍ଳେଷଣ ଯେ ପର୍ଯ୍ୟନ୍ତ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହାକୁ ନିର୍ଭୁଲ କୁହାଯାଇ ନ ପାରେ। ତେବେ ଶିଶୁଅନନ୍ତ ବାଲିପାଟଣାରେ ମାତା ଗୌରାଦେବୀ ଓ ପିତା କପିଳମୁନିଙ୍କ ଔରସରୁ ଜନ୍ମଲାଭ କରିଥିଲେ। ନିଜେ ଶିଶୁଅନନ୍ତ ଏ କଥା ବାରମ୍ବାର ନିଜ ରଚନାବଳୀଗୁଡ଼ିକରେ କହିଛନ୍ତି।

ଓଡ଼ିଶାର ଲୋକକଥାରେ ଅଚ୍ୟୁତ ଠାର ଓ ଅନନ୍ତ ଗାର ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ଅନନ୍ତଙ୍କ ସମେତ ସମସ୍ତ ପଞ୍ଚସଖା ଅନେକ ମାଳିକା, ପଟଳ, ଭାଗବତ, ଚୌତିଶା, ଭଜନ, ଜଣାଣ ଓ ବାଖର ଇତ୍ୟାଦି ରଚନା କରିଛନ୍ତି ଓ ଅଧିକାଂଶ ରଚନାରେ ଠାର ବଚନର ବ୍ୟବହାର କରିଛନ୍ତି। ଗାରକଟା ଯନ୍ତ୍ରର ପ୍ରଣେତା ଭାବେ ମହାତ୍ମା ଶିଶୁଅନନ୍ତଙ୍କର ପଞ୍ଚସଖାଙ୍କ ମଧ୍ୟରେ ବିଶେଷ ଖ୍ୟାତି ଥିଲା। ଏହି ଗାରକଟା ଯନ୍ତ୍ର କ'ଣ ତାହା ଓଡ଼ିଶାର ବୌଦ୍ଧିକସ୍ତରକୁ ଏଯାଏ ସ୍ପର୍ଶ କରିନାହିଁ। ମାତ୍ର ଉପରଠାଉରିଆ ଭାବେ ଗବେଷକ କୁହନ୍ତି ଯେ, ଶିଶୁଅନନ୍ତ ଶରୀରର ଷୋଳଡମ୍ବରୁରେ ଅକ୍ଷର ବସାଣ ଜାଣିଥିଲେ। ଏଥିପାଇଁ ଉଲ୍ଲେଖ ଅଛି– 'ଗାରକଟା ଯନ୍ତ୍ର ଜାଣେ ଅନନ୍ତ'।

ଏକା ଅନନ୍ତ ଶିଶୁ ନୁହନ୍ତି, ସମସାମୟିକ ସମସ୍ତ ସଖା ଓ ପରବର୍ତ୍ତୀ ବୈଷ୍ଣବବର୍ଗ ଅଲୌକିକ କ୍ରିୟାରେ ଥିଲେ ଅଦ୍ଭୁତପୂର୍ବ। ସୁଦର୍ଶନ ଦାସଙ୍କ 'ଚୌରାଅଶୀ ଆଜ୍ଞା'ରେ ଥିବା ଏକ ରୋଚକ ଉପାଖ୍ୟାନଟିଏ ତାହାର ପ୍ରମାଣ ଦେଇଥାଏ। ତାହାହେଲା– ଏକଦା ପ୍ରତାପରୁଦ୍ରଦେବଙ୍କ ରାଜଦରବାରରେ ଶ୍ରୀଚୈତନ୍ୟଙ୍କ ଉପସ୍ଥିତିରେ ପଞ୍ଚସଖାଙ୍କର ଅଲୌକିକତାର ପରୀକ୍ଷା ହେଲା। ଚୈତନ୍ୟ ପଣସ ମଞ୍ଜିଟିଏ ଜଗନ୍ନାଥ ଦାସଙ୍କୁ ଦେଇ ପୋତିବାକୁ କହିଲେ। ଜଗନ୍ନାଥ ଦାସ ତାହା କରନ୍ତେ ତତ୍‌କ୍ଷଣାତ ବାଳୁତ ବୃକ୍ଷଟିଏ ଜନ୍ମିଲା। ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ବଳରାମ ଦାସ ବୃକ୍ଷଟିକୁ ବଡ଼ କଲେ। ପତ୍ର ଓ ଫୁଲରେ ଭରିଗଲା ଗଛଟି। ସେଥିରେ ଯଶୋବନ୍ତ ଫଳ ଫଳାଇଲେ। ଅଚ୍ୟୁତାନନ୍ଦ ସଙ୍ଗେ ସଙ୍ଗେ ତାକୁ ପଚାଇଦେଲେ। ଶେଷରେ ପାଚିଲା ପଣସ ଗଛରୁ ତୋଳିଆଣି ବାଣ୍ଟିଥିଲେ ଶିଶୁଅନନ୍ତ। ବୃକ୍ଷକୁ ଚାହିଁ କହିଲେ ତଳେ ଲୋଟିବାକୁ। ଶିଶୁଅନନ୍ତଙ୍କ ନିର୍ଦ୍ଦେଶମତେ ବୃକ୍ଷ ତଳେ ଲୋଟିଲା। ଶିଶୁଅନନ୍ତ ପାଚିଲା ପଣସ ଚୈତନ୍ୟଙ୍କୁ ଦେଲେ ଓ ସମସ୍ତଙ୍କୁ ବାଣ୍ଟିଲେ। କେବଳ ଏତିକି ନୁହେଁ, କୋଠ କରଣ କପିଳ ମହାନ୍ତିଙ୍କ ପୁଅ ଅନନ୍ତ ଶିଶୁଅନନ୍ତ ହେବା ପଛରେ ବି କେତେକ ରୋଚକ କାହାଣୀ ରହିଛି। ଏକଦା ପୁରାଣ ପଣ୍ଡା ଜଗନ୍ନାଥ ଦାସଙ୍କ ବିରୋଧରେ ରାଜାଙ୍କ ପାଖରେ ଅଭିଯୋଗ ହେଲା ଯେ, ସିଏ ପୁରାଣ ଶୁଣାଇବା ନାଁରେ ନାରୀମାନଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ କରୁଛନ୍ତି। ରାଜାଙ୍କ ଡାକରାରେ ରାଜସଭାରେ ଉପସ୍ଥିତ ହେଲେ ଜଗନ୍ନାଥ ଦାସ। ଭରା ରାଜସଭାରେ ନିଜେ ଜଣେ ନାରୀ ବୋଲି ଘୋଷଣା କଲେ। ଏଥିପାଇଁ ଉପସ୍ଥିତ ପଣ୍ଡିତମାନେ ବିଦ୍ରୂପକଲେ। ନିଜେ ରାଜା ପରୀକ୍ଷା କରି ଦେଖିଲେ ତାଙ୍କ ସ୍ତନରୁ ଅବିଶ୍ରାନ୍ତ କ୍ଷୀର ସ୍ରବୁଥିଲା। ଏହାଦେଖି ସମସ୍ତେ ସ୍ତବ୍ଧ ହୋଇଗଲେ। ଜଗନ୍ନାଥ ଦାସ ରାଜାଙ୍କୁ ସତର୍କ କରାଇଦେଲେ ଯେ, ଯଦି କୌଣସି ଶିଶୁ ମନୋଭାବାପନ୍ନ ବ୍ୟକ୍ତି ଅବିଳମ୍ବେ ଆସି ତାଙ୍କଠାରୁ ସ୍ତନ୍ୟପାନ ନ କରନ୍ତି ବା ସେ ଦୁଗ୍ଧ ଭୂପତିତ ହୁଏ, ତେବେ ରାଜା ଓ ଦେଶର ଅଶେଷ କ୍ଷତି ଘଟିବ। କିଂକର୍ତ୍ତବ୍ୟବିମୂଢ଼ ରାଜା ବ୍ରାହ୍ମଣ ପଣ୍ଡିତଙ୍କ ଆଡ଼କୁ ଦୃଷ୍ଟିପକାନ୍ତେ ସେମାନେ ଅସହାୟଭାବେ ମସ୍ତକ ଅବନତ କରି ନୀରବ ରହିଲେ। ଏତିକିବେଳେ ଅନନ୍ତ ନାମକ ବ୍ୟକ୍ତି ପହଞ୍ଚି ବିକାରଶୂନ୍ୟ ଶିଶୁ ଭାବେ ସ୍ତନ୍ୟପାନ କରିଥିଲେ। ସେହିଦିନଠାରୁ ଶିଶୁଅନନ୍ତ ଭାବେ ପରିଚିତ ହେଲେ।



ଏହା ବ୍ୟତୀତ ଶିଶୁଅନନ୍ତଙ୍କ ଜନ୍ମସ୍ଥାନ ବାଲିପାଟଣାରେ ଶ୍ରୀମନ୍ଦିରରୁ ଶ୍ରୀମୂର୍ତ୍ତିଦେବ ଆସି ଗଜପତି ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଓ ନବକଳେବର ସମୟରେ ଦାରୁର ଅବଶିଷ୍ଟାଂଶରେ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରେ ମୂର୍ତ୍ତି ନିର୍ମାଣ କଥା ଏକ ଐତିହାସିକ ବିତର୍କ ନିଶ୍ଚୟ। ଜନଶ୍ରୁତିରୁ ଜଣାଯାଏ ଯେ, ପଞ୍ଚସଖାଙ୍କ ମଧ୍ୟରୁ ପ୍ରତ୍ୟେକେ ନିଜ ନିଜର ଅସାଧାରଣ ଆଧ୍ୟାତ୍ମିକ ପ୍ରଭାବରେ ବର୍ଷର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଦିବସରେ ଜଗନ୍ନାଥଙ୍କଠାରୁ ମହାପ୍ରସାଦ ଅଧିକାର ପାଇଥିଲେ। ବର୍ତ୍ତମାନ ସେଇ ସ୍ମୃତିକୁ ପାଥେୟ କରି ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀରେ ବାଲିପାଟଣା ଶିଶୁମଠ ଗାଦିରେ ଶିଶୁଅନନ୍ତ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୃଷ୍ଠପୋଷକତାରେ ଏହି ଜନ୍ମତିଥି ପ୍ରତିବର୍ଷ ପାଳନ କରାଯାଉଛି। ମାତ୍ର ଦୁଃଖର ବିଷୟ, ଏ ପର୍ଯ୍ୟନ୍ତ ଶିଶୁଅନନ୍ତ ଦାସଙ୍କ ସାଧନା ଓ ସାହିତ୍ୟର ପ୍ରଚାର ପ୍ରସାର ତଥାପି ହୋଇ ପାରିନାହିଁ। ଏଥିପାଇଁ ଗବେଷଣା ଲକ୍ଷ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା ଓ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଅନେକ ଅନୁଦ୍‌ଘାଟିତ ରହସ୍ୟ ଓ ଅନୁତ୍ତରିତ ପ୍ରଶ୍ନର ଉତ୍ତର ମିଳିପାରନ୍ତା।

**ସରାଟଶାସନ, ବାଲିପାଟଣା, ଖୋର୍ଦ୍ଧା**
**ମୋ: ୮୯୧୭୬୨୪୩୮୬**

## ଏଇ ଭାରତରେ

ଛାତ ଉପରେ ଜୈବିକ ଚାଷ କରି ମାସକୁ ହାରାହାରି ୬୦ ହଜାର ଟଙ୍କା ରୋଜଗାର କରୁଥିବା ମହିଳାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। ହେଲେ ଏହା ସତ। କେରଳର କୋଟାୟମ ନିବାସୀ ରେମା ଦେବୀଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ରେମା ନବେ ଦଶକରୁ ଜୈବିକ ପରିବା ଚାଷ ଆରମ୍ଭ କରିଥିଲେ। ସେତେବେଳେ ଅଗଣାରେ ମାତ୍ର ୪ଟି କିସମର ପରିବାଗଛ ଲଗାଇଥିଲେ। ନିଜ ପିଲାମାନଙ୍କୁ ଜୈବିକ ଖାଦ୍ୟ ଦେବା ଲକ୍ଷ୍ୟରେ ସେ ଏହା କରିଥିଲେ। ପରେ ଏହି ଚାଷକୁ ଛାତ ଉପରକୁ ସ୍ଥାନାନ୍ତର କରି ଏବେ ସେଥିରୁ ମାସକୁ ୬୦ ହଜାର ଟଙ୍କା ରୋଜଗାର କରିବା ଅନ୍ୟମାନଙ୍କୁ ଏଭଳି ଚାଷ କରିବା ଲାଗି ପ୍ରେରିତ କରିଛି। ସେ କେବଳ ପରିବା ବିକ୍ରି କରି ଟଙ୍କା ରୋଜଗାର କରୁନାହାନ୍ତି ବରଂ ଚାଷରୁ ମଞ୍ଜି ସଂଗ୍ରହ କରି ସେଥିରୁ ଏହି ପରିମାଣର ଅର୍ଥ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ସେ ସୋସିଆଲ ମିଡିଆ ମାଧ୍ୟମରେ ପ୍ରତି ମଞ୍ଜି ପ୍ୟାକେଟକୁ ୨୫ ଟଙ୍କାରୁ ଆରମ୍ଭ କରି ୪୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ରେମା ନିଜେ ଜୈବିକ ଖତ ପ୍ରସ୍ତୁତ କରି ଏହି ଚାଷରେ ଲଗାଉଛନ୍ତି। ସେ ମଧ୍ୟ ଲୋକମାନଙ୍କ ଘର ଅଗଣା କିମ୍ବା ଛାତ ଉପରେ ଜୈବିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ଆବଶ୍ୟକ ମଞ୍ଜି ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଡିସେମ୍ବର ୧୯୯୭

- ଶ୍ରୀଲଙ୍କାର ଉତ୍ତରାଞ୍ଚଳର ଏକ ମୁଖ୍ୟ ରାଜପଥ ଉପରେ ସୈନ୍ୟବାହିନୀ ଏବଂ ଏଲ୍‌ଟିଟିଇ ବିଦ୍ରୋହୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ପକ୍ଷରୁ ୪୦୦ ମୃତ।
- ମଣିପୁର ଚୁରାଚାନ୍ଦପୁର ଜିଲା ଆନଲଙ୍ଗ ଥାନା ନିକଟରେ ପାର୍ବତ୍ୟ ଉଗ୍ରବାଦୀଙ୍କ ଅତର୍କିତ ଆକ୍ରମଣରେ ୩୦ ଜଣଙ୍କ ମୃତ୍ୟୁ।
- ଜ୍ୟୋତିଷ ପୀଠର ବରିଷ୍ଠ ଶଙ୍କରାଚାର୍ଯ୍ୟ ଶାନ୍ତାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ୯୦ ବର୍ଷ ବୟସରେ ପରଲୋକ।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | 6 | |
| | | | 1 | 5 | 6 | | 2 | |
| | | 2 | | | | | 8 | |
| | | | 2 | | 5 | 7 | 1 | |
| | 1 | | | | | | | |
| | | 3 | | | | | | 5 |
| | 8 | | 7 | | | | | |
| 2 | | | | 8 | 4 | 3 | | |
| | | | 5 | | | | 1 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଥର ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 7 | 4 | 1 | 5 | 9 | 8 | 6 |
| 9 | 1 | 5 | 2 | 6 | 8 | 4 | 3 | 7 |
| 4 | 6 | 8 | 7 | 3 | 9 | 2 | 5 | 1 |
| 8 | 4 | 1 | 6 | 9 | 3 | 7 | 2 | 5 |
| 6 | 5 | 3 | 8 | 7 | 2 | 1 | 9 | 4 |
| 7 | 2 | 9 | 5 | 4 | 1 | 3 | 6 | 8 |
| 5 | 7 | 4 | 9 | 2 | 6 | 8 | 1 | 3 |
| 3 | 9 | 6 | 1 | 8 | 7 | 5 | 4 | 2 |
| 1 | 8 | 2 | 3 | 5 | 4 | 6 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କିରୋସିନ ଲିଟର ୧୨୦ ଟଙ୍କା ହେବା ଯଥାର୍ଥ କି ?

ମହାଶୟ,

କିରୋସିନ ଗୋଟିଏ ଅତ୍ୟାବଶ୍ୟକ ଦ୍ରବ୍ୟ। ଏହା ମୁଖ୍ୟତଃ ତୃଣମୂଳ ସ୍ତରରେ ଥିବା ଗରିବ ଲୋକମାନେ ବ୍ୟବହାର କରନ୍ତି। ମାତ୍ର କିରୋସିନର ଲିଟର ପିଛା ମୂଲ୍ୟ ୧୦୨ ଟଙ୍କା ହୋଇଥିବାରୁ ଲୋକମାନେ ଆଉ କିରୋସିନ କିଣିପାରୁ ନାହାନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହି କିରୋସିନ ବିକ୍ରି ହେଉଛି। ୨୦୧୫ ମସିହା ଅଗଷ୍ଟ ମାସରେ କିରୋସିନ ଲିଟର ସରକାରୀ ଦର ଥିଲା ୧୪ ଟଙ୍କା ୯୬ ପଇସା। ଏବେ ଏହାର ଦର ୧୦୨ ଟଙ୍କା। ଗତ ୭ ବର୍ଷରେ ପାଖାପାଖି ୭ ଗୁଣ ବୃଦ୍ଧି ପାଇଛି। କୌଣସି ଦ୍ରବ୍ୟର ମୂଲ୍ୟ ଏତେ ବଢ଼ି ନାହିଁ। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ, କିରୋସିନ ଲିଟର ୧୦୨ ଟଙ୍କାରେ ବିକ୍ରି ହେବା ଯଥାର୍ଥ କି? ଏହା ଗରିବ କଲ୍ୟାଣ ନା ଗରିବ ମାରଣ!

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ସୁସ୍ମିତା



@ ପବିତ୍ର



@ ସୌମ୍ୟ



@ ମାମିନା



@ ରୋଶନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ଯାତନା ପରେ ନାବାଳିକାଙ୍କୁ ଫିଙ୍ଗିଦେଲେ

- ଚାଇଲ୍ଡଲାଇନ ସହଯୋଗରେ ଉଦ୍ଧାର କଲା ପୋଲିସ
- କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଜାରି, ମାଲିକ ଗିରଫ

**ଭୁବନେଶ୍ୱର,୬।୧୨ (ବ୍ୟୁରୋ):** ନାବାଳିକାଙ୍କୁ ଘରେ ରଖି ଖଟାଉଥିଲେ। ପ୍ରତ୍ୟେକ ଦିନ ତାଙ୍କୁ ଲୁହା ରଡ୍‌ରେ ମାଡ଼ ମାରିବା ସହ ଅକଥନୀୟ ନିର୍ଯାତନା ଦେଉଥିଲେ। ମାଡ଼ରେ ଗୁରୁତର ହେବା ପରେ ମଙ୍ଗଳବାର ଅପରାହ୍ନରେ ୧୧ ବର୍ଷୀୟା ନାବାଳିକାଙ୍କୁ ମାଲିକ ଜଣକ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହିରେ ଫୋପାଡ଼ି ଦେଇ ପଳାଇ ଯାଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ରାଜଧାନୀରେ ଆଲୋଡ଼ନ ସୃଷ୍ଟି ହୋଇଛି। ଖବରପାଇ ଚାଇଲ୍ଡଲାଇନ ସହଯୋଗରେ ପୋଲିସ ଗୁରୁତର ନାବାଳିକାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ନାବାଳିକାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଏକାଧିକ କ୍ଷତ ଚିହ୍ନ ରହିଛି। ତାଙ୍କର ଅଧିକ ଚିକିତ୍ସା କରାଯାଉଥିବା ବେଳେ ଚାଇଲ୍ଡଲାଇନ ପକ୍ଷରୁ ଘଟଣା ସଂକ୍ରାନ୍ତରେ ନୟାପଲ୍ଲୀ ଥାନାରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା (ନଂ.୭୫୨/୨୦୨୨) ରୁଜୁ କରି ଅଭିଯୁକ୍ତ ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ କାଇମାଟିଆରେ ରହୁଥିବା ବିଭୂତି ପଟ୍ଟନାୟକ। ଅଭିଯୁକ୍ତ ବିଭୂତିଙ୍କୁ ପୋଲିସ ପଚରାଉଚରା କରୁଛି। ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଗିରଫ ଅଭିଯୁକ୍ତ ବିଭୂତିଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ। ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଆଗକୁ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ତେବେ ଏହି ଘଟଣା ସଂକ୍ରାନ୍ତରେ ସିଡବ୍ଲ୍ୟୁସି ଓ ଭୁବନେଶ୍ୱର ଡିସିପିଙ୍କୁ ଜଣାଯାଇଥିବା ଚାଇଲ୍ଡଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି। ସୂଚନା ଅନୁଯାୟୀ, ସାଲିଆସାହିରେ ନାବାଳିକାଙ୍କ ମା’ ରହୁଛନ୍ତି। ତାଙ୍କ ବାପା ପରିବାରକୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ପରିବାରରେ ୪ଟି ଝିଅ ଓ ଗୋଟିଏ ଦେଢ଼ବର୍ଷର ପୁଅ। ନିର୍ଯାତନାର ଶିକାର ହୋଇଥିବା ନାବାଳିକା ଜଣକ ତାଙ୍କର ତୃତୀୟ ଝିଅ। ପରିବାରରେ ଆର୍ଥିକ ଅନଟନ ଲାଗି ରହିଥିବାରୁ ନାବାଳିକା ଜଣକ ଅଧାରୁ ପାଠପଢ଼ା ଛାଡ଼ି ଦେଇଥିଲେ। ୩ ମାସ ହେଲା ଜଣେ ମଧ୍ୟସ୍ଥ ତାଙ୍କୁ ନେଇ ସମ୍ପୃକ୍ତ ମାଲିକଙ୍କ ଘରେ ଛାଡ଼ି ଦେଇଥିଲେ। ପ୍ରତି ମାସରେ ନାବାଳିକାଙ୍କ ଘରକୁ ୧ ହଜାର ଟଙ୍କା ଆସୁଥିବା ସୂଚନା ମିଳିଛି।

## ଟ୍ୟାଙ୍କର ଧକ୍କାରେ ଯୁବକ ମୃତ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ଜାତୀୟ ରାଜପଥରେ ମଙ୍ଗଳବାର ରାତି ପ୍ରାୟ ୯ଟା ୩୦ ରେ ଏକ ଦୁର୍ଘଟଣା ଘଟିଛି। ତେଲ ଟ୍ୟାଙ୍କର ଧକ୍କାରେ ରାସ୍ତା କଡ଼ରେ ଠିଆ ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ସହ ଥିବା ଅନ୍ୟ ଜଣେ ଯୁବକ ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ଡୁମୁଡୁମା ଅଞ୍ଚଳର ସେକ୍ ମହମ୍ମଦ। ମୃତଦେହ ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଆହତ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ୟାଙ୍କରଟି କଟକ ଅଭିମୁଖେ ପଳାଇ ଯାଉଥିଲା ବେଳେ ପୋଲିସ ପିଛାକରି ତେଲଙ୍ଗାପେଣ୍ଠ ନିକଟରେ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ସ୍ଥିତି ସମ୍ଭାଳିଥିଲା।

**ଘଟଣାସ୍ଥଳରେ ଉତ୍ତେଜନା**

## ୮ରେ ଏଡୁ-ଇନ୍‌ଭେଷ୍ଟ ପାଇଁ ବୈଠକ

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** ରାଜ୍ୟରେ ଏଡୁ-ଇନ୍‌ଭେଷ୍ଟ ପାଇଁ ଆସନ୍ତା ୮ ତାରିଖରେ ଉଚ୍ଚଶିକ୍ଷା ବିଭାଗର ଏକ ବୈଠକ ଅନୁଷ୍ଠିତ ହେବ। ବିଭାଗୀୟ ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ଅଷ୍ଟ୍ରେଲିଆର ନଟିଂହାମ୍ ଟ୍ରେଣ୍ଟ ୟୁନିଭର୍ସିଟି (ଏନ୍‌ଟିୟୁ) ଗ୍ଲୋବାଲର ନିର୍ଦ୍ଦେଶକ ଉପସ୍ଥିତ ରହିବେ। ଓଡ଼ିଶାରେ ହେବାକୁ ଥିବା ଏଡୁ-ଇନ୍‌ଭେଷ୍ଟରେ ଏନ୍‌ଟିୟୁ ପାର୍ଟନର ହେବ କି ନାହିଁ ତାହା ଆଲୋଚନା କରାଯିବ। ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏବଂ ମଧୁସୂଦନ ଲ’ ୟୁନିଭର୍ସିଟିର କୁଳପତି ଯୋଗଦେବେ। ଏଥିପାଇଁ ଉକ୍ତ ୪ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ବୀରେନ୍ଦ୍ର କୋରକୋରା ଚିଠି ଲେଖିଛନ୍ତି।




# ନନ୍ଦନକାନନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ବାରଙ୍ଗ,୬।୧୨(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ପରିଦର୍ଶନରେ ଆସିଥିଲେ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମନ୍ତ୍ରୀ ନନ୍ଦନକାନନରେ ଅଧିକାରୀଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ପରେ ବଟାନିକାଲ ଗାର୍ଡେନର କିଆଖଣି ହ୍ରଦ ପୁନରୁଦ୍ଧାର ପାଇଁ ସମୀକ୍ଷା କରିଥିଲେ। ଗାର୍ଡେନକୁ ସଂଯୋଗ କରୁଥିବା ରାସ୍ତା କାମ ଦେଖିଥିଲେ। ନନ୍ଦନକାନନର ବିହଙ୍ଗ ସରଣୀ, କୋକିଶିଆଳି, ଭାଲୁ ପରେ କଲରାପତରିଆ ବାଘ ଦେଖିଥିଲେ। ସେଠାରୁ ଡାକ୍ତରଖାନାକୁ ଆସି ପ୍ରାଣୀଙ୍କ ଚିକିତ୍ସା ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ନନ୍ଦନକାନନ ଓ ଅଭୟାରଣ୍ୟ ଚନ୍ଦକାକୁ ନେଇ ହେବାକୁ ଥିବା ଫରେଷ୍ଟ ଏକାଡେମୀ ହବ୍ ନିମନ୍ତେ ଚନ୍ଦକା ଏସ୍‌ଓଜି ପାଖରେ ହେଉଥିବା କାମ ଦେଖିଥିଲେ। ଚୁଡଙ୍ଗରେ ହେବାକୁ ଥିବା ନାଇଟ୍ ସଫାରୀ ଓ ପକ୍ଷୀବିହାର ପାଇଁ ବନ୍ଦ ରହିଥିବା ପ୍ରାଚୀର କାମ ଶୀଘ୍ର ସାରିବାକୁ ଅଧିକାରୀଙ୍କୁ କହିଥିଲେ। ଡିସେମ୍ବର ୨୯ରେ ନନ୍ଦନକାନନ ପ୍ରତିଷ୍ଠା ଦିବସ ପାଳନ ହେବାକୁ ଯାଉଛି। ଏବର୍ଷ ଶିଶୁଉଦ୍ୟାନକୁ ଭେଟି ଦେବାକୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଏହା ମଧ୍ୟରେ ସିସିଏଫ୍ ୩ଥର ଓ ନିର୍ଦ୍ଦେଶକ ୨ଥର ନନ୍ଦନକାନନ ଆସି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ମନ୍ତ୍ରୀ ଜଙ୍ଗଲ ବିଭାଗ ଦାୟିତ୍ୱ ନେବା ପରେ ପ୍ରଥମ କରି ନନ୍ଦନକାନନକୁ ଆସିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ପିସିସିଏଫ୍ ଶଶୀ ପଲ୍, ନିର୍ଦ୍ଦେଶକ ମନୋଜ .ଭି. ନାୟାର, ଉପନିର୍ଦ୍ଦେଶକ ସଞ୍ଜିତ କୁମାରଙ୍କ ସହ ପଦାଧିକାରୀମାନେ ଉପସ୍ଥିତ ଥିଲେ। ନନ୍ଦନକାନନର ପରିସୀମା ଅଢେଇ ହଜାର ଏକରକୁ ପରିବର୍ଦ୍ଧିତ ହେବ। ଦେଶର ୩ଟି ସବୁଠାରୁ ବଡ଼ ଚିଡିଆଖାନା ମଧ୍ୟରେ ନନ୍ଦନକାନନ ସ୍ଥାନ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡିଆଖାନା କରିବାକୁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି।



ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ନନ୍ଦନକାନନ ବୁଲି ଦେଖୁଛନ୍ତି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ ଓ ସହାୟତା ଦାବି, ଶ୍ରମ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଜୟ ଓଡ଼ିଶା ପକ୍ଷରୁ ଭ୍ୟାନ ଉଦ୍‌ଘାଟିତ, ସତ୍ୟନଗର କ୍ରେମାଟୋରିୟମ୍, ପୂର୍ବାହ୍ନ ୧୧ଟା ୪୫।
- ମଧୁଲିତାର ୧୬ତମ ବାର୍ଷିକୋତ୍ସବ, ଗୀତଗୋବିନ୍ଦ ଭବନ, ସନ୍ଧ୍ୟା ୬ଟା୧୫।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମବାର୍ଷିକୀ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ ଦେଶାତ୍ମବୋଧକ ଗୀତର ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ୪ ସ୍ଥାନରୁ ଜବରଦଖଲ ଉଚ୍ଛେଦ



ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଡୁମୁଡୁମାସ୍ଥିତ ହାଉସିଂ ବୋର୍ଡ କଲୋନୀରେ ବେଆଇନ୍ ଘରକୁ ଉଚ୍ଛେଦ କରାଯାଉଛି।

- ଫାଷ୍ଟଫୁଡ୍ ଦୋକାନୀଙ୍କୁ ୫ ହଜାର ଟଙ୍କା ଜରିମାନା
- ୩ ଭେଣ୍ଡିଂ ଜୋନ, ଗୋଟିଏ ଓମ୍‌ଫେଡ୍ ବୁଥ୍ ସିଲ୍

**ଭୁବନେଶ୍ୱର, ୬।୧୨ (ବ୍ୟୁରୋ)**

ରାଜଧାନୀରେ ଜୋର୍‌ଦାର ସୌନ୍ଦର୍ଯ୍ୟକରଣ କାମ ଚାଲୁ ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ମଧ୍ୟ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ୪ଟି ସ୍ଥାନରେ ଉଚ୍ଛେଦ କରାଯାଇଥିଲା। ପ୍ରଥମ ଉଚ୍ଛେଦରେ ସ୍କ୍ୱାଡ୍ ନମ୍ବର ୧୩, ୧୪, ୧୫ ଓ ୧୬ ସାମିଲ ହୋଇଥିଲେ। ଏହି କ୍ରମରେ ଡୁମୁଡୁମାସ୍ଥିତ ହାଉସିଂ ବୋର୍ଡ କଲୋନୀର ଫେଜ୍-୩ରୁ ପୋଲିସ ଉପସ୍ଥିତିରେ ଜବରଦଖଲ ହଟାଯାଇଥିଲା। ଏଥିରେ ୫ଟି ଆଜବେଷ୍ଟସ ଘର, ଗୋଟିଏ ଟିଣ ଘର, ଦୁଇଟି ଲୁହାଗେଟ, ୮ଟି ବାଉଁଶ ନିର୍ମିତ ଘର, ୨ଟି କ୍ୟାବିନ ଏବଂ ୩୦୦ ଫୁଟର ପାଚେରି ଭଙ୍ଗାଯାଇଥିଲା। ସେହିପରି ଦ୍ୱିତୀୟ ଉଚ୍ଛେଦ ବାଣୀବିହାର ଛକରୁ ଆଚାର୍ଯ୍ୟ ବିହାର ଛକ ପର୍ଯ୍ୟନ୍ତ ହୋଇଥିଲା। ୯, ୧୦, ୧୧ ଓ ୧୨ ନଂ. ସ୍କ୍ୱାଡ ପକ୍ଷରୁ ୫୦ ମିଟରର ଲୁହାଜାଲି, ୫ଟି ଛାତ ଘର, ୩ଟି ବିଜ୍ଞାପନ ବୋର୍ଡ ହଟାଯାଇଥିଲା। ଅପରପକ୍ଷେ ମହାରାଜା ସିନେମା ହଲ ନିକଟରେ ଥିବା ଭେଣ୍ଡିଂ ଜୋନ୍‌ର ବ୍ୟବସାୟୀମାନେ ସମୟ ମାଗିବା ସହିତ ଲିଖିତ ପ୍ରତିଶ୍ରୁତି ଦେଇଥିବାରୁ ଏହାକୁ ଭଙ୍ଗାଯାଇ ନ ଥିଲା। ପ୍ରେସ୍ ଛକରୁ ଏମ୍‌ସିଏଲ ରୋଡ ଏବଂ କିଟ୍ ଛକରେ ଉଚ୍ଛେଦ ହୋଇଥିଲା। ଜବରଦଖଲକାରୀଙ୍କ ବିରୋଧ ସତ୍ତ୍ୱେ ସ୍କ୍ୱାଡ୍ ନମ୍ବର ୫, ୬, ୭ ଓ ୮ ଉଚ୍ଛେଦ କାର୍ଯ୍ୟ ଜାରି ରଖିଥିଲେ। ଏହି କ୍ରମରେ ଗୋଟିଏ ଆଜବେଷ୍ଟସ ଘର, ୮ଟି ଟିଣ ଦୋକାନ, ୫ଟି କ୍ୟାବିନ, ଗୋଟିଏ ସିମେଣ୍ଟ ପିଣ୍ଡି ଓ ୨୦ ଫୁଟ ଲମ୍ବର ପାଚେରିକୁ ଭଙ୍ଗାଯାଇଥିଲା। ଏଥିସହ କିଟ୍ ଛକରେ ଥିବା ଗୋଟିଏ ଓମ୍‌ଫେଡ ବୁଥ ଓ ୩ଟି ଭେଣ୍ଡିଂ ଜୋନକୁ ବେଆଇନ ଜବରଦଖଲ ପାଇଁ ସିଲ୍ କରାଯାଇଥିଲା। ଚାନ୍ଦିନି ଫାଷ୍ଟ ଫୁଡ୍ ଦୋକାନରେ ଖରାପ ପରିମଳ ପାଇଁ ସ୍କ୍ୱାଡ ପକ୍ଷରୁ ୫ହଜାର ଟଙ୍କା ଏବଂ ପରିବା ଦୋକାନୀଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଶେଷରେ ଏମ୍ସ ଛକରୁ ଡିଏନ୍ ରେଗାଲିଆ, ଗୋପବନ୍ଧୁ ଛକରୁ ଡେଲଟା ଏବଂ ଇନ୍ଦ୍ରଧନୁ ମାର୍କେଟସ୍ଥିତ ରାସ୍ତା କଡ଼ରେ ହୋଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଥିଲା। ସ୍କ୍ୱାଡ୍ ନମ୍ବର ୧୩, ୧୪, ୧୫ ଓ ୧୬ ଏଥିରେ ସାମିଲ ହୋଇ ୧୧ଟି ଫଳ ଦୋକାନ, ୫ଟି ଦୋକାନ ଓ ୮ଟି ଟିଫିନ ଷ୍ଟଲକୁ ଉଚ୍ଛେଦ କରିଥିଲେ।

# ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଚାମ୍ପିୟନ୍




## ସିବିଏସ୍‌ଇ ପୂର୍ବ ଜୋନ୍ ସନ୍ତରଣ ପ୍ରତିଯୋଗିତା

**ଭୁବନେଶ୍ୱର, ୬।୧୨ (ବ୍ୟୁରୋ)**

ସିବିଏସ୍‌ଇ ପୂର୍ବ ଜୋନ୍ ସନ୍ତରଣ ପ୍ରତିଯୋଗିତାରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ଚାମ୍ପିୟନ୍ ହୋଇଛି। ଛତିଶଗଡ଼ ରାୟପୁର୍‌ର ଏମ୍.ଏମ୍. ସ୍କୁଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଗତ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର ଛାତ୍ରୀଛାତ୍ର ୨୬ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ମେଡାଲ୍ ସହ ଚାମ୍ପିୟନ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବିଭିନ୍ନ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ ହେଲେ ନୟନତାରା କାର୍ତ୍ତିକେୟନ୍, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ପ୍ରାଚୀ ଭରଦ୍ୱାଜ ପାଢ଼ୀ, ଆକାଂକ୍ଷା ନାୟକ, ସୂର୍ଯ୍ୟାଂଶ ମହାପାତ୍ର, ବୈଭମ ସୁମନ, ମନତା ମିଶ୍ର, ୟଜତ୍ ଗୁପ୍ତା ଏବଂ ଆୟୁଷ ଆର୍ଯ୍ୟମାନ୍ ବଡୁ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏହି ସନ୍ତରଣ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏଭଳି କୃତିତ୍ୱ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

## ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କଲା ପାଚିକା ସହାୟିକା ସଂଘ

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରାଯାଇଛି। ସଂଘର ସଭାପତି ଦେବାଶିଷ ଘୋଷଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ପାଚିକା ଓ ସହାୟିକାମାନଙ୍କର ବକେୟା ୨୮ ମାସର ପ୍ରାପ୍ୟ, ଶାଢ଼ି, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି, ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା ଦେବା ଆଦି ବିଭିନ୍ନ ଦାବି ଉପରେ ମନ୍ତ୍ରୀ ଗୁରୁତ୍ୱର ସହ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅନ୍ୟାନ୍ୟ ଦାବି ଉପରେ ପରବର୍ତ୍ତୀ ସମୟରେ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ପ୍ରତିନିଧି ମଣ୍ଡଳୀରେ ଉପଦେଷ୍ଟା ସୁର ଜେନା, ଏଆଇଟିୟୁସି ସମ୍ପାଦକ ଜୟନ୍ତ ଦାସ, ସଂଘର କାର୍ଯ୍ୟକାରୀ ସଭାପତି କମଳ ଷଣ୍ଢ ପ୍ରମୁଖ ସାମିଲ ଥିଲେ।

## ଆମ୍ବୁଲାନ୍ସ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଖୋର୍ଦ୍ଧା ଅଫିସ,୬।୧୨:ଖୋର୍ଦ୍ଧା:** ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ତରତୁଆ ଛକଠାରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଯଦୁପୁରର ପ୍ରହ୍ଲାଦ ନାୟକ ଓରଫ ପିଣ୍ଟୁ। ସୂଚନା ମୁତାବକ, ପିଣ୍ଟୁ ବାଇକରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିଲେ। ତରତୁଆ ଛକରେ ବିପରୀତ ପଟୁ ଆସୁଥିବା ଏକ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା।




ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ମଙ୍ଗଳବାର ଆୟୋଜିତ କେରଳ ଟୁରିଜମ୍ ପାର୍ଟନରଶିପ୍ ମିଟ୍ କାର୍ଯ୍ୟକ୍ରମରେ କେରଳ କଳାକାରଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଷ୍ଟାର ହୋଟେଲରେ ଖାଦ୍ୟ ମାନ ପରଖିଲା ବିଏମ୍‌ସି

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ହକି ବିଶ୍ୱକପ୍ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ଷ୍ଟାର ହୋଟେଲରେ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ଆଇଆର୍‌ସି ଭିଲେଜ୍ ଏବଂ ନୟାପଲ୍ଲୀ ଅଞ୍ଚଳରେ ଥିବା ବିଭିନ୍ନ ଷ୍ଟାର ହୋଟେଲରେ ବିଏମ୍‌ସି ଟିମ୍ ପହଞ୍ଚି ଯାଞ୍ଚ କରିଛି। ରୋଷେଇ ସ୍ଥାନର ସ୍ୱଚ୍ଛତା, ବ୍ୟବହାର କରାଯାଉଥିବା ପାଣିର ବିଶୁଦ୍ଧତା, କୀଟନାଶକ ପ୍ରଣାଳୀ ସମ୍ପର୍କରେ ତର୍ଜମା କରିବା ସହ କର୍ମଚାରୀଙ୍କୁ ଖାଦ୍ୟ ନିରପତ୍ତା ତାଲିମ୍ ପ୍ରଦାନ କରାଯାଉଛି କି ନାହିଁ, ଲାଇସେନ୍ସ ଏବଂ ଅନ୍ୟ ଆବଶ୍ୟକ କାଗଜପତ୍ର ରହିଛି କି ନାହିଁ ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ହକି ବିଶ୍ୱକପ୍ ସମୟରେ ଏଠାକୁ ଦେଶ ଓ ବିଦେଶର ଦର୍ଶକଙ୍କ ଆଗମନ ହେବ। ତେଣୁ କୌଣସି ବ୍ୟବସାୟୀ ଯେପରି ଲାଭଖୋର୍ ମନୋଭାବ ରଖି ନିମ୍ନମାନର ଖାଦ୍ୟ ବିକ୍ରି ନ କରନ୍ତି, ସେଥିପ୍ରତି ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ କିଛି ଦିନ ଧରି ଲଗାତାର ଭାବେ ଛୋଟବଡ଼ ହୋଟେଲ, ରେଷ୍ଟୁରାଣ୍ଟ ଓ ଷ୍ଟ୍ରିଟ୍ ଫୁଡ୍ ଷ୍ଟଲରେ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଅସ୍ୱାସ୍ଥ୍ୟକର ଖାଦ୍ୟ ଦେଉଥିବା ଅସାଧୁ ବ୍ୟବସାୟୀଙ୍କୁ ତାଗିଦା କରାଯିବା ସହ ଆବଶ୍ୟକସ୍ଥଳେ ଜରିମାନା ଆଦାୟ କରାଯାଉଛି। ସେହିପରି ସ୍ୱଚ୍ଛତା ରକ୍ଷା କରୁ ନ ଥିବା ବ୍ୟବସାୟୀଙ୍କ ହୋଟେଲକୁ ସିଲ୍ ମଧ୍ୟ କରାଯାଉଛି।

# ୨ ଦଫା ଦାବି ନେଇ ରାଜ୍ୟପାଳଙ୍କୁ ଭେଟିଲା ଶିକ୍ଷକ ସଂଘ

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହିତ ଶିକ୍ଷକ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଦୁଇଦଫା ଦାବି ନେଇ ନୂତନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ଚୁକ୍ତିଭିତ୍ତିରେ ନିଯୁକ୍ତ ପାଇ ୬ବର୍ଷ ପରେ ନିୟମିତ ହୋଇଥିବା ଶିକ୍ଷକଙ୍କୁ ୬ବର୍ଷ ଚୁକ୍ତି ଅବଧିକୁ ୬ଟି ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଯୋଗ କରିବା ଏବଂ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ଯଥାଶୀଘ୍ର ନିୟମିତ କରିବା ଦାବି ରହିଛି। ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ୍ ବିଶ୍ୱାଳ ଏବଂ ଖୋର୍ଦ୍ଧା ଜିଲା ସଂଘ ସମ୍ପାଦକ ପ୍ରବୀର ମୋହନ ପଣ୍ଡା ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରିଥିଲେ। ରାଜ୍ୟପାଳ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ପୂର୍ବରୁ ମଧ୍ୟ ସଂଘ ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା ଏବଂ ଡିସେମ୍ବର ୧୦ ସୁଦ୍ଧା ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିଥିଲା। ଯଦି ସରକାର ଆସନ୍ତା ୧୦ ତାରିଖ ମଧ୍ୟରେ ଏହି ଦାବି ପୂରଣ ନ କରନ୍ତି, ତେବେ ୧୨ ତାରିଖଠାରୁ ମହା ଆନ୍ଦୋଳନ ହେବ ବୋଲି ସଂଘର ସଭାପତି ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଜାତୀୟସ୍ତରୀୟ ଭେଟେରିନାରି ବିଜ୍ଞାନ କଂଗ୍ରେସ ସମ୍ମିଳନୀ

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସ୍ୱାମୀନାଥନ ହଲରେ ମଙ୍ଗଳବାରଠାରୁ ଭାରତୀୟ ଭେଟେରିନାରି ପାରାସାଇଟୋଲୋଜି ଆସୋସିଏଶନ ଏବଂ ଭେଟେରିନାରି କଲେଜ ପାରାସାଇଟୋଲାଜି ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ଭେଟେରିନାରି ବିଜ୍ଞାନ କଂଗ୍ରେସ ସମ୍ମିଳନୀ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଉଦଘାଟନୀ ଉତ୍ସବରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀସ୍ଥିତ ଶ୍ରୀବାଲାଜୀ ବିଦ୍ୟାପୀଠର ଭାଇସ ଚାନ୍‌ସେଲର ପ୍ରଫେସର ସୁଭାଷ ଚନ୍ଦ୍ର ପରିଜା ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଜାତୀୟ ଭେଟେରେନାରି ବିଜ୍ଞାନ ସଭାପତି ଡ. ଡି.ଭି. ଆର୍. ପ୍ରକାଶ ରାଓ, ଭୁବନେଶ୍ୱରସ୍ଥିତ ଭାରତୀୟ ମେଡିକାଲ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଏବଂ କୌଶଲ୍ୟାଗଙ୍ଗସ୍ଥିତ ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଭପ୍ରଦ ପ୍ରାଣୀସମ୍ପଦ ପାଳନରେ ଅନୁକୂଳ ପରିବେଶ ସୃଷ୍ଟି କରି ଜୀବିକା ନିର୍ବାହ ପାଇଁ ପଶୁ ସ୍ୱାସ୍ଥ୍ୟ ସହିତ ପଶୁ ଉପାଦାନରେ ପରଜୀବୀମାନଙ୍କ ପ୍ରବନ୍ଧନ ଶୀର୍ଷକରେ ଆଲୋଚନା କରାଯାଇଥିଲା। ପ୍ରଫେସର ସୁସେନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ବିଜୟେନ୍ଦ୍ରନାଥ ମହାନ୍ତି ଅଧିବେଶନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ପରଜୀବୀ ବିଜ୍ଞାନୀ ଡ. ଦ୍ୱାରିକାନାଥ ମହାନ୍ତି, ପୂର୍ବତନ ପ୍ରଫେସର ଡ. ମିତ୍ରରଞ୍ଜନ ପଣ୍ଡା ଏବଂ ଡ. ସଚ୍ଚିଦାନନ୍ଦ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ମିଳନୀରେ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ନୂଆଦିଲ୍ଲୀସ୍ଥିତ ଏକ ହୋଟେଲଠାରେ କୋଟେଉର୍ସର ପ୍ରତିଷ୍ଠାତା ତଥା ଫ୍ୟାଶନ୍ ଡିଜାଇନର ନିକିତା ନାୟକ ରନ୍‌ୱେ ଫ୍ୟାଶନ ମ୍ୟାନେଜମେଣ୍ଟ ସହାୟତାରେ ନିଜର ଲୁକ୍‌ବୁକ୍ ରିଲିଜ୍ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଡିଜାଇନରମାନେ ଆକର୍ଷଣୀୟ କକ୍‌ଟେଲ୍‌ୱେର କଲେକ୍ସନ ପରିଧାନ କରିଛନ୍ତି।



ଭଞ୍ଜକଳା ମଣ୍ଡପରେ ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ପକ୍ଷରୁ ଆୟୋଜିତ ୭ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ମଙ୍ଗଳବାର ସନ୍ଧ୍ୟାରେ ପରିବେଷିତ ନାଟକ 'ସ୍ୱାମୀ ଭୂମିକାରେ'ର ଏକ ଦୃଶ୍ୟ।




ସୁର୍ ଭାଇବ୍ରେଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଆୟୋଜିତ 'ମାଟିର ମହକରେ ରାଜଧାନୀଥି ନୂଆଖାଇ' ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଜଣେ ମହିଳାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରୁଛନ୍ତି।

## ଆଜି କ'ଣ କେଉଁଠି

**କଣ୍ଟାପଡ଼ା**

- ବ୍ଲକସ୍ତରୀୟ ବିଜ୍ଞାନମେଳା, ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିର, ଲାଲ୍ ବାହାଦୁର ନଗର, ସାଇଲୋ ବଡ଼ବିଲ୍, ସକାଳ ୯ଟା।

## ସଂକ୍ଷେପରେ

### ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଏସ୍‌ଏଚ୍‌ଜି ପୁରସ୍କୃତ

କଟକ ସଦର, ୬ା୧୨(ଡି.ଏନ୍.ଏ.): ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ସମାରୋହରେ କଟକ ସଦର ବ୍ଲକ ଅନ୍ତର୍ଗତ ଝାରକଟା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ମା' ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ପୁରସ୍କୃତ ହୋଇଛି। ସଫଳତା, ଉତ୍ତମ ଗୋଷ୍ଠୀ ପରଙ୍ଗମତା ଉଦ୍ୟୋଗୀ ଭାବେ ଉକ୍ତ ଗୋଷ୍ଠୀକୁ ଏହି ପୁରସ୍କାର ମିଳିଛି। କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ଦିବସରେ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଓ ବିଭାଗୀୟ ଶାସନ ସଚିବ ସୁଜାତା କାର୍ତ୍ତିକେୟନ ଗ୍ରୁପ୍‌ର ସଭାନେତ୍ରୀ ମମତା ରଥଙ୍କୁ ପୁରସ୍କୃତ କରିଥିଲେ। କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଓ ମିଶନ ଶକ୍ତି ସଂଯୋଜକ ଶରତ କୁମାର ରାୟ ଉକ୍ତ ଗୋଷ୍ଠୀର ସମସ୍ତ ସଭ୍ୟାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ୨ ସ୍ଥାନରୁ ଚୋରି

ଚୌଦ୍ୱାର, ୬ା୧୨(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ଅଧୀନ ୧୭ ନଂ. ୱାର୍ଡ କପାଳେଶ୍ୱର ନୂଆସାହିରେ ରହୁଥିବା ରାମ ସାଗର ଯାଦବଙ୍କ ଘରୁ ସୋମବାର ରାତିରେ ବହୁ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ସେ ତାଙ୍କ ପରିବାର ଲୋକଙ୍କ ସହ ନିଜ ଗ୍ରାମ ବିହାର ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶିଥିଲେ। ପରେ ଦୁଇଟି ଆଲମିରା ଲକ୍‌ର ଭାଙ୍ଗିବା ସହିତ ବହୁ ସାମଗ୍ରୀ ଚୋରି କରି ନେଇଥିଲେ। ସେହିପରି ଯାଦବଙ୍କ ପଡ଼ିଶା ସୁଶାନ୍ତ କୁମାର ଲେଙ୍କାଙ୍କ ଘର ସମ୍ମୁଖରେ ଥିବା ଏକ ବାଇକ୍‌କୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଏ ନେଇ ସୁଶାନ୍ତଙ୍କ ସ୍ତ୍ରୀ କବିତାରାଣୀ ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ

କଟକ ଅଫିସ,୬ା୧୨: କଟକସ୍ଥିତ ସୟଦ ସେମିନାରି ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ-୨୦୨୨ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ୍ ଓ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। କଟକ ସଦର ଏବଂ ସିଏମ୍‌ସିର ୮୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ୭ଟି ଥିମ୍‌ରେ ଭାଗ ନେଇଥିଲେ। ପ୍ରତ୍ୟେକ ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସ୍କୁଲ ପ୍ରଧାନ ଶିକ୍ଷକ ଜାବେଦା ବେଗମ୍, ସିଆର୍‌ସିସି ସଙ୍ଗୀତା ଦାସ, ସ୍ୱାଗତିକା ନାୟକ, ସୁଶାନ୍ତ କୁମାର ସାହୁ, ରାଜେଶ ସାହୁ, ନିକୁଞ୍ଜ କୁମାର ସ୍ୱାଇଁ, ପ୍ରଭାତ ଷଡଙ୍ଗୀ, ମୀର୍ ରଫିକ୍ ମହମ୍ମଦ ପ୍ରମୁଖ ଉପସ୍ଥିତଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଟକ ଅଫିସ, ୬ା୧୨: ରାଜ୍ୟରେ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଆକ୍ରମଣ ବଢ଼ି ଚାଲିଛି। ଏ ଦିଗରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅନ୍ୟାନ୍ୟ ଦାବି ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି କଟକ ଜିଲା କମିଟି ପକ୍ଷରୁ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ, ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲ୍ ଦର ନିୟନ୍ତ୍ରଣ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରତ୍ୟେକ ପରିବାରକୁ ମୁଣ୍ଡ ପିଛା ୧୫ କିଲୋ ଚାଉଳ କିମ୍ବା ଗହମ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ବିକ୍ଷୋଭରେ ସଙ୍ଗଠନର ରାଜ୍ୟନେତ୍ରୀ ମିନତି ପାଣିଗ୍ରାହୀ, ଜିଲା ସମ୍ପାଦିକା ବୁଲି ସାହୁ, ମମତା ସାହୁ, ନନ୍ଦିନୀ ନାୟକ, ନନ୍ଦିତା ନାୟକ, ସାରଦା ନାୟକ, ସକୁନ୍ତଳା ନାୟକ, କାମିନି ରାଉଳ ପ୍ରମୁଖ ସାମିଲ ହୋଇଥିଲେ।

# ଡିସେମ୍ବର ସୁଦ୍ଧା ଗୋଶାଳା, ଏମ୍‌ସିସି ଖୋଲିବ

## ବର୍ଜ୍ୟବସ୍ତୁ ପରିଚାଳନା ସମୀକ୍ଷା ବୈଠକ

■ କାର୍ଯ୍ୟକ୍ଷମ ହେଲା ନୟାହାଟ ଏମ୍‌ସିସି

କଟକ ଅଫିସ, ୬ା୧୨: ସହରରେ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଆଗାମୀ ଦିନରେ ମୋଟ ୧୮ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଖୋଲାଯିବ। ଏନେଇ ସିଏମ୍‌ସି ବିଜୁ ଭବନଠାରେ ମଙ୍ଗଳବାର ଏକ ସମୀକ୍ଷା ବୈଠକରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ପୌରୋହିତ୍ୟ କରିଥିଲେ। ସହରରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ଗୁରୁତ୍ୱ ଦିଆଯିବା ସହ ସୁସଙ୍ଗଠିତ ଢଙ୍ଗରେ ଏହାକୁ କାର୍ଯ୍ୟକ୍ଷମ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।




ପ୍ରଥମଥର ପାଇଁ ସିଏମ୍‌ସିର ୫୬, ୫୭, ୫୮ ଓ ୫୯ ନମ୍ବର ୱାର୍ଡର ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଘରକୁ ଘର ଗାଡି ବୁଲି ଆବର୍ଜନା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେଥିପାଇଁ ନିକଟସ୍ଥ ନୟାହାଟଠାରେ ଏକ ଏମ୍‌ସିସି ଖୋଲାଯାଇଛି। ସେଠାରେ ଓଦା ଓ ଶୁଖିଲା ଅଳିଆକୁ ଅଲଗା କରାଯାଇ ମ୍ୟାଟେରିଆଲ ରିକଭରି ଫାସିଲିଟି (ଏମ୍‌ଆର୍‌ଏଫ୍) ଜରିଆରେ ଶୁଖିଲା ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ କାର୍ଯ୍ୟ କରାଯାଇଛି। ଡିସେମ୍ବର ଶେଷ ସୁଦ୍ଧା ନୟାବଜାରସ୍ଥିତ ଗୋଶାଳା ଓ ଯୋବ୍ରାରେ ଆଉ ଦୁଇଟି ଏମ୍‌ସିସି କାର୍ଯ୍ୟକ୍ଷମ କରାଯିବା ପାଇଁ କମିଶନର ନିର୍ଦ୍ଦେଶ ଦେବା ସହ ଏହାର ଭିତ୍ତିଭୂମି ଓ ଯନ୍ତ୍ରପାତି ସ୍ଥାପନ ସଂକ୍ରାନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଯନ୍ତ୍ରୀମାନଙ୍କୁ ତାଗିଦ୍ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଷଣ୍ଢପୁର, ଉତ୍ତମାପୁର, ବକ୍ସିବଜାର ଅଞ୍ଚଳ ପୁରୁଣା କିଲ୍‌ଖାନା ନିକଟରେ ୪ଟି ଏମ୍‌ସିସି ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବୀତା ରାୟଙ୍କ ସମେତ ବିଭାଗୀୟ ଯନ୍ତ୍ରୀ, ପରିମଳ ବିଶେଷଜ୍ଞ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡ୍ରିମ୍ସ ପରିସରରେ ଇଚ୍ଛା ଫୁଡ୍ କୋ.ଉଦ୍‌ଘାଟିତ



କଟକ ଅଫିସ, ୬ା୧୨: କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ପରିସରରେ ନବନିର୍ମିତ ଭୋଜନାଳୟ 'ଇଚ୍ଛା ଫୁଡ୍ କୋ.' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଏବଂ ପଦ୍ମିନୀ କେୟାର ହସ୍ପିଟାଲକୁ ଆସୁଥିବା ରୋଗୀ ଓ ଆତ୍ମୀୟ ସୁବିଧାରେ ଖାଦ୍ୟପାନୀୟ ପାଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପଦ୍ମିନୀ କେୟାର ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ସ୍ୱାତୀ ସ୍ୱାଗତିକା ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



**ଆସୁଛି ବଡ଼ଦିନ:** କଟକ ଚୌଧୁରୀବଜାର ଅଞ୍ଚଳର ଏକ ଦୋକାନ ସମ୍ମୁଖରେ ଗୃହସଜ୍ଜିତ ଉପକରଣଗୁଡିକ ବିକ୍ରି ପାଇଁ ରଖାଯାଉଛି।

# କଟକ ଏସ୍‌ସିବିରେ ହେମାଟୋଲୋଜି ସେମିନାର

କଟକ ଅଫିସ,୬ା୧୨: ଏସ୍‌ସିବି ମେଡିକାଲର ଜେନେରାଲ ମେଡିସିନ ବିଭାଗ ପକ୍ଷରୁ ହେମାଟୋଲୋଜି ସେମିନାର ବିଭାଗର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି କଲେଜର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ପ୍ରସେନ୍‌ଜିତ ମହାନ୍ତି ଏହାକୁ ଉଦ୍‌ଘାଟନ କରି ରକ୍ତରୋଗ ସମ୍ପର୍କରେ ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମେଡିକାଲର ଅଧୀକ୍ଷକ ପ୍ରଫେସର ଲୁସି ଦାସ ଉପସ୍ଥିତ ଥିଲେ। ଏଥିରେ ଦିଲ୍ଲୀ ଏମ୍‌ସ, ଭୁବନେଶ୍ୱର ଏମ୍‌ସରୁ ଆସିଥିବା ବକ୍ତାମାନେ ରକ୍ତରୋଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଭୁବନେଶ୍ୱର ଓ କଟକ ଏସ୍‌ସିବି ମେଡିକାଲ କଲେଜର ବିଭିନ୍ନ ବିଭାଗରୁ ଡାକ୍ତରୀ ପିଜି ଛାତ୍ରୀଛାତ୍ରୀ ଓ ପ୍ରଫେସରମାନେ ଯୋଗଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ, ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ବିଜୟୀ

ମଙ୍ଗୁଳି/ଜଗତ୍‌ପୁର, ୬ା୧୨(ଡି.ଏନ୍.ଏ.) କଟକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ଓ ଚୌଦ୍ୱାର ଆଥ୍‌ଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚୌଦ୍ୱାର ଓଟିଏମ୍ ହାଇସ୍କୁଲ ପଡିଆରେ ଚାଲିଥିବା ଜିଲାସ୍ତରୀୟ ବଚନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ। କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବ ଓ ଚୌଦ୍ୱାରର ୟଙ୍ଗ୍ ମ୍ୟାନ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ୫-୦ଗୋଲରେ ୟଙ୍ଗ୍ ମ୍ୟାନ ସ୍ପୋର୍ଟ୍ସ କ୍ଲବକୁ ହରାଇଛି। ଚୌଦ୍ୱାର ୟୁଥ୍ ଆସୋସିଏଶନ ସାଧାରଣ ସମ୍ପାଦକ ଅଶୋକ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଖେଳାଳୀ ଅରୁଣ କୁମାର ସାମଲ ଯୋଗଦେଇଥିଲେ। ଦୈତାରୀ କାରୁଆ, ମହମ୍ମଦ ସାକଲିମ, ପ୍ରତାପ ମହାନ୍ତି, ଶେଖ୍ ହାୟତ ମ୍ୟାଚ୍ ରେଫରି ଭାବେ କାର୍ଯ୍ୟ ତୁଲାଇଥିଲେ। ଏଥିରେ ମ୍ୟାଚ୍ ପରିଚାଳନା ମୁଖ୍ୟ ଯୁଗଳ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ପକ୍ଷରୁ ଅସୀମ ଡୁମ ୩ଟି ଗୋଲ୍ ଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଦାରଖ କଲେ କମିଶନର

## ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବ ପ୍ରସ୍ତୁତି

କଟକ ଅଫିସ,୬ା୧୨ ବିଶ୍ୱକପ୍-୨୦୨୩ ହକିର ଉଦ୍‌ଘାଟନୀ ଉତ୍ସବ କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଜାନୁୟାରୀରେ ଅନୁଷ୍ଠିତ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଇତିମଧ୍ୟରେ ରିଂବନ୍ଧ ରାସ୍ତାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ମଙ୍ଗଳବାର ଅପରାହ୍ନରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଶିଖରପୁର ନିକଟରୁ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଆବାସ ପର୍ଯ୍ୟନ୍ତ ବୁଲି ଉକ୍ତ କାର୍ଯ୍ୟର ତଦାରଖ କରିଥିଲେ। ନିର୍ମାଣାଧୀନ ଫୁଟ୍‌ପାଥ୍, ଭେଣ୍ଡିଂଜୋନ୍, ପାର୍କିଂସ୍ଥଳ, ଶୌଚାଳୟ ଓ ରାସ୍ତାର ମିଡ୍‌ଭର୍ସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ରାସ୍ତା ପାର୍ଶ୍ୱ ବିଦ୍ୟୁତ୍‌କରଣ କାର୍ଯ୍ୟ, ହାଇମାଷ୍ଟ ଲାଇଟ୍, ହକି ଟିମ୍ ସମ୍ପର୍କିତ ପେଣ୍ଟିଂ, ଆଗନ୍ତୁକ ବସିବା ପାଇଁ ଚୌକି ସହ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଠିକ୍ ସମୟରେ ଶେଷ କରିବାକୁ କମିଶନର ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ହକି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶିଖରପୁର ଗୁରୁଦ୍ୱାର ନିକଟରୁ ବିଡାନାସୀ ପର୍ଯ୍ୟନ୍ତ ଓ ଗଡ଼ଗଡିଆ ଘାଟ ନିକଟରୁ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ ଅନ୍ତର୍ଭୁକ୍ତ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଖେଳାଳୀ, ଦର୍ଶକଙ୍କ ସମେତ ବହୁ ସେଲିବ୍ରିଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତଦାରଖ କାର୍ଯ୍ୟକ୍ରମରେ ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ନନ୍ଦକିଶୋର ପାଲ, ଡି. ଆର୍. ତ୍ରିପାଠୀ, ବୀରେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ଜେଇ, କର୍ପୋରେଟର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲୁଟ୍ ଘଟଣା: ୩ ଗିରଫ

ଚୌଦ୍ୱାର, ୬ା୧୨(ଡି.ଏନ୍.ଏ.): ଟ୍ରକ ଚାଳକଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ପାଇକରାପୁର ଗ୍ରାମର ରାକେଶ କୁମାର ସ୍ୱାଇଁ, ରାଜେଶ କୁମାର ସ୍ୱାଇଁ ଓ ପ୍ରକାଶ ସ୍ୱାଇଁ। ରବିବାର ରାତିରେ ଖୁଣ୍ଟୁଣୀ ଅଞ୍ଚଳର ଚାଳକ କୃଷ୍ଣଚନ୍ଦ୍ର ସାହୁ ଖୁଣ୍ଟୁଣୀରୁ ମାଲ୍ ଲୋଡ୍ କରି କଟକ ଯାଉଥିଲେ। ପାଇକରାପୁର ନିକଟ ରାସ୍ତା ପାର୍ଶ୍ୱରେ ଟ୍ରକ୍ ଛିଡ଼ା କରିଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିବା ସହିତ ୨ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

# ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ



କଟକ ଅଫିସ, ୬ା୧୨: ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ କଟକ ବକ୍ସିବଜାରଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଡିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ହାଡ଼ିବନ୍ଧୁ ବେହେରା, ଭାସ୍କର ଭୋଳ, ଚଗଲା ବେହେରା, ଦୁର୍ଗା ପ୍ରସାଦ ଛାଟୋଇ ପ୍ରମୁଖ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ହୁଣ୍ଡି ଭାଙ୍ଗି ନେଇଗଲେ ଟଙ୍କା, ଅଳଙ୍କାର

## ପୁରୁଷୋତ୍ତମଜୀଉ ମନ୍ଦିରରୁ ଚୋରି



କଟକ ଅଫିସ,୬ା୧୨: ଖାନ୍‌ନଗରସ୍ଥିତ ପୁରୁଷୋତ୍ତମଜୀଉ ମନ୍ଦିରରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟଦ୍ୱାରର ତାଲା ତାଡି ଭିତରେ ପଶିବା ସହ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର, ହୁଣ୍ଡିରେ ଥିବା ଦାନ ଅର୍ଥ ସମେତ ଅନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ମଙ୍ଗଳବାର ଭୋର୍‌ରୁ ମନ୍ଦିର ପୂଜକମାନେ ପହଡ଼ ଫିଟାଇବାକୁ ଆସି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପୂଜକଙ୍କଠାରୁ ଚୋରି ବିଷୟରେ ଜାଣିବା ପରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ପହଞ୍ଚିଥିଲେ। କମିଟି ସମ୍ପାଦକ ସନ୍ତୋଷ ବିଶ୍ୱାଳ ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏପରି କି ମନ୍ଦିର ପରିସରରେ ଥିବା ଭୋଗ ଦୋକାନରୁ ୮୦୦ ଟଙ୍କା ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୭୦/୨୨) ରୁଜୁ ହୋଇଛି। ମନ୍ଦିର ପରିସରରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ନାହିଁ। ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ନରସିଂହ ମହାପାତ୍ରଙ୍କ ସୂଚନା ଅନୁସାରେ ବର୍ଷକୁ ଥରେ ମନ୍ଦିରର ହୁଣ୍ଡି ଖୋଲାଯାଇଥାଏ। ହୁଣ୍ଡିରୁ ପାଖପାଖି ୧୦ ହଜାର ଟଙ୍କା ବର୍ଷକୁ ଆୟ ହୋଇଥାଏ। ୬ ମାସ ତଳେ ହୁଣ୍ଡି ଖୋଲାଯାଇଥିଲା। ଏହାବାଦ୍ ସୁରକ୍ଷା ଦୃଷ୍ଟିକୋଣରୁ ଠାକୁରଙ୍କ ଅଳଙ୍କାରଗୁଡ଼ିକ ମଧ୍ୟ ଉକ୍ତ ହୁଣ୍ଡିରେ ରଖାଯାଇଥିଲା।

# 'ସାଲିସ୍‌ବିହୀନ ସାମ୍ବାଦିକତା କରୁଥିଲେ ରାଧାନାଥ'

## ରାଧାନାଥ ରଥଙ୍କ ଜୟନ୍ତୀ

କଟକ ଅଫିସ,୬ା୧୨: ପଦ୍ମଭୂଷଣ ଡ. ରାଧାନାଥ ରଥ ଜଣେ ନୀତିନିଷ୍ଠ, ସାଧୁ, ସଚ୍ଚୋଟ ତଥା ନିର୍ଭୀକ ବ୍ୟକ୍ତି ଥିଲେ। ସେ ଖବରକାଗଜ ସମ୍ପାଦନାଠାରୁ ଆରମ୍ଭ କରି ରାଜନୀତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଛାପ ଛାଡିଯାଇଛନ୍ତି। ସେ ସାଲିସବିହୀନ ସାମ୍ବାଦିକତା କରୁଥିଲେ ବୋଲି କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଆୟୋଜିତ ରାଧାନାଥଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ମତବ୍ୟକ୍ତ କରିଛନ୍ତି। ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା କହିଥିଲେ, ରାଧାନାଥ ବାବୁ ସେବା, ତ୍ୟାଗ ଓ ଉଦାରତା ପାଇଁ ଚିର ସ୍ମରଣୀୟ ହୋଇରହିବେ। ଆଇନଜୀବୀ ମୃଣାଳିନୀ ପାଢ଼ୀ କହିଥିଲେ, ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଓ ରାଜନୀତିର ପ୍ରତୀକ ଥିଲେ ରାଧାନାଥ। ଏହି ଅବସରରେ



ଶ୍ରୀରାମଚନ୍ଦ୍ର ଭବନରେ ରାଧାନାଥ ରଥଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଜନସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀ ସଂଗଠନ 'ସଖା'କୁ ରାଧାନାଥ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା କବିତା ମହାପାତ୍ର ଉକ୍ତ ସମ୍ମାନସ୍ୱରୂପ ୧୦ ହଜାର ଟଙ୍କା ଓ ମାନପତ୍ର ଗ୍ରହଣ କରିଥିଲେ। ଡ. ରାଧାନାଥ ରଥ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଜଷ୍ଟିସ ଏ. ଏସ୍. ନାଇଡୁ ଅଧ୍ୟକ୍ଷତା କରିଥିଲେ। ଡ. ପ୍ରମୋଦ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ଡ. ଦ୍ୱିପାୟନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପଣ୍ଡିତ ରଞ୍ଜନ ମହାପାତ୍ର ଯୋଗଦେଇ ରାଧାନାଥଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉପସଭାପତି ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଓ ମୀରା ବେଉରା ମାନପତ୍ର ପାଠ କରିଥିଲେ।

ସେହିପରି ଲୋକସେବକ ମଣ୍ଡଳ ପକ୍ଷରୁ ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନରେ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ରାଧାନାଥଙ୍କ ନୀତି, ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ଅଧ୍ୟକ୍ଷ ନିରଞ୍ଜନ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ 'ସମାଜ'ର ସମ୍ପାଦକ କାନନ ବିହାରୀ ଦାଶ, ମୁଖ୍ୟ ପରିଚାଳକ ଶିବରାମ ମିଶ୍ର, ସାମାଜିକ କର୍ମୀ ଭବାନୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ।




ବିଭିନ୍ନ ଦାବି ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି କଟକ ଜିଲା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।




ସରକାରଙ୍କ ପକ୍ଷରୁ ଘୋଷିତ 'ଜାଗାମିଶନ' ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ଯୋଗାଇବା ସହ ଅନ୍ୟ ଦାବିନେଇ ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ମଙ୍ଗଳବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ସଂକ୍ଷେପରେ

### ଆମ୍ବୁଲାନ୍ସ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଖୋର୍ଦ୍ଧା ଅଫିସ,୬।୧୨:ଖୋର୍ଦ୍ଧା:** ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ତରତୁଆ ଛକଠାରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଯଦୁପୁରର ପ୍ରହ୍ଲାଦ ନାୟକ ଓରଫ ପିଣ୍ଟୁ। ସୂଚନା ମୁତାବକ, ପିଣ୍ଟୁ ବାଇକରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିଲେ। ତରତୁଆ ଛକରେ ବିପରୀତ ପଟୁ ଆସୁଥିବା ଏକ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ରାଧାନାଥ ରଥଙ୍କ ଜୟନ୍ତୀ

**ଜଟଣୀ,୬।୧୨(ଡି.ଏନ୍.ଏ.):** ଜଟଣୀର ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଧାନାଥ ରଥଙ୍କ ୧୨୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାମଚନ୍ଦ୍ରପୁର ବଜାରଠାରେ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ରାଧାନାଥଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସଙ୍ଗଠନର ସଭାପତି ଅବନୀ ରାଉତରାୟଙ୍କ ସଭାପତିତ୍ୱରେ ଜଟଣୀର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସଦସ୍ୟ ଯୋଗଦେଇ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

### ଗାଁ ଦାଣ୍ଡରେ ମହିଳାଙ୍କୁ ହତ୍ୟା ଘଟଣା: ଆଉ ଜଣେ ଗିରଫ

**ବାଣପୁର/ଗମ୍ଭାରୀମୁଣ୍ଡା,୬।୧୨(ଡି.ଏନ୍.ଏ.):** ବାଣପୁର ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଗତ ଅକ୍ଟୋବର ୧୦ରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଦୁଇ ଦେଢ଼ଶୁର ଓ ଦିଅର ଘରୁ ଟାଣିଆଣି ରାସ୍ତା ଉପରେ ହତ୍ୟା କରିଥିଲେ। ଏହି ଘଟଣାରେ ପୂର୍ବରୁ ଜଣେ ଗିରଫ ହୋଇଥିବା ବେଳେ ମଙ୍ଗଳବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଂଶୀଧର ରାଉତରାୟ (୬୩)। ତେବେ ଖୁବ୍‌ଶୀଘ୍ର ଏହି ହତ୍ୟା ଘଟଣାରେ ଫେରାର ଥିବା ତୃତୀୟ ଅଭିଯୁକ୍ତଙ୍କୁ ମଧ ଗିରଫ କରାଯିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

### ରେଳ ମଣ୍ଡଳ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳିତ

**ଜଟଣୀ,୬।୧୨(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ଭାରତ ରତ୍ନ ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ), ସମସ୍ତ ବିଭାଗୀୟ ଅଧିକାରୀ ଏବଂ ରେଳ କର୍ମଚାରୀମାନେ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ମଣ୍ଡଳ ଶ୍ରମିକ କଂଗ୍ରେସ ପକ୍ଷରୁ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଉକ୍ତ ଦିବସ ପାଳିତ ହୋଇଯାଇଛି। ସଙ୍ଗଠନର ବହୁ କର୍ମକର୍ତ୍ତା ଯୋଗଦେଇ ଆମ୍ବେଡକରଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା: ସ୍ୱାମୀ ଗିରଫ

**ବେଗୁନିଆ,୬।୧୨(ଡି.ଏନ୍.ଏ.):** ବେଗୁନିଆ ଥାନା ଅଧୀନ ନୂଆସାହି ଗ୍ରାମରୁ ସୋମବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ମୃତା ହେଲେ ରୀତାମଣି ପ୍ରଧାନ। ମୃତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୧୯/୨୨)ରୁଜୁ ହୋଇଛି। ଏହି ଘଟଣାରେ ମଙ୍ଗଳବାର ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ହେଲେ କୃପାସିନ୍ଧୁ ପ୍ରଧାନ। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ନୂଆସାହିର କୃପାସିନ୍ଧୁ ନୟାଗଡ଼ ଜିଲା ରଣପୁର ଥାନା ଠଣାପଲ୍ଲୀ ଗ୍ରାମର ରୀତାମଣିଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର କିଛିଦିନ ପରେ ଶାଶୁଘର ଲୋକେ ରୀତାମଣିଙ୍କୁ ବାପଘରୁ ଅଧିକ ଯୌତୁକ ବାବଦ ୨ ଲକ୍ଷ ଟଙ୍କା ଆଣିବା ପାଇଁ କହିଥିଲେ। ସେ ଏଥିରେ ଅରାଜି ହେବାରରୁ ଶାଶୁଘର ଲୋକ ତାଙ୍କୁ ନିର୍ଯାତନା ଦେବା ସହ ମାରିଦେବାକୁ ଧମକ ଦେଉଥିଲେ। ଫଳରେ ରୀତାମଣି ବାପଘରେ ଆଶ୍ରୟ ନେଇଥିଲେ। ଗତ ୨ ତାରିଖରେ ଭଦ୍ରଲୋକଙ୍କ ମାଧମରେ ସମାଧାନ ହେବା ପରେ ରୀତାମଣି ଶାଶୁଘରେ ଆସି ରହିଥିଲେ। ରବିବାର ରାତି ହତ୍ୟା କରି ଫ୍ୟାନରେ ରୀତାମଣିଙ୍କୁ ଝୁଲାଇ ଦେଇଛନ୍ତି ବୋଲି ଭାଇ ଅଭିମନ୍ୟୁ ଅଭିଯୋଗ କରିଥିଲେ।

# ବିଶୁଦ୍ଧ ପାନୀୟଜଳରୁ ବଞ୍ଚିତ ବାସିନ୍ଦା

**ଖୋର୍ଦ୍ଧା ଅଫିସ,୬।୧୨**

**ଗୁରୁଜଙ୍ଗ ହାଉସିଂବୋର୍ଡ କଲୋନୀ**
- ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ
- ପିଭିସି ପରିବର୍ତ୍ତେ ଜିଆଇ ପାଇପ ବିଛାଇବା ପାଇଁ ଦାବି
- ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି

ଖୋର୍ଦ୍ଧା ପୌରାଞ୍ଚଳ ଅଧୀନ ଗୁରୁଜଙ୍ଗ ହାଉସିଂବୋର୍ଡ କଲୋନୀ ୧୬ ନମ୍ବର ୱାର୍ଡ ବାସିନ୍ଦା ବିଶୁଦ୍ଧ ପାନୀୟଜଳ ପାଇବା ପାଇଁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ମାଧମରେ ନିବେଦନ କରିଛନ୍ତି। ଦିନେ କି ଦୁଇଦିନ ନୁହେଁ, ଦୀର୍ଘବର୍ଷ ଧରି ବିଶୁଦ୍ଧ ପାନୀୟଜଳ ପାଇବା ପାଇଁ ସଂଘର୍ଷ କରୁଛନ୍ତି ବାସିନ୍ଦା। ନିର୍ବାଚନ ଆସିଲେ ଦଳୀୟ ନେତା, ଜନପ୍ରତିନିଧିଙ୍କ ପ୍ରତିଶ୍ରୁତି ସତ୍ତ୍ୱେ କୌଣସି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଗୁରୁଜଙ୍ଗ ହାଉସିଂବୋର୍ଡ କଲୋନୀ ୱାର୍ଡ ନଂ.୧୬ ଫେଜ୍-୧ ପ୍ରଥମ ଗଳି(ଫାଷ୍ଟ ଲାଇନ)ରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏଠାରେ ପାନୀୟଜଳ ବ୍ୟବସ୍ଥା ନାହିଁ। ପୌର ପରିଷଦକୁ ହୋଲ୍ଡିଂ ଟିକସ ଦେଇଆସୁଥିଲେ ମଧ୍ୟ ପୌର ପ୍ରଶାସନ ପକ୍ଷରୁ ଏନେଇ କୌଣସି ବ୍ୟବସ୍ଥା କରାଯାଉନାହିଁ। ଲୋକସଂଖ୍ୟା ତୁଳନାରେ ମାତ୍ର ୪ଟି ନଳକୂପ ରହିଛି। ଫଳରେ ପାଣି ପାଇଁ ଲୋକେ ସକାଳ ଓ ସନ୍ଧ୍ୟାରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହୋଇ ରହୁଛନ୍ତି। ଏଠାରେ ପୋଖରୀ, ନଦୀ ସୁବିଧା ନାହିଁ। ଦୀର୍ଘ ୫ ବର୍ଷ ହେବ ସାହିରେ ପାଇପ୍‌ଲାଇନ ବିଛାଯାଇଥିଲା। ଲୋକେ ଘରକୁ ପାଇପଲାଇନ ସଂଯୋଗ ନେଇଛନ୍ତି। ହେଲେ ପାଣି ଆସୁନାହିଁ। ପୌର ପରିଷଦ ଅନ୍ତର୍ଗତ ସମସ୍ତ ୱାର୍ଡରେ ଜିଆଇ ପାଇପ ପଡିଥିବା ବେଳେ ଏହି ଅଞ୍ଚଳରେ ୪ ଇଞ୍ଚର ପିଭିସି ପାଇପ୍ ସଂଯୋଗ କରାଯାଇଛି। ଫଳରେ ପାଣି ଆସୁନାହିଁ। ଅନେକ ସମୟରେ ଗୋଳିଆ ପାଣି ଆସୁଛି, ଯାହା ବ୍ୟବହାରଯୋଗ୍ୟ ନୁହଁ। ଅନ୍ୟପକ୍ଷରେ ରାସ୍ତାରେ ଯାନବାହନ ଚଳାଚଳ ବେଳେ ଏହି ପିଭିସି ପାଇପ ଫାଟି ପାଣି ଲିକ୍ ହୋଇ ଜମି ରହୁଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତାକଡରେ ପାଣି ଜମି ଡେଙ୍ଗୁ, ମ୍ୟାଲେରିଆକୁ ଆମନ୍ତ୍ରଣ କରୁଛି। ସମସ୍ୟା ସତ୍ତ୍ୱେ ଲୋକେ ପାଣି ବିଲ୍ ନିୟମିତ ପଇଠ କରୁଛନ୍ତି। ଏବେ ୱାଟ୍‌କୋ ପକ୍ଷରୁ ଘରେ ମିଟର ଖଞ୍ଜାଚାଲିଛି। ପିଭିସି ପାଇପ୍ ପରିବର୍ତ୍ତେ ଜିଆଇ ପାଇପ ପକାଇବା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ନିବେଦନ ସତ୍ତ୍ୱେ ଗୁରୁତ୍ୱ ଦିଆଗଲାନାହିଁ। ୱାଟ୍‌କୋ ପକ୍ଷରୁ ଲଗାଯାଉଥିବା ପାଣି ମିଟରକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପରୋକ୍ତ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଧାୟକ, ପୌର ପ୍ରଶାସନ, ୱାଟ୍‌କୋ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ପିଭିସି ପାଇପ ପରିବର୍ତ୍ତେ ଜିଆଇ ପାଇପ ବିଛାଇବା ପାଇଁ ଏକାଧିକ ସ୍ଥାନୀୟ ବାସିନ୍ଦା ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ବାରହା ମାଂସ ଜବତ: ୨ ଶିକାରୀ ଗିରଫ

**ବାଲୁଗାଁ/ବାଣପୁର/ଗମ୍ଭାରୀମୁଣ୍ଡା, ୬।୧୨(ଡି.ଏନ୍.ଏ.)**



ବାଲୁଗାଁ ବନାଞ୍ଚଳ ଅଧୀନ ବାଣପୁର ଅରାଙ୍ଗ ସରଂକ୍ଷିତ ଜଙ୍ଗଲରୁ ମଙ୍ଗଳବାର ୨ଜଣ ବାର୍‌ହା ଶିକାରୀକୁ ଗିରଫ କରିଛି ବନବିଭାଗ। ଅଭିଯୁକ୍ତ ଦ୍ୱୟ ହେଲେ ବାଣପୁର ଥାନା ଅଧୀନ ପାତ୍ରପୁର ଗ୍ରାମର ସୁଜିତ ପ୍ରଧାନ(୩୦) ଏବଂ ଆୟଉପୁର ଗ୍ରାମର ଦୀପକ ପ୍ରଧାନ(୨୪)। ଏମାନଙ୍କ ନିକଟରୁ ୫ କେଜି ବାର୍‌ହା ମାଂସ ଓ ଦୁଇଟି ସାଇକେଲ୍ ଜବତ ହୋଇଛି। ସୂଚନା ମୁତାବକ, ଅରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଜଙ୍ଗଲୀ ବାର୍‌ହା ଶିକାର ହେଉଥିବା ନେଇ ବାଲୁଗାଁ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କୌଣସି ସୂତ୍ରରୁ ଖବରପାଇଥିଲେ। ବନ ଅଧିକାରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବନପାଳ ପ୍ରଦୀପ୍ତ ମହାନ୍ତି, ବନରକ୍ଷୀ ସୌମ୍ୟରଞ୍ଜନ ବେହେରା, ରାଜକିଶୋର ବେହେରା ସଦଳବଳେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲେ। ବିଭାଗୀୟ ପକ୍ଷରୁ ଏନେଇ ଏକ ମାମଲା(ନଂ.୭/୨୨-୨୩) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲଣ କରାଯାଇଥିବା ବନ ଅଧିକାରୀ ମହାନ୍ତି କହିଛନ୍ତି।

## 'ସଂଗ୍ରାମୀଙ୍କ ଇତିହାସକୁ ଯୁବପିଢ଼ି ଜାଣିବା ଜରୁରୀ'




ଶହୀଦ ଜୟୀ ରାଜଗୁରୁ ବଳିଦାନ ଦିବସ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୬।୧୨**

**ରାଜ୍ୟସ୍ତରୀୟ ଶହୀଦ ଜୟୀ ରାଜଗୁରୁ ବଳିଦାନ ଦିବସ ସମାରୋହ**

ଜୟୀ ରାଜଗୁରୁ ସ୍ମୃତି ସମାରୋହ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନ ପରିସରରେ ଜୟୀ ରାଜଗୁରୁଙ୍କ ୨୧୬ତମ ଶ୍ରାଦ୍ଧୋତ୍ସବ ଅବସରରେ ରାଜ୍ୟସ୍ତରୀୟ ବଳିଦାନ ଦିବସ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମାରୋହ ସମିତିର ସଂଯୋଜକ ଡ. ଧିରେନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ସ୍ୱାମୀ ଶୃତିସାଗର ସରସ୍ୱତୀ ମହାରାଜ ମୁଖ୍ୟ ଅତିଥି, ସ୍ତମ୍ଭଲେଖକ ପ୍ରଫେସର ନିରଞ୍ଜନ ପାଢ଼ୀ ମୁଖ୍ୟ ବକ୍ତା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ଜେନା ସମ୍ମାନିତ ବକ୍ତା, ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସମ୍ପାଦକ ସଂଘମିତ୍ରା ରାଜଗୁରୁ ସ୍ୱତନ୍ତ୍ର ଅତିଥି ଏବଂ ଜୟୀ ରାଜଗୁରୁ ସ୍ମୃତି ସଂସଦ ସମ୍ପାଦକ ଶକ୍ତିଶଙ୍କର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜୟୀ ରାଜଗୁରୁଙ୍କ ସ୍ଥାନ ସ୍ୱତନ୍ତ୍ର। ମାତୃଭୂମିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ମହାନ୍ ଯୋଦ୍ଧାଙ୍କ ତ୍ୟାଗ, ବଳିଦାନ ଅବିସ୍ମରଣୀୟ। ଜୟୀ ରାଜଗୁରୁଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଉପରେ ଆଜିର ଯୁବପିଢ଼ି ଅଧିକ ଜାଣିବା ଆବଶ୍ୟକତା ରହିଛି। ଯୁବପିଢ଼ି ସଂଗ୍ରାମୀଙ୍କ ଇତିହାସକୁ ଅଧ୍ୟୟନ କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ସଂଘମିତ୍ରା ରାଜଗୁରୁଙ୍କୁ ଚଳିତବର୍ଷ ଜୟୀ ରାଜଗୁରୁ ସମ୍ମାନ ଏବଂ ନଳିନୀ ଦେବୀ ରାଜଗୁରୁଙ୍କୁ ସ୍ୱାଧୀନତା ସଂଗ୍ରାମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସକାଳ ୮ଟାରେ ଗଡ଼ଖୋର୍ଦ୍ଧା ଛକସ୍ଥିତ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଜୟୀ ରାଜଗୁରୁଙ୍କ ଜୀବନୀ ଓ ଆଦର୍ଶକୁ ନେଇ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଏବଂ ପାଇକ ଆଖଡ଼ା ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲା।

## ବରଗଡ଼ ୟୁନାଇଟେଡ୍ ଫାଇନାଲରେ

**ସର୍ବଭାରତୀୟ ମଦନପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ଝାଁଲା,୬।୧୨(ଡି.ଏନ୍.ଏ.)**

ମଦନପୁର ନବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ କୁଜଙ୍ଗ ଆଥ୍‌ଲେଟିକ ଆସୋସିଏଶନ ଏବଂ ବରଗଡ ୟୁନାଇଟେଡ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ୨୮ ମିନିଟରେ ବରଗଡ଼ ୟୁନାଇଟେଡର ରୁଦ୍ର ପ୍ରଧାନ ପେନାଲ୍ଟି କିକ୍ ନିକଟରୁ ଏକ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା କୁଜଙ୍ଗ ଆଥ୍‌ଲେଟିକ ଆସୋସିଏଶନ ଗୋଲ୍ ଦେଇପାରି ନ ଥିଲା। ଫଳରେ ବରଗଡ ୟୁନାଇଟେଡ ୧-୦ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରାଜେଶ ନାୟକ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ସୁନିଲ ବେହେରା, ପ୍ରିୟବ୍ରତ ବାହିନୀପତି ଓ ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ନବଜ୍ୟୋତି କ୍ଲବ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ୮୦ଗ୍ରାମ୍ ବ୍ରାଉନସୁଗାର ଜବତ: ବେପାରୀ ଗିରଫ

**ଖୋର୍ଦ୍ଧା ଅଫିସ,୬।୧୨**

ଖୋର୍ଦ୍ଧା ଅବକାରୀ ମୋବାଇଲ ସ୍କ୍ୱାଡ୍ ମଙ୍ଗଳବାର ମଧ୍ୟାହ୍ନରେ ମେଡିକାଲ ନିକଟରେ ଚଢ଼ାଉ କରି ୮୦ ଗ୍ରାମ ବ୍ରାଉନସୁଗାର ଜବତ ସହ ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନାରାୟଣୀ ନଗରର ପ୍ରଫୁଲ୍ଲ କୁମାର ନାୟକ ଓରଫ ଟୁନା(୫୨)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୮ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଦୀର୍ଘ ଦିନ ହେବ ଟୁନା ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲେ। ଟୁନାଙ୍କ ଗତିବିଧି ଉପରେ ମଧ ପୋଲିସ ନଜର ରଖିଥିଲା। ମଙ୍ଗଳବାର ମଧ୍ୟାହ୍ନରେ ଟୁନା ଜଣେ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବା ପାଇଁ ମେଡିକାଲ ରୋଡରେ ଅପେକ୍ଷା କରିଥିବା ବେଳେ ଖବରପାଇ ଅବକାରୀ ଟିମ୍ ପୂର୍ବରୁ ଛପି ରହିଥିଲା। ମେଡିକାଲ ଗେଟ୍ ନିକଟରେ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବା ବେଳେ ଅବକାରୀ ଟିମ୍ ତାଙ୍କୁ ଚାରିପଟୁ ଘେରିଯାଇ ମାଡିବସିଥିଲେ। ଏଥିସହ ତାଙ୍କଠାରୁ ବ୍ରାଉନସୁଗାର ଜବତ କରିଥିଲେ। ଅବକାରୀ ଇନ୍‌ସ୍ପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଜିଲା ମୋବାଇଲ ୟୁନିଟ୍ ସବ୍ ଇନ୍‌ସ୍ପେକ୍ଟର ବି. ମନୋଜ କୁମାର, ଓଆଇସି ରାଜେନ୍ଦ୍ର ସେସ୍‌ଙ୍କ ସମେତ ବେଗୁନିଆ ଓ ଖୋର୍ଦ୍ଧାର ଟିମ୍ ସାମିଲ ଥିଲେ।

## ମହାବୀର କ୍ରିକେଟ୍ କ୍ଲବ, ରାମଚଣ୍ଡୀ ଯୋଦ୍ଧା ବିଜୟୀ



ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳିମାନେ।

**ଟାଙ୍ଗୀ(ଖୋର୍ଦ୍ଧା), ୬।୧୨(ଡି.ଏନ୍.ଏ.)**

**ଚାନ୍ଦପୁର ପ୍ରିମିୟର୍ କ୍ରିକେଟ ଲିଗ୍**

ଚାନ୍ଦପୁର ପ୍ରିମିୟର୍ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ମହାଶକ୍ତି ଯୋଦ୍ଧା ଓ ମହାବୀର କ୍ରିକେଟ୍ କ୍ଲବ୍ ମଧ୍ୟରେ ହୋଇଥିଲା। ମହାଶକ୍ତି ଯୋଦ୍ଧା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମହାବୀର କ୍ଲବ ୧୫ ଓଭରରେ ୭ ଉଇକେଟ୍ ବିନିମୟରେ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜେଶ ବେହେରା ୩୯ ବଲ୍ ଖେଳି ୮୭ ରନ୍ କରିଥିଲେ। ଜବାବରେ ମହାଶକ୍ତି ଯୋଦ୍ଧା ୧୫ ଓଭରରେ ୮ ଉଇକେଟ୍ ବିନିୟମରେ ୧୪୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ମହାବୀର କ୍ଲବ୍ ଫାଇନାଲକୁ ପ୍ରବେଶ କରିଛି। ବିଜୟ କୁମାର ନାୟକ ଓ ସୁକାନ୍ତ ଦତ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ରାମଚଣ୍ଡୀ ଯୋଦ୍ଧା ଓ ଖିଲାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାମଚଣ୍ଡୀ ଯୋଦ୍ଧା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଖିଲାମୁଣ୍ଡା ଟିମ୍ ୧୫ ଓଭରରେ ୮ ଉଇକେଟ୍ ବିନିମୟରେ ୧୭୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ସୁକାନ୍ତ ଦତ୍ତ ଓ ବିଜୟ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସୁପର ସଣ୍ଢେ ସୋସିଆଲ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ରାମଚଣ୍ଡୀ ଯୋଦ୍ଧା ଓ ମହାଶକ୍ତି ଯୋଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ରାଶନ କାର୍ଡ ମିଳିଲା, ଆବାସିକ ବିଦ୍ୟାଳୟରେ ପାଠ ପଢିବେ

**ବେଗୁନିଆ,୬।୧୨(ଡି.ଏନ୍.ଏ.)**

**ନିରାଶ୍ରୟ ଜୀବନ ବିତାଉଛନ୍ତି ୪ ଅନାଥ ପିଲା ଘଟଣା**



ବିଡିଓ ଲକ୍ଷ୍ମୀଧର ସାହୁ ଅନାଥ ପିଲାଙ୍କୁ ଭେଟି ଆଲୋଚନା କରୁଛନ୍ତି।

ବେଗୁନିଆ ବ୍ଲକ ଅଧୀନ ନୀଳକଣ୍ଠପୁର ଗ୍ରାମ ଆଦିବାସୀ ସାହିରେ ନିରାଶ୍ରୟ ଜୀବନ ବିତାଉଛନ୍ତି ୪ଜଣ ଅନାଥ ପିଲା 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ବିଡିଓ ଲକ୍ଷ୍ମୀଧର ସାହୁ, ଜିପିଇଓ ଦେବାଶିଷ ସାହୁ ନୀଳକଣ୍ଠପୁର ଗ୍ରାମ ଆଦିବାସୀ ସାହିରେ ପହଞ୍ଚି ଅନାଥ ପିଲାଙ୍କୁ ଭେଟିବା ସହିତ ସରକାରୀ ସହାୟତା ଯୋଗାଇ ଦେଇଛନ୍ତି। ଏଥିସହ ସେମାନଙ୍କ ପାଇଁ ପଡ଼ି କାର୍ଡ ଜରିଆରେ ମିଳୁଥିବା ୧୫ କେଜି ରାଶନ ସାମଗ୍ରୀରେ ପରିବର୍ତ୍ତନ କରିଛନ୍ତି। ନୂତନ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ତାଲିକାଭୁକ୍ତ କରିଛନ୍ତି। ଜେଜେବାପାଙ୍କୁ ମିଳିଥିବା ଆବାସ କୋଠରିରେ ୪ ଜଣଙ୍କୁ ଥଇଥାନ କରାଯାଇଛି। ମାଟ୍ରିକ ଫେଲ୍ ହୋଇଥିବା ପୁଷ୍ପଲତା ଆଗକୁ ଆଉ ପାଠ ପଢିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ଦ୍ୱିତୀୟ ଝିଲି ଓ ତୃତୀୟ ପ୍ରୀତି ପ୍ରଶାସନର ସହଯୋଗରେ ସ୍ଥାନୀୟ ଆବାସିକ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ବନ୍ଦୋବସ୍ତ କରାଯାଇଛି। ରାଜେଶ ଗାଁ ସ୍କୁଲରେ ପାଠ ପଢିବେ। ତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ଦାଦା ନିରାଟ ତୁଲାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ୫୧ କେଜି ଚାଉଳ, ଡାଲି, ତେଲ ଓ ପରିବା ପ୍ୟାକେଟ ପ୍ରଦାନ କରିଥିଲେ। ସୂଚନାଥାଉ କି, ନୀଳକଣ୍ଠପୁର ଆଦିବାସୀ ସାହିର ବିରାଟ ନାୟକ ଓ ସ୍ତ୍ରୀ ପ୍ରତିମାଙ୍କ ୩ ଝିଅ ପୁଷ୍ପଲତା, ଝିଲି ଓ ପ୍ରୀତି ଏବଂ ପୁଅ ରାଜେଶଙ୍କୁ ନେଇ ଗୋଟିଏ ପରିବାର। ୨୦୧୬ ଏପ୍ରିଲ ୬ରେ ସମସ୍ତ ପରିବାର ଛପର ଘରେ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଏଥିରେ ବିରାଟ ଓ ସ୍ତ୍ରୀ ପ୍ରତିମା ଗୁରୁତର ହୋଇଥିବା ବେଳେ ୪ ଶିଶୁ ଗ୍ରାମବାସୀଙ୍କ ଦ୍ୱାରା ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବିରାଟ ଓ ସ୍ତ୍ରୀ ପ୍ରତିମାଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ୬ ବର୍ଷ ହେବ ନିରାଶ୍ରୟ ଜୀବନ ବିତାଉଥିଲେ ଏହି ୪ ଅନାଥ ପିଲା।

## 'ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ'

**ଟାଙ୍ଗୀ(ଖୋର୍ଦ୍ଧା), ୬।୧୨(ଡି.ଏନ୍.ଏ.)**

ଚିଲିକା ଓ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ମିଳିତ ଆନୁକୂଲ୍ୟରେ ସୋରଣ ଗ୍ରାମ ନିକଟ ଚିଲିକା କୂଳ ଅଞ୍ଚଳରେ ବିଦେଶାଗତ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋରଣ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସଚେତନତା ପଦଯାତ୍ରା କରିଥିଲେ। ପକ୍ଷୀମାନେ ଆମର ଅତିଥି, ସେମାନଙ୍କର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ। ପକ୍ଷୀମାନଙ୍କ ଆଗମନଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ସୋରଣ ସରପଞ୍ଚ ଶେଷଦେବ ବେହେରା, ମାନସିଂହପୁର ସରପଞ୍ଚ କାମିନୀ ବେହେରା, କୁହୁଡି ସରପଞ୍ଚ ପୁଷ୍ପଲତା ବେହେରା ଯୋଗଦେଇ ମତବ୍ୟକ୍ତ କରିଥିଲେ। ରେଞ୍ଜର ଚୂଡ଼ାମଣି ମୁର୍ମୁ, ଡେପୁଟି ରେଞ୍ଜର ଅଜୟ କୁମାର ହରିଚନ୍ଦନ, ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟଗାର୍ଡ ଶିବ ପ୍ରସାଦ ପଲାଇ, ମଧୁସ୍ମିତା ଜେନା, ଲିପିନା ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବନ କର୍ମଚାରୀ ଏବଂ ଅନ୍ୟମାନେ।

# ଗୃହରକ୍ଷୀଙ୍କ ସେବା, ସମର୍ପଣ ପ୍ରଶଂସନୀୟ

**ଖୋର୍ଦ୍ଧା ଅଫିସ,୬।୧୨**





ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଅଭିଭାଦନ ଗ୍ରହଣ କରୁଛନ୍ତି ଏବଂ ଗୃହରକ୍ଷୀଙ୍କ ଦ୍ୱାରା ଅନୁଷ୍ଠିତ ପରେଡ୍।

**୬୦ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ**

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ତରତୁଆ ସ୍ଥିତ ରିଜର୍ଭ ପଡିଆରେ ଗୃହରକ୍ଷୀ ବାହିନୀର ୬୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଭାଦନ ଗ୍ରହଣ କରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହରକ୍ଷୀ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରିଥିଲେ। ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୋଲିସ, ଅଗ୍ନିଶମ ସେବା ସଂସ୍ଥା ଏବଂ ଜିଲା ପ୍ରଶାସନ ସହ ମିଶି ଜନସାଧାରଣଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରି ଆସୁଛନ୍ତି। କୋଭିଡ ମହାମାରୀ ସମୟରେ ଗୃହରକ୍ଷୀମାନେ ନିସ୍ୱାର୍ଥପର ଭାବେ ସେବା ପ୍ରଦାନ କରି ନିଜକୁ କୋଭିଡ ଯୋଦ୍ଧା ଭାବେ ପ୍ରତିପାଦନ କରିପାରିଛନ୍ତି। ଏପରିକି କେତେଜଣ ଗୃହରକ୍ଷୀ କର୍ତ୍ତବ୍ୟ ପାଳନ ସମୟରେ ଜୀବନକୁ ଉତ୍ସର୍ଗ ମଧ୍ୟ କରିଛନ୍ତି। ଗୃହରକ୍ଷୀଙ୍କ ସେବା ଓ ସମର୍ପଣ ଭାବ ଉଚ୍ଚ ପ୍ରଂଶସନୀୟ ବୋଲି କହିଥିଲେ। ୧୯୪୬ ମସିହାରେ ବମ୍ବେ ସହରରେ ପୋଲିସକୁ ସହାୟତା ନିମନ୍ତେ ଏକ ସ୍ୱେଚ୍ଛାସେବୀ ବାହିନୀ ଭାବେ ଗୃହରକ୍ଷୀ ବାହିନୀ ଆଜିର ଦିନରେ ଆରମ୍ଭ ହୋଇଥିଲା। ସେଥିଲାଗି ପ୍ରତିବର୍ଷ ଡିସେମ୍ବର ୬କୁ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି। ଏହା ଏକ ସ୍ୱେଚ୍ଛାକୃତ ସେବା ସଂସ୍ଥା। ଏହି ସଂସ୍ଥା ଭାରତ ବର୍ଷର ବିଭିନ୍ନ ରାଜ୍ୟରେ ପୋଲିସ ସହିତ ମିଶି ଜନସାଧାରଣଙ୍କ ସେବାରେ ନିୟୋଜିତ ରହି ବିଭିନ୍ନ ସେବା ପ୍ରଦାନ କରୁଛନ୍ତି। ନକ୍ସଲ ଦମନ କାର୍ଯ୍ୟରେ ପରୋକ୍ଷରେ ନିୟୋଜିତ ହୋଇ ଅନେକ ଗୃହରକ୍ଷୀ ସେମାନଙ୍କ ଉତ୍ସର୍ଗୀକୃତ ସେବା କାଳରେ ପ୍ରାଣବଳୀ ମଧ ଦେଇଛନ୍ତି। ଖୋର୍ଦ୍ଧା ଜିଲାରେ ୧୮୨ଜଣ ଗୃହରକ୍ଷୀ ସ୍ୱେଚ୍ଛାକୃତ ସେବାରେ ନିୟୋଜିତ ଅଛନ୍ତି। ପୋଲିସ ସହ ଗୃହରକ୍ଷୀମାନେ ଯେଉଁ ଉତ୍ସର୍ଗୀକୃତ ସେବା ଯୋଗାଇ ଆସୁଛନ୍ତି। ଆଗାମୀ ଦିନରେ ଆହୁରି କର୍ତ୍ତବ୍ୟନିଷ୍ଠା, ଉତ୍ତମ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବା ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ଲାଗି କେତେଜଣ ଗୃହରକ୍ଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଏସ୍.କେ.ମୁର୍ମୁ, ଡିଏସ୍‌ପି ବିଷ୍ଣୁଚରଣ ପତି, ସୁଜିତ ପଣ୍ଡା, ଓମ୍‌ପ୍ରକାଶ ପାତ୍ର, ନିରୁପମା ମଲିକ, ଡିଆଇବି ଡିଏସ୍‌ପି ଅତନୁ ରାଉତ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଡିସେମ୍ବର, ୨୦୨୨






୬।୧୨।୨୦୨୨

| | |
|---|---|
| ୪,୩୬,୮୮୦ ଟଙ୍କା | |
| ସୁନା | ୨.୩୫୦ ଗ୍ରାମ |
| ରୁପା | ୧୦ ଗ୍ରାମ |

# ଗ୍ରାମସଭାରେ ମାରପିଟ, କାର୍ଯ୍ୟାଳୟରେ ତାଲା

ନିମାପଡ଼ା,୬।୧୨(ଡି.ଏନ୍.ଏ.)

## ଥାନାରେ ୨ ଅଭିଯୋଗ

ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଗ୍ରାମସଭା ଚାଲିଥିବାବେଳେ ହୋହଲ୍ଲା, ମାରପିଟ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ପଞ୍ଚାୟତର ବିଭିନ୍ନ କାର୍ଯ୍ୟ, ଭତ୍ତାବଣ୍ଟନ ସମ୍ପର୍କରେ ସଭାରେ କେତେକ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପିଇଓ ଦେବେନ୍ଦ୍ର ସ୍ୱାଇଁଙ୍କୁ ପ୍ରଶ୍ନ କରି ତାଙ୍କୁ ବେଆଇନ କାର୍ଯ୍ୟ କରିବାକୁ କହି ବିଭିନ୍ନ ଧମକଚମକ୍ ଦେଇଥିଲେ। ଏଥିରେ ସେ ବେଆଇନ କାର୍ଯ୍ୟ କରିବାକୁ ମନା କରିବାରୁ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କର ୫୬ଜଣ ସମର୍ଥକ କ୍ରୋଧାନ୍ୱିତ ହୋଇ ପିଇଓଙ୍କୁ କାର୍ଯ୍ୟାଳୟରେ ଠେଲାପେଲା କରି ତଳେ ପକାଇ ନିସ୍ତୁକ ମାଡ଼ ମାରିବା ସହ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକଚମକ ଦେଇଥିଲେ। ଏଥିସହ ତାଙ୍କୁ ସଭାଗୃହରେ ତାଲା ପକାଇ ଅଟକ ରଖିଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ପିଇଓଙ୍କୁ ଉଦ୍ଧାର କରିଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକେ ତାଙ୍କ ପକେଟ୍‌ରୁ ଅଢେଇ ହଜାର ଟଙ୍କା ଛଡାଇ ନେଇଥିବା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବିଡିଓ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସଭାରେ ପୂର୍ବ ବୈଠକର ବିବରଣୀ ପାଠ କରାଯିବା ପାଇଁ ସରପଞ୍ଚ ଗୀତାଞ୍ଜଳି ଜେନା ପିଇଓଙ୍କୁ କହିବାରେ ସରପଞ୍ଚ ଓ ପିଇଓଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପିଇଓ ସରପଞ୍ଚ ଜେନାଙ୍କୁ ଗାଳିଗୁଲଜ କରି ଧକ୍କା ମାରିଥିବା ନେଇ ସେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ଜେନା ସଭାରେ ପିଇଓ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ତାଙ୍କ ସ୍ୱାମୀ ଓ କେତେକ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବାବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଓ ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଉତ୍ତ୍ୟକ୍ତ ହୋଇ ସରପଞ୍ଚ ଓ ତାଙ୍କ ସମର୍ଥକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ବିଭିନ୍ନ ଧମକଚମକ ଦେଇଥିବା ନେଇ ସରପଞ୍ଚ ଜେନା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ସେ ପିଇଓ ଏବଂ ସରପଞ୍ଚଙ୍କ ଅଭିଯୋଗ ପାଇଛନ୍ତି। ଏ ସମ୍ପର୍କରେ ସେ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି)ଙ୍କ ସମେତ ଜିଲା ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। ଏ ବାବଦରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଓ ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁଙ୍କୁ ପଚାରିବାରେ, ଆମେ ସରପଞ୍ଚ ଓ ଅନ୍ୟ କାହାରିକୁ ଗାଳି କି ଦୁର୍ବ୍ୟବହାର କରିନାହୁଁ ବୋଲି କହିଥିଲେ। ସରପଞ୍ଚ ଆମ ବିରୋଧରେ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି କହିଥିଲେ। ଏନେଇ ଆଇଆଇସି ଶଙ୍କର୍ଷଣ ଦଳେଇଙ୍କୁ ପଚାରିବାରେ, ଉଭୟ ପିଇଓ ଓ ସରପଞ୍ଚଙ୍କ ଅଭିଯୋଗ ମିଳିଛି। ପୋଲିସ ଏହାର ତଦନ୍ତ ଚଳାଇଛି। ତଦନ୍ତ ପରେ ଯାହିକିଛି ପଦକ୍ଷେପ ନିଆଯିବ ବୋଲି ଦଳେଇ କହିଥିଲେ।



ପୁରୀ ପୋଲିସ ଲାଇନ ପଡ଼ିଆ ପରିସରରେ ମଙ୍ଗଳବାର ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଅବସରରେ ପୋଲିସମାନେ ପରେଡ୍ କରୁଛନ୍ତି।

# କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ପ୍ରଦର୍ଶିତ



ମନ୍ତ୍ରୀ ତୁଷାରକାନ୍ତି ବେହେରା ଛାତ୍ରୀମାନଙ୍କଠାରୁ ପ୍ରକଳ୍ପ ବିଷୟରେ ପଚାରି ବୁଝୁଛନ୍ତି।

ଅସ୍ତରଙ୍ଗ,୬।୧୨(ଡି.ଏନ୍.ଏ.)

୩୫ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅସ୍ତରଙ୍ଗ କୁହୁଡିସ୍ଥିତ ଲବଣ ସତ୍ୟାଗ୍ରହୀ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ମେଳାକୁ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧୀନ ୭୫ ବିଦ୍ୟାଳୟର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। କୁନି କୁନି ବୈଜ୍ଞାନିକମାନେ ଭିନ୍ନ ଭିନ୍ନ ଆକର୍ଷଣୀୟ ପ୍ରକଳ୍ପମାନ ପ୍ରଦର୍ଶିତ କରିଥିଲେ। ଅତିଥି ଭାବେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ନିମନ୍ତ୍ରିତ ଅତିଥିମାନେ ପ୍ରକଳ୍ପ ବୁଲିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାଇଁ, ଅଧ୍ୟାପକ ନୃସିଂହଚରଣ ବିଶ୍ୱାଳ, ଏବିଇଓ ମମତା ମଞ୍ଜରୀ ଦେଇ, ରାଜଲକ୍ଷ୍ମୀ ପାତ୍ର, ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ବସ୍ତିଆ, ଦିଲୀପ ବିଶ୍ୱାଳ, ମଙ୍ଗୁଳିଚରଣ ଦାସ, ଅନାଥ ପରିଡା, ଭରତଚନ୍ଦ୍ର ବିଶାଳ, ବିଜ୍ଞାନ ସଂଯୋଜକ ମିଥୁନ ହରିଚନ୍ଦନ, ପ୍ରଧାନ ଶିକ୍ଷକ ତରୁଣ ନାୟକ, ସିଆରସିସି ପବିତ୍ର ଦାଶ, ସହକାରୀ ଶିକ୍ଷକ ସନାତନ ପରିଡା, ସୁଧାକର ତ୍ରିପାଠୀ, ଅମିୟ ମିଶ୍ର, କବିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୁକ୍ତଙ୍କର ମା

ପୁରୀ ଅଫିସ,୬।୧୨

ପୋଲିସ ମିଥ୍ୟା ମାମଲାରେ ବାରମ୍ବାର ଗିରଫ କରି ହଇରାଣ କରୁଥିବା ଅଭିଯୋଗ କରି ଜଣେ ମହିଳା ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କାରିଣୀ ମମତା ରାଉତ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ତାଙ୍କର ଦୁଇଟି ପୁଅ ଓ ଗୋଟିଏ ବିବାହିତ ଝିଅ ଅଛନ୍ତି। ତେବେ ପୋଲିସ ତାଙ୍କର ଦୁଇ ପୁଅଙ୍କୁ ମିଥ୍ୟା ମାମଲାରେ ବାରମ୍ବାର ଗିରଫ କରି କୋର୍ଟଚାଲାଣ କରୁଛି। ଫଳରେ ସେ ଓ ତାଙ୍କ ପରିବାର ମାନସିକ ଓ ଆର୍ଥିକ ସମସ୍ୟାରେ ଗତି କରୁଛନ୍ତି। ଗତ ୩ ତାରିଖରେ ତାଙ୍କର ପୁଅ ରୁଦ୍ରପ୍ରସାଦଙ୍କୁ ପୋଲିସ ଏକ ଦୋକାନରୁ ଉଠାଇ ଆଣି ୩ଦିନ ଧରି ବିଭିନ୍ନ ଥାନାରେ ଅଟକ ରଖିବା ପରେ ଅନ୍ୟ ତିନିଜଣଙ୍କ ସହ ତାଙ୍କୁ ଡକାୟତି ମିଛ କେସ୍‌ରେ ଗିରଫ କରିଥିଲେ। ଏପରିକି ପୋଲିସ ଗତ ୮ମାସ ମଧ୍ୟରେ ତାଙ୍କ ୨ପୁଅଙ୍କୁ ବିନା ଦୋଷରେ ବିଭିନ୍ନ ମିଥ୍ୟା ଅଭିଯୋଗରେ ସଙ୍ଗୀନ ଦଫା ଲଗାଇ ଜେଲରେ ଭର୍ତ୍ତି କରୁଛି। ତେଣୁ ଘଟଣାର ସତ୍ୟାସତ୍ୟ ତଦନ୍ତ କରିବାକୁ ମମତା ଦାବି କରିଛନ୍ତି। ଯଦି ପୋଲିସ ପକ୍ଷରୁ ତାଙ୍କୁ ନ୍ୟାୟ ନ ମିଳେ ତେବେ ସେ ଅଗାମୀ ଦିନରେ ଜାତୀୟ ମାନବିକ ଅଧିକାର ଆୟୋଗଙ୍କ ନିକଟରେ ଫେରାଦ ହେବେ ବୋଲି ସୂଚନା ଦେଇଛନ୍ତି। ତେବେ ଏସ୍‌ପିଙ୍କ ଅନୁପସ୍ଥିତିରେ ସିଟି ଡିଏସିପିଙ୍କୁ ମମତା ଦାବିପତ୍ର ପ୍ରଦାନ କରିଛନ୍ତି।

# ତଥ୍ୟ ହାସଲ ପରେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ପୁରୀ ଅଫିସ,୬।୧୨

## ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ଘଟଣା

ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ଉପରେ ଡ୍ରୋନ ଉଡିବା ଘଟଣାରେ ଏସ୍‌ପି କେ ବିଶାଲ ସିଂହ ମଙ୍ଗଳବାର ମତ ରଖିଛନ୍ତି। ଏସ୍‌ପି ସିଂହ ସୂଚନା ଦେଇ କହିଛନ୍ତି, ଗତ ଶନିବାର ଜାଣିବାକୁ ମିଳିଥିଲା ଏକ ଡ୍ରୋନ୍ ଦ୍ୱାରା ଶ୍ରୀମନ୍ଦିର ଉପରେ ଏବଂ ବିଭିନ୍ନ ସ୍ଥାନର ଭିଡିଓ କରାଯାଇ ଏକ ୟୁଟ୍ୟୁବରେ ଅପଲୋଡ୍ କରାଯାଇଛି। ଏପରିକି ଉକ୍ତ ଭିଡିଓ ଦେବା ପାଇଁ ପ୍ରତି ଭିଡିଓ ପିଛା ୨୦ ହଜାର ଟଙ୍କା ମଗାଯାଇଥିଲା। ଏପରି ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ପକ୍ଷରୁ ସିଂହଦ୍ୱାର ଥାନାରେ ଭିଡିଓ କରିଥିବା ଅଭିଯୁକ୍ତ ଅନିମେଶ ଚକ୍ରବର୍ତ୍ତୀ ନାମରେ ମାମଲା ରୁଜୁ ହୋଇଛି। ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଇବା ହେଉ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ହେଉ ସେନେଇ ସ୍ୱତନ୍ତ୍ର ନିୟମ ରହିଛି। ତେବେ ନିୟମ ଉଲ୍ଲଂଘନ କରି ଅଭିଯୁକ୍ତ ଅନିମେଶ ଶ୍ରୀମନ୍ଦିର ଉପରେ କିଭଳି ଡ୍ରୋନ୍ ଉଡ଼ାଇଲା ସେନେଇ ସବିଶେଷ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ବିନା ଅନୁମତିରେ ଅନିମେଶ ୟୁଟ୍ୟୁବ ଭିଡିଓରେ ପୋଲିସର ଲୋଗୋ ବ୍ୟବହାର କରିଥିଲା ଯାହା ଏକ ଅପରାଧୀ। ଏ ନେଇ ମଧ୍ୟ ତଦନ୍ତ କରାଯାଉଛି। ସିଟି ଡିଏସପିଙ୍କ ନେତୃତ୍ୱରେ ୩ଜଣ ପୋଲିସ ଅଧିକାରୀ ଏହି ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଙ୍କଠାରୁ ସବିଶେଷ ତଥ୍ୟ ହାସଲ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭିଡିଓ କରିଥିବା ଉକ୍ତ ଯୁବକଙ୍କୁ ନୋଟିସ୍ କରି ପୁରୀକୁ ତଦନ୍ତ ପାଇଁ ଡକାଯାଇଛି। ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ସିଂ କହିଛନ୍ତି।

## ସଂକ୍ଷେପରେ

### ୩୫୦ ବୋତଲ କୋରେକ୍ସ ଜବତ, ୩ ଗିରଫ

**ପୁରୀ ଅଫିସ, ୬।୧୨ :** ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ସଦରଥାନା ଅଞ୍ଚଳ କାଶୀନାଥପୁରର ସୁକାନ୍ତ ଭୋଇ(୨୯), ବାସେଳି ସାହି ଥାନା ଓଡ଼ିଆ ମଠ ନିକଟର ସୁକାନ୍ତ ବେଜ (୪୨) ଏବଂ ମାଟିତୋଟାର ରାଜେନ୍ଦ୍ର କୁମାର ଜେନା (୩୮)। ପୋଲିସ ସେମାନଙ୍କ ନିକଟରୁ ୩୫୦ ବୋତଲ କୋରେକ୍ସେ, ଗୋଟିଏ ବାଇକ, ଗୋଟିଏ ସ୍କୁଟି, ଗୋଟିଏ ମୋବାଇଲ ଏବଂ ନଗଦ ୨ ହଜାର ଟଙ୍କା ଜବତ କରିଛି। ପୋଲିସ ଏ ନେଇ କେସ ନଂ. ୩୧୪/୨୨ରେ ଏକ ମାମଲା ରୁଜୁ କରିଛି। ବଡ଼ପୋଖରୀ ଜାଗା ଜଙ୍ଗଲ ମଧ୍ୟରେ ଅଭିଯୁକ୍ତମାନେ କୋରେକ୍ସ ବିକ୍ରି କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ବିଭିନ୍ନ ହୋଟେଲ ଚେକ୍ କଲା ପୋଲିସ

**ପୁରୀ ଅଫିସ,୬।୧୨:** ଆଗକୁ ବଡ଼ଦିନ ଓ ଇଂଲିଶ୍ ନବବର୍ଷ ଥିବାରୁ ପୋଲିସ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। କୌଣସି ପ୍ରକାରର ଅପରାଧ ଆଶଙ୍କା କରି ମଙ୍ଗଳବାର ସନ୍ଧ୍ୟାରେ ପୁରୀ ପୋଲିସ ପକ୍ଷରୁ ସହରରେ ଥିବା ବିଭିନ୍ନ ହୋଟଲେଗୁଡିକରେ ଅଚାନକ ଭାବେ ଚେକିଂ କରାଯାଇଥିଲା। ହୋଟେଲଗୁଡ଼ିକର ବିଭିନ୍ନ ଡକ୍ୟୁମେଣ୍ଟ ଓ ରେକର୍ଡ ଯାଞ୍ଚ କରାଯାଇଥିଲା। ସେହିପରି ହୋଟେଲର ସିସିଟିଭିର ମଧ ଯାଞ୍ଚ କରାଯାଇଥିଲା। ତେବେ ଆଗକୁ ମଧ ଏପରି ଚେକିଂ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବଟି ମାଗି ୨ ଗିରଫ

**ପୁରୀ ଅଫିସ,୬।୧୨:** ବଟି ଆଦାୟ କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଅବକାଶ ଲେନ୍ ଜିତେନ୍ଦ୍ର ସାହୁ ଏବଂ ଖାକିମଠ ନୂଆସାହି ଲୋକନାଥ ଦାସ । ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଛୁରି ଓ ନଗଦ ୨୫୦ ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୁଇଜଣ ବଡଶଙ୍ଖ ପରିବା ମାର୍କେଟରେ ଥିବା ଦୋକାନୀଙ୍କଠାରୁ ବଟି ମାଗୁଥିଲେ। ଖବର ପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜିତୁ ବିରୋଧରେ ପୂର୍ବରୁ ଥାନାରେ ୩ଟି ମାମଲା ଥିବାବେଳେ ଲୋକନାଥ ନାଁରେ ୫ଟି ମାମଲା ରହିଛି।

# ସେବା କାର୍ଯ୍ୟରେ ଗୃହରକ୍ଷୀଙ୍କ ଭୂମିକା ଅତୁଳନୀୟ

ପୁରୀ ଅଫିସ,୬।୧୨

## ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ

ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୬୦ ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ମଙ୍ଗଳବାର ପୋଲିସ ରିଜର୍ଭ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଏସ୍‌ପି କନୱର ବିଶାଲ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଓଡ଼ିଶା ପୋଲିସ ବାହିନୀର ଗୃହରକ୍ଷୀ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଗୃହରକ୍ଷୀମାନେ ଅତୀତ ଏବଂ ବର୍ତ୍ତମାନ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସୁଚାରୁରୂପେ ମୁକାବିଲା କରୁଛନ୍ତି। କରୋନା ସମୟରେ ମଧ ସେବା କରି ଅନେକ କାର୍ଯ୍ୟକୁ ଦକ୍ଷତାର ସହ ତୁଲାଇଥିଲେ। ରଥଯାତ୍ରା ହେଉ କିମ୍ବା ବନ୍ୟା ବାତ୍ୟା ସମୟ ତଥା ସମସ୍ତ କ୍ଷେତ୍ରରେ ଗୃହରକ୍ଷୀଙ୍କ ଭୂମିକା ଅତୁଳନୀୟ ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଗୃହରକ୍ଷୀଙ୍କ ପକ୍ଷରୁ ମିଳିତ ଭାବେ ପରେଡ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗୃହରକ୍ଷୀମାନଙ୍କ ଉଦ୍ଦେଶ୍ୟରେ ପଠାଯାଇଥିବା ବାର୍ତ୍ତାକୁ ଏହି ଅବସରରେ ପାଠ କରାଯାଇଥିଲା। ପରେ ପ୍ଲାଟୁନ କମାଣ୍ଡର ପ୍ରଦୀପ ପଟ୍ଟନାୟକଙ୍କ ନେତୃତ୍ୱରେ ଚାରୋଟି ଦଳ ଚିତ୍ତାକର୍ଷକ ପରେଡରେ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦୀପକ ପ୍ରଧାନ, ଅନନ୍ତ ନାରାୟଣ ମହାପାତ୍ର, ପ୍ରକାଶ ଭୋଇ, ସନାତନ ବରାଳ ଏବଂ ବାବୁ ବେହେରାଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅତିରିକ୍ତ ଏସପି ମିହିର ପଣ୍ଡା, ଆରଆଇ ଚନ୍ଦ୍ରଶେଖର ଦାସ, ଗୃହରକ୍ଷୀ ଆର୍‌ଆଇ ଟୁନୁ ସାହୁଙ୍କ ସମେତ ସିଟି ଡିଏସ୍‌ପି, ସଦର ଡିଏସ୍‌ପିଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଏବଂ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଏସ୍‌ପି କନୱର ବିଶାଲ ସିଂହଙ୍କ ସହ ସମ୍ବର୍ଦ୍ଧିତ ଗୃହରକ୍ଷୀମାନେ।

# ଚୋରି କରି ଜଣେ ଗିରଫ

ପୁରୀ ଅଫିସ ୬।୧୨

ଲୋକନାଥ ଘାଟ ପାଇକ ସାହିସ୍ଥିତ ଭାଗବତ ସେବାଶ୍ରମ ପରିସରରୁ ଚୋରି କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲାର ଷ୍ଟାଲିନ୍ କୁମାର ଦାସ (୩୯)। ପୋଲିସ ତାଙ୍କଠାରୁ ଗୋଟିଏ ସ୍କୁଟି, ଗୋଟିଏ ମୋବାଇଲ ଫୋନ, କମ୍ପ୍ୟୁଟର ମନିଟର, ସିପିୟୁ, ବ୍ୟାଟେରି , କିବୋର୍ଡ, ମାଉସ୍, ଚେୟାର, କମ୍ପ୍ୟୁଟର ଟାବ୍ ଏବଂ ଗୋଟିଏ ଏୟାର ବ୍ୟାଗ ଜବତ କରିଛି। ଜବତ ସାମଗ୍ରୀର ମୂଲ୍ୟ ୧ ଲକ୍ଷ ହେବ ବୋଲି ପୋଲିସଠାରୁ ସୂଚନା ମିଳିଛି। ଏ ନେଇ ପୋଲିସ ନଂ. ୩୦୯/୨୨ରେ ଏକ ମାମଲା ରୁଜୁ କରିଛି। ଆଶ୍ରମରୁ ଚୋରି ହୋଇଥିବା ମହନ୍ତ ଅଭିଯୋଗ କରିଥିଲେ।

# ସେବାରେ ସମର୍ପଣ ଭାବ ରହୁ

ପୁରୀ ଅଫିସ, ୬।୧୨

ସମାଜ ଏବେ ବିପଥଗାମୀ। ସମାଜ ଏବେ ସଂସ୍କୃତି ଓ ପରମ୍ପରାଠାରୁ ଦୂରେଇ ଯିବାକୁ ବସିଛି। ଏହି ସମୟରେ କେବଳ ସ୍ୱଚ୍ଛତା, ନିଶାମୁକ୍ତ ଓଡ଼ିଶା କି ସ୍ୱର୍ଗଦ୍ୱାର ସେବା ନୁହେଁ। ଏକ ଶୃଙ୍ଖଳିତ ସମାଜ ପାଇଁ ସ୍ୱେଚ୍ଛାସେବୀମାନେ ସମର୍ପଣ ଭାବ ନେଇ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ପୁରସ୍କାରପ୍ରାପ୍ତ ସମାଜସେବୀ ବଦ୍ରି ମିଶ୍ର। ନେହେରୁ ଯୁବ କେନ୍ଦ୍ର ପୁରୀ, ହାପିନେସ୍ ଫାଉଣ୍ଡେଶନ ଓ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ମିଳିତ ସହଯୋଗରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଶ୍ର ବିନା ଲାଭ ଓ ସ୍ୱାର୍ଥରେ ସେବା କରୁଥିବା ସ୍ୱେଚ୍ଛାସେବୀକୁ ଈଶ୍ୱର ଆଶୀର୍ବାଦ କରନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ୍ ଡ.ରବିଶଙ୍କର ମିଶ୍ର, ପୂର୍ବତନ ଅଧ୍ୟାପକ ସୁକାନ୍ତ ମହାନ୍ତି ଓ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ହରପ୍ରିୟା ଦାଶଙ୍କ ପରିଚାଳନା ଓ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ କଲେଜର ୧୨୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ସେହିପରି ସ୍ୱେଚ୍ଛାସେବୀ ସଂଗଠନ ସେବା ଓ ସଂସ୍କାର ପକ୍ଷରୁ ଭକ୍ତ ସାଲବେଗ ପୀଠରେ ଅର୍ନ୍ତଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଓମ ପ୍ରକାଶ ମହାନ୍ତିଙ୍କ ସଭାପତିତ୍ୱରେ ସଂଗଠକ ଚକ୍ରଧର ମହାପାତ୍ର , ଗୀତିକବି ବଦ୍ରି ମିଶ୍ର, ଜୟନ୍ତୀ ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି ଓ ସାମ୍ବାଦିକ ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଭିଷେକ ମିଶ୍ର, ଅସିତ୍ ମହାପାତ୍ର, ବାସୁଦେବ ସେନାପତି, କୃଷ୍ଣା ସାହୁ, ଜଗନ୍ନାଥ ଷଡଙ୍ଗୀ , ରାକେଶ ମଲ୍ଲିକ୍ ଅଭିଷେକ ମହାପାତ୍ର ଏବଂ ଶୁଭଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଗ୍ରାମସଭା ବୈଠକ

ବଳଙ୍ଗା,୬।୧୨(ଡି.ଏନ୍.ଏ.)

ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ୨୦୨୩-୨୪ ବର୍ଷ ଚିଠା ତାଲିକା ପ୍ରସ୍ତୁତି ସ୍ୱତନ୍ତ୍ର ଗ୍ରାମସଭା ବୈଠକ ବଳଙ୍ଗା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ସରପଞ୍ଚ ଅଞ୍ଜଳି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦାରିଦ୍ର୍ୟ ଦୂରୀକରଣ, ଜିକା ମିଶନ, ସ୍ୱଚ୍ଛ ସବୁଜ ପରିବେଶ, ବିଦ୍ୟୁତ୍ ଯୋଗାଣ, ସ୍ୱଚ୍ଛ ପାନୀୟ ଜଳ, ଶିକ୍ଷା ପ୍ରଭୃତି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ପୂର୍ବକ ଚିଠା ପ୍ରସ୍ତୁତ ହୋଇଛି। ସେହିପରି ଗୋପୀନାଥପୁର, ଉଚ୍ଛୁପୁର, ଶାଇଶ ଶାଶନ, ନୂଆସନ୍ଧରେ ସରପଞ୍ଚ ପ୍ରଭାତ ରାୟ, ସୁରେଶ ମଙ୍ଗରାଜ, ଦେବାଶିଷ ଆଚାର୍ଯ୍ୟ, ପ୍ରଫୁଲ୍ଲ ପ୍ରଧାନ ସଭାପତିତ୍ୱ କରିଥିଲାବେଳେ ଥାନା ଅନ୍ତର୍ଗତ ପ୍ରାୟ ସମସ୍ତ ପଞ୍ଚାୟତରେ ଗ୍ରାମ ସଭା ଅନୁଷ୍ଠିତ ହୋଇଛି। ଜିଲା ପରିଷଦ, ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପାନୀୟ ଜଳ ପରିମଳ, ବିଦ୍ୟୁତ୍, ଶିକ୍ଷା, ପଞ୍ଚାୟତିରାଜ, ଅଙ୍ଗନୱାଡି ତଥା ସମସ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ୬୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ନିମାପଡ଼ା,୬।୧୨(ଡି.ଏନ୍.ଏ.)

ସରକାରଙ୍କ ମୋ ସ୍କୁଲ ଅଭିଯାନ ଓ କୋଏଷ୍ଟଆଲିଆନ୍‌ସ ସଂସ୍ଥା (ଭୁବନେଶ୍ୱର) ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ନିମାପଡ଼ା ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗାଚରଣ ବାରିକ, ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର କାବେରୀ ଦାସ, ପ୍ରୋଗ୍ରାମ ସହାୟିକା ସଲମି ନାୟକ ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ୫-ଟି ସ୍କୁଲ ଗୁଡିକରେ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି କରାଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଓ ମୂଳ ଉଦ୍ଦେଶ୍ୟ ବୋଲି ଅତିଥି ଓ ଟ୍ରେନରମାନେ ମତପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏକବିଂଶ ଶତାବ୍ଦୀର ଦକ୍ଷତା, ଶିକ୍ଷାଦାନର କୌଶଳ, ଶିକ୍ଷାଦାନ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମାଧାନ, ଡିଜିଟାଲ ପରିଚୟ ସୃଷ୍ଟି କରାଯିବା, ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେବା, ନୂତନ ଜିନିଷ ଉଦ୍‌ଭାବନ କରିବା, କୌତୂହଳ ପରୀକ୍ଷଣ ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଟ୍ରେନିଂ ପ୍ରଦାନ କରାଯାଇଥିଲା। ଆୟୋଜିତ ପ୍ରଶିକ୍ଷଣ ଶିବିରରେ ନିମାପଡ଼ା, ଗୋପ, କାକଟପୁର ଆଦି ୩ ବ୍ଲକର ୧୩ଟି ଉଚ୍ଚ ବିଦ୍ୟାଳୟର ୬୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ପ୍ରଶିକ୍ଷଣରେ ଯୋଗଦେଇଥିଲେ।



ନିମାପଡ଼ା ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଶିକ୍ଷୟିତ୍ରୀ ଶିକ୍ଷକ।

# 'ଜୟୀ ରାଜଗୁରୁଙ୍କ ବୀରତ୍ୱ ସମାଜକୁ ପ୍ରେରଣା'

ପୁରୀ ଅଫିସ, ୬।୧୨

## ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧଦିବସ

ଶହୀଦ ଜୟୀ ରାଜଗୁରୁ ଚିର ଅମର। ତାଙ୍କ ବୀରତ୍ୱ, ସାହସ ଓ ଦେଶପ୍ରେମ ଯୁଗ ଯୁଗ ପାଇଁ ମାନବ ସମାଜକୁ ପ୍ରେରଣା ଦେଇଚାଲିଥିବ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ, ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓ ଶ୍ରୀ ଗୋପୀନାଥ ଦେବସ୍ଥାନ ସମିତି ପକ୍ଷରୁ ବୀର ହରେକୃଷ୍ଣପୁର ଗ୍ରାମରେ ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଷଡ଼ଙ୍ଗୀ ଜୟୀ ରାଜଗୁରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଭାବେ ଯେଉଁ ତ୍ୟାଗ ଓ ବଳିଦାନ ଦେଇଛନ୍ତି ତାହା ଅନନ୍ୟ ଅବିସ୍ମରଣୀୟ। ତାଙ୍କ କାର୍ଯ୍ୟଧାରା ଓ ଆଦର୍ଶକୁ ଅଧିକ ପ୍ରଚାର, ପ୍ରସାର କରିବା ଆମ ଦାୟିତ୍ୱ ବୋଲି ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ୧୭୩୯ ମସିହା ଅଁଳା ନବମୀ ତିଥିରେ ଜନ୍ମ ହୋଇ ୧୮୦୬ ଆଜିର ଦିବସରେ ଶହୀଦ ହୋଇଥିବା ଜୟୀ ରାଜଗୁରୁଙ୍କ ଦେଶପ୍ରୀତି ଅତୁଳନୀୟ ବୋଲି କହିବା ସହ ବର୍ତ୍ତମାନ ଓ ଭବିଷ୍ୟତର ପିଢି ତାଙ୍କ ଆଦର୍ଶ ଓ ଦେଶସେବାରେ ଅନୁପ୍ରାଣିତ ହେବାକୁ ଅନୁରୋଧ କରିଥିଲେ। ଶ୍ରୀ ଗୋପୀନାଥ ଦେବସ୍ଥାନ ସମିତିର ସଭାପତି ପ୍ରଣବାନନ୍ଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର, ସରପଞ୍ଚ ପ୍ରତିନିଧି ଉଲ୍ଲାସ ଚନ୍ଦ୍ର ଜେନା, ପ୍ରକାଶ ଚନ୍ଦ୍ର ରଥ, ରବିନାରାୟଣ ମିଶ୍ର, ସମିତି ସଭ୍ୟ ଅଜୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଜୟୀ ରାଜଗୁରୁଙ୍କ ସମ୍ପର୍କରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତକ ପାଇକ ରେବିଲିୟନ ୧୮୦୪କୁ ଜଟାଧାରୀ ମିଶ୍ର ଅତିଥିମାନଙ୍କୁ ଉପହାର ଦେଇଥିଲେ। ଦେବସ୍ଥାନ ସମିତି ସଦସ୍ୟ ପ୍ରକୃତି ମିଶ୍ର, ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ପୂର୍ବରୁ ବୀର ହରେକୃଷ୍ଣପୁର ବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଗ୍ରାମ ନିକଟସ୍ଥ ଲୋକନାଥ ମନ୍ଦିର ପୁଷ୍କରିଣୀରେ ସାମୂହିକ ତିଳତର୍ପଣ କରାଯାଇଥିଲା। ଏହି ଅବସରରେ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସମର୍ପଣ ଅନୁଷ୍ଠାନ ଓ ରୋଟାରୀ କ୍ଲବ ଅଫ ଶ୍ରୀଜଗନ୍ନାଥଧାମ ପୁରୀ ପକ୍ଷରୁ ସଦସ୍ୟ ବଦ୍ରି ମିଶ୍ର ଓ ଜୟନ୍ତୀ ମହାପାତ୍ରଙ୍କ ସଂଯୋଜନାରେ ଗଦାଧର ପାଠାଗାରରେ ରକ୍ତଦାନ ଶିବିର ହୋଇଥିଲା। ସନ୍ଧ୍ୟାରେ ବୀର ହରେକୃଷ୍ଣପୁର ବଜାରରେ ପାଲା ପରିବେଷଣ କରାଯାଇଥିଲା। ସେହିପରି ଜିଲା ପ୍ରଶାସନ ପକ୍ଷରୁ ରେଲୱେ ଷ୍ଟେଶନସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଷ୍ଟ ପକ୍ଷରୁ ପ୍ରସନ୍ନ ସାହୁ, ବାବୁଲି ସାହୁ, ସଚ୍ଚିଦାନନ୍ଦ ବିଶୋୟୀ, ଦେବେନ୍ଦ୍ର ସୁବୁଦ୍ଧି, ନିରାକାର ମହାରଣା, ସତ୍ୟ ନାରାୟଣ ସାହୁ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।



ବୀର ହରେକୃଷ୍ଣପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ୨ ଦଫା ଦାବି ନେଇ ରାଜ୍ୟପାଳଙ୍କୁ ଭେଟିଲା ଶିକ୍ଷକ ସଂଘ

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** ଦୁଇଦଫା ଦାବି ନେଇ ନୂତନ ଯୋଜନାଭୁକ୍ତ ମାଧମିକ ଶିକ୍ଷକ ସଂଘ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୦୪ରୁ ୨୦୧୩ ମସିହା ମଧରେ ଚୁକ୍ତିଭିତ୍ତିରେ ନିଯୁକ୍ତ ପାଇ ୬ବର୍ଷ ପରେ ନିୟମିତ ହୋଇଥିବା ଶିକ୍ଷକଙ୍କୁ ୬ବର୍ଷ ଚୁକ୍ତି ଅବଧିକୁ ୬ଟି ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଯୋଗ କରିବା ଏବଂ ୨୦୧୬ରୁ ୨୦୨୨ ମଧରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ଯଥାଶୀଘ୍ର ନିୟମିତ କରିବା ଦାବି ରହିଛି। ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ୍ ବିଶ୍ୱାଳ ଏବଂ ଖୋର୍ଦ୍ଧା ଜିଲା ସଂଘ ସମ୍ପାଦକ ପ୍ରବୀର ମୋହନ ପଣ୍ଡା ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରିଥିଲେ। ରାଜ୍ୟପାଳ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ପୂର୍ବରୁ ମଧ ସଂଘ ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା ଏବଂ ଡିସେମ୍ବର ୧୦ ସୁଦ୍ଧା ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିଥିଲା। ଯଦି ସରକାର ଆସନ୍ତା ୧୦ ତାରିଖ ମଧରେ ଏହି ଦାବି ପୂରଣ ନ କରନ୍ତି, ତେବେ ୧୨ ତାରିଖଠାରୁ ମହା ଆନ୍ଦୋଳନ ହେବ ବୋଲି ସଂଘର ସଭାପତି ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି।

### ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

**ଖୋର୍ଦ୍ଧା ଅଫିସ,୬।୧୨:** ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ତଥା ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ବୀରତ୍ୱ, ଦେଶପ୍ରେମ ଅତୁଳନୀୟ। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ। ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ ଡାକରା ଦେଇଥିବା ଏହି ମହାନ ଯୋଦ୍ଧାଙ୍କୁ କେନ୍ଦ୍ର ସରକାର ଆଜି ପର୍ଯ୍ୟନ୍ତ ପ୍ରଥମ ଶହୀଦର ମାନ୍ୟତା ଦେଇନାହାନ୍ତି। ଇତିହାସରେ ତାଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଆଜି ମଧ ତାଙ୍କ ଫାଶି ସ୍ଥାନକୁ ନେଇ ଗବେଷକଙ୍କ ଭିନ୍ନ ମତ ରହିଛି। ଜୟୀ ରାଜଗୁରୁଙ୍କ ୨୧୬ତମ ବଳିଦାନ ଦିବସ ଅବସରରେ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ଏହା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ କେ.ଏନ. ସାମନ୍ତରାୟ, ଖବରଦାତା ପ୍ରଭାତ ମିଶ୍ର, ଗୋପାଳକୃଷ୍ଣ ଦାସ, ମୀନକେତନ ସୁବୁଦ୍ଧି, ସତ୍ୟ ନାରାୟଣ ବିଶୋଇ, ରାକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖୋରଧା ଐତିହାସିକ ସମାଜ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ୧୮୦୪ରେ ଜୟୀରାଜଗୁରୁଙ୍କ ବଳିଷ୍ଠ ନେତୃତ୍ୱ ୧୮୧୭ ପାଇକ ବିଦ୍ରୋହର ପୃଷ୍ଠଭୂମି ଭାବେ ଗ୍ରହଣ କରାଯାଇପାରେ। ଏହି ବୀରଙ୍କୁ ଜାତୀୟସ୍ତରରେ ଏଯାବତ ଉପଯୁକ୍ତ ସମ୍ମାନ ଦିଆଯାଇନାହିଁ। ଏହି ଅବସରରେ ଗଡଖୋର୍ଦ୍ଧା ଠାରେ ପଞ୍ଚପାଇକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଐତିହାସିକ ସମାଜର ଆବାହକ ଗୋପାଳକୃଷ୍ଣ ଦାସ, ପ୍ରଫେସର ନାରାୟଣ ରାଓ, ଡ.ଧୃରେନ୍ଦ୍ର ନନ୍ଦ, ଶକ୍ତିଶଙ୍କର ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ସମାଜ ପାଇଁ ସମ୍ରାଟ କେଶରୀ ହରିଚନ୍ଦନ ଉତ୍ସର୍ଗୀକୃତ ଥିଲେ

**ଖୋର୍ଦ୍ଧା ଅଫିସ,୬।୧୨:** ମାଟିଆପଡ଼ା ଦଳବେହେରା ତଥା ଅବସରପ୍ରାପ୍ତ ସେନା ଅଧିକାରୀ ସମ୍ରାଟ କେଶରୀ ହରିଚନ୍ଦନଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ସଭା ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ, ଅଜୟ ମାନ୍ଧାତା, ମୃତ୍ୟୁଞ୍ଜୟ ଛୋଟରାୟ, ଲକ୍ଷ୍ମୀଧର ସାମନ୍ତରାୟ, ଶିକ୍ଷାବିତ୍ ଡ.ଗୌରହରି ମିଶ୍ର, ସତ୍ୟବାନ୍ ଶ୍ରୀଚନ୍ଦନ, ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ.ବୃନ୍ଦାବନ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ହରିଚନ୍ଦନ ସେନାବାହିନୀରୁ ଅବସର ପରେ ବିଭିନ୍ନ ଗ୍ରାମର ପାଇକ ଆଖିଡ଼ା ଦଳକୁ ଉତ୍ସାହିତ ସହ ଶିକ୍ଷିତ ଯୁବକଙ୍କୁ ସେନାବାହିନୀରେ ଯୋଗଦେବା ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଦୁର୍ଗା ପ୍ରସାଦ ହରିଚନ୍ଦନ ଓ ଜ୍ୟୋତିପ୍ରସାଦ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ ସ୍ଥାନରୁ ଜବରଦଖଲ ଉଚ୍ଛେଦ

■ଫାଷ୍ଟଫୁଡ୍ ଦୋକାନୀଙ୍କୁ ୫ ହଜାର ଟଙ୍କା ଜରିମାନା

■୩ ଭେଣ୍ଡିଂ ଜୋନ, ଗୋଟିଏ ଓମ୍‌ଫେଡ୍ ବୁଥ୍ ସିଲ୍

**ଭୁବନେଶ୍ୱର, ୬।୧୨ (ବ୍ୟୁରୋ)**



ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ରାଜଧାନୀରେ ଜୋର୍‌ଦାର ଭାବେ ସୌନ୍ଦର୍ଯ୍ୟକରଣ କାମ ଚାଲୁ ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ମଧ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ୪ଟି ସ୍ଥାନରେ ଉଚ୍ଛେଦ କରାଯାଇଥିଲା। ପ୍ରଥମ ଉଚ୍ଛେଦରେ ସ୍କ୍ୱାଡ୍ ନମ୍ବର ୧୩, ୧୪, ୧୫ ଓ ୧୬ ସାମିଲ ହୋଇଥିଲେ। ଏହି କ୍ରମରେ ଡୁମୁଡୁମାସ୍ଥିତ ହାଉସିଂ ବୋର୍ଡ କଲୋନୀର ଫେଜ-୩ରୁ ପୋଲିସ ଉପସ୍ଥିତିରେ ଜବରଦଖଲ ହଟାଯାଇଥିଲା। ଏଥିରେ ୫ଟି ଆଜବେଷ୍ଟସ ଘର, ଗୋଟିଏ ଟିଣ ଘର, ଦୁଇଟି ଲୁହାଗେଟ, ୮ଟି ବାଉଁଶ ନିର୍ମିତ ଘର, ୨ଟି କ୍ୟାବିନ ଏବଂ ୩୦୦ ଫୁଟର ପାଚେରୀ ଭଙ୍ଗାଯାଇଥିଲା। ସେହିପରି ଦ୍ୱିତୀୟ ଉଚ୍ଛେଦ ବାଣୀବିହାର ଛକରୁ ଆଚାର୍ଯ୍ୟ ବିହାର ଛକ ପର୍ଯ୍ୟନ୍ତ ହୋଇଥିଲା। ୯, ୧୦, ୧୧ ଓ ୧୨ ନଂ. ସ୍କ୍ୱାଡ ପକ୍ଷରୁ ୫୦ ମିଟରର ଲୁହାଜାଲି, ୫ଟି ଛାତ ଘର, ୩ଟି ବିଜ୍ଞାପନ ବୋର୍ଡ ହଟାଯାଇଥିଲା। ଅପରପକ୍ଷେ ମହାରାଜା ସିନେମା ହଲ ନିକଟରେ ଥିବା ଭେଣ୍ଡିଂ ଜୋନ୍‌ର ବ୍ୟବସାୟୀମାନେ ସମୟ ମାଗିବା ସହିତ ଲିଖିତ ପ୍ରତିଶ୍ରୁତି ଦେଇଥିବାରୁ ଏହାକୁ ଭଙ୍ଗାଯାଇ ନ ଥିଲା। ପ୍ରେସ୍ ଛକରୁ ଏମ୍‌ସିଏଲ ରୋଡ ଏବଂ କିଟ୍ ଛକରେ ଉଚ୍ଛେଦ ହୋଇଥିଲା। ଜବରଦଖଲକାରୀଙ୍କ ବିରୋଧ ସତ୍ତ୍ୱେ ସ୍କ୍ୱାଡ୍ ନମ୍ବର ୫, ୬, ୭ ଓ ୮ ଉଚ୍ଛେଦ କାର୍ଯ୍ୟ ଜାରି ରଖିଥିଲେ। ଏହି କ୍ରମରେ ଗୋଟିଏ ଆଜବେଷ୍ଟସ ଘର, ୮ଟି ଟିଣ ଦୋକାନ, ୫ଟି କ୍ୟାବିନ, ଗୋଟିଏ ସିମେଣ୍ଟ ପିଣ୍ଡି ଓ ୨୦ ଫୁଟ ଲମ୍ବର ପାଚେରୀକୁ ଭଙ୍ଗାଯାଇଥିଲା। ଏଥିସହ କିଟ୍ ଛକରେ ଥିବା ଗୋଟିଏ ଓମ୍‌ଫେଡ ବୁଥ ଓ ୩ଟି ଭେଣ୍ଡିଂ ଜୋନକୁ ବେଆଇନ ଜବରଦଖଲ ପାଇଁ ସିଲ୍ କରାଯାଇଥିଲା। ଚାନ୍ଦିନି ଫାଷ୍ଟ ଫୁଡ୍ ଦୋକାନରେ ଖରାପ ପରିମଳ ପାଇଁ ସ୍କ୍ୱାଡ ପକ୍ଷରୁ ୫ହଜାର ଟଙ୍କା ଏବଂ ପରିବା ଦୋକାନୀଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଶେଷରେ ଏମ୍ସ ଛକରୁ ଡିଏନ୍ ରେଗାଲିଆ, ଗୋପବନ୍ଧୁ ଛକରୁ ଡେଲଟା ଏବଂ ଇନ୍ଦ୍ରଧନୁ ମାର୍କେଟସ୍ଥିତ ରାସ୍ତା କଡ଼ରେ ହୋଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଥିଲା। ସ୍କ୍ୱାଡ୍ ନମ୍ବର ୧୩, ୧୪, ୧୫ ଓ ୧୬ ଏଥିରେ ସାମିଲ ହୋଇ ୧୧ଟି ଫଳ ଦୋକାନ, ୫ଟି ଦୋକାନ ଓ ୮ଟି ଟିଫିନ ଷ୍ଟଲକୁ ଉଚ୍ଛେଦ କରିଥିଲେ।



ଭୁବନେଶ୍ୱରଠାରେ କେରଳ ଟୁରିଜମ୍ ପକ୍ଷରୁ ଏକ ରୋଡ୍ ଶୋ ସହ ବି୨ବି ବୈଠକ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେରଳୀ କଳାକାରମାନେ ସୁନ୍ଦର କଳା ପ୍ରଦର୍ଶନ କରୁଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବୋଲଗଡ଼,୬।୧୨(ଡି.ଏନ୍.ଏ.)**

ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୯ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣ ସଭାରେ ଶିକ୍ଷାକେନ୍ଦ୍ରର ସଭାପତି ଲଲାଟେନ୍ଦୁ କେଶରୀସିଂହ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିବେକାନନ୍ଦଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ଛାତ୍ରୀଛାତ୍ରମାନେ ବେଦପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବସନ୍ତ କୁମାର ଚୌଧୁରୀ ଯୋଗଦେଇ ଯୋଗାଭ୍ୟାସ ଓ ମନକୁ ନିୟନ୍ତ୍ରଣ କରି ବିଦ୍ୟା ଅଧ୍ୟୟନ କଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ପରାମର୍ଶ ଦେଇଥିଲେ। ଅତିଥିଭାବେ ଶିକ୍ଷାବିତ୍ ହରିବନ୍ଧୁ ସାହୁ ଶୃଙ୍ଖଳାକୁ ପାଥେୟ କରିବା ସହିତ ଗୁରୁଜନଙ୍କୁ ସମ୍ମାନ ଦେଲେ କୌଣସି କାର୍ଯ୍ୟ ସାଧିତ ହୋଇପାରିବ ବୋଲି କହିଥିଲେ। ଶିକ୍ଷାକେନ୍ଦ୍ରର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସିନିୟର ବିଭାଗରେ ଚାମ୍ପିୟନ ଭାବେ ଛାତ୍ର ସୁବାଶିଷ ପାଢଶାଣୀ, ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ଓ ଜୁନିୟର ଚାମ୍ପିୟନ ଭାବେ ଛାତ୍ର ଆଦିତ୍ୟ ବିଶ୍ୱାଳଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡା ଉତ୍ସବକୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ୍ତ ଷଡଙ୍ଗୀ ପରିଚାଳନା କରିଥିବା ବେଳେ କ୍ରୀଡା ସମ୍ପାଦକ ତାରାପ୍ରସନ୍ନ ମହାରଣା ଧନ୍ୟବାଦ ଦେଇଥିଲେ। ଗୁରୁଜୀ ସର୍ବେଶ୍ୱର ବେହେରା, ଗୁରୁମା ସୁମତି ସାମନ୍ତରା, ତୁଳସୀ ବିଶ୍ୱାଳ, ତଟିନୀ କୁମାର ରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧାରଣାରତ ଅଙ୍ଗନୱାଡ଼ି କର୍ମୀଙ୍କୁ ଭେଟିଲେ ଏମ୍‌ପି



ଅଙ୍ଗନୱାଡି କର୍ମୀ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବୋଲଗଡ଼,୬।୧୨(ଡି.ଏନ୍.ଏ.)**

ଦୀର୍ଘ ଦିନ ଧରି ଆନ୍ଦୋଳନ ଚଳାଇଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଭେଟି ଆଲୋଚନା କରିଛନ୍ତି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତରେ ଜନସମ୍ପର୍କ ଯାତ୍ରା କରିବା ପରେ ବ୍ଲକ ସମ୍ମୁଖରେ ଧାରଣାରତ ଅଙ୍ଗନୱାଡି କର୍ମୀଙ୍କୁ ଭେଟି ଆଶ୍ୱାସନା ପ୍ରଦାନ କରିବା ସହ ସେମାନଙ୍କର ୮ଦଫା ଦାବି ସମ୍ପର୍କରେ ସଂସଦରେ ଓ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏହି ଅବସରରେ ବୋଲଗଡ ବ୍ଲକ ଅଙ୍ଗନୱାଡି ସଂଘ ସଭାନେତ୍ରୀ ମେରିଆ ବେଗମ, ସମ୍ପାଦିକା ଝୁନୁଲତା ଶତପଥୀ, ଉପଦେଷ୍ଟା ଗଙ୍ଗାଧର ଦାସ ଏବଂ ଏମ୍‌ପିଙ୍କ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ପରିମଳ କ୍ଷେତ୍ରରେ ବିଏମ୍‌ସିକୁ ଆଉ ଏକ ପୁରସ୍କାର

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଜାତୀୟ ସ୍ତରରେ ଆଉ ଏକ ବଡ଼ ସଫଳତା ମିଳିଛି। ସ୍ୱେରେଜ, ସେପ୍‌ଟେଜ ଓ ଫିକଲ୍ ମ୍ୟାନେଜମେଣ୍ଟ କ୍ଷେତ୍ରରେ ବିଏମ୍‌ସି ପୁରସ୍କୃତ ହେବ। ୭ ଓ ୮ ତାରିଖରେ ଦିଲ୍ଲୀରେ ହେବାକୁ ଥିବା ଉତ୍ସବରେ ଏହି ସମ୍ମାନ ଗ୍ରହଣ କରିବା ପାଇଁ ମେୟର ସୁଲୋଚନା ଦାସଙ୍କ ସମେତ ୫ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଦଳରେ ଡେପୁଟି କମିଶନର କମଳାକାନ୍ତ ବେହେରା, ସାନିଟେଶନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଏବଂ ଭାରତୀ ସିଂ ସାମିଲ ଅଛନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ବିଏମ୍‌ସିର ବିଭିନ୍ନ ପଦକ୍ଷେପକୁ ରାଜଧାନୀବାସୀ ଗ୍ରହଣ କରୁଥିବାରୁ ବିଏମ୍‌ସିକୁ ସଫଳତା ମିଳିବାରେ ଲାଗିଛି।

## ୩୫୦ ବୋତଲ କୋରେକ୍ସ ଜବତ, ୩ ଗିରଫ

**ପୁରୀ ଅଫିସ, ୬।୧୨**

ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ସଦରଥାନା ଅଞ୍ଚଳ କାଶୀନାଥପୁରର ସୁକାନ୍ତ ଭୋଇ, ବାସେଳି ସାହି ଥାନା ଓଡ଼ିଆ ମଠ ନିକଟର ସୁକାନ୍ତ ବେଜ ଏବଂ ମାଟିତୋଟାର ରାଜେନ୍ଦ୍ର କୁମାର ଜେନା। ପୋଲିସ ସେମାନଙ୍କ ନିକଟରୁ ୩୫୦ ବୋତଲ କୋକ୍ସେ, ବାଇକ, ସ୍କୁଟି, ମୋବାଇଲ ଏବଂ ୨ ହଜାର ଟଙ୍କା ଜବତ କରିଛି।

## ଜାତୀୟସ୍ତରୀୟ ଭେଟେରିନାରି ବିଜ୍ଞାନ କଂଗ୍ରେସ ସମ୍ମିଳନୀ

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସ୍ୱାମୀନାଥନ ହଲରେ ମଙ୍ଗଳବାରଠାରୁ ଭାରତୀୟ ଭେଟେରିନାରି ପାରାସାଇଟୋଲୋଜି ଆସୋସିଏଶନ ଏବଂ ଭେଟେରିନାରି କଲେଜ ପାରାସାଇଟୋଲାଜି ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ଭେଟେରିନାରି ବିଜ୍ଞାନ କଂଗ୍ରେସ ସମ୍ମିଳନୀ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଉଦଘାଟନୀ ଉତ୍ସବରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀସ୍ଥିତ ଶ୍ରୀବାଲାଜୀ ବିଦ୍ୟାପୀଠର ଭାଇସ ଚାନ୍‌ସେଲର ପ୍ରଫେସର ସୁଭାଷ ଚନ୍ଦ୍ର ପରିଜା ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଜାତୀୟ ଭେଟେରେନାରି ବିଜ୍ଞାନ ସଭାପତି ଡ. ଡି.ଭି. ଆର୍. ପ୍ରକାଶ ରାଓ, ଭୁବନେଶ୍ୱରସ୍ଥିତ ଭାରତୀୟ ମେଡିକାଲ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଏବଂ କୌଶଲ୍ୟାଗଙ୍ଗସ୍ଥିତ ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲାଭପ୍ରଦ ପ୍ରାଣୀସମ୍ପଦ ପାଳନରେ ଅନୁକୂଳ ପରିବେଶ ସୃଷ୍ଟି କରି ଜୀବିକା ନିର୍ବାହ ପାଇଁ ପଶୁ ସ୍ୱାସ୍ଥ୍ୟ ସହିତ ପଶୁ ଉପାଦାନରେ ପରଜୀବୀମାନଙ୍କ ପ୍ରବନ୍ଧନ ଶୀର୍ଷକରେ ଆଲୋଚନା କରାଯାଇଥିଲା। ପ୍ରଫେସର ସୁସେନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ବିଜୟେନ୍ଦ୍ରନାଥ ମହାନ୍ତି ଅଧିବେଶନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ପରଜୀବୀ ବିଜ୍ଞାନୀ ଡ. ଦ୍ୱାରିକାନାଥ ମହାନ୍ତି, ପୂର୍ବତନ ପ୍ରଫେସର ଡ. ମିତ୍ରରଞ୍ଜନ ପଣ୍ଡା ଏବଂ ଡ. ସଚ୍ଚିଦାନନ୍ଦ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଶବ୍ଦର କବିତା' ପୁସ୍ତକ ଲୋକାର୍ପିତ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

**ବେଗୁନିଆ,୬।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଗଡମାଣତିର ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ତଥା ପ୍ରାବନ୍ଧିକ ବଳରାମ ରଣସିଂହଙ୍କ ଲିଖିତ ୩୫ ତମ ପୁସ୍ତକ 'ଶବ୍ଦର କବିତା' ଲୋକାର୍ପଣ ହୋଇଥିଲା। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି, ଫକୀର ମୋହନ ବେହେରା ବକ୍ତାଭାବେ ଯୋଗ ଦେଇ ପୁସ୍ତକର ସମୀକ୍ଷା କରିଥିଲେ। ଶବ୍ଦ ହିଁ ଚେତନା ଜାଗ୍ରତ କରିବାର ମୂଳ ମନ୍ତ୍ର। କବିତା ହେଉଛି ସମାଜର ଦର୍ପଣ। ସମାଜକୁ ଦିଗଦର୍ଶନ ଓ ଜାଗ୍ରତ କରାଇବାରେ ମୁଖ୍ୟ ବିଧାଣି କବି ବୋଲି ଶିକ୍ଷାବିତ ଚଗଲା ପଣ୍ଡା କହିଥିଲେ। ପାଶ୍ଚାତ୍ୟ ସଭ୍ୟତାରେ ନିତିଦିନିଆ ଘଟଣାବଳୀକୁ ସରଳ ଶବ୍ଦ ମାଧମରେ ୧୧୨ଟି କବିତାକୁ ପୁସ୍ତକରେ ସ୍ଥାନିତ କରାଯାଇଛି। ଇଙ୍ଗିତା ମଲ୍ଲିକ, ପ୍ରିତିଶ ବେହେରା, ପ୍ରିୟଙ୍କା ଘଡେଇ ପ୍ରମୁଖ ଯୋଗଦେଇଥିଲେ।

## ସାଇକେଲ ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା



କୃଷ୍ଣପ୍ରସାଦରେ ସାଇକେଲ ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**କୃଷ୍ଣପ୍ରସାଦ,୬।୧୨(ଡି.ଏନ୍.ଏ.)**

ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ୫ ଜଣିଆ ସାଇକେଲ ଯାତ୍ରୀ ଦଳ କୋଲକାତାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଦୀର୍ଘ ୨୮ଶହ କିଲୋମିଟର ଯାତ୍ରା କରିବେ। ମଙ୍ଗଳବାର ଏହି ସାଇକେଲ ଦଳ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ ପହଞ୍ଚିଛନ୍ତି। ଚିଲିକା ନୂଆପଡ଼ା ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବହୁ ବୁଦ୍ଧିଜୀବୀ ଯୋଗଦେଇ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କୃଷକଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ସାଇକେଲ ଯାତ୍ରୀ ଦଳ କହିବା ସହ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବ୍ରହ୍ମପୁର ଦେଇ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଦେଇ ଗନ୍ତବ୍ୟ ସ୍ଥଳ କନ୍ୟାକୁମାରୀକୁ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

# ଯୁବ କଂଗ୍ରେସର ସିଡିଏମ୍‌ଓ କାର୍ଯ୍ୟାଳୟ ଘେରାଉ

**ପୁରୀ ଅଫିସ,୬।୧୨**



ସିଡ଼ିଏମ୍‌ଓ କାର୍ଯ୍ୟାଳୟ ଆଗରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଠିକ୍ ଭାବେ ଚିକିତ୍ସା ସୁବିଧା ମିଳୁ ନ ଥିବା ଓ କାର୍ଯ୍ୟରେ ଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଅବହେଳା କରୁଥିବା ଅଭିଯୋଗ କରି ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସିଡିଏମ୍‌ଓ କାର୍ଯ୍ୟାଳୟ ଘେରାଉ କରିବା ସହ ସିଡିଏମ୍‌ଓଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସୋମବାର ସନ୍ଧ୍ୟାରେ ଜଣେ ରୋଗୀ ଚିକିତ୍ସା ପାଇଁ ମେଡିକାଲ ଆସିଥିଲେ ମାତ୍ର ଉକ୍ତ ସମୟରେ ଡାକ୍ତର ଅନୁପସ୍ଥିତ ଥିଲେ। ଏପରିକି ମେଡିସିନ ୱାର୍ଡ ବାହାରେ ଲାଗିଥିବା ଡ୍ୟୁଟି ଚାର୍ଟ ବୋର୍ଡ଼ରେ ନାମ ଲେଖା ନ ଥିଲା। ଏନେଇ ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କୁ ବାରମ୍ବାର ଫୋନ କରିବା ପରେ ଦୀର୍ଘ ସମୟ ପରେ ଏଡିଏମଓ ଫୋନ ଉଠାଇବାରେ ଡ୍ୟୁଟି ଚାର୍ଟ କଥା ପଚାରିବାରୁ ମୋର ଦାୟିତ୍ୱ ନୁହଁ ବୋଲି କହି ଫୋନ କାଟିଦେଇଥିଲେ। ଯାହା ଚିକିତ୍ସାଳୟର ସ୍ୱାସ୍ଥ୍ୟାବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ପୁରୀ ମେଡିକାଲରେ ସମସ୍ତ ବିଭାଗୀୟ ଡ୍ୟୁଟି ଚାର୍ଟ ବୋର୍ଡକୁ ପ୍ରତ୍ୟେକ ଦିନ କାର୍ଯ୍ୟକାରୀ କରିବା, ଆପଦକାଳୀନ ପରିସ୍ଥିତିରେ ତତ୍କାଳୀନ ଫୋନ ନମ୍ବର ପ୍ରତ୍ୟେକ ବିଭାଗୀୟ ୱାର୍ଡରେ ଲେଖିବା ସହ ଟାଇମ ଚାର୍ଟ ଓ ଫୋନ ନମ୍ବର ଡାକ୍ତରଙ୍କ ରଖିବା, ଡାକ୍ତରମାନେ ନିରାମୟ ଔଷଧ ଲେଖିବା, ପୁରୀରେ ଆଇସିୟୁ ସରଞ୍ଜାମ ଥିଲେ ବି ଏକ କୋଠରିରେ ବନ୍ଦ ଥିବାରୁ ତାହାକୁ କାର୍ଯ୍ୟକାରୀ କରିବା, ମେଡିକାଲ ଭିତରେ ଥିବା ସହାୟତା କେନ୍ଦ୍ର ପାଖରେ ମଧୁମେହ ଓ ରକ୍ତଚାପ ଜନିତ ପରୀକ୍ଷଣ କେନ୍ଦ୍ରକୁ ଚାଲୁ କରିବା, ପ୍ରସୂତି ବିଭାଗରେ ଚିକିତ୍ସାବେଳେ ଟଙ୍କା ଦାବି କରୁଥବା ବେଳେ ଯଦି କେହି ନ ଦିଏ, ତେବେ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉ ନାହିଁ।

ତେଣୁ ଏହାକୁ ଗୁରୁତ୍ୱର ସହ ପଦକ୍ଷେପ ନେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପରେ ଆଲୋଚନାଭିତ୍ତିକ ୫ଦଫା ଦାବିପତ୍ରକୁ ଧ୍ୟାନ ଦେଇ କାର୍ଯ୍ୟକାରୀ କରିବେ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିବା ଛାତ୍ର ଓ ଯୁବ କଂଗ୍ରେସ କହିଛି। ଘେରାଉରେ ଜିଲ୍ଲା ଯୁବ କଂଗ୍ରେସ ନେତା ଆଲୋକ ଦାଶ, ଜିଲ୍ଲା ଛାତ୍ର ସଭାପତି ଆଶୁତୋଷ ମିଶ୍ର, ବସ୍ତି ଯୁବ ନେତା ମନୋଜ ମଣ୍ଡଳ, ଅଗଷ୍ଟିନ ଜୋସେଫ, ଅନିଲ ବେଜ, ଆଦିତ୍ୟ ସାମନ୍ତରାୟ, ଜଗଦୀଶ ରାଉତ, ହିଫଜୁଲ, ଷ୍ଟିଫେନ ଜୋସେଫ, ଅମିତ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ଗାଁ ଦାଣ୍ଡରେ ମହିଳାଙ୍କୁ ହତ୍ୟା ଘଟଣା: ଆଉ ଜଣେ ଗିରଫ

ବାଣପୁର/ଗମ୍ଭାରୀମୁଣ୍ଡା,୬ା୧୨ (ଡି.ଏନ୍.ଏ.): ବାଣପୁର ଥାନା ଗମ୍ଭାରୀମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଗତ ଅକ୍ଟୋବର ୧୦ରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଦୁଇ ଦେଢ଼ସୁର ଓ ଦିଅର ଘରୁ ଟାଣିଆଣି ରାସ୍ତା ଉପରେ ହତ୍ୟା କରିଥିଲେ। ଏହି ଘଟଣାରେ ପୂର୍ବରୁ ଜଣେ ଗିରଫ ହୋଇଥିବା ବେଳେ ମଙ୍ଗଳବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଂଶୀଧର ରାଉତରାୟ (୬୩)। ତେବେ ଖୁବ୍‌ଶୀଘ୍ର ଏହି ହତ୍ୟା ଘଟଣାରେ ଫେରାର ଥିବା ତୃତୀୟ ଅଭିଯୁକ୍ତଙ୍କୁ ମଧ ଗିରଫ କରାଯିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

### ୧୦ରୁ ଆଉଟ୍‌ରିଚ୍‌ର ଆଙ୍କରିଂ ଟ୍ରେନିଂ

ଭୁବନେଶ୍ୱର, ୬ା୧୨ (ବ୍ୟୁରୋ): ଆଉଟ୍‌ରିଚ୍ ପକ୍ଷରୁ ଡିସେମ୍ବର ୧୦ ତାରିଖରୁ ୧୦ ଦିନିଆ ଆଙ୍କରିଂ ଟ୍ରେନିଂ କାର୍ଯ୍ୟକ୍ରମ ହେବାକୁ ଯାଉଛି। ଦଶମ ଥର ପାଇଁ ଅନୁଷ୍ଠିତ ହେବାକୁ ଥିବା ଏହି ଟ୍ରେନିଂ ଏଥର ଭର୍ଚୁଆଲ ମୋଡ୍‌ରେ ହେବ। ମିଡିଆରେ କ୍ୟାରିୟର କରିବାକୁ ଚାହୁଁଥିବା ତଥା ନୂଆ କରି କ୍ୟାରିୟର କରୁଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ। କର୍ମଶାଳାରେ ରେଡିଓ, ଟେଲିଭିଜନ ଓ ଷ୍ଟେଜ ଆଙ୍କରିଂ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଏହାବ୍ୟତୀତ ରିପୋର୍ଟିଂ, ଭଏସ ଓଭର ଆଦି ବିଭିନ୍ନ ବିଷୟରେ ମଧ ତାଲିମ ଦିଆଯିବ ବୋଲି ଆୟୋଜକ ସଂସ୍ଥା ଆଉଟ୍‌ରିଚ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ସାମିଲ ହେବାପାଇଁ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ ମାଟ୍ରିକ ହୋଇଥିବାବେଳେ କୌଣସି ନିର୍ଦ୍ଦିଷ୍ଟ ବୟସସୀମା ରଖାଯାଇନାହିଁ। ଦେଶର ଜଣାଶୁଣା ସାମ୍ବାଦିକ, ନ୍ୟୁଜ ଆଙ୍କର, ରେଡିଓ ଜକି ଏବଂ ବିଶେଷଜ୍ଞମାନେ ଏଥିରେ ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ବା ବ୍ୟକ୍ତି ୭୬୮୩୮୭୦୮୧୩ ନମ୍ବରରେ ଯୋଗାଯୋଗ କରିପାରିବେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଦିଆଯିବ ବୋଲି ସଂସ୍ଥାର ମୁଖ୍ୟ ସୁବ୍ରତ କୁମାର ପତି ସୂଚନା ଦେଇଛନ୍ତି।

### ଚା' ଖଟିରେ ଅପରାଜିତା

ବାଲିଅନ୍ତା,୬ା୧୨(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ସତ୍ୟଭାମାପୁର ପଞ୍ଚାୟତର ରଙ୍ଗ ବଜାରଠାରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଏକ ଚା' ଖଟି ଆୟୋଜନ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ଏଥିରୁ କିଛି ଅନୁଭୂତି ସାଉଁଟିବା ସହ ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇପାରୁଛନ୍ତି ବୋଲି କହିଥିଲେ। ରଙ୍ଗ ବଜାର ଛକରେ ଏକ ଶୌଚାଳୟ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ରାସ୍ତା ସମ୍ପ୍ରସାରଣ ଯୋଗୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କ ପାଇଁ ଯାହା ଉଚିତ, ତାହା ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥିସହ ଏହି ଅଞ୍ଚଳରୁ ବେଆଇନ ବାଲି ଚାଲାଣ ବନ୍ଦ ନ ହେଲେ ଆଗାମୀ ଦିନରେ ଏକ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ବିଜୟ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ଶିବ ମଲ୍ଲିକ, ମାଗୁଣି ସେଠୀ, ପ୍ରଶାନ୍ତ ଆଦିତ୍ୟ, ତାପସ ଜେନା, ଜଗନ୍ନାଥ ବେହେରା, ସଞ୍ଜୟ ପରିଜା, ସଞ୍ଜୟ ତ୍ରିପାଠୀ, ବସନ୍ତ ନାୟକ, ସିଦ୍ଧେଶ୍ୱର ନାଥଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଶତାଧିକ ମହିଳା ଚା' ଖଟିରେ ସାମିଲ ହୋଇଥିଲେ।

### ୧୧ରେ 'ବିଜେବି ଫ୍ରେଣ୍ଡସ'ର ବନ୍ଧୁମିଳନ

ଭୁବନେଶ୍ୱର,୬ା୧୨(ବ୍ୟୁରୋ)- ବିଜେବି କଲେଜ ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ'ର ବନ୍ଧୁ ମିଳନ ଆସନ୍ତା ୧୧ ତାରିଖରେ ହେବାକୁ ଯାଉଛି। ଏ ନେଇ ମଙ୍ଗଳବାର ବିଜେବି ଫ୍ରେଣ୍ଡସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଏକ ସଭା ଆୟୋଜନ ସହ ବିଜେବି କଲେଜର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଗତ ନଭେମ୍ବର ୨୭ରେ ଆୟୋଜିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଥିସହ ବିଜ୍ଞାନ ଓ ପ୍ରଯୁକ୍ତି ପାଇଁ ପଦ୍ମଶ୍ରୀ ପୁରସ୍କାର ବିଜେତା ବିଜେବି କଲେଜ ୧୯୭୧ ବ୍ୟାଚର ଛାତ୍ର ଆଦିତ୍ୟ ପ୍ରସାଦ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ରକ୍ତଦାନ ଶିବିର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଖବରଦାତା ସମ୍ମିଳନୀରେ ସଂଘର ସଭାପତି ଦେବାଶିଷ ପଟ୍ଟନାୟକ, ସମ୍ପାଦକ ସତ୍ୟବ୍ରତ ଧୁପଲ ଏବଂ ବିଜେବି କଲେଜର ଅଧକ୍ଷ ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତା ବଢ଼ାଉଛି ନିର୍ମାଣଜନିତ ବର୍ଜ୍ୟ

**ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ପଡ଼ିରହୁଛି**

- ରାସ୍ତା ସଂକୀର୍ଣ୍ଣ ହେବା ସହ ଦୁର୍ଘଟଣା ଘଟୁଛି
- ବିଏମ୍‌ସିର ଦେୟଯୁକ୍ତ ସେବା ପ୍ରତି ଆଗ୍ରହ ନାହିଁ

ଭୁବନେଶ୍ୱର,୬ା୧୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଣ୍ଟା ଭିଡ଼ିଛି। ଏଥିପାଇଁ ଜିରୋ ଜିପିଏସ୍ (ଗ୍ରାସ୍-ପ୍ଲାଷ୍ଟିକ-ସଏଲ୍) ଅଭିଯାନ ଆରମ୍ଭ ହୋଇଛି। ତେବେ ରାସ୍ତାରୁ ଅନାବନା ଘାସ, ପ୍ଲାଷ୍ଟିକ ଓ ନିର୍ମାଣଜନିତ ବର୍ଜ୍ୟ ହଟାଇବା ସହରର କେବଳ ପ୍ରମୁଖ ସଡ଼କରେ ସୀମିତ ରହିଛି। କେତେବେଳେ ଘରୋଇ ଆବର୍ଜନା ତ ଆଉ କେବେ ବ୍ୟବସାୟିକ ପ୍ରତିଷ୍ଠାନରୁ ବାହାରୁଥିବା ଆବର୍ଜନା ପରିଚାଳନାକୁ ନେଇ ବିଏମ୍‌ସିକୁ ନାକେଦମ୍ ହେବାକୁ ପଡୁଛି। ଘରୋଇ ଆବର୍ଜନା ପରିଚାଳନା ପାଇଁ ସଫେଇଗାଡ଼ି, ପୃଥକ୍ ଅଳିଆ ଡବା ବ୍ୟବହାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଥିବାବେଳେ ବ୍ୟବସାୟିକ ପ୍ରତିଷ୍ଠାନ, ହାଟବଜାର ଆଦିରୁ ବାହାରୁଥିବା ବର୍ଜ୍ୟ ପରିଚାଳନା ପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ସଚେତନ କରାଯାଉଛି। ନିଜ ନିଜ ବ୍ୟବସାୟିକ ପ୍ରତିଷ୍ଠାନର ୫ ମିଟର ପରିଧି ପର୍ଯ୍ୟନ୍ତ ସଫାସୁତୁରା ରଖିବା ପାଇଁ ତାଗିଦା କରାଯାଉଛି। ତେବେ ସହରରେ ସରକାରୀ ଓ ବେସରକାରୀ ସ୍ତରରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟରୁ ବାହାରୁଥିବା ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ବିଏମ୍‌ସି ପଛରେ ପଡ଼ିଛି। ସହରର ଅଧିକାଂଶ ଗଳିକନ୍ଦିରେ ବିଭିନ୍ନ ନିର୍ମାଣଜନିତ କାର୍ଯ୍ୟ ଜାରି ରହିଛି। ପାଇପ୍ ଲାଇନ୍, ଡ୍ରେନେଜ୍, ସ୍ୱେରେଜ୍, ରାସ୍ତା ନିର୍ମାଣ ପରେ ଅବଶିଷ୍ଟ ବାଲିଗୋଡ଼ି ସମ୍ପୃକ୍ତ ସ୍ଥାନରେ ପଡ଼ି ରହୁଛି। ୱାଟ୍‌କୋ ପକ୍ଷରୁ ଘରେ ଘରେ ମିଟର ଲଗାଯିବା ତଥା ଅନ୍ୟାନ୍ୟ ପ୍ରକ୍ରିୟା ପାଇଁ ରାସ୍ତା ଖୋଳି ଦିଆଯାଉଛି। କିନ୍ତୁ ଏହାକୁ ଠିକ୍ ଭାବେ ପୋତାଯାଉ ନ ଥିବାରୁ ରାସ୍ତା ଉପରେ ଅବଶିଷ୍ଟାଂଶ ପଡ଼ିରହୁଛି। ରସୁଲଗଡ଼ର ଜିଜିପି କଲୋନୀ, ପଟିଆ, ଡମଣା, ଚନ୍ଦ୍ରଶେଖରପୁର, ପୁରୁଣା ଭୁବନେଶ୍ୱର, ଆଇଗିଣିଆ, ଡୁମୁଡୁମା, ବଡ଼ଗଡ଼ ଆଦି ଅଞ୍ଚଳରେ ସ୍ଥାନେ ସ୍ଥାନେ ଏପରି ଆବର୍ଜନା ଦେଖିବାକୁ ମିଳୁଛି। ଏହା ବ୍ୟତୀତ ସହରର ଅନ୍ୟାନ୍ୟ ଗଳିକନ୍ଦିରେ ଏପରି ସମସ୍ୟା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ଦୀର୍ଘଦିନ ଧରି ବର୍ଜ୍ୟବସ୍ତୁ ପଡ଼ିରହିବାରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ କେତେକ ସ୍ଥାନରୁ ସେସବୁକୁ ହଟାଯାଉଛି। ବିଶେଷକରି ପେଭର ବ୍ଲକ୍ ପଡୁଥିବା ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ସେହିପରି ରାସ୍ତା ଖୋଳି ପାଇପ୍ ବିଛାଇବା ପରେ ମାଟି ପୋତିବା ସହ ଅବଶିଷ୍ଟ ମାଟି, କଂକ୍ରିଟ୍ ବା ପିଚୁ ଉଠାଇବାକୁ ମାସ ମାସ ବିତିଯାଉଛି। ଏପରି ବର୍ଜ୍ୟ ପଡ଼ିରହିବା ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇପଡୁଛି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ସମ୍ପୃକ୍ତ ଅଞ୍ଚଳର ସୌନ୍ଦର୍ଯ୍ୟ ହାନି ହେଉଛି। ସେହିପରି ସହରରେ ନୂତନ ନିର୍ମାଣ ବା ପୁନଃ ନିର୍ମାଣ କରୁଥିବା ମାଲିକମାନେ ମଧ ମାସ ମାସ ଧରି ରାସ୍ତା ଉପରେ ନିର୍ମାଣଜନିତ ବର୍ଜ୍ୟ ଗଦେଇ ରଖୁଛନ୍ତି। ନିର୍ମାଣଜନିତ ବର୍ଜ୍ୟ ହଟାଇବା ପାଇଁ ବିଏମ୍‌ସି ପକ୍ଷରୁ ଦେୟଯୁକ୍ତ ସେବା ପ୍ରଦାନ କରାଯାଉଥିଲେ ମଧ ଘର ମାଲିକମାନେ ଏହି ସେବା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଭିନ୍ନ କଲୋନୀ, ବସ୍ତି ଅଞ୍ଚଳରୁ ଆରମ୍ଭ କରି ମୁଖ୍ୟ ସଡ଼କରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ଏହାକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ଏ ନେଇ ବିଏମ୍‌ସି ପରିମଳ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ରାସ୍ତା ପାର୍ଶ୍ୱରେ ନିର୍ମାଣଜନିତ ବର୍ଜ୍ୟବସ୍ତୁ ପଡ଼ିରହିଛି।

## ବାର୍‌ହା ମାଂସ ଜବତ: ୨ ଶିକାରୀ ଗିରଫ

ବାଲୁଗାଁ/ବାଣପୁର/ଗମ୍ଭାରୀମୁଣ୍ଡା, ୬ା୧୨(ଡି.ଏନ୍.ଏ.)

ବାଲୁଗାଁ ବନାଞ୍ଚଳ ଅଧୀନ ବାଣପୁର ଅରାଙ୍ଗ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ୨ଜଣ ବାର୍‌ହା ଶିକାରୀକୁ ଗିରଫ କରିଛି ବନବିଭାଗ। ଅଭିଯୁକ୍ତ ଦ୍ୱୟ ହେଲେ ବାଣପୁର ଥାନା ଅଧୀନ ପାତ୍ରପୁର ଗ୍ରାମର ସୁଜିତ ପ୍ରଧାନ(୩୦) ଏବଂ ଆୟଉପୁର ଗ୍ରାମର ଦୀପକ ପ୍ରଧାନ(୨୪)। ଏମାନଙ୍କ ନିକଟରୁ ୫ କେଜି ବାର୍‌ହା ମାଂସ ଓ ଦୁଇଟି ସାଇକେଲ୍ ଜବତ ହୋଇଛି। ସୂଚନା ମୁତାବକ, ଅରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଜଙ୍ଗଲୀ ବାର୍‌ହା ଶିକାର ହେଉଥିବା ନେଇ ବାଲୁଗାଁ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କୌଣସି ସୂତ୍ରରୁ ଖବରପାଇଥିଲେ। ବନ ଅଧିକାରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବନପାଳ ପ୍ରଦୀପ୍ତ ମହାନ୍ତି, ବନରକ୍ଷୀ ସୌମ୍ୟରଞ୍ଜନ ବେହେରା, ରାଜକିଶୋର ବେହେରା ସଦଳବଳେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲେ। ବିଭାଗୀୟ ପକ୍ଷରୁ ଏନେଇ ଏକ ମାମଲା(ନଂ.୭/୨୨-୨୩) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲଣ କରାଯାଇଥିବା ବନ ଅଧିକାରୀ ମହାନ୍ତି କହିଛନ୍ତି।



ଆମ୍ବେଡ଼କରଙ୍କ ଶ୍ରାଦ୍ଧ ଉତ୍ସବ ଅବସରରେ ମଙ୍ଗଳବାର ଦଳିତ ସଂଗଠନ ପକ୍ଷରୁ ଭୁବନେଶ୍ୱର ଏଜି ଛକରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

## ଗଣତନ୍ତ୍ର ଓ ସମାଜବାଦର ପ୍ରବକ୍ତା ଥିଲେ ଆମ୍ବେଡକର

ଭୁବନେଶ୍ୱର,୬ା୧୨(ବ୍ୟୁରୋ)

ସାମାଜିକ ନ୍ୟାୟ, ସାମ୍ୟବାଦ ପ୍ରତିଷ୍ଠା, ସମତାଭିତ୍ତିକ ସମାଜ ଗଠନ, ସମାଜ ସଂସ୍କାର ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଭୂମିକା ଅତୁଳନୀୟ। ଦେଶର ସମ୍ବିଧାନ ପ୍ରଣୟନଠାରୁ ଆରମ୍ଭ କରି ଅସ୍ପୃଶ୍ୟତା ନିବାରଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟାବଳୀ ତାଙ୍କୁ ସବୁଦିନ ପାଇଁ ଅମର ରଖିବ। ସେ ଗଣତନ୍ତ୍ର ଓ ସମାଜବାଦର ଜଣେ ଦୃଢ ପ୍ରବକ୍ତା ଥିଲେ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି। ବିଶ୍ୱବିଦ୍ୟାଳୟର ଆମ୍ବେଦକର ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଆମ୍ବେଡକରଙ୍କ ୬୬ତମ ତିରୋଧାନ ଦିବସ ପାଳନ ଅବସରରେ ଆୟୋଜିତ ଜାତୀୟ ଆଲୋଚନାଚକ୍ର 'ଡ. ଭୀମରାଓ ରାମଜୀ ଆମ୍ବେଦକର ଏବଂ ଭାରତରେ ସାମାଜିକ ପରିବର୍ତ୍ତନ'ରେ ମୁଖ୍ୟଅତିଥି ଭାବେ କୁଳପତି ଆଚାର୍ଯ୍ୟ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ପିଜି କାଉନସିଲ ଅଧକ୍ଷ ପ୍ରଫେସର ଦୁର୍ଗା ଶଙ୍କର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ କହିଥିଲେ, ସାମାଜିକ ପରିବର୍ତ୍ତନ ପାଇଁ ଆମ୍ବେଦକରଙ୍କ ଚିନ୍ତାଧାରା ତାଙ୍କ ଲେଖା ଏବଂ ବକ୍ତବ୍ୟରେ ପ୍ରତିଫଳିତ ହୋଇଛି। ଆକ୍ସନ ଏଡ୍ ଇଣ୍ଟରନ୍ୟାଶନାଲର ଉମି ଡାନିଏଲ ଶ୍ରମ କଲ୍ୟାଣ ପାଇଁ ଆମ୍ବେଦକରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ସ୍ମିତା ନାୟକ ଅତିଥି ପରିଚୟ ଏବଂ ଆମ୍ବେଦକର ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ. ରବୀନ୍ଦ୍ର ଗରାଡ ଆଲୋଚନାଚକ୍ରରେ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଲୋକ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଜ୍ୟୋତିର୍ମୟୀ ଟୁଡୁ ଧନ୍ୟବାଦ ଦେଇଥିଲେ।

## ୮୦ଗ୍ରାମ୍ ବ୍ରାଉନସୁଗାର ଜବତ: ବେପାରୀ ଗିରଫ

ଖୋର୍ଦ୍ଧା ଅଫିସ,୬ା୧୨

ଖୋର୍ଦ୍ଧା ଅବକାରୀ ମୋବାଇଲ ସ୍କ୍ୱାଡ୍ ମଙ୍ଗଳବାର ମଧ୍ୟାହ୍ନରେ ମେଡିକାଲ ନିକଟରେ ଚଢ଼ାଉ କରି ୮୦ ଗ୍ରାମ ବ୍ରାଉନସୁଗାର ଜବତ ସହ ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନାରାୟଣୀ ନଗରର ପ୍ରଫୁଲ୍ଲ କୁମାର ନାୟକ ଓରଫ ଟୁନା(୫୨)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୮ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଦୀର୍ଘ ଦିନ ହେବ ଟୁନା ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲେ। ଟୁନାଙ୍କ ଗତିବିଧି ଉପରେ ମଧ ପୋଲିସ ନଜର ରଖିଥିଲା। ମଙ୍ଗଳବାର ମଧ୍ୟାହ୍ନରେ ଟୁନା ଜଣେ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବା ପାଇଁ ମେଡିକାଲ ରୋଡରେ ଅପେକ୍ଷା କରିଥିବା ବେଳେ ଖବରପାଇ ଅବକାରୀ ଟିମ୍ ପୂର୍ବରୁ ଛପି ରହିଥିଲା। ମେଡିକାଲ ଗେଟ୍ ନିକଟରେ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବା ବେଳେ ଅବକାରୀ ଟିମ୍ ତାଙ୍କୁ ଚାରିପଟୁ ଘେରିଯାଇ ମାଡିବସିଥିଲେ। ଏଥିସହ ତାଙ୍କଠାରୁ ବ୍ରାଉନସୁଗାର ଜବତ କରିଥିଲେ। ଅବକାରୀ ଇନ୍‌ସ୍ପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଜିଲା ମୋବାଇଲ ୟୁନିଟ୍ ସବ୍ ଇନ୍‌ସ୍ପେକ୍ଟର ବି. ମନୋଜ କୁମାର, ଓଆଇସି ରାଜେନ୍ଦ୍ର ସେସ୍‌ଙ୍କ ସମେତ ବେଗୁନିଆ ଓ ଖୋର୍ଦ୍ଧାର ଟିମ୍ ସାମିଲ ଥିଲେ।

**ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ୍**

## ସେମିରେ ଜଗା ୟୁନାଇଟେଡ୍

ବାରଙ୍ଗ,୬ା୧୨(ଡି.ଏନ୍.ଏ.)

ଗଣ୍ଡରପୁର ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୨୦ତମ ଆମନ୍ତ୍ରଣୀୟ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲର ମଙ୍ଗଳବାର ୩ୟ ଦିବସରେ ଗ୍ରାମାଞ୍ଚଳର ୨ଟି ଏବଂ ସହରାଞ୍ଚଳର ଗୋଟିଏ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଆୟୋଜିତ ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଗ୍ରାମାଞ୍ଚଳର ପ୍ରଥମ ମ୍ୟାଚ୍ ଗୋଠପୁର ମା'ମଙ୍ଗଳା କ୍ଲବ ଓ ତିନିଘରିଆ ଇଲେଭେନଗନ୍ କ୍ଲବ ମଧ୍ୟରେ ହୋଇଥିଲା। ଅମୀମାଂସିତ ମ୍ୟାଚ୍ ପାଇଁ ଟ୍ରାଇବ୍ରେକର ସହାୟତାରେ ଗୋଠପୁର ୫-୩ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଦ୍ୱିତୀୟ ମ୍ୟାଚ୍ ବଉଳକୁଦ ସ୍ୱର୍ଣ୍ଣଦେବୀ କ୍ଲବ ୨-୦ ଗୋଲରେ ବେଲଗଛିଆକୁ ହରାଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ସହରାଞ୍ଚଳର ତୃତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଜଗା ୟୁନାଇଟେଡ୍ କ୍ଲବ ପ୍ରଥମାର୍ଦ୍ଧରେ ୧-୦ ଗୋଲରେ ଭଦ୍ରକ ୟୁନାଇଟେଡ୍ କ୍ଲବକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଗ୍ରାମାଞ୍ଚଳର ଗୋଠପୁରର ଖଗୁ ବାସକେ, ବଉଳକୁଦର ଦୀନବନ୍ଧୁ ଦାସ ଏବଂ ସହରାଞ୍ଚଳ ୟୁନାଇଟେଡ କ୍ଲବର ସୁବ୍ରତ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଟୁର୍ନାମେଣ୍ଟକୁ ସୁଦିପ ଦାସ, ରାଜୁ ମହାନ୍ତି, ବ୍ରହ୍ମାନନ୍ଦ ଭୋଇ, ସଞ୍ଜିବ ଦାସ, ଅରୁଣ ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ବରାହୀପୁର ସୁପ୍ରିମ ଫୁଟବଲ କ୍ଲବ ଓ ଉଷୁମା ମଦନମୋହନ କ୍ଲବ ଏବଂ ଦ୍ୱିତୀୟ ମ୍ୟାଚ୍ ଘାଟିକିଆ ବଜରଙ୍ଗବାଲି କ୍ଲବ ଓ ଟାଙ୍ଗିବନ୍ତ ବାବା ବାଞ୍ଛାମଣି କ୍ଲବ ମଧ୍ୟରେ ହେବ।

## ଏନ୍‌ଇଏମ୍‌ରେ ହକି ବିଶ୍ୱକପ୍ ଟ୍ରଫି ପ୍ରଦର୍ଶିତ



ଭୁବନେଶ୍ୱରଠାରେ କେରଳ ଟୁରିଜମ୍ ପକ୍ଷରୁ ଏକ ରୋଡ୍ ଶୋ ସହ ବି୨ବି ବୈଠକ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେରଳୀ କଳାକାରମାନେ ସୁନ୍ଦର କଳା ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୬ା୧୨

ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍(ଏନ୍‌ଇଏମ୍) ପରିସରରେ ମଙ୍ଗଳବାର ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍-୨୦୨୩ର ଟ୍ରଫି ପ୍ରଦର୍ଶନ କରାଯାଇଛି। ବିଶେଷକରି ମଲ୍ ପରିସରକୁ ଆସୁଥିବା ସବୁ ବର୍ଗର ଜନସାଧାରଣଙ୍କ ପାଇଁ ଉକ୍ତ ଟ୍ରଫି ପ୍ରଦର୍ଶନର ସୁନ୍ଦର ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ର ନିର୍ଦ୍ଦେଶକ ପାର୍ଥପ୍ରତିମ ନାୟକ କହିଛନ୍ତି, ଜନସାଧାରଣଙ୍କ ପାଇଁ ମଲ୍ ପରିସରରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନକରି ଆମେ ଖୁସି ଅଛୁ। ଏପରିକି ଆଗାମୀ ବିଶ୍ୱକପ୍ ପାଇଁ ଟିମ୍ ଇଣ୍ଡିଆକୁ ମଲ୍ ପକ୍ଷରୁ ଶୁଭେଚ୍ଛା ଜଣାଇଛୁ ବୋଲି ସେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆସନ୍ତା ବର୍ଷ ଭୁବନେଶ୍ୱର ଓ ରାଉରକେଲାଠାରେ ଆୟୋଜନ ହେବାକୁ ଥିବା ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍-୨୦୨୩ର ଟ୍ରଫି ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## ପରିମଳ କ୍ଷେତ୍ରରେ ବିଏମ୍‌ସିକୁ ଆଉ ଏକ ପୁରସ୍କାର

**ଦିଲ୍ଲୀ ଗଲେ ମେୟରଙ୍କ ସହ ପ୍ରତିନିଧି ଦଳ**

ଭୁବନେଶ୍ୱର, ୬ା୧୨(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଜାତୀୟ ସ୍ତରରେ ଆଉ ଏକ ବଡ଼ ସଫଳତା ମିଳିଛି। ସ୍ୱେରେଜ, ସେପ୍‌ଟେଜ ଓ ଫିକାଲ୍ ମ୍ୟାନେଜମେଣ୍ଟ କ୍ଷେତ୍ରରେ ବିଏମ୍‌ସି ପୁରସ୍କୃତ ହେବ। ୭ ଓ ୮ ତାରିଖରେ ଦିଲ୍ଲୀରେ ହେବାକୁ ଥିବା ଉତ୍ସବରେ ଏହି ସମ୍ମାନ ଗ୍ରହଣ କରିବା ପାଇଁ ମେୟର ସୁଲୋଚନା ଦାସଙ୍କ ସମେତ ୫ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଦଳରେ ଡେପୁଟି କମିଶନର କମଳାକାନ୍ତ ବେହେରା, ସାନିଟେଶନ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାର, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଏବଂ ଭାରତୀ ସିଂ ସାମିଲ ଅଛନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ବିଏମ୍‌ସିର ବିଭିନ୍ନ ପଦକ୍ଷେପକୁ ରାଜଧାନୀବାସୀ ଗ୍ରହଣ କରୁଥିବାରୁ ବିଏମ୍‌ସିକୁ ସଫଳତା ମିଳିବାରେ ଲାଗିଛି।

## ରାଜ୍ୟପାଳଙ୍କୁ ୨ ପୁସ୍ତକ ଦେଲେ ବନସ୍ମିତା



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ବନସ୍ମିତା ପତି ତାଙ୍କ ପୁସ୍ତକ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୬ା୧୨(ବ୍ୟୁରୋ)

ଔପନ୍ୟାସିକା ବନସ୍ମିତା ପତି ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ତାଙ୍କର ସଦ୍ୟ ପ୍ରକାଶିତ ଇଂରାଜୀ ଉପନ୍ୟାସ 'ଜର୍ଣ୍ଣି ଟୁ ଦ ଆଇଲ୍ୟାଣ୍ଡ ଅଫ ଡଲ୍ସ' ଏବଂ 'ଦ ଆଇଭରୀ ମ୍ୟାନ' ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ପୁସ୍ତକ ଗ୍ରହଣ କରି ଖୁସି ଜାହିର କରିବା ସହ ବନସ୍ମିତାଙ୍କର ସାହିତ୍ୟ କ୍ଷେତ୍ରରେ ଅଧିକ ଉନ୍ନତି ହେଉ ବୋଲି କାମନା କରିଛନ୍ତି। ପ୍ରଫେସର ଗୌରବ ଉଦଗାତା, ରଞ୍ଜୁଲତା ପତି ଏବଂ ହେମରାଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବନସ୍ମିତାଙ୍କର ୨ଟି ଯାକ ଉପନ୍ୟାସ ଭାରତ ଓ ଭାରତ ବାହାରେ ପାଠକୀୟ ଆଦୃତି ଲାଭ କରିଛି। ଗୋଟିଏ ପୁସ୍ତକ ପର୍ଯ୍ୟଟନ ଏବଂ ଅନ୍ୟଟି ଜଣେ ସାଧାରଣ ମଣିଷର ଜୀବନ ଉପରେ ଆଧାରିତ।

## ବୁଲା କୁକୁରଙ୍କ ଗଣନା ପାଇଁ ନିୟୋଜିତ ହେବ ସଂସ୍ଥା

- 'ଭେଟ୍ ଫର୍ ଆନିମଲ'କୁ ଏବିସି ଦାୟିତ୍ୱ
- ୨୧ ଦିନରେ ୩୫୦ କୁକୁରଙ୍କ ଅସ୍ତ୍ରୋପଚାର

ଭୁବନେଶ୍ୱର, ୬ା୧୨ (ବ୍ୟୁରୋ)

ରାଜଧାନୀରେ ବୁଲା କୁକୁରଙ୍କ ଆତଙ୍କ ଅନେକ ସମୟରେ ଅସହ୍ୟ ହୋଇପଡୁଛି। ସେମାନଙ୍କ ପାଇଁ କେତେବେଳେ ଦୁର୍ଘଟଣା ଘଟୁଛି ତ ଆଉ କେତେବେଳେ କୁକୁର କାମୁଡ଼ାରେ ଲୋକମାନେ ଆହତ ହେଉଛନ୍ତି। ତେଣୁ ଏବିସି (ଆନିମଲ୍ ବାର୍ଥ କଣ୍ଟ୍ରୋଲ) ପ୍ରୋଗ୍ରାମ ଅନ୍ତର୍ଗତ ବିଏମ୍‌ସି ପକ୍ଷରୁ ସେମାନଙ୍କର ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଉଛି। ତେବେ ସହରରେ କେତେ ବୁଲା କୁକୁର ଅଛନ୍ତି ସେ ନେଇ ସୂଚନା ନାହିଁ। ତେଣୁ ବୁଲା କୁକୁରଙ୍କ ଗଣନା କରିବା, କେତୋଟି କୁକୁର କାମୁଡା କେସ୍ ରହିଛି ସେଗୁଡିକର ମନିଟରିଂ କରିବା ଏବଂ ସର୍ବୋପରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଏଜେନ୍ସି ଚୟନ କରି ଦାୟିତ୍ୱ ଦେବାକୁ ଯୋଜନା କରୁଛି ବିଏମ୍‌ସି। ମଙ୍ଗଳବାର ବିଏମ୍‌ସି ସଭା ଗୃହରେ ଏବିସି କାର୍ଯ୍ୟକ୍ରମର ମନିଟରିଂ କମିଟି ମିଟିଂରେ ଏହି ନିଷ୍ପତ୍ତି ହୋଇଛି। ଏଥିସହ ସହରରେ ଅସ୍ଥାୟୀ ରୂପେ କୁକୁରଙ୍କ ରହିବା ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରିବା, ଆନିମଲ ୱେଲଫେୟାର ବୋର୍ଡ ଅଫ୍ ଇଣ୍ଡିଆ ଦ୍ୱାରା ଧାର୍ଯ୍ୟ ଦରକୁ ଅନୁମୋଦନ ପ୍ରଦାନ କରିବା, କୁକୁର ମାଲିକ ଏବଂ ବ୍ରିଡରମାନଙ୍କ ପାଇଁ ଗାଇଡ୍‌ଲାଇନ୍ ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ବିଏମ୍‌ସି ଡେପୁଟି କମିଶନର (ୱେଲ୍‌ଫେୟାର) ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ 'ଭେଟ୍ ଫର ଆନିମଲ' ସଂସ୍ଥାର ଡା. ଶଶିକାନ୍ତ ଯାଦବ ଏବଂ ଅନ୍ୟାନ୍ୟ ସଦସ୍ୟ ଏବଂ ଅଧିକାରୀ ଉପସ୍ଥିତ ଥିଲେ।

ବିଏମ୍‌ସି ପକ୍ଷରୁ ମହାରାଷ୍ଟ୍ରର ସଂସ୍ଥା 'ଭେଟ୍ ଫର୍ ଆନିମଲ୍'କୁ ଏବିସି ଦାୟିତ୍ୱ ଦେଇଛି। ସମ୍ପୃକ୍ତ ସଂସ୍ଥାର ସଦସ୍ୟମାନେ ବୁଲା କୁକୁରଙ୍କୁ ରାସ୍ତାରୁ ନେବା ପରେ ଶହୀଦନଗରଠାରେ ଥିବା ଭେଟେରିନାରି ହସ୍ପିଟାଲରେ ରଖିଥାନ୍ତି। ପରଦିନ ସେମାନଙ୍କର ଅସ୍ତ୍ରୋପଚାର କରିବା ପରେ ଗୋଟିଏ ଦିନ ନିରୀକ୍ଷଣରେ ରଖିବା ପରେ ଆଣ୍ଟି ରେବିଜ୍ ଭ୍ୟାକ୍ସିନ ଦିଆଯାଏ। ଚତୁର୍ଥ ଦିନ ଯେଉଁଠାରୁ କୁକୁରକୁ ଉଠାଯାଇଥିଲା ପୁଣି ସେହି ସ୍ଥାନରେ ନେଇ ଛାଡ଼ିଦିଆଯାଏ। ଗୋଟିଏ କୁକୁରକୁ ଧରିବା ଏବଂ ଅସ୍ତ୍ରୋପଚାର ଠାରୁ ଭ୍ୟାକ୍ସିନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ପାଇଁ ସଂସ୍ଥାକୁ ବିଏମ୍‌ସି ପକ୍ଷରୁ ୧୬୫୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ନଭେମ୍ବରରେ ଟେଣ୍ଡର ପ୍ରକିୟା ସରିବା ପରେ ୧୬ରୁ ସଂସ୍ଥା ପକ୍ଷରୁ କାମ ଆରମ୍ଭ କରାଯାଇଛି। ଡିସେମ୍ବର ୬ ତାରିଖ ମଧ୍ୟରେ ସଂସ୍ଥା ୩୭୫ଟି କୁକୁର ଧରିଥିବା ବେଳେ ସେଥିମଧ୍ୟରୁ ୩୫୦ କୁକୁରଙ୍କ ଅସ୍ତ୍ରୋପଚାର ସାରିଥିବା ସଂସ୍ଥାର ସେକ୍ରେଟାରି ଡା. ଶଶିକାନ୍ତ ଯାଦବ ସୂଚନା ଦେଇଛନ୍ତି। କୁକୁର ଧରିବା ପାଇଁ ସଂସ୍ଥା ପକ୍ଷରୁ ୯ ଜଣ ସଦସ୍ୟ ଥିବାବେଳେ ମୋଟ୍ ୧୫ଜଣ ଷ୍ଟାଫ୍ ରହିଛନ୍ତି। ଅପରପକ୍ଷେ ବୁଲା କୁକୁରଙ୍କ ଦୌରାତ୍ମ୍ୟ କମାଇବା ପାଇଁ ବିଏମ୍‌ସି ପକ୍ଷରୁ କେବଳ ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) ପ୍ରୋଗ୍ରାମ କରାଯାଉଛି। ରାସ୍ତାରୁ କୁକୁରଙ୍କୁ ଉଠାଇ ନେଇ ସେମାନଙ୍କର ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବା ପରେ ପୁଣି ଥରେ ସେହି ସ୍ଥାନରେ ଛଡାଯାଉଛି, ଯାହାକୁ ନେଇ ସାଧାରଣରେ ଅସେନ୍ତାଷ ପ୍ରକାଶ ପାଉଛି। ଗାଈମାନଙ୍କ ଭଳି ବୁଲା କୁକୁରଙ୍କ ପାଇଁ ମଧ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଦାବି କରାଯାଉଛି। ଅପରପକ୍ଷେ ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା କହିଛନ୍ତି, ଡଗ୍ ରୁଲ୍ ୨୦୦୧ ଅନୁଯାୟୀ କୁକୁରମାନଙ୍କର ବଞ୍ଚିବାର ଅଧିକାର ଅଛି। ସେମାନଙ୍କୁ ଅନ୍ୟ ପ୍ରାଣୀଙ୍କ ଭଳି ଗୋଟିଏ ଜାଗାରେ ବାନ୍ଧି ରଖାଯାଇ ପାରିବ ନାହିଁ। ଏବିସି କାର୍ଯ୍ୟକ୍ରମ ଅଧୀନରେ ସେମାନଙ୍କର ଜନ୍ମନିୟନ୍ତ୍ରଣ ଅସ୍ତ୍ରୋପଚାର ଏବଂ ଟିକାକରଣ କରାଯାଇ ପାରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଡିସେମ୍ବର, ୨୦୨୨

**ମାଡ଼ ମାରି ଜଣେ ଗିରଫ**

କଟକ ଅଫିସ: ମାଡ଼ ମାରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଖାନ୍‌ନଗର ଅଞ୍ଚଳର ରଞ୍ଜିତ ବେହେରା। ଅଭିଯୋଗ ଅନୁଯାୟୀ, ପ୍ରଫେସରପଡ଼ାର ଜ୍ୟୋତିପ୍ରକାଶ ସାହୁ ଖାନ୍‌ନଗର ସାହି ନାମରେ କିଛି ମନ୍ତବ୍ୟ ଦେବାରୁ ସେଠାରେ ଉପସ୍ଥିତ ରଞ୍ଜିତ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ଜ୍ୟୋତିପ୍ରକାଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୬୨/୨୨) ରୁଜୁ କରିଥିଲା।



## ସଂକ୍ଷେପରେ

### ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଗିରଫ

କଟକ ସଦର, ୬।୧୨(ଡି.ଏନ୍.ଏ.)- କିଶନ ନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅବ୍‌ଦୁଲ୍ କାଦର ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଆୟୁବ୍ ଖାଁ(୪୪)। ଏନେଇ ଥାନାରେ ଏକ ମାମଲା(ନଂ.୧୪୩/୨୨) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଉକ୍ତ ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ଆୟୁବ୍ ଫେରାର କରିବାରେ ସହଯୋଗ କରିଥିଲେ। ନିଜେ ଗ୍ରାମରେ ରହୁଥିଲେ ମଧ ପୋଲିସକୁ ଚକ୍‌ମା ଦେଇ ଆସୁଥିଲା। ଗତ ଅଗଷ୍ଟ ୧୦ ତାରିଖ ରାତିରେ କାଦରଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ଏହି ଘଟଣାର ତଦନ୍ତ ଡିଏସ୍‌ପି ରଣଜିତ୍ ପୃଷ୍ଟିଙ୍କୁ ଦିଆଯାଇଥିଲା।

### ମୋତିଆବିନ୍ଦୁ ପରୀକ୍ଷା ଶିବିର

ବାଙ୍କୀ,୬।୧୨(ସ୍ୱ.ପ୍ର.)- ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ପଞ୍ଚାୟତରେ ରାଷ୍ଟ୍ରୀୟ ନେତ୍ରଜ୍ୟୋତି ଅଭିଯାନରେ ମାଗଣା ମୋତିଆବିନ୍ଦୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଟକ ଜେପିଏମ୍ ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ୫୦ଜଣଙ୍କ ଚକ୍ଷୁ ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ କଟକ ପଠାଯାଇଛି। ସାମାଜିକ କର୍ମୀ ସଦାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଚକ୍ଷୁ ପରୀକ୍ଷା ପାଇଁ ଆସିଥିବା ବ୍ୟକ୍ତିଙ୍କ ଶୁଭକାମନା କରିଥିଲେ।

### ବି.ଆର୍. ଆମ୍ବେଡକରଙ୍କ ଶ୍ରାଦ୍ଧୋତ୍ସବ

କଟକ ଅଫିସ, ୬।୧୨: ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଭାରତରତ୍ନ ଡ. ବି.ଆର୍. ଆମ୍ବେଡକରଙ୍କ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ହାଇକୋର୍ଟ ନିକଟସ୍ଥ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା, ପୂର୍ବତନ ଜିଲା ଜଜ୍ ରତିକାନ୍ତ ମହାପାତ୍ର, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ସହ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ, ସହ ସମ୍ପାଦକ ରଶ୍ମିରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ଦେବୀ ପ୍ରସାଦ ମହାନ୍ତି, ଅମିତ କୁମାର ସାହୁ, ସର୍ବେଶ୍ୱର ସାହୁ, ପଦ୍ମ କର, ସୁଶିଲ ଦାସ, ବିଜୟ କୁମାର ମଲ୍ଲିକ, ଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜେଏନ୍ କଲେଜ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର

ମାହାଙ୍ଗା,୬।୧୨(ସ୍ୱ.ପ୍ର.)- ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଜେଏନ୍ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ 'ଆୟକର ସଚେତନତା' ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ବରିଷ୍ଠ ଅଧ୍ୟାପକ ମୁକୁନ୍ଦ ରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଟ୍ ଜ୍ଞାନରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଚାର୍ଟାର୍ଡ ଆକାଉଣ୍ଟାଟ୍ ଆଶାରାମ ସ୍ୱାଇଁ ଯୋଗଦେଇ ଆୟକର ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଅଧ୍ୟାପକ ଚିନ୍ମୟୀ ବେହେରା ଧନ୍ୟବାଦ ଦେଇଥିଲେ।

# ଚିନ୍ତା ବଢ଼ାଉଛି ନିର୍ମାଣଜନିତ ବର୍ଜ୍ୟ

ଭୁବନେଶ୍ୱର,୬।୧୨(ବ୍ୟୁରୋ)




**ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ପଡ଼ିରହୁଛି**

- ରାସ୍ତା ସଂକୀର୍ଣ୍ଣ ହେବା ସହ ଦୁର୍ଘଟଣା ଘଟୁଛି
- ବିଏମ୍‌ସିର ଦେୟଯୁକ୍ତ ସେବା ପ୍ରତି ଆଗ୍ରହ ନାହିଁ

ଭୁବନେଶ୍ୱର ମହାନଗର ନିଗମାଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଣ୍ଟା ଭିଡ଼ିଛି। ଏଥିପାଇଁ ଜିରୋ ଜିପିଏସ୍ (ଗ୍ରାସ୍-ପ୍ଲାଷ୍ଟିକ-ସଏଲ୍) ଅଭିଯାନ ଆରମ୍ଭ ହୋଇଛି। ତେବେ ରାସ୍ତାରୁ ଅନାବନା ଘାସ, ପ୍ଲାଷ୍ଟିକ ଓ ନିର୍ମାଣଜନିତ ବର୍ଜ୍ୟ ହଟାଇବା ସହରର କେବଳ ପ୍ରମୁଖ ସଡ଼କରେ ସୀମିତ ରହିଛି। କେତେବେଳେ ଘରୋଇ ଆବର୍ଜନା ତ ଆଉ କେବେ ବ୍ୟବସାୟିକ ପ୍ରତିଷ୍ଠାନରୁ ବାହାରୁଥିବା ଆବର୍ଜନା ପରିଚାଳନାକୁ ନେଇ ବିଏମ୍‌ସିକୁ ନାକେଦମ୍ ହେବାକୁ ପଡୁଛି।

ଘରୋଇ ଆବର୍ଜନା ପରିଚାଳନା ପାଇଁ ସଫେଇଗାଡ଼ି, ପୃଥକ୍ ଅଳିଆ ଡବା ବ୍ୟବହାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଥିବାବେଳେ ବ୍ୟବସାୟିକ ପ୍ରତିଷ୍ଠାନ, ହାଟବଜାର ଆଦିରୁ ବାହାରୁଥିବା ବର୍ଜ୍ୟ ପରିଚାଳନା ପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ସଚେତନ କରାଯାଉଛି। ନିଜ ନିଜ ବ୍ୟବସାୟିକ ପ୍ରତିଷ୍ଠାନର ୫ ମିଟର ପରିଧି ପର୍ଯ୍ୟନ୍ତ ସଫାସୁତୁରା ରଖିବା ପାଇଁ ତାଗିଦା କରାଯାଉଛି। ତେବେ ସହରରେ ସରକାରୀ ଓ ବେସରକାରୀ ସ୍ତରରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟରୁ ବାହାରୁଥିବା ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ବିଏମ୍‌ସି ପଛରେ ପଡ଼ିଛି। ସହରର ଅଧିକାଂଶ ଗଳିକନ୍ଦିରେ ବିଭିନ୍ନ ନିର୍ମାଣଜନିତ କାର୍ଯ୍ୟ ଜାରି ରହିଛି। ପାଇପ୍ ଲାଇନ୍, ଡ୍ରେନେଜ୍, ସ୍ୱେରେଜ୍, ରାସ୍ତା ନିର୍ମାଣ ପରେ ଅବଶିଷ୍ଟ ବାଲିଗୋଡ଼ି ସମ୍ପୃକ୍ତ ସ୍ଥାନରେ ପଡ଼ି ରହୁଛି। ଓ୍ୱାଟ୍‌କୋ ପକ୍ଷରୁ ଘରେ ଘରେ ମିଟର ଲଗାଯିବା ତଥା ଅନ୍ୟାନ୍ୟ ପ୍ରକ୍ରିୟା ପାଇଁ ରାସ୍ତା ଖୋଳି ଦିଆଯାଉଛି। କିନ୍ତୁ ଏହାକୁ ଠିକ୍ ଭାବେ ପୋତାଯାଉ ନ ଥିବାରୁ ରାସ୍ତା ଉପରେ ଅବଶିଷ୍ଟାଂଶ ପଡ଼ିରହୁଛି। ରସୁଲଗଡ଼ର ଜିଜିପି କଲୋନୀ, ପଟିଆ, ଡମଣା, ଚନ୍ଦ୍ରଶେଖରପୁର, ପୁରୁଣା ଭୁବନେଶ୍ୱର, ଆଇଗିଣିଆ, ଡୁମୁଡୁମା, ବଡ଼ଗଡ଼ ଆଦି ଅଞ୍ଚଳରେ ସ୍ଥାନେ ସ୍ଥାନେ ଏପରି ଆବର୍ଜନା ଦେଖିବାକୁ ମିଳୁଛି। ଏହା ବ୍ୟତୀତ ସହରର ଅନ୍ୟାନ୍ୟ ଗଳିକନ୍ଦିରେ ଏପରି ସମସ୍ୟା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ଦୀର୍ଘଦିନ ଧରି ବର୍ଜ୍ୟବସ୍ତୁ ପଡ଼ିରହିବାରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ କେତେକ ସ୍ଥାନରୁ ସେସବୁକୁ ହଟାଯାଉଛି। ବିଶେଷକରି ପେଭର ବ୍ଲକ୍ ପଡୁଥିବା ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ସେହିପରି ରାସ୍ତା ଖୋଳି ପାଇପ୍ ବିଛାଇବା ପରେ ମାଟି ପୋତିବା ସହ ଅବଶିଷ୍ଟ ମାଟି, କଂକ୍ରିଟ୍ ବା ପିଚୁ ଉଠାଇବାକୁ ମାସ ମାସ ବିତିଯାଉଛି। ଏପରି ବର୍ଜ୍ୟ ପଡ଼ିରହିବା ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇପଡୁଛି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ସମ୍ପୃକ୍ତ ଅଞ୍ଚଳର ସୌନ୍ଦର୍ଯ୍ୟ ହାନି ହେଉଛି। ସେହିପରି ସହରରେ ନୂତନ ନିର୍ମାଣ ବା ପୁନଃ ନିର୍ମାଣ କରୁଥିବା ମାଲିକମାନେ ମଧ ମାସ ମାସ ଧରି ରାସ୍ତା ଉପରେ ନିର୍ମାଣଜନିତ ବର୍ଜ୍ୟ ଗଦେଇ ରଖୁଛନ୍ତି। ନିର୍ମାଣଜନିତ ବର୍ଜ୍ୟ ହଟାଇବା ପାଇଁ ବିଏମ୍‌ସି ପକ୍ଷରୁ ଦେୟଯୁକ୍ତ ସେବା ପ୍ରଦାନ କରାଯାଉଥିଲେ ମଧ ଘର ମାଲିକମାନେ ଏହି ସେବା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଭିନ୍ନ କଲୋନୀ, ବସ୍ତି ଅଞ୍ଚଳରୁ ଆରମ୍ଭ କରି ମୁଖ୍ୟ ସଡ଼କରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ଏହାକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପଟେ ଏ ନେଇ ବିଏମ୍‌ସି ପରିମଳ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜମି ଜାଲିଆତିର ଶିକାର ହେଲେ ଖବରକାଗଜ ବିତରକ

ନିଶ୍ଚିନ୍ତକୋଇଲି,୬।୧୨(ସ୍ୱ.ପ୍ର)

**ଚଞ୍ଚକତା ପୂର୍ବକ ଜମି ହାତେଇନେଲେ ସମ୍ପର୍କୀୟ**

କଟକ ବଡ ଡାକ୍ତରଖାନାରେ ଖବରକାଗଜ ବିକି ଗୁଜୁରାଣ ମେଣ୍ଟାଉଥିବା ଜଣେ ବିତରକଙ୍କ ନିଜ ପୈତୃକ ସମ୍ପତ୍ତିକୁ ସମ୍ପର୍କୀୟମାନେ ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ। ଏହି ତହସିଲ ଅନ୍ତର୍ଗତ ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ କଟିକଟା ପଞ୍ଚାୟତର ପଶ୍ଚିମଖଣ୍ଡଭୋଳ ମୌଜା ରହିଛି। ଏହି ମୌଜାର ଗୁଣନିଧି ପାଣ୍ଡେଙ୍କ ପୁତ୍ର ଅଜିତ ପାଣ୍ଡେ କଟକରେ ଦୀର୍ଘ ଦିନ ହେବ ଖବରକାଗଜ ବିତରକ ରୂପେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ସେ ଦୀର୍ଘ ବର୍ଷ ହେଲା କଟକରେ ରହି ଆସୁଥିବା ବେଳେ କାଁ ଭାଁ ନିଜ ପୈତୃକ ଗ୍ରାମ ପଶ୍ଚିମଖଣ୍ଡଭୋଳକୁ ଆସିଥାନ୍ତି। ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଭାଇ ଓ ପୁତୁରାମାନେ ଚଞ୍ଚକତା ପୂର୍ବକ ବିନା ସ୍ୱୀକୃତିରେ ବଣ୍ଟନପତ୍ର କରି ମୂଲ୍ୟବାନ ସମ୍ପତ୍ତି ହାତେଇ ପରେ ହସ୍ତାନ୍ତର କରିଛନ୍ତି। ପାଣ୍ଡେ ନିଜ ପୈତୃକ ସମ୍ପତ୍ତିର ହିସାବ କରିବାକୁ ଆସି ସମ୍ପତ୍ତିରୁ ବାଦ ପଡିଥିବା ଜାଣିବା ପରେ ମଙ୍ଗଳବାର କଟକ ଜିଲାପାଳ ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ପାଣ୍ଡେ ଓ ଅନ୍ୟ ଅଂଶୀଦାରଙ୍କ ନାମରେ ପଶ୍ଚିମଖଣ୍ଡ ଭୋଳ ମୌଜାର ଖାତା ନଂ ୩୮୮, ପ୍ଲଟ ନଂ ୮୯, ଚକ ନଂ ୪୮, ରକବା ଏ୦.୯୪୫ଡି ରହିଛି। ଉକ୍ତ ବୃତ୍ତିକୁ ପାଣ୍ଡେଙ୍କ ବିନା ସ୍ୱୀକୃତିରେ ଓଏଲଆର କେଶ(୧୯(୧) ସି) ନଂ ୫୩୫/୨୦୦୫ରେ ତାଙ୍କର ଅଂଶୀଦାରମାନେ ଚଞ୍ଚକତା ପୂର୍ବକ ଉକ୍ତ ଜମିକୁ ହାତେଇ ନେଇଛନ୍ତି। ଏପରିକି ଏହି ଜମିର କିସମ ପରିବର୍ତ୍ତନ ନିମନ୍ତେ ମଧ ନିଶ୍ଚିନ୍ତକୋଇଲି ତହସିଲରେ ମାମଲା ନଂ.ଓଏଲଆର୮(୧)ସି ନଂ ୩୩୨୫/୨୦୨୨ରେ ଆବେଦନ କରାଯାଇଛି।

ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର ଦିଲିପ କୁମାର ନାୟକ କୁହନ୍ତି ଏସମ୍ପର୍କରେ ତାଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣାଟି ୨୦୦୫ରେ ସାଲେପୁର ତହସିଲ କାର୍ଯ୍ୟାଳୟରେ ହୋଇଥିଲା। ଏହାର ତଦନ୍ତ ନିମନ୍ତେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



କୋଲକାତାସ୍ଥିତ ସାଇ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ହାସଲ କରିଥିବା ମହିଳା ଓ ପୁରୁଷ ଟିମ୍‌ର ଖେଳାଳି।

# ଓଡ଼ିଶା ପୋଲିସକୁ ୨ ବ୍ରୋଞ୍ଜ ପଦକ

କଟକ ଅଫିସ,୬।୧୨:

**୭୧ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍**

୭୧ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସର ମହିଳା ଓ ପୁରୁଷ ଟିମ୍ ଦଳଗତ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ପୋଲିସର ପୁରୁଷ ଟିମ୍ ସିଆଇଏସଏଫ୍‌କୁ ୬-୪ ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ମହିଳା ବର୍ଗରେ ଓଡ଼ିଶା ପୋଲିସ ତାମିଲନାଡ଼ୁକୁ ୪-୨ ଗୋଲରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ପୋଲିସ ଆନୁକୂଲ୍ୟରେ କୋଲକାତାସ୍ଥିତ ସାଇ କମ୍ପ୍ଲେକ୍ସଠାରେ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଓଡ଼ିଶା ଫେରିବା ପରେ ପୁରୁଷ ଟିମ୍‌ର ଅଧିନାୟକ ଅଲମ୍ପିୟାନ ବୀରେନ୍ଦ୍ର ଲାକ୍ରା ଓ ଟିମ୍ ମ୍ୟାନେଜର ସଞ୍ଜୀବ କୁମାର ଲାକ୍ରା ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ସୁନୀଲ ବଂଶଲଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଡିଜିପି ବଂଶଲ କ୍ରୀଡାବିତ୍‌ମାନଙ୍କ ସଫଳତାରେ ଖୁସି ହେବା ସହ ଭବିଷ୍ୟତରେ ଆହୁରି କଠିନ ପରିଶ୍ରମ କରି ରାଜ୍ୟ ପୋଲିସ ପାଇଁ ଅଧିକ ସଫଳତା ଆଣିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଆର୍. କେ. ଶର୍ମା ଏହି ସାକ୍ଷାତ୍ ସମୟରେ ଉପସ୍ଥିତ ଥିଲେ।

# ଅଦାଲତ ଗୃହ ନିର୍ମାଣ ପାଇଁ ବ୍ୟୟ ମଞ୍ଜୁର

ଆଠଗଡ, ୬।୧୨(ସ୍ୱ.ପ୍ର.)

ଆଠଗଡ ବିଚାର ବିଭାଗୀୟ ନୂତନ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟୟ ଅଟକଳକୁ ମଞ୍ଜୁର କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୭ କୋଟି ୨୪ ଲକ୍ଷ ୪ହଜାର୪୪୮ଟଙ୍କା ମଞ୍ଜୁର କରାଯାଇଛି। ରାଜ୍ୟ ସରକାରଙ୍କ ଢେଙ୍କାନାଳ ସର୍କଲ ପୂର୍ତ୍ତ ବିଭାଗ(ରାସ୍ତା ଓ ଗୃହ ନିର୍ମାଣ) ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଏନେଇ ଟେଣ୍ଡର ଆହ୍ୱାନ କରାଯାଇଛି। ଆଠଗଡରେ ଅତିରିକ୍ତ ଜିଲା ଦୌରାଜଜ୍, ସହକାରୀ ଦୌରାଜଜ୍, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଆଦି ୪ଟି ଅଦାଲତ ପରିଚାଳିତ ହୋଇଥାଏ। ଏଥିପାଇଁ ଆବଶ୍ୟକ ଗୃହର ଅଭାବ ପରିଲକ୍ଷିତ ହେଉଥିଲା। ଉପଖଣ୍ଡ ୪ଟି ବ୍ଲକର ଜନସାଧାରଣ ନ୍ୟାୟିକ ବ୍ୟବସ୍ଥା ପାଇଁ ଅଦାଲତ ଉପରେ ନିର୍ଭର କରିଥାନ୍ତି। ଏନେଇ ବାରମ୍ବାର ଦାବି ହୋଇ ଆସୁଥିଲା। ନୂତନ ଗୃହ ନିର୍ମାଣ ଘୋଷଣା ପରେ ଆଠଗଡ ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା, ପୂର୍ବତନ ସଭାପତି ପ୍ରଶାନ୍ତ ପଟ୍ଟନାୟକ, ପ୍ରସନ୍ନ କୁମାର ରାଉତ, ବିନୟ ଶୁକ୍ଲା, ସଞ୍ଜୟ ଦାଶ ପ୍ରମୁଖ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁଙ୍କୁ ସାଧୁବାଦ ଜଣାଇଛନ୍ତି।

# 'ରାଧାନାଥ ରଥଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣୀତ ହୁଅନ୍ତୁ'

ଚୌଦ୍ୱାର/ଖୁଣ୍ଟୁଣୀ, ୬।୧୨(ଡି.ଏନ୍.ଏ.)

ହିନ୍ଦ୍ ସେବକ ସଂଘର ଚୌଦ୍ୱାର କେନ୍ଦ୍ର ଓ ଚୌଦ୍ୱାର ପ୍ରେସ୍‌କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶିଶୁସଦନ ପରିସରରେ ପଦ୍ମଭୂଷଣ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରେସ୍‌କ୍ଲବ୍ ସଭାପତି ଦାମୋଦର ସାହୁ ଯୋଗଦେଇ କହିଥିଲେ, ରାଜ୍ୟରେ ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ ସାମଗ୍ରିକ ବିକାଶରେ ରାଧାନାଥଙ୍କ ମହତ୍ ଅବଦାନ ରହିଛି। ହିନ୍ଦ୍ ସେବକ ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ, ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ଖବରଦାତା ପ୍ରକାଶ କୁମାର ନାୟକ, ସୁଧାକର ସାମନ୍ତରାୟ, ଅଜିତ୍ କୁମାର ସ୍ୱାଇଁ, ଅଶୋକ କୁମାର ଦାସ, ଲକ୍ଷ୍ମୀଧର ଦାସ, ଶିକ୍ଷାବିତ୍ ଶିବ ପ୍ରସାଦ ପତି, କେ.ସି. ପ୍ରତାପସିଂହ, ପ୍ରଦୀପ ଦାସ, ଦେବୀଦତ୍ତା ସାହୁ, ବନ୍ଦନା ମହାନ୍ତି, ଶିବାନୀ ଦାସ ପ୍ରମୁଖ ଯୋଗଦେଇଥିଲେ। କ୍ଲବ୍ ସମ୍ପାଦକ ରମେଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଓ ବିଶ୍ୱଜିତ୍ ଭଞ୍ଜ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଶିଶୁସଦନର ଅନ୍ତେବାସୀଙ୍କଦ୍ୱାରା ସମୂହ ବେଦ ଆବୃତ୍ତି, ଗୀତା ପାଠ, ମଙ୍ଗଳ ଆଳତି, ସର୍ବଧର୍ମ ପ୍ରାର୍ଥନା ଓ ଭଜନ ପରିବେଷଣ ଭଳି ଅନେକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ପଦ୍ମଭୂଷଣ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ. ଶଶିଭୂଷଣ ମିଶ୍ର ଅଧ୍ୟକ୍ଷତା କରି ଆଜିର ଯୁବସମାଜ ଓ ଛାତ୍ରୀଛାତ୍ର ରାଧାନାଥଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଅନୁଷ୍ଠିତ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ୫୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ୧୬ ଦିନରେ ପହଞ୍ଚିଲା କାର୍ଯ୍ୟବନ୍ଦ ଆନ୍ଦୋଳନ



ଆନ୍ଦୋଳନରେ ବସିଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ।

ବାଙ୍କୀ,୬।୧୨(ସ୍ୱ.ପ୍ର.)

ବାଙ୍କୀ ଓ ଡମପଡ଼ା ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ୮ ଦଫା ଦାବି ନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ଧାରଣା ମଙ୍ଗଳବାର ୧୬ ଦିନରେ ପହଞ୍ଚିଛି। ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି କୌଣସି ସହାନୁଭୂତି ପ୍ରକାଶ କରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଧାରଣା ଯୋଗୁ ବାଙ୍କୀ ଓ ଡମପଡ଼ା ବ୍ଲକର ଶିଶୁ ବିକାଶ କାର୍ଯ୍ୟାକ୍ରମ ପୂରା ଠପ୍ ହୋଇଯାଇଛି। ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ନ ହୋଇଛି, ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ସହିତ ଧାରଣା ଚାଲୁ ରହିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# 'ଭାଷା ସାହିତ୍ୟରେ ଯୁବପିଢ଼ିଙ୍କ ଭୂମିକା' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା

ବାଙ୍କୀ,୬।୧୨(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦାର ସାହିତ୍ୟ ଅନୁଷ୍ଠାନ ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦର ୫ମ ବାର୍ଷିକ ଉତ୍ସବ ଅବସରରେ ମଙ୍ଗଳବାର ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀର ସମସ୍ତ ଯୁକ୍ତ ୨ ଓ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର 'ଭାଷା ଓ ସାହିତ୍ୟରେ ଯୁବପିଢ଼ିଙ୍କ ଭୂମିକା' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସ୍ୱନକ୍ଷତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସମ୍ପାଦକ ଅକ୍ଷୟ ସାମଲ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସରଣ୍ଡା ନିକଟସ୍ଥ ଅଂଶୁପା କନିଷ୍ଠ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ବେଉରା ଏହି ପ୍ରତିଯୋଗିତାର ଶୁଭାରମ୍ଭ କରି ଭାଷା ସାହିତ୍ୟ ଓ ସଂସ୍କୃତିରୁ ମୁହଁ ଫେରାଉଥିବା ଯୁବ ସମାଜକୁ ଏପରି ନିଆରା କାର୍ଯ୍ୟକ୍ରମ ନିଶ୍ଚିତ ସାହିତ୍ୟାନୁଖୀ କରିବ ବୋଲି ବକ୍ତବ୍ୟ ଦେଇଥିଲେ। କଲେଜର ଅଧ୍ୟାପିକା ଅଧ୍ୟାପକମାନେ ବିଚାରକ ଅତିଥି ଭାବେ କାର୍ଯ୍ୟ କରିଥିଲେ। ସଂଯୋଜକ ଶୁଭେନ୍ଦୁ ମହାପାତ୍ରଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ସଂସଦର ଉପଦେଷ୍ଟା ଲଲାଟେନ୍ଦୁ ପଣ୍ଡା, ସମ୍ପାଦକ ବାବୁଲି ରଣା ଓ ସଂଯୋଜକ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଇଥିଲେ।

# ମହାପୁରୁଷଙ୍କ ଆଦର୍ଶରେ ଉତ୍ସର୍ଗୀକୃତ ହେବାକୁ ଆହ୍ୱାନ

ଆଠଗଡ଼, ୬।୧୨(ସ୍ୱ.ପ୍ର.)

ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ୬୬ ତମ ଶ୍ରାଦ୍ଧ ଦିବସ ଓ ଆଠଗଡର ପ୍ରଥମ ବିଧାୟକ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ପଦ୍ମଭୂଷଣ ସ୍ୱର୍ଗତ ରାଧାନାଥ ରଥଙ୍କ ୧୨୬ତମ ଜୟନ୍ତୀ ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଠଗଡ ସହରସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ, ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ଗୋପବନ୍ଧୁ ମହିଳା ମହାବିଦ୍ୟାଳୟରେ ଥିବା ସ୍ୱର୍ଗତ ରଥଙ୍କ ପ୍ରତିମୂର୍ତ୍ତିରେ ଓ ଆମ୍ବେଡକରଙ୍କ ଫଟୋଚିତ୍ରରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଧାନାଥ ରଥ ସ୍ମୃତି ସଂସଦ ପକ୍ଷରୁ ମହିଳା ବିଦ୍ୟାଳୟ ପରିସରରେ ଓ ଅନୁସୂଚିତ ଜାତି ଓ ଜନଜାତି ପରିଷଦ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା।

ସେହିପରି ଆଠଗଡ ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଉଭୟ ମହାପୁରୁଷଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା ଆୟୋଜନ ହୋଇଥିଲା । ଆଠଗଡ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଉପଲକ୍ଷେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ଆଠଗଡ଼ ବ୍ଲକ ସମସରପୁରସ୍ଥିତ ସାବିତ୍ରୀ ଦେବୀ ବିଦ୍ୟାପୀଠରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କଟକ ଶ୍ରୀରାମଚନ୍ଦ୍ର ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ରକ୍ତ ଭଣ୍ଡାର ଦ୍ୱାରା ପରିଚାଳିତ ଏହି ଶିବିରରେ ୧୯୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାକେଶ ଦାଶ ପ୍ରଦୀପ୍ତ ଦାସ ପ୍ରମୁଖ ସମ୍ପାଦନା କରିଥିଲେ। ଅପରାହ୍ନରେ ଆଠଗଡ ଏନ୍‌ଏସିସ୍ଥିତ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, କଟକ ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର ଓ କୃଷକନେତା ନିରାକାର ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆମ୍ବେଡକର ଓ ରଥଙ୍କ ଭଳି ମହାପୁରୁଷଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ସମାଜର ସେବା କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ।




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ବିଜେଡି ନେତୃମଣ୍ଡଳୀ ।

# ବାଲି ସଇରାତ ନ ଥାଇ ବେଆଇନ ବାଲି ଉଠାଣ

ମାହାଙ୍ଗା ୬।୧୨(ସ୍ୱ.ପ୍ର.)

**ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ**

ମାହାଙ୍ଗା ତହସିଲରେ ବେଆଇନ୍ ବାଲି ଉଠାଣ ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ତହସିଲ ଅବା ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମାହାଙ୍ଗାର ବିଭିନ୍ନ ବାଲିଘାଟରୁ ବାଲି ଉଠାଯାଇ ଟ୍ରିପ ଟ୍ରିପ ବାହାର ଜିଲାକୁ ଚାଲାଣ କରାଯାଉଛି । ମାହାଙ୍ଗା ବ୍ଲକ ଦ୍ୱିପାଞ୍ଚଳ କୁମୁଡାଜୟପୁର ଫାଣ୍ଡି ନିକଟ ପୁରୁଣା ନଦୀଘାଟ ଓ ଭୋଳିଦାସପୁର ନଦୀଘାଟରେ ଦିନବେଳା ଗାଡ଼ି ନମ୍ବରକୁ ଅସ୍ପଷ୍ଟ କରି କିଛି ଲୋକଙ୍କ ଦ୍ୱାରା ବାଲି ଉଠାଯାଉଥିବାବେଳେ ରାତିରେ ଚାଲାଣ ହେଉଛି। ଏଥିଯୋଗୁ ସରକାରଙ୍କ ବହୁ ରାଜସ୍ୱ ହାନି ହେଉଛି। ରାଜସ୍ୱ ନିରୀକ୍ଷକ, ପୋଲିସ ସହ ବାଲି ମାଫିଆଙ୍କ ଭିତରେ ବୁଝାମଣା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିଭଳି ଜୟପୁରୁ ପୁରୁଣା ଘାଟ ଓ ଭୋଳିଦାସପୁର ଆଦି ଅଞ୍ଚଳରୁ ବାଲି ମାଫିଆମାନେ ନିର୍ଭୟରେ ବାଲି ଉଠାଇ ମାଲେମାଲ ହେଉଛନ୍ତି। ଏଥିଯୋଗୁ ଏହା ନିକଟରେ ଥିବା ନଦୀ ବନ୍ଧ ରାସ୍ତା ନଷ୍ଟ ହେବାରେ ଲାଗିଛି। ମାତ୍ର ବାଲି ମାଫିଆମାନେ ଚୋରାରେ ବାଲିଉଠାଣ ନିମନ୍ତେ ନଦୀ ମଧ୍ୟକୁ ଯିବା ପାଇଁ ନଦୀବନ୍ଧକୁ କାଟି ରାସ୍ତା ନିର୍ମାଣ କରିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ନଦୀବନ୍ଧ ପ୍ରତି ବିପଦ ଆଶଙ୍କା ରହିଛି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବେଆଇନ ବାଲି ଉଠାଣ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଉମାକାନ୍ତ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ସେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ଏକ ଟିମ୍ ପଠାଇଥିଲେ। ସମ୍ପୃକ୍ତ ଟିମ୍ ବାଲିଘାଟ ନିକଟକୁ ନାମକୁ ମାତ୍ର ଯାଇ ଫେରି ଆସିଥିବା ଜଣାପଡ଼ିଛି।



ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଛି ।

## ସଂକ୍ଷେପରେ

### ମହାଦେବଙ୍କ ପୀଠରେ ବୃଷଭ ପ୍ରତିଷ୍ଠା

**ଡେଲାଙ୍ଗ,୬।୧୨(ଡି.ଏନ୍.ଏ.):** ଜେନାପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ଆରାଧ ଦେବତା ଶ୍ରୀ ବାଲିକପିଳେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ବୃଷଭ ପ୍ରତିଷ୍ଠା ହୋଇଯାଇଛି। ୧୯୮୫ ମସିହାରେ ପୁରୀ ବାଲିକପିଳେଶ୍ୱର ମନ୍ଦିର ବାବାଜୀ ଗ୍ରାମକୁ ଆସିଥିବା ବେଳେ ଶେଷଭାଗରେ ଥିବା ବଟବୃକ୍ଷ ମୂଳରେ ମହାଦେବଙ୍କ ପ୍ରତିଷ୍ଠା କରିଥିଲେ । ଏହି ମନ୍ଦିର ସମ୍ମୁଖରେ ଗ୍ରାମବାସୀଙ୍କ ସହଭାଗିତାରେ ସୋମବାର ବୃଷଭ ପ୍ରତିଷ୍ଠାରେ ମୁଖ୍ୟ ପୂଜକ ଶରତ ଚନ୍ଦ୍ର ଦେବଶର୍ମା ଓ କୃଷ୍ଣଚନ୍ଦ୍ର ଦୀକ୍ଷିତ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ରବୀନ୍ଦ୍ର କୁମାର ମାଝି ଓ ତାଙ୍କ ସ୍ତ୍ରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିକ୍ଷାବିତ୍ ଭୁବନେଶ୍ୱର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମାଝି, ଅଭିମନ୍ୟୁ ମାଝି, ଗୋବର୍ଦ୍ଧନ ମାଝି, ନଗେନ ମାଝି, ବିଭୂତିଭୂଷଣ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ ପ୍ରମୁଖଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ ।

### ରାଧାନାଥ ରଥଙ୍କୁ ଶ୍ରଦ୍ଧାଞ୍ଜଳି

**ସାକ୍ଷୀଗୋପାଳ, ୬।୧୨ (ଡି.ଏନ୍.ଏ/ ସ୍ୱ.ପ୍ର.):** ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅନୁଗାମୀ, ସ୍ୱାଧୀନତା ସଂଗ୍ରାମୀ, ସମାଜ' ଖବରକାଗଜର ପ୍ରାକ୍ତନ ସମ୍ପାଦକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କର ୧୨୬ ତମ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସତ୍ୟବାଦୀ ବକୁଳବନ ପଞ୍ଚସଖାଙ୍କ ସମାଧି ପୀଠ ସମ୍ମୁଖରେ ଅବସ୍ଥିତ ସ୍ୱର୍ଗତ ରଥଙ୍କ ସମାଧି ପୀଠରେ ପରିଷଦର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପଞ୍ଚସଖା ସମାଧି ପୀଠରେ ଅନୁଷ୍ଠିତ ସ୍ମୃତି ସଭାରେ ପରିଷଦର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ। ଅନ୍ୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉପସଭାପତି ବିଶ୍ୱଜିତ ଶତପଥୀ, ସମ୍ପାଦକ ଅମର ନନ୍ଦ, ସୁଶାନ୍ତ କୁମାର ରଥ, ଦେବଚିନ୍ତ ମିଶ୍ର, ରାଜ କିଶୋର ହୋତା, ଜୟନ୍ତ କୁମାର ତ୍ରିପାଠୀ, ବନମାଳୀ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଭୀମସେନ ମହାପାତ୍ର, ବୃନ୍ଦନାଥ ମଲ୍ଲିକ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ବାରିକ ଓ ଅଶୋକ ବେହେରା ଉପସ୍ଥିତ ଥିଲେ।

### ବାର୍ହା ମାଂସ ଜବତ: ୨ ଶିକାରୀ ଗିରଫ



**ବାଲୁଗାଁ/ବାଣପୁର/ଗମ୍ଭାରୀମୁଣ୍ଡା, ୬।୧୨ (ଡି.ଏନ୍.ଏ.):** ବାଲୁଗାଁ ବନାଞ୍ଚଳ ଅଧୀନ ବାଣପୁର ଅରାଙ୍ଗ ସରଂକ୍ଷିତ ଜଙ୍ଗଲରୁ ମଙ୍ଗଳବାର ୨ଜଣ ବାର୍ହା ଶିକାରୀକୁ ଗିରଫ କରିଛି ବନବିଭାଗ। ଅଭିଯୁକ୍ତ ଦ୍ୱୟ ହେଲେ ବାଣପୁର ଥାନା ଅଧୀନ ପାତ୍ରପୁର ଗ୍ରାମର ସୁଜିତ ପ୍ରଧାନ(୩୦) ଏବଂ ଆୟତପୁର ଗ୍ରାମର ଦୀପକ ପ୍ରଧାନ(୨୪)। ଏମାନଙ୍କ ନିକଟରୁ ୫ କେଜି ବାର୍ହା ମାଂସ ଓ ଦୁଇଟି ସାଇକେଲ୍ ଜବତ ହୋଇଛି। ସୂଚନା ମୁତାବକ, ଅରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଜଙ୍ଗଲୀ ବାର୍ହା ଶିକାର ହେଉଥିବା ନେଇ ବାଲୁଗାଁ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କୌଣସି ସୂତ୍ରରୁ ଖବରପାଇଥିଲେ। ବନ ଅଧିକାରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବନପାଳ ପ୍ରଦୀପ୍ତ ମହାନ୍ତି, ବନରକ୍ଷୀ ସୌମ୍ୟରଞ୍ଜନ ବେହେରା, ରାଜକିଶୋର ବେହେରା ସଦଳବଳେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲେ। ବିଭାଗୀୟ ପକ୍ଷରୁ ଏନେଇ ଏକ ମାମଲା(ନଂ.୭/୨୨-୨୩) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲଣ କରାଯାଇଥିବା ବନ ଅଧିକାରୀ ମହାନ୍ତି କହିଛନ୍ତି।

# ଛାତ୍ର କଂଗ୍ରେସର ସିଡିଏମ୍ଓ କାର୍ଯ୍ୟାଳୟ ଘେରାଉ

**ପୁରୀ ଅଫିସ,୬।୧୨**

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଠିକ୍ ଭାବେ ଚିକିତ୍ସା ସୁବିଧା ମିଳୁ ନ ଥିବା ଓ କାର୍ଯ୍ୟରେ ଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଅବହେଳା କରୁଥିବା ଅଭିଯୋଗ କରି ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସିଡିଏମ୍ଓ କାର୍ଯ୍ୟାଳୟ ଘେରାଉ କରିବା ସହ ସିଡିଏମ୍ଓଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସୋମବାର ସନ୍ଧ୍ୟାରେ ଜଣେ ରୋଗୀ ଚିକିତ୍ସା ପାଇଁ ମେଡିକାଲ ଆସିଥିଲେ ମାତ୍ର ଉକ୍ତ ସମୟରେ ଡାକ୍ତର ଅନୁପସ୍ଥିତ ଥିଲେ। ଏପରିକି ମେଡିସିନ ୱାର୍ଡ ବାହାରେ ଲାଗିଥିବା ଡ୍ୟୁଟି ଚାର୍ଟ ବୋର୍ଡ଼ରେ ନାମ ଲେଖା ନ ଥିଲା। ଏନେଇ ସିଡିଏମ୍ଓ ଏବଂ ଏଡିଏମ୍ଓଙ୍କୁ ବାରମ୍ବାର ଫୋନ କରିବା ପରେ ଦୀର୍ଘ ସମୟ ପରେ ଏଡିଏମଓ ଫୋନ ଉଠାଇବାରେ ଡ୍ୟୁଟି ଚାର୍ଟ କଥା ପଚାରିବାରୁ ମୋର ଦାୟିତ୍ୱ ନୁହଁ ବୋଲି କହି ଫୋନ କାଟିଦେଇଥିଲେ। ଯାହା ଚିକିତ୍ସାଳୟର ସ୍ୱାସ୍ଥ୍ୟାବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ପୁରୀ ମେଡିକାଲରେ ସମସ୍ତ ବିଭାଗୀୟ ଡ୍ୟୁଟି ଚାର୍ଟ ବୋର୍ଡକୁ ପ୍ରତ୍ୟେକ ଦିନ କାର୍ଯ୍ୟକାରୀ କରିବା, ଆପଦକାଳୀନ ପରିସ୍ଥିତିରେ ତତ୍କାଳୀନ ଫୋନ ନମ୍ବର ପ୍ରତ୍ୟେକ ବିଭାଗୀୟ ୱାର୍ଡରେ ଲେଖିବା ସହ ଟାଇମ ଚାର୍ଟ ଓ ଫୋନ ନମ୍ବର ଡାକ୍ତରଙ୍କ ରଖିବା, ଡାକ୍ତରମାନେ ନିରାମୟ ଔଷଧ ଲେଖିବା, ପୁରୀରେ ଆଇସିୟୁ ସରଞ୍ଜାମ ଥିଲେ ବି ଏକ କୋଠରିରେ ବନ୍ଦ ଥିବାରୁ ତାହାକୁ କାର୍ଯ୍ୟକାରୀ କରିବା, ମେଡିକାଲ ଭିତରେ ଥିବା ସହାୟତା କେନ୍ଦ୍ର ପାଖରେ ମଧୁମେହ ଓ ରକ୍ତଚାପ ଜନିତ ପରୀକ୍ଷଣ କେନ୍ଦ୍ରକୁ ଚାଲୁ କରିବା, ପ୍ରସୂତି ବିଭାଗରେ ଚିକିତ୍ସାବେଳେ ଟଙ୍କା ଦାବି କରୁଥିବା ବେଳେ ଯଦି କେହି ନ ଦିଏ, ତେବେ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉ ନାହିଁ।

ତେଣୁ ଏହାକୁ ଗୁରୁତ୍ୱର ସହ ପଦକ୍ଷେପ ନେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପରେ ଆଲୋଚନାଭିତ୍ତିକ ୫ଦଫା ଦାବିପତ୍ରକୁ ଧ୍ୟାନ ଦେଇ କାର୍ଯ୍ୟକାରୀ କରିବେ ବୋଲି ସିଡିଏମ୍ଓ ପ୍ରତିଶ୍ରୁତି ଦେଇଥିବା ଛାତ୍ର ଓ ଯୁବ କଂଗ୍ରେସ କହିଛି। ଘେରାଉରେ ଜିଲ୍ଲା ଯୁବ କଂଗ୍ରେସ ନେତା ଆଲୋକ ଦାଶ, ଜିଲ୍ଲା ଛାତ୍ର ସଭାପତି ଆଶୁତୋଷ ମିଶ୍ର, ବସ୍ତି ଯୁବ ନେତା ମନୋଜ ମଣ୍ଡଳ, ଅଗଷ୍ଟିନ ଜୋସେଫ, ଅନିଲ ବେଜ, ଆଦିତ୍ୟ ସାମନ୍ତରାୟ, ଜଗଦୀଶ ରାଉତ, ହିଫଜୁଲ, ଷ୍ଟିଫେନ ଜୋସେଫ, ଅମିତ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।




ପୁରୀ ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ଛାତ୍ର କଂଗ୍ରେସ ପକ୍ଷରୁ ସିଡିଏମ୍ଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

# ଆନ୍ତଃ ମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତା

**ପୁରୀ ଅଫିସ,୬।୧୨**

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ଆନ୍ତଃ ମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ସୂରଜମଲ୍ଲ ସାହା କଲେଜ ବିଜେତା ହୋଇଥିବା ବେଳେ ଗୋପୀନାଥ ଦେବ ଡିଗ୍ରୀ କଲେଜ ଉପ ବିଜେତା ହୋଇଥିଲା। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା କ୍ରୀଡ଼ା ସଂସଦ ସଭାପତି ରବିଶଙ୍କର ପ୍ରତିହାରୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ.ସୁଜାତା ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପକ ରଞ୍ଜିତ ମିଶ୍ର, ଗୋପୀନାଥ ଦେବ ଡିଗ୍ରୀ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ରବିଶଙ୍କର ମିଶ୍ରଙ୍କ ସମେତ ଜିଏମ୍ ଆଇନ ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପକ ଏବଂ ସୁରଜ ମଲ୍ଲ ସାହା କଲେଜ କ୍ରୀଡା ଅଧ୍ୟାପକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଡ. ମିହିର ପ୍ରସାଦ ମିଶ୍ର ଓ ଡ.ଚିତ୍ତରଞ୍ଜନ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# 'ଜୟୀରାଜଗୁରୁଙ୍କ ଜୀବନୀ ପାଠ୍ୟକ୍ରମରେ ରହୁ'



ରେଳ ଷ୍ଟେଶନରେ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**ପୁରୀ ଅଫିସ, ୬।୧୨**

ପାଇକ ବିଦ୍ରୋହର ଅନ୍ୟତମ ମୁଖ୍ୟ ପୁରୋଧା ତଥା ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ଉତ୍ସବ ମଙ୍ଗଳବାର ଉର୍ଜାବାନ ଓଡ଼ିଶା ପରିବାର ପକ୍ଷରୁ ପାଳିତ ହୋଇଛି। ସ୍ଥାନୀୟ ଘୋଡାବଜାରରେ ଥିବା ଜୟୀରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଉର୍ଜାବାନ ପରିବାର ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ସନ୍ତୋଷ ସେନାପତି ଜୟୀରାଜଗୁରୁଙ୍କ ତ୍ୟାଗ ଓ ଆଦର୍ଶ ତଥା ଦେଶ ଭକ୍ତିର ପଟ୍ଟାନ୍ତର ଆମ ସମସ୍ତଙ୍କ ପାଇଁ ପ୍ରେରଣାପ୍ରଦ। ଯୁବପିଢି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସୁରକ୍ଷା ପାଇଁ କାର୍ଯ୍ୟକରିବା ଉଚିତ ବୋଲି କହିଥିଲେ। ସମ୍ପାଦିକା ନୀହାରିକା ତ୍ରିପାଠୀ ଜୟୀରାଜଗୁରୁଙ୍କ ଦେଶପ୍ରୀତି ତାଙ୍କୁ କିପରି କାଳଜୟୀ କରିଛି ତାହା କହିଥିଲେ। ରଙ୍ଗଲତା ପଟ୍ଟନାୟକ, ଦେବେନ୍ଦ୍ର ସୁବୁଦ୍ଧି, ଜିତେନ୍ଦ୍ର ପାତ୍ର, ସନ୍ତୋଷ ମୁଖୀ ଉପସ୍ଥିତ ଥିଲେ। ସେହିପରି ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେଶନ୍ ନୂଆଦିଲ୍ଲୀର ଓଡ଼ିଶା ଶାଖା ଓ ସର୍ବୋଦୟ ମେଳା କମିଟି ପୁରୀ ଆନୁକୂଲ୍ୟରେ ଶହୀଦ ରାଜଗୁରୁଙ୍କ ୧୧୬ତମ ବଳିଦାନ ଦିବସ ଗାନ୍ଧୀ ସ୍ମୃତିପୀଠ ପରିସରରେ ପାଳିତ ହୋଇଛି। ଫାଉଣ୍ଡେଶନ ସଭାପତି ମାନସ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଡ଼ିଶୀ ନର୍ତ୍ତକୀ ବନ୍ଦନା ରାଉଳ, ଆଇନଜୀବୀ ପୁଷ୍କର ମହାପାତ୍ର, ସାହିତ୍ୟିକ ବିପିନ ଦଳାଇ ଏବଂ ଅନାମ ମଲ୍ଲିକ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ୍ ସୁଧାକର ମହାପାତ୍ର ଓ ଗିରିଜା ଶଙ୍କର ଶହୀଦଙ୍କ ଆତ୍ମଜୀବନୀ ବିଦ୍ୟାଳୟ ପାଠ୍ୟକ୍ରମରେ ସ୍ଥାନିତ କରାଯିବା ଓ ଶହୀଦଙ୍କ ଦେଶ ପ୍ରେମର ଗାଥା ସମଗ୍ର ଭାରତ ବର୍ଷରେ ପ୍ରଚାରିତ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମମତା ସାମଲ, ବିଜୟ ମିଶ୍ର, ଅଶୋକ ରଥ, ଲାଲା ଅନନ୍ତ ସିଂହ, ମନ୍ଦାକିନ ଆଚାର୍ଯ୍ୟ, ରୂପ ରଞ୍ଜନ ତ୍ରିପାଠୀ, ଅଶୋକ ପ୍ରମୁଖ ଯୋଗଦେଇଥିଲେ। ଶିବ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱନୟନା ଉତ୍ସବରେ ଶ୍ରୀଜଗନ୍ନାଥ ମହିମା ଆଲୋଚନା




ସଂସ୍କୃତି ଭବନ ପରିସରରେ ବିଶ୍ୱନୟନା ଓ ବିଶ୍ୱେଶ୍ୱରୀ ଫାଉଣ୍ଡେଶନର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ସାହିତ୍ୟିକମାନେ।

**ପୁରୀ ଅଫିସ,୬।୧୨**

ଆଧ୍ୟାତ୍ମିକ ପତ୍ରିକା ବିଶ୍ୱନୟନା ଐଶ୍ୱରୀୟ ଟ୍ରଷ୍ଟ ଆନୁକୂଲ୍ୟରେ ବିଶ୍ୱନୟନାର ଚତୁର୍ଥ ବାର୍ଷିକ ମହୋତ୍ସବ ମଙ୍ଗଳବାର ସଂସ୍କୃତି ଭବନ ପରିସରରେ ପାଳିତ ହୋଇଛି। ଟ୍ରଷ୍ଟ ସଭାପତି ଡାକ୍ତର ସୌମ୍ୟକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ପଣ୍ଡିତ ଦୟାନିଧି ତ୍ରିପାଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମାଧର୍ମ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ମହିମା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ଚକ୍ରଧର ମହାପାତ୍ର ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଦୂର୍ବାଦଳ ବେହେରା ଏବଂ ସମ୍ମାନିତ ଅତିଥି ବଲ୍ଲଭ ଜୟସିଂ, ସାଧନା ପାତ୍ରୀ, ମୋହନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ନାରୀ ପତ୍ରିକା ବିଶ୍ୱେଶ୍ୱରୀ ଉନ୍ମୋଚିତ ହୋଇଥିବାବେଳେ ସାହିତ୍ୟିକା ତଥା ପ୍ରବଚିକା କଲ୍ୟାଣମୟୀ ସରସ୍ୱତୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଉଲ୍ଲାସମଣି ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ବାଲେଶ୍ୱର ଲେଖିକା ସିନ୍ଧୁସେନ୍, ମୁଖ୍ୟବକ୍ତା ଡ. ପ୍ରତିଭା ମହାରଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକା ତୃପ୍ତି ପଣ୍ଡାଙ୍କ କବିତା ସଂକଳନ, ନୃସିଂହାନନ୍ଦଙ୍କ ମାଆ ବୈଷ୍ଣୋଦେବୀ କାହାଣୀ ଏବଂ ରଶ୍ମିମୟୀ ପତିଙ୍କ ବାହୁଡା ବସନ୍ତ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ୨୦୨୨ ବିଶ୍ୱେଶ୍ୱରୀ ସମ୍ବର୍ଦ୍ଧିତ ପ୍ରତିଭା ସମ୍ମାନରେ ୩୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨ ୦ ୨ ୨ ବିଶ୍ୱନୟନ ପ୍ରତିଭାରେ ୧୭ଜଣଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଟ୍ରଷ୍ଟର କାର୍ଯ୍ୟକାରୀ ସମ୍ପାଦକ ଡ. ତପନ ଦାସ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବଲଙ୍ଗା,୬।୧୨(ଡି.ଏନ୍.ଏ.)**

ବଲଙ୍ଗା ଥାନା ଅନ୍ତର୍ଗତ ଅଲାରପୁର ଗ୍ରାମର ଜଣେ ମହିଳାଙ୍କୁ ନିର୍ଯାତନା ଦେବା ସହ ଶାଶୁଘର ଲୋକେ ଘରୁ ବାହାର କରିଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପୋଲିସ ନଂ.୧୯୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଅଲାରପୁର ଗ୍ରାମର ଗୀତାଞ୍ଜଳି ମହାପାତ୍ର ସେହିଗ୍ରାମର ପ୍ରଦୀପ୍ତ ନାୟକଙ୍କୁ ୨୦୨୧ରେ ବିବାହ କରିଥିଲେ। ଏହି ସମୟରେ ଦାବି ମୁତାବକ ୮୦ ହଜାର ଟଙ୍କା, ୨ ଭରି ସୁନା, ଆସବାବପତ୍ର ଦିଆଯାଇଥିଲା। ବିବାହର ବର୍ଷ ପରେ ସ୍ୱାମୀ ଓ ଶ୍ୱଶୁର ଅଧିକ ୨ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ଗୀତାଞ୍ଜଳିଙ୍କୁ କହିଥିଲେ। ସେ ମନା କରିବାରୁ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। କିଛି ଦିନ ତଳେ ବାପଘରୁ ଯାଇ ଟଙ୍କା ଆଣିବାକୁ କହି ଗୀତାଞ୍ଜଳିଙ୍କୁ ଘରୁ ବାହାର କରି ଦେଇଥିଲେ। ସେ କିଛି ଦିନ ବାପଘରେ ରହିବା ପରେ ଶ୍ୱଶୁର ଘରକୁ ଯିବା ପାଇଁ ଚାହିଁବାରୁ ଟଙ୍କା ନ ଆଣିଲେ ଘରକୁ ଆସିପାରିବୁ ନାହିଁ ବୋଲି ଶାଶୁଘର ଲୋକ କହିଥିବା ନେଇ ଗୀତାଞ୍ଜଳି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ସାଇକେଲ ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା



କୃଷ୍ଣପ୍ରସାଦରେ ସାଇକେଲ ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**କୃଷ୍ଣପ୍ରସାଦ,୬।୧୨(ଡି.ଏନ୍.ଏ.)**

ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ୫ ଜଣିଆ ସାଇକେଲ ଅଭିଯାତ୍ରୀ ଦଳ କୋଲ୍‌କାତାରୁ କନ୍ୟାକୁମାରୀ ଦୀର୍ଘ ୨୮ଶହ କିଲୋମିଟର ଯାତ୍ରା କରିବେ। ମଙ୍ଗଳବାର ଏହି ସାଇକେଲ ଦଳ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଅଞ୍ଚଳରେ ପହଞ୍ଚିଛି। ଚିଲିକା ନୂଆପଡ଼ା ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବହୁ ବୁଦ୍ଧିଜୀବୀ ଯୋଗଦେଇ ସେମାନଙ୍କୁ

**କୋଲ୍‌କାତାରୁ କନ୍ୟାକୁମାରୀ ଯାତ୍ରା**

ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କୃଷକଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ସାଇକେଲ ଯାତ୍ରୀ ଦଳ କହିବା ସହ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବ୍ରହ୍ମପୁରରୁ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଦେଇ ଗନ୍ତବ୍ୟ ସ୍ଥଳ କନ୍ୟାକୁମାରୀକୁ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

# ନିଶା ନିବାରଣ ସଚେତନତା

**ସାକ୍ଷୀଗୋପାଳ,୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଥାନା ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ଆଭା ପକ୍ଷରୁ ନିଶା ନିବାରଣ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସାମାଜିକ ସୁରକ୍ଷା ପ୍ରତିଷ୍ଠାନ ଭାରତ ସରକାର ଓ ରାଜ୍ୟସ୍ତରୀୟ ସଂଯୋଜନା ସଂସ୍ଥାର ମିଳିତ ସହଯୋଗରେ ନିଶା ମୁକ୍ତି ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଆଭା ଅନୁଷ୍ଠାନ ସଭାପତି ସୁଧୀର ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା, ଏସ୍ଆଇ ମମତା ବିଶ୍ୱାଳ, ଆଇନଜୀବୀ ଗୁଣ୍ଡିଚା ବରାଳ, ଡା. ପ୍ରୀତମ ବାଗ, କ୍ଷେତ୍ରବାସୀ ପ୍ରଧାନ, ବିଶ୍ୱରଞ୍ଜନ ଦାସ, ବିଶ୍ୱଜିତ ସାହୁ ଓ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଥାନା ଆଗରେ ସରପଞ୍ଚଙ୍କ ଅନଶନ

**ଡେଲାଙ୍ଗ,୬।୧୨(ଡି.ଏନ୍.ଏ)**

ଗୁଆଳିପଡା ସରପଞ୍ଚଙ୍କ ସ୍ୱାମୀ ଓ ଦେଢ଼ଶୁରଙ୍କ ନାମରେ ମାମଲାକୁ କେନ୍ଦ୍ରକରି ପୂର୍ବତନ ସରପଞ୍ଚଙ୍କୁ ଗିରଫ ଦାବିରେ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ଓ ସେମାନଙ୍କ ସମର୍ଥକ ଡେଲାଙ୍ଗ ଥାନା ପରିସରରେ ଆମରଣ ଅନଶନ ମଙ୍ଗଳବାର ୨ ଦିନରେ ପହଞ୍ଚିଛି। ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୨ରେ ଗୁଆଳିପଡା କଲ୍ୟାଣ ମଣ୍ଡପରେ ଗ୍ରାମସଭା ଚାଲୁଥିବା ସମୟରେ ପୂର୍ବତନ ସରପଞ୍ଚ କାଳନ୍ଦି ଜେନା ପହଞ୍ଚି କୌଣସି କାରଣରୁ ଗାଳି, ଧମକ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରାଯାଇଥିଲା। ସେହିପରି ଅପରପକ୍ଷରୁ ମଧ୍ୟ ପୂର୍ବତନ ସରପଞ୍ଚ ଜେନା ମଧ୍ୟ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ଦେଢ଼ଶୁର ଗାଳିଗୁଲଜ କରିଥିବା କହି ପାଲଟା ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ସରପଞ୍ଚ ସ୍ୱାଇଁଙ୍କ ଦେଢ଼ଶୁର ବଟକୃଷ୍ଣ ସ୍ୱାଇଁ ଏସ୍‌ୟୁସିଆଇର କର୍ମୀ ଥିବାବେଳେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା କହି ଏସ୍‌ୟୁସିଆଇ କର୍ମୀମାନେ ସୋମବାର ଥାନା ଆଗରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ସଦର ଏସଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଓ ଡେଲାଙ୍ଗ ଆଇଆଇସି ଅନିଲ ମହାନ୍ତି ବଟକୃଷ୍ଣଙ୍କ କର୍ମୀଙ୍କୁ ବୁଝାଶୁଝା କରିବା ପରେ ଧାରଣାରୁ ଓହରି ଯାଇଥିଲେ। ହେଲେ ତାଙ୍କ ଭାଇ ବୋହୂ ତଥା ସରପଞ୍ଚ ସ୍ୱାଇଁ ତାଙ୍କ ସ୍ୱାମୀ ଓ ସେମାନଙ୍କ ସମର୍ଥକ ପୂର୍ବତନ ସରପଞ୍ଚଙ୍କୁ ଗିରଫ ଦାବିରେ ଅନଶନରେ ବସିରହିଥିଲେ। ଖବରପାଇ ଭାଜପା ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ପରେ ପୋଲିସଙ୍କ ସହ ଆଲୋଚନାରେ ସୁଫଳ ନ ହେବାରୁ ଅନଶନରେ ବସି ରହିଛନ୍ତି।



ପୁରୀ ତାଳବଣିଆ ଷ୍ଟାଡିୟମ୍ ପରିସରରେ ମଙ୍ଗଳବାର ସରସ୍ୱତୀ ଶିଶୁମନ୍ଦିର ଘୋଡ଼ା ବଜାର ପକ୍ଷରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

# ୧୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**ବ୍ରହ୍ମଗିରି/କଣାସ/ କାକଟପୁର, ୬।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)**

ବ୍ରହ୍ମଗିରି ବ୍ଲକରେ ମଙ୍ଗଳବାର ୨୮ତମ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନାଙ୍କ ଅଧ୍ୟକ୍ଷତାରେ ରେବଣାନୂଆଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରାଯାଇଥିଲା। ବ୍ଲକରେ ଥିବା ସମସ୍ତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ୧୦୯ଟି ପ୍ରକଳ୍ପ ସାମିଲ ହୋଇଥିଲା। ସେଗୁଡ଼ିକ ମଧ୍ୟରୁ ୫ ପ୍ରକଳ୍ପ ଜିଲାସ୍ତରକୁ ଚୟନ ହୋଇଛି। ଉକ୍ତ ବିଜ୍ଞାନ ମେଳାରେ ଅତିଥିଭାବେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରଶାନ୍ତ କୁମାର ଜେନା, ଦୈତାରୀ ପଲାଇ, ରାଜକିଶୋର ମାନସିଂ ପ୍ରମୁଖ ଯୋଗଦେଇଥିଲେ।

କଣାସ ବ୍ଲକସ୍ତରୀୟ ବିଜ୍ଞାନମେଳା ସ୍ଥାନୀୟ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ହୋଇଯାଇଛି। ବ୍ଲକରେ ଗତ ଦଶମ ବାର୍ଷିକ ପରୀକ୍ଷାରେ ଶୀର୍ଷସ୍ଥାନ ହାସଲ କରିଥିବା କୃତୀ ଛାତ୍ରୀ ସୁଶ୍ରୀ ବିଶ୍ୱଦର୍ଶିନୀ ମିଶ୍ର ଓ ବ୍ଲକର ଏନ୍‌ଆର୍‌ଟିଏସ୍ ଟପ୍ପର ସୁଧାସୁମନ ଭଞ୍ଜ ବିଜ୍ଞାନମେଳାର ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିରୂପେ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ ବିଜ୍ଞାନର ଉପାଦେୟତା ତଥା କୁନି ବୈଜ୍ଞାନିକଙ୍କର ଦେଶ ଗଠନରେ ଭୂମିକା ସମ୍ପର୍କରେ କହିଥିଲେ। ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ, ସହଶିକ୍ଷା ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ, ସଂଗଠନ ସମ୍ପାଦକ ବିଜୟ ଜେନା ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ପର୍ଯ୍ୟବେକ୍ଷକ ଦିବାକର ଦଳାଇ ଓ ରଞ୍ଜନ ତରାଇ ୫ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରିଥିଲେ। ପରେ ଅତିଥିମାନେ କୃତୀ ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁଶାନ୍ତ ନରେନ୍ଦ୍ର ଓ ପ୍ରଦୀପ ବେହେରା ସଂଯୋଜନା କରିଥିଲେ।



କଣାସରେ ଅନୁଷ୍ଠିତ ବିଜ୍ଞାନମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କାକଟପୁର ବ୍ଲକର ୧୪୯ଟି ସ୍କୁଲ ମଧ୍ୟରୁ ୯୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୩୨ତମ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିଲେ। ପ୍ରାଥମିକ ବିଦ୍ୟାଳୟଗୁଡିକରୁ ୨୦ଟି ପ୍ରକଳ୍ପ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୬ଟି, ମାଧ୍ୟମିକ ବିଦ୍ୟାଳୟରୁ ୩୩ଟି, ଆଦର୍ଶ ବିଦ୍ୟାଳୟ ଓ ଅନ୍ୟ ବେସରକାରୀ ବିଦ୍ୟାଳୟରୁ ୨୦ଟି ପ୍ରକଳ୍ପ ଏହି ମେଳାରେ ଭାଗ ନେଇଥିଲେ। ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରି ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ମୁଖ୍ୟବକ୍ତା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ଓ ବିଡିଓ ତୁଷାର ଜ୍ୟୋତି ରଞ୍ଜନ, ସମ୍ମାନିତ ଅତିଥି କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରିୟରଞ୍ଜନ ନାୟକ, ୭ନଂ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ତେବେ ୫ଟି ପ୍ରକଳ୍ପକୁ ଜିଲାସ୍ତରକୁ ଚୟନ କରାଯାଇଥିଲା। ବିଜ୍ଞାନ ମେଳା କମିଟି ତରଫରୁ ଶିକ୍ଷକ ନେତା ହୃଦାନନ୍ଦ ସାସମଲ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ମୃତିଫଳକ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରତାପ ରାଉତ ସଭା ପରିଚାଳନା କରିଥିବା ବେଳେ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁଚରଣ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ଖସୁଛି ଶେୟାର ବଜାର କାରବାର

ନୂଆଦିଲ୍ଲୀ: ଭାରତୀୟ ଶେୟାର ମାର୍କେଟରେ କ୍ରମାଗତ ୩ୟ ଦିନ ଲାଗି ମାନ୍ଦାବସ୍ଥା ଜାରି ରହିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ମଧ୍ୟ ନିବେଶକଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି। ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୮(୨୦୮.୨୪) ପଏଣ୍ଟ ଖସି ୬୨,୬୨୬ (୬୨,୬୨୬.୩୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୮ (୫୮.୩୦) ପଏଣ୍ଟ ହ୍ରାସ ଘଟି ୧୮,୬୪୩ (୧୮,୬୪୨.୭୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ଭାରତ ଡ୍ରୋନ୍ ଟେକ୍ନୋଲୋଜିର କେନ୍ଦ୍ର ହେବ'

ନୂଆଦିଲ୍ଲୀ,୬।୧୨



କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଚେନ୍ନାଇଠାରେ ଡ୍ରୋନ୍ ଯାତ୍ରା-୨.୦କୁ ଉଦ୍‌ଘାଟନ କରୁଛନ୍ତି।

ଭାରତ ଡ୍ରୋନ୍ ଟେକ୍ନୋଲୋଜିର ଏକ ବୃହତ୍ କେନ୍ଦ୍ରରେ ପରିଣତ ହେବ ଏବଂ ଆସନ୍ତା ବର୍ଷ ଶେଷ ସୁଦ୍ଧା ଭାରତକୁ ଅତି କମ୍‌ରେ ୧ ଲକ୍ଷ ଡ୍ରୋନ୍ ପାଇଲଟ୍‌ଙ୍କର ଆବଶ୍ୟକତା ପଡ଼ିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ମଙ୍ଗଳବାର ଚେନ୍ନାଇଠାରେ 'ଡ୍ରୋନ୍ ଯାତ୍ରା ୨.୦' କୁ ଉଦ୍‌ଘାଟନ କରି ଏହା କହିଛନ୍ତି। ସେହିଭଳି ଉଦ୍‌ଘାଟନୀ ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ, ଟେକ୍ନୋଲୋଜି ପ୍ରକୃତରେ ଦ୍ରୁତଗତିରେ ବିଶ୍ୱକୁ ପରିବର୍ତ୍ତନ କରିବାରେ ଲାଗିଛି ଏବଂ ଏହା ପୂର୍ବ ଅପେକ୍ଷା ବର୍ତ୍ତମାନ ଅଧିକ ପ୍ରାସଙ୍ଗିକ ମଧ୍ୟ ହୋଇପଡ଼ିଛି। କାରଣ ଏହାର ପ୍ରୟୋଗ ପୃଥିବୀର ଅନେକ ଜଟିଳ ସମସ୍ୟାର ସମାଧାନ କରୁଛି ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି। ସେହିପରି ସେ କହିଥିଲେ, ଏକ ବିଲିୟନରୁ ଅଧିକ ଲୋକ ବସବାସ କରୁଥିବା ଦେଶ ଭାବେ ଭାରତ ଆଗରେ ରହିବା ପାଇଁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ତା'ର ଲାଭ ଉଠାଉଛି। ଏପରିକି ଭାରତରେ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ହେଉଥିବା ଅଗ୍ରଗତି ବିଷୟରେ ମଧ୍ୟ ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ବିଶେଷକରି ବିଟିଂ ରିଟ୍ରିଟ୍ ସମୟରେ ଆଇଆଇଟିର ପୂର୍ବତନ ଛାତ୍ରମାନଙ୍କ ନେତୃତ୍ୱରେ ଭାରତୀୟ ଷ୍ଟାର୍ଟ-ଅପ୍ 'ବ୍ଲୋଟ୍ୟାବ୍ ଡାଇନାମିକ୍ସ' ଦ୍ୱାରା ଭାରତରେ ପ୍ରସ୍ତୁତ ୧୦୦୦ ଡ୍ରୋନ୍‌ର ଚମତ୍କାର ପ୍ରଦର୍ଶନ ଦ୍ୱାରା ସମଗ୍ର ଦେଶ ଆଶ୍ଚର୍ଯ୍ୟଚକିତ ହୋଇଥିଲା। ପ୍ରଧାନମନ୍ତ୍ରୀ ସ୍ୱାମିତ୍ୱ ଯୋଜନାର ଏକ ଅଂଶ ଭାବରେ ଗ୍ରାମାଞ୍ଚଳଗୁଡ଼ିକରେ ଡ୍ରୋନ୍ ମାଧ୍ୟମରେ ଜମି ଏବଂ ଘର ଉପରେ ସର୍ଭେ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳର ଜମିରେ କୀଟନାଶକ ଏବଂ ନାନୋ ସାର ସିଞ୍ଚନ ପାଇଁ ଡ୍ରୋନ୍‌କୁ ବହୁଳ ଭାବେ ବ୍ୟବହାର କରାଯାଉଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିବା କିଷାନ ଡ୍ରୋନ୍ ଯାତ୍ରା ଏକ ଅଂଶ ଭାବେ କୀଟନାଶକ ସିଞ୍ଚନ କରିବା ପାଇଁ ୧୦୦ଟି କିଷାନ ଡ୍ରୋନ୍ ଦେଶର ବିଭିନ୍ନ ଗ୍ରାମକୁ ପଠାଯାଇଥିଲା ବୋଲି ସେ କହିଛନ୍ତି।

## ବୃଦ୍ଧି ପାଇଛି କୋଇଲା ଉତ୍ପାଦନ

**ନୂଆଦିଲ୍ଲୀ, ୬।୧୨:** ଚଳିତ ବର୍ଷ ନଭେମ୍ବରରେ କୋଇଲା ଉତ୍ପାଦନ ୧୧.୬୬% ବୃଦ୍ଧି ପାଇ ୭୫.୮୭ ମିଲିୟନ୍ ଟନ୍‌ରେ ପହଞ୍ଚିଛି ବୋଲି କେନ୍ଦ୍ର କୋଇଲା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏପରିକି ୨୦୨୧ରେ ୬୭.୯୪ ମିଲିୟନ୍ ଟନ୍ ହୋଇଥିବାବେଳେ ଚଳିତ ବର୍ଷ ନଭେମ୍ବରରେ ତାହା ୧୧.୬୬% ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ କୋଇଲା ଉତ୍ପାଦନ କରୁଥିବା ୩୭ଟି ଖଣି ମଧ୍ୟରୁ ୨୪ଟି ଖଣି ୧୦୦%ରୁ ଅଧିକ କୋଇଲା ଉତ୍ପାଦନ କରୁଥିବା ବେଳେ ସେହିପରି ୫ଟି ଖଣିରେ ୮୦ରୁ ୧୦୦% ଖଣି କୋଇଲା ଉତ୍ପାଦନ କରିଥିବା କୋଲ୍ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ସେବେ ପୂର୍ବବର୍ଷ କୋଇଲା ଉତ୍ପାଦନରେ ୬୦.୨୦ ମିଲିୟନ୍ ଟନ୍ ତୁଳନାରେ ଚଳିତ ନଭେମ୍ବରରେ ପାୱାର ୟୁଟିଲିଟି ଡେସ୍‌ପାଚ୍‌ରେ ୩.୫୫% ବୃଦ୍ଧି ହୋଇ ୬୨.୩୪ ମିଲିୟନ୍ ଟନ୍‌ରେ ପହଞ୍ଚିଛି। ଏପରିକି ନଭେମ୍ବର ୨୦୨୧ ବର୍ଷ ତୁଳନାରେ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନରେ ୧୬.୨୨% ଅଭିବୃଦ୍ଧି ହୋଇଛି ଏବଂ ସାମଗ୍ରିକ ବିଦ୍ୟୁତ୍ ଉତ୍ପାଦନରେ ୨୦୨୧ ନଭେମ୍ବରରେ କୋଇଲା ଉତ୍ପାଦିତ ଶକ୍ତି ତୁଳନାରେ ୧୪.୬୩% ଉତ୍ପାଦନ ଅଧିକ ହୋଇଛି।

## ଇସିଆର୍ ପକ୍ଷରୁ ମହାପରିନିର୍ବାଣ ଦିବସ




ଭୁବନେଶ୍ୱର,୬।୧୨

ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପନାରାୟଣ ସୁନକରଙ୍କ ନେତୃତ୍ୱରେ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହ ଅନ୍ୟ କର୍ମଚାରୀମାନେ ମଧ୍ୟ ଡ. ବି.ଆର୍. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉକ୍ତ ସମାରୋହରେ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ପ୍ରଶାସନ) ଏଲ୍‌ଜିଏସ୍ ପାତ୍ରୁ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମହାପରିନିର୍ବାଣ ଦିବସ ମଧ୍ୟ ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଯଥା ୱାଲଟିୟର, ସମ୍ବଲପୁର ଓ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳଗୁଡ଼ିକ ସହ ଅନ୍ୟାନ୍ୟ ରେଳବାଇ କାର୍ଯ୍ୟାଳୟ ଓ ଷ୍ଟେଶନଗୁଡ଼ିକରେ ପାଳିତ ହୋଇଯାଇଛି।

# 'ଏସ୍‌ଏଚ୍‌ଜିଙ୍କୁ ଆର୍ଥିକ ସହାୟତା ପ୍ରଦାନ'

ଭୁବନେଶ୍ୱର,୬।୧୨

ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିୟମଠାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଆଉଟ୍‌ରିଚ୍ ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତିଲାଲ ଜୈନ, ରାଜ୍ୟ ସରକାରଙ୍କ ଇନ୍‌ଷ୍ଟିଚ୍ୟୁଶନାଲ୍ ଫାଇନାନ୍ସ ବିଭାଗର ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ଓ ବ୍ୟାଙ୍କର କ୍ଷେତ୍ରୀୟ ମହାପ୍ରବନ୍ଧକ ମନୋଜ ଦାଶ, ମିଶନ ଶକ୍ତିର ଯୁଗ୍ମ ସଚିବ ବିନୋଦ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ସାହୁ ତାଙ୍କ ବକ୍ତବ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗ୍ରାମାଞ୍ଚଳର ମେରୁଦଣ୍ଡ ବୋଲି ପ୍ରକାଶ କରିଥିଲେ। ସେହିପରି ଜୈନ କହିଥିଲେ, ଇଣ୍ଡିଆନ ବ୍ୟାଙ୍କ ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାବେଳେ ଗୃହ ନିର୍ମାଣ ପାଇଁ ଏସ୍‌ଏଚ୍‌ଜି ହାଉସିଂ ଆଦି ବିଭିନ୍ନ ଯୋଜନାରେ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ବିନା ସିକ୍ୟୁରିଟିରେ ଉପଲବ୍ଧ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ୨୯୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ସେହିପରି ବ୍ୟାଙ୍କର କ୍ଷେତ୍ରୀୟ ମହାପ୍ରବନ୍ଧକ ମନୋଜ ଦାସ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସେବାକୁ ହିତାଧିକାରୀମାନେ ଠିକ୍ ବ୍ୟବହାର କରି ଲାଭବାନ୍ ହେବା ପାଇଁ ଆହ୍ୱାନ କରିଥିଲେ। ଋଣଗ୍ରହୀତାମାନେ ସଠିକ୍ ସମୟରେ ଋଣ ପରିଶୋଧ କରି ସେମାନଙ୍କର କ୍ରେଡିଟ୍ ସ୍କୋରରେ ଉନ୍ନତି ଆଣିବାସହ ସୁଧ ରିହାତି ପାଇବା ଉପରେ ଦାସ ଗୁରୁତ୍ୱାରୋପ କରିଥିଲେ।

# 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମର ପାରଦର୍ଶିତାକୁ ସ୍ୱୀକୃତି'

ଭୁବନେଶ୍ୱର,୬।୧୨

### କେୟାର ଭୁବନେଶ୍ୱରକୁ ୨ଟି ଜାତୀୟସ୍ତରର ସମ୍ମାନ




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କେୟାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଭୁବନେଶ୍ୱରକୁ ନିକଟରେ ଆଉ ୨ଟି ଜାତୀୟସ୍ତରର ସମ୍ମାନ ଓ ସଫଳତା ମିଳିଛି। ଏପରିକି ଦୀର୍ଘଦିନ ଧରି ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେଇ ଆସୁଛି। ସେହିଭଳି ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ କେୟାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲକୁ ଇକୋନୋମିକ୍ ଟାଇମ୍ସ ପକ୍ଷରୁ 'ଇକୋନୋମିକ୍ ଟାଇମ୍ସ ଆୱାର୍ଡ-୨୦୨୨' ଏବଂ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ 'ହେଲ୍‌ଥ କେୟାର ଏକ୍ସିଲେନ୍ସ ଆୱାର୍ଡ-୨୦୨୨' ଭଳି ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଉଥିବା ବିଭିନ୍ନ ହସ୍ପିଟାଲକୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା, ଯେଉଁଠାରେ କେୟାର ହସ୍ପିଟାଲ ଭୁବନେଶ୍ୱରକୁ ପୂର୍ବଭାରତର ଶ୍ରେଷ୍ଠ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଭାବେ ସମ୍ମାନିତ କରାଯାଇଛି।

ଏ ସମ୍ପର୍କରେ କେୟାର ହସ୍ପିଟାଲ ଭୁବନେଶ୍ୱରର ଏଚ୍‌ସିଓଓ କିଶଲେୟ ଆନନ୍ଦ କହିଛନ୍ତି, ଏହି ସଫଳତାର ଶ୍ରେୟ ରୋଗୀ ସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ଆମର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ଯାଉଛି। ଏପରିକି ଆମର ପାରଦର୍ଶିତାକୁ ସ୍ୱୀକାର କରିଥିବାରୁ ଇକୋନୋମିକ୍ ଟାଇମ୍ସ ଓ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସକୁ ଆମେ ଧନ୍ୟବାଦ ଜଣାଉଛି। ସେହିଭଳି କେୟାର ହସ୍ପିଟାଲର ଏଭିପି ଡା. ଲୋକନାଥ ଦାଶ କହିଛନ୍ତି, କେୟାର ହସ୍ପିଟାଲ ସବୁବେଳେ ରୋଗୀ ସେବାକୁ ପ୍ରାଥମିକତା ଦେଇଥାଏ। ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହସ୍ପିଟାଲକୁ ୨ଟି ସମ୍ମାନ ନିଶ୍ଚିତ ଭାବେ ଆମକୁ ଆହୁରି ଭଲ କାମ କରିବା ପାଇଁ ପ୍ରେରଣା ଦେବ ବୋଲି ସେ ମତପ୍ରକାଶ କରିଛନ୍ତି।

# 'ଉତ୍ତମ ପ୍ରଦର୍ଶନକୁ ପୁନର୍ବାର ଦୋହରାଇବାକୁ ଆହ୍ୱାନ'

ଭୁବନେଶ୍ୱର,୬।୧୨

କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଅଧୀନ ଇଏଲ୍‌ବି, ଭିଏଲ୍‌ବି, ରିଟେଲ୍ ଆସେଟ୍ ହବ୍, ଏଲ୍‌ସିବି, ଏଆର୍‌ଏମ୍ ଓ ୫ଟି କ୍ଷେତ୍ରୀୟ କାର୍ଯ୍ୟାଳୟରେ ଆୟୋଜିତ ବ୍ୟବସାୟିକ ସମୀକ୍ଷା ବୈଠକରେ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ମୁଖାର୍ଜୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ପ୍ରତିଷ୍ଠାତା ଅମ୍ମେମ୍ବଲ ସୁବା ରାଓ ପାଇଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ବି.ଏଲ୍. ମିନା ଦେବାଶିଷ ମୁଖାର୍ଜୀଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏପରିକି ଉକ୍ତ ସମୀକ୍ଷା ବୈଠକ ଅବସରରେ ମୁଖାର୍ଜୀ ବ୍ୟାଙ୍କର ବ୍ୟବସାୟିକ ଗୁଣବତ୍ତା ବୃଦ୍ଧି ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ୨୦୨୦ ସେପ୍ଟେମ୍ବରର ଉତ୍ତମ ପ୍ରଦର୍ଶନକୁ ପୁନର୍ବାର ଦୋହରାଇବା ସହ ଶ୍ରେଷ୍ଠ ଯୋଗଦାନ ଦେବା ଉପରେ ସେ ବେଶ୍ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଉଭୟ ମୁଖାର୍ଜୀ ଓ ମୀନା ଏଚ୍‌ଏନ୍‌ଆଇ ଗ୍ରାହକଙ୍କ ସହ ଭାବ ଆଦାନପ୍ରଦାନ କରିବା ସହିତ କାନ୍ ଅଦାଲତରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କ ଅଫ୍ ଦି ଇୟର ଇଣ୍ଡିଆ ପୁରସ୍କାର ପ୍ରାପ୍ତ କରିଥିବା ମୁଖାର୍ଜୀଙ୍କୁ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ସହାୟକ ମହାପ୍ରବନ୍ଧକ ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ନୂଆ ଆହ୍ୱାନକୁ ଗୁରୁତ୍ୱ'

ଭୁବନେଶ୍ୱର,୬।୧୨




ସୀମାଶୁଳ୍କ ବିଭାଗର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସୀମାଶୁଳ୍କ ଆୟୋଗ ଭୁବନେଶ୍ୱର ପକ୍ଷରୁ କଷ୍ଟମ୍‌ସ ଆକ୍ଟ ବା ସୀମାଶୁଳ୍କ ଅଧିନିୟମ-୧୯୬୨ର ୬୦ତମ ବାର୍ଷିକ ଉତ୍ସବ ସୋମବାର ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ ଅଡିଟୋରିୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତଟ ରେଳପଥର ଜିଏମ ରୂପ୍ ନାରାୟଣ ସୁନ୍‌କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ଭୁବନେଶ୍ୱର ଶୁଭେନ୍ଦୁ କୁମାର ସ୍ୱାଇଁ, କଟକ-ଭୁବନେଶ୍ୱର ପୋଲିସ କମିଶନର ଏସ୍. କେ. ପ୍ରିୟଦର୍ଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ସୀମାଶୁଳ୍କ ବିଭାଗ ଭୁବନେଶ୍ୱରର କମିଶନର୍ ମାଧବ ମିଶ୍ର, ସୀମାଶୁଳ୍କ ଅଧିନିୟମ-୧୯୬୨ର ୬୦ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇବା ସହ ସମଗ୍ର ଇକୋସିଷ୍ଟମର ହିତାଧିକାରୀଙ୍କ ମଧ୍ୟରେ ପରିବ୍ୟାପ୍ତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ନିର୍ଦ୍ଦେଶାବଳୀ ଅନୁଯାୟୀ ସହଜ ବ୍ୟବସାୟ ଓ କାରବାର ସୁବିଧା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ମଜଭୁତ କରିବା ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଅଧିକାରୀମାନଙ୍କୁ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ନୂଆ ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ନିଜର ଦକ୍ଷତା ବିକାଶ କରିବା ଲାଗି ଆହ୍ୱାନ କରିଛନ୍ତି। ସେହିଭଳି ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଓ ସୀମାଶୁଳ୍କ ବିଭାଗ ଭୁବନେଶ୍ୱରରର ମୁଖ୍ୟ କମିଶନର୍ ବିଜୟ କୁମାର କର ଅନ୍ତର୍ଜାତୀୟ ସୀମାକୁ ସୁରକ୍ଷିତ ରଖିବାରେ ସୀମାଶୁଳ୍କର ଭୂମିକା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ପରିଶେଷରେ ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଓ ସୀମାଶୁଳ୍କ ବିଭାଗ, ଭୁବନେଶ୍ୱର ଅତିରିକ୍ତ କମିଶନର ଗୋପାଳକୃଷ୍ଣ ପତି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ଶତାଧିକ କର୍ମଚାରୀ ଛଟେଇ କରିବ ପେପ୍ସିକୋ

**ନୂଆଦିଲ୍ଲୀ,୬।୧୨:** ଅନ୍ତଃରାଷ୍ଟ୍ରୀୟ ମୃଦୁପାନୀୟ କମ୍ପାନୀ ପେପ୍ସିକୋ ଆଇଏନ୍‌ସି ତା'ର ଉତ୍ତର ଆମେରିକାସ୍ଥିତ ହେଡ୍‌କ୍ୱାର୍ଟର୍ସରୁ ଶତାଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ବିଶେଷକରି କମ୍ପାନୀ ତା'ର ସ୍ନାକ୍ସ ଏବଂ ପାନୀୟ ୟୁନିଟ୍‌ରୁ ଉକ୍ତ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏପରିକି ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ଏକ ରିପୋର୍ଟ ଅନୁଯାୟୀ ଟେକ୍ନୋଲୋଜି ଏବଂ ସୋସିଆଲ ସାଇଟ୍ କମ୍ପାନୀଗୁଡ଼ିକ ପରେ ବର୍ତ୍ତମାନ କର୍ପୋରେଟ୍ ସେକ୍ଟରରେ ମଧ୍ୟ ଛଟେଇ ଆରମ୍ଭ ହୋଇଯିବ। ଉକ୍ତ ରିପୋର୍ଟ ଅନୁଯାୟୀ କମ୍ପାନୀ ନିକଟରେ ଏକ ଅନ୍ତରୀଣ ବୈଠକ କରି ଏଭଳି ନିଷ୍ପତ୍ତି ନେବା ସହ ଏକ ବିବୃତି ଜରିଆରେ କମ୍ପାନୀ କର୍ମଚାରୀମାନଙ୍କୁ ଅବଗତ କରାଇଛି। ସେହିଭଳି କମ୍ପାନୀ ତା'ର ପ୍ରକ୍ରିୟାରେ ମଧ୍ୟ ସରଳୀକରଣ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଉକ୍ତ ବିବୃତିରେ ଉଲ୍ଲେଖ କରିଛି। ସୂଚନାଯୋଗ୍ୟ, ବିଶ୍ୱରେ ଲାଗି ରହିଥିବା ଆର୍ଥିକ ଅନିଶ୍ଚିତତା ଏବଂ ମୁଦ୍ରାସ୍ଫୀତି ସହ ବିଭିନ୍ନ ଶିଳ୍ପ କ୍ଷେତ୍ରର ଲାଗି ରହିଥିବା ମାନ୍ଦାବସ୍ଥା କମ୍ପାନୀଗୁଡ଼ିକୁ ଆଶଙ୍କା ମଧ୍ୟକୁ ଠେଲିଦେଇଛି।


## SURVEY & MAP PUBLICATION

At-BadaJobra, Po- College Square, Cuttack-753003
Ph-0671-2547057, Mail-surveymappublication@gmail.com

**TENDER CALL NOTICE No. 2000/MP. Dated. 05.12.2022**

**No.F-382:** The Joint Director, Survey & Map Publication, Odisha, Cuttack has invited sealed Tender for Repairing of Printing Machines from the manufacturer/Repairing Firm of India, as per the specification detailed mentioned in the Tender Document of Tender Call Notice No. 2000 dt.05.12.2022. The Tender document will he made available in Odisha Govt. Website www.odisha.gov.in from 08.12.2022 to 02.01.2023 up to 5 PM for download and submission by 03.01.2023 at 2 PM. For details of the terms and conditions, please refer the Tender document.

**Sd./- Joint Director**
**Survey & Map Publication,Odisha, Cuttack**
**OIPR-24043/11/0008/2223**

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT

E-mail : ceworldbankproiects@gmail.com

**2nd Bid Identification No. CE-W.B.P. (0) - 22/ 2022 - 23**

**No.B-931:** The bid for the work of IFB of Sl.01 "Construction of H.L. Bridge with approach road over river Brahmani at Siling connecting to Talapada in the District of Angul under State Plan." (Tender ID: 2022_EICCL_82929_1) invited vide Bid Identification No. CE-WBP (0)-22 / 2022-23 is hereby cancelled for better competitive bidding as single bidder found to be responsive in 1st time tender call

All other terms and conditions remain unchanged.

**Sd./- Chief Engineer, World Bank Project, Odisha**
**OIPR-34003/11/0057/2223**

## OFFICE OF THE EXECUTIVE ENGINEER
## BHUBANESWAR (R&B) DIVISION NO III, BHUBANESWAR

bbsrrandb03@yahoo.com

No.B-923: 60Estg No.8380, Date:01.12.2022

Government of Odisha "e"-Procurement Notice No.(48) of 2022-23

**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Building Work |
| 2 | Total No. of Works | 2 No. Work |
| 3 | Estimated Cost | 1.Rs.52,01,700.00<br>2. Rs.56,12,600.00 |
| 4 | Class of Contractor | 'B' Class |
| 5 | Period of Completion | 6 (Six) Calendar Months |
| 6 | Type of Tender | Double Cover System (Online) |
| 7 | Date & Time of availability of bid document in the portal | From **08.12.2022 at 10.00 A.M. to 22.12.2022 at 05.30 P.M.** |
| 8 | Last date & time for receipt of bids in the portal | Dt.22.12.2022, upto 05.30 P.M. |
| 9 | Name & Address of the Officer Inviting Bid | Er.Gayatri Patel, Executive Engineer, Bhubaneswar (R&B) Division No.III, Bhubaneswar |

Further details can be seen from the e-Procurement portal **https://tendersorissa.gov.in.**
N.B.:Subsequent corrigendum/addendum if required shall be available in the website as indicated above.

**Sd./- Executive Engineer,**
**OIPR-34089/11/0015/2223 Bhubaneswar (R&B) Division No.III,BBSR**

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT

No. B-929 E-mail: ceworldbankprojects@gmail.com

**Bid Identification No. CE-W.B.P. (O)-25/2022-23**

1. The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Road & Bridge works as detailed in the table below:
2. Nature of work : Bridge / Road works
3. No. of work : 04 Nos.
4. Tender cost : Rs.10,000.00
5. Class of Contractor : Special/ Super Class Contractor
6. Available of bid document in the website : From 10.00 AM of 06.12.2022 to 5.00 PM of 30.12.2022
7. Pre-Bid meeting : Dt.13.12.2022 at 11.30 AM
8. Date of opening of Bid : Dt.31.12.2022 at 11.30 AM
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Engineer, World Bank Project, Odisha**
OIPR-34003/11/0055/2223


## ODISHA PUBLIC SERVICE COMMISSION CUTTACK

**NOTICE**

**No.10997/P.S.C., Dt.6.12.22**
**PF-1E-11-2021/22 (DR-III)**

**No.D-241:** It is for information of all concerned that, pursuant to Advt. No.24 of 2021-22, 67 (Sixty-seven) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in Economics. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 19.12.2022, 20.12.2022, 21.12.2022 & 22.12.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1. | 19.12.2022 | 10.30A.M. | 00052565, 00124341, 00120710, 00112797, 00119657, 00109128, 00118234, 00119275, 00119824 & 00077914 = **10 candidates** |
| | | 3.00 P.M. | 00031587, 00116675, 00122447, 00120894, 00124272, 00097560 & 00108800 = **07 candidates** |
| 2. | 20.12.2022 | 10.30A.M. | 00108632, 00025347, 00116083, 00120166, 00095664, 00109009, 00095058, 00121909, 00121557 & 00108887 = **10 candidates** |
| | | 3.00 P.M. | 00125435, 00116755, 00122552, 00033721, 00061412, 00120773 & 00121373 = **07 candidates** |
| 3. | 21.12.2022 | 10.30A.M. | 00019651, 00038359, 00123590, 00124280, 00081182, 00132073, 00057866, 00020879, 00109412 & 00117031 = **10 candidates** |
| | | 3.00 P.M. | 00119455, 00122951, 00125802, 00116094, 00114074, 00120444 & 00035847 = **07 candidates** |
| 4. | 22.12.2022 | 10.30A.M. | 00114310, 00125684, 00063018, 00103436, 00066322, 00116901, 00109402, 00033788, 00116337 & 00132485 = **10 candidates** |
| | | 3.00 P.M. | 00122190, 00057576, 00019493, 00021925, 00126684 & 00117528 = **06 candidates** |

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0218/2223** **Sd./- Additional Secretary**


## GOVT. OF ODISHA
## OFFICE OF THE EXECUTIVE ENGINEER MINOR IRRIGATION DIVISION, GAJAPATI

AT/PO: PARALAKHEMUNDI, DIST: GAJAPATI
PHONE NO: 06815-222365, e-mail- eemi_gajapati@yahoo.co.in

**e-Procurement Notice No. 1673 Date. 01/12/2022**
**BID IDENTIFICATION NO. MIDGJP-05/2022-2023**

**No.A-828:** The Executive Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Double Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work: Construction of new Check Dams /2022-23.
2. No of works: 5 Nos. ( Five )
3. Estimated cost: Varies approximately from Rs.50.00 Lakhs to Rs. 82.00 Lakhs.
4. Period of completion: 11 (Eleven) calendar months
5. Date and time of availability of bid documents in the portal: from 10.00 Hours of 09.12.2022 to 17.00 Hours of 19.12.2022.
6. Last date/ time for receipt of bids in the portal: 17.00 Hours of 19.12.2022.
7. Date of opening of Technical Bid: 11.00 Hours on 21.12.2022.
8. Name and address of the Officer inviting Bid: Executive Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200
   Further details can be seen from the e-procurement portal https://tendersodisha.gov.in

**Executive Engineer**
OIPR-32013/11/0006/2223 **MI Division, Gajapati, Paralakhemundi**

## GOVERNMENT OF ODISHA
No. B-926

## OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR

Mail ID : - sepwdbalangir@gmail.com

**e - Procurement Notice**

**BID IDENTIFICATION No: CCE(R&B) BGR/14/2022-23**
**No. 4607// Dtd. 29.11.2022**

The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite bid** in double cover system in **ONLINE MODE** for the construction of works detailed in the table below from **B/A** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : **Buildings Work**
2. No. of tender : Buildings work - 01 No.
3. Tender Cost : Rs.10,000/-
4. Class of Contractor : **B & A Class**
5. Date & Time of sale & Receipt of Bids : From Dt.08.12.2022, 10.00 A.M. to Dt.22.12.2022 up to 05.00 P.M.
6. Date of opening Bid : Dt.23.12.2022 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Chief Construction Engineer,**
OIPR-34131/11/0021/2223 **Balangir (R&B) Circle, Balangir**

## ଜାଣିରଖନ୍ତୁ



**ଛେ**ଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ । ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ। ଉକ୍ତ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାନ୍ତୁ। ଫଳରେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବ ନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ ।

## ଗ୍ଲାଡିଓଲସ୍ ଲଗାଇବା ସମୟରେ...

**ଗ୍ଲା**ଡିଓଲସ୍ ଦୁଇ ପତ୍ର ଅବସ୍ଥାରେ ଥିଲେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ମଧ୍ୟ ଗ୍ଲାଡିଓଲସ୍ ଲଗାଇପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ଲିଲିୟମ୍‌ର କନ୍ଦା ସଂଗ୍ରହକରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ । ଗୋଲାପ ଗଛରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁ ଗଛରେ ପତ୍ରପୋଡ଼ା, କଢ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମଗୁଡିକ ହେଉଛି ସିରାକୋଲ୍, ଜାଏଣ୍ଟ ଡବଲ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ ଆଫ୍ରିକାନ୍ ଅରେଞ୍ଜ୍, ବି.ଏମ୍.-୨ ଏବଂ ବି.ଏମ୍.-୩। ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ । ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।



## ଲେମ୍ବୁଚାଷ

**ଲେମ୍ବୁ**ରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ। ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡୋକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ। ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ।



# ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା



ପ୍ର.ସୁବୋଧ କୁମାର ସାହୁ

**ଜ**ଳବାୟୁ ମୁଖ୍ୟତଃ ଉତ୍ତାପ, ବର୍ଷା ଓ ବାୟୁ ପ୍ରବାହକୁ ବୁଝାଏ । ଉକ୍ତ ୩ ଗୋଟି ଉପାଦାନର ପରିବର୍ତ୍ତନରେ ଜଳବାୟୁର ପରିବର୍ତ୍ତନ ଘଟେ । ଉତ୍ତାପ, ସୂର୍ଯ୍ୟତାପ ଓ ବାୟୁମଣ୍ଡଳର କେତେକ ବାଷ୍ପ ଦ୍ୱାରା ନିୟନ୍ତ୍ରିତ ହୁଏ । ସୂର୍ଯ୍ୟଙ୍କର ଅବସ୍ଥିତିକୁ ନେଇ ଉତ୍ତାପର ବୃଦ୍ଧି ଓ କ୍ଷୟ ଘଟେ । ସୂର୍ଯ୍ୟତାପର ବୃଦ୍ଧି ଓ କ୍ଷୟ ଦ୍ୱାରା ସୃଷ୍ଟି ଉତ୍ତାପ ପ୍ରାକୃତିକ । କିନ୍ତୁ ବାୟୁମଣ୍ଡଳର ଉତ୍ତାପ ମନୁଷ୍ୟକୃତ । ମନୁଷ୍ୟକୃତ ଉତ୍ତାପର କାରଣ ମଧ୍ୟରୁ ଜଙ୍ଗଲର ଅବକ୍ଷୟ ଏକ ମୁଖ୍ୟ କାରଣ। ଅନୈତିକ ଗଛ କଟା ଯୋଗୁ କୃତ୍ରିମ ଉତ୍ତାପ ବୃଦ୍ଧି ଘଟେ । ଭୂପୃଷ୍ଠ ବୃକ୍ଷହୀନ ହେଲେ ସବୁଜ ଗୃହ ବାଷ୍ପ ସୃଷ୍ଟି ହୁଏ । ସୂର୍ଯ୍ୟତାପ ବୃଦ୍ଧି ସହିତ ସବୁଜ ଗୃହ ବାଷ୍ପ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ଘଟାଏ । ଏହାଛଡ଼ା ଭୂମିର ଅବସ୍ଥିତି ଏବଂ ସଘନ ଧାନଚାଷ ସବୁଜ ଗୃହ ବାଷ୍ପ ସୃଷ୍ଟି କରିଥାଏ। ସବୁଜ ଗୃହ ବାଷ୍ପ କହିଲେ ମୁଖ୍ୟତଃ ଅଙ୍ଗାରକାମ୍ଳ ଓ ମିଥେନ ବାଷ୍ପକୁ ବୁଝାଏ । ଗଛ କଟା ଯୋଗୁ ଅଙ୍ଗାରକାମ୍ଳ ବାଷ୍ପ ଶ୍ୱେତସାର ଖାଦ୍ୟ ପାଇଁ ବ୍ୟବହୃତ ହୋଇ ନ ପାରି ବାୟୁମଣ୍ଡଳକୁ ଉତ୍ତପ୍ତ କରେ । ବାୟୁମଣ୍ଡଳର ଉତ୍ତାପ ବଢ଼ିବାର ଅନ୍ୟ କେତେକ କାରଣ ଯଥା ଯାନବାହନ ଓ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦାୟୀ।

ଉତ୍ତାପ ବୃଦ୍ଧି ଯୋଗୁ ଭୂପୃଷ୍ଠସ୍ଥ ପଥର ଖଣ୍ଡମାନ ମଧ୍ୟରେ ଥିବା ଅଣୁ ମଧ୍ୟରେ କମ୍ପନ ସୃଷ୍ଟିହୋଇ ପଥର ମଧ୍ୟରେ ଚାପ ସୃଷ୍ଟି ହୁଏ । ଏହାଦ୍ୱାରା ପଥର ଖଣ୍ଡମାନ ଭାଙ୍ଗି ବାଲି, ପଟୁ ଓ କର୍ଦ୍ଦମରେ ପରିଣତ ହୋଇ ମୃତ୍ତିକା ସୃଷ୍ଟି ହୁଏ । ଉତ୍ତାପ ବୃଦ୍ଧି ଯୋଗୁ ମାଟିର ଭୌତିକ, ରାସାୟନିକ ଓ ଜୈବିକ ଗୁଣର ପରିବର୍ତ୍ତନ ଘଟେ। ଭୌତିକ ଅବସ୍ଥା ମଧ୍ୟରୁ ମାଟିର ବୟନ, ସଂରଚ଼ନା ଓ ସାନ୍ଦ୍ରତା ମୁଖ୍ୟ । ଉତ୍ତାପ ବଢ଼ିଲେ କ୍ଷୁଦ୍ର ପଥର ଖଣ୍ଡମାନ ଭାଙ୍ଗି ବୃହତ୍, ସୂକ୍ଷ୍ମ ଏବଂ ଅତିସୂକ୍ଷ୍ମ ବାଲିରେ ପରିଣତ ହୁଏ। ପଟୁ , ଅତିସୂକ୍ଷ୍ମ କଣିକାରେ ପରିଣତ ହୋଇ କର୍ଦ୍ଦମ ସୃଷ୍ଟି ହୁଏ । ସୂର୍ଯ୍ୟତାପ ଦ୍ୱାରା ମାଟି ଶୁଖିଯାଇ ଫାଟେ । ଜୈବ ଅଂଶ ଦହନ ହୋଇ ଅଙ୍ଗାର ହୁଏ। କଳାରଙ୍ଗର ମାଟି ବାଦାମୀ ହୁଏ । ଅଧିକ ଉତ୍ତାପରେ ମାଟିରେ ଥିବା ଜୀବାଣୁଙ୍କ ଅବକ୍ଷୟ ଘଟେ ।

ବର୍ଷାକୁ କୁହାଯାଏ ଜଳବାୟୁର ଦ୍ୱିତୀୟ ଉପାଦାନ । ଏହା ବିଭିନ୍ନ ପ୍ରକାରର ହୋଇଥାଏ । ଘଣ୍ଟାକୁ ୨.୫ ମି.ମି. କିମ୍ବା ଏହାଠାରୁ କମ୍ ହେଲେ ଏହାକୁ ସ୍ୱଳ୍ପ ବର୍ଷା କୁହାଯାଏ । ଉକ୍ତ ବର୍ଷା ସ୍ୱଳ୍ପ ସମୟ ପାଇଁ ମାଟିକୁ ଓଦା ରଖେ । ଏହି ବର୍ଷା ମାଟି ପାଇଁ ଉପକାରୀ । ମାଟିରେ ଥିବା ଅଣୁଜୀବ କାର୍ଯ୍ୟକ୍ଷମ ହୁଅନ୍ତି । ଘଣ୍ଟାକୁ ୨.୫ରୁ ୧୦ ମି.ମି. ବର୍ଷାକୁ ମଧ୍ୟମ ବର୍ଷା କୁହାଯାଏ । ମଧ୍ୟମ ବର୍ଷା ମାଟି କର୍ଷଣ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରେ । ଘଣ୍ଟା ପ୍ରତି ୧୦ ରୁ ୫୦ ମି.ମି . ବର୍ଷାକୁ ଭାରି ବର୍ଷା କୁହାଯାଏ । ଉକ୍ତ ବର୍ଷାର ଟୋପାମାନ ବଡ଼ ବଡ଼ ହୋଇ ଉପର ମାଟିକୁ ସ୍ଥାନାନ୍ତରିତ କରେ । ଭୂପୃଷ୍ଠରେ ବର୍ଷାଜଳର ସ୍ରୋତ ଗଡ଼ାଣିରେ ବହି ନାଳୀମାନ ସୃଷ୍ଟିକରି ମାଟିକୁ ସ୍ଥାନାନ୍ତରିତ କରେ । ଘଣ୍ଟାକୁ ୫୦ ମି.ମି.ରୁ ଅଧିକ ବର୍ଷା ହେଲେ ଏହାକୁ ପ୍ରବଳ ବା ମୁଷଳଧାରାର ବର୍ଷା କୁହାଯାଏ। ଉକ୍ତ ବର୍ଷା ଭୂପୃଷ୍ଠ ପାଇଁ କ୍ଷତିକାରକ । ଉଭୟେ ସମତଳ ଓ ଗଡ଼ାଣି ଭୂମିରେ ପ୍ରବଳ ବେଗରେ ଜଳସ୍ରୋତ ବହି ବୃହତ୍ ନାଳୀମାନ ସୃଷ୍ଟି ହୋଇ ମାଟି କ୍ଷୟ ହୁଏ। ଏହି ବର୍ଷା ନଦୀରେ ବନ୍ୟା ସୃଷ୍ଟିକରେ । ଘଣ୍ଟାକୁ ୧୦୦ ମି.ମି.ରୁ ଅଧିକ ବର୍ଷାକୁ ବାଦଲ ଫଟା ବର୍ଷା କୁହାଯାଏ । ବାଦଲ ଫଟା ବର୍ଷା ମୁଖ୍ୟତଃ ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟାଞ୍ଚଳରେ ଅଧିକ ହୁଏ । ଆକାଶରେ ଭାସମାନ ବାଦଲ ଏକତ୍ରିତ ହୋଇ ହଠାତ୍ ଥଣ୍ଡା ହେଲେ ପ୍ରବଳ ବର୍ଷା ଆକାରରେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ବର୍ଷେ । ଉକ୍ତ ବର୍ଷା ବିପଜ୍ଜନକ। ଏହି ବର୍ଷା ଦ୍ୱାରା ଭୂସ୍ଖଳନ ହୋଇ ବଡ଼ ବଡ଼ ପଥର ଖଣ୍ଡମାନ ସ୍ଥାନାନ୍ତରିତ ହୁଏ । ନଦୀ ବନ୍ଧ ଭାଙ୍ଗି ପ୍ରବଳ ବନ୍ୟା ସୃଷ୍ଟି ହୁଏ । ମାଟି ଧୋଇ ବୃହତ୍ ନଦୀ ଓ ସମୁଦ୍ର ଗର୍ଭକୁ ବହିଯାଏ । ବହୁ ଧନଜୀବନ ନଷ୍ଟ ହୁଏ । ବର୍ଷା ସହ ବାତ୍ୟା ହେଲେ ସମୁଦ୍ରରୁ ଉଚ୍ଚ ଜୁଆର ଭୂଭାଗକୁ ମାଡ଼ି ଆସି ସମୁଦ୍ର ନିକଟବର୍ତ୍ତୀ ଚାଷଜମିର ମଧୁରମାଟିକୁ ଲୁଣା କରିଦିଏ । ଲୁଣା ମାଟି ଚାଷପାଇଁ ଅନୁପଯୁକ୍ତ ।

ବାୟୁ ପ୍ରବାହ ମୃତ୍ତିକା ସୃଷ୍ଟି ଓ କ୍ଷୟର ତୃତୀୟ କାରଣ । ନିର୍ଦ୍ଦିଷ୍ଟ ଏକ ସ୍ଥାନର ବାୟୁ ଉତ୍ତପ୍ତ ହେଲେ, ସେ ସ୍ଥାନରେ ଲଘୁଚାପ ସୃଷ୍ଟି ହୁଏ । ଗୁରୁଚାପ ସ୍ଥାନର ବାୟୁ ଲଘୁଚାପ ଅଞ୍ଚଳକୁ ଦ୍ରୁତବେଗରେ ପ୍ରବାହିତ ହୁଏ। ଏହାଦ୍ୱାରା ଭୂପୃଷ୍ଠସ୍ଥ ମାଟି ତଥା ଧୂଳିକଣା ଆଦି ଦୂର ସ୍ଥାନକୁ ସ୍ଥାନାନ୍ତରିତ ହୁଏ । ଘଣ୍ଟା ପ୍ରତି ବାୟୁର ବେଗ ୧୦ ରୁ ୧୫ କି.ମି. ହେଲେ ଏହାକୁ ଧୀର ବାୟୁ ପ୍ରବାହ କୁହାଯାଏ। ମାଟି ଶୁଷ୍କ ଥିଲେ ଉକ୍ତ ପବନରେ ଅତି ସୂକ୍ଷ୍ମ ମାଟି ଯଥା କର୍ଦ୍ଦମ ଓ ପଟୁ ସ୍ଥାନାନ୍ତରିତ ହୁଏ । ପବନର ବେଗ ଘଣ୍ଟା ପ୍ରତି ୨୦ ରୁ ୨୫ କି.ମି .ହେଲେ ଏହାକୁ ବାୟୁର ମଧ୍ୟମ ପ୍ରବାହ କୁହାଯାଏ। ଉକ୍ତ ବାୟୁ ପ୍ରବାହ ଦ୍ୱାରା ଶୁଷ୍କ ଜମିର କର୍ଦ୍ଦମ ଓ ପଟୁ ସହ ସୂକ୍ଷ୍ମ ବାଲି ଅର୍ଥାତ୍ ୦.୫ ରୁ ୧ ମି.ମି. ବ୍ୟାସ ବିଶିଷ୍ଟ ମାଟି ସ୍ଥାନାନ୍ତରିତ ହୁଏ । ବାୟୁର ବେଗ ଘଣ୍ଟା ପ୍ରତି ୩୦ ରୁ ୪୫ କି.ମି. ହେଲେ ଏହାକୁ ଦ୍ରୁତ ବାୟୁ ପ୍ରବାହ କୁହାଯାଏ । ଉକ୍ତ ବାୟୁ ପ୍ରବାହ ଦ୍ୱାରା ୧.୦ ରୁ ୨ ମି.ମି. ବ୍ୟାସ ବିଶିଷ୍ଟ ବାଲି ସହ ସୂକ୍ଷ୍ମ ବାଲି, ପଟୁ ଏବଂ କର୍ଦ୍ଦମ ସ୍ଥାନାନ୍ତରିତ ହୁଏ । ବାୟୁର ବେଗ ଘଣ୍ଟା ପ୍ରତି ୫୦ ରୁ ୭୫ କି.ମି. ହେଲେ ବାୟୁ ପ୍ରବାହ ପ୍ରଚଣ୍ଡ ହୁଏ । ଏହାଦ୍ୱାରା ବଡ଼ ବଡ଼ ବାଲୁକା ଖଣ୍ଡ ଅର୍ଥାତ୍ ୨.୦ ମି.ମି.ରୁ ଅଧିକ ବ୍ୟାସ ବିଶିଷ୍ଟ ବାଲି ଏବଂ କ୍ଷୁଦ୍ର ପଥର ଖଣ୍ଡମାନ ଶୁଷ୍କ ଭୂମିରୁ ସ୍ଥାନାନ୍ତରିତ ହୁଏ । ଏହାଦ୍ୱାରା ଏକ ସ୍ଥାନର ମାଟି କ୍ଷୟ ହେବାସହ ଅନ୍ୟ ଏକ ସ୍ଥାନରେ ମାଟିର ସ୍ତୂପ ସୃଷ୍ଟି ହୁଏ । ବିଶେଷକରି ମରୁଭୂମିରେ ବାଲିର ପାହାଡ଼ମାନ ସୃଷ୍ଟି ହୋଇଥାଏ । ଅନ୍ୟପକ୍ଷରେ ବଡ଼ ମୋଟା ବାଲିଖଣ୍ଡମାନ ପଥରରେ ପିଟିହୋଇ ପଥରକୁ ଭାଙ୍ଗି ନୂଆ ମାଟି ସୃଷ୍ଟିକରେ । କିନ୍ତୁ ପବନ ସହ ବର୍ଷା ହୋଇ ଶୁଷ୍କମାଟି ଓଦା ହେଲେ ମାଟି ପବନ ଦ୍ୱାରା ସ୍ଥାନାନ୍ତରିତ ହେବାରେ ବାଧା ସୃଷ୍ଟି ହୁଏ । ମୃତ୍ତିକା ସୃଷ୍ଟି ଓ କ୍ଷୟ ଜଳବାୟୁ ପରିବର୍ତ୍ତନ ସହ ଓତପ୍ରୋତ ଭାବେ ଜଡ଼ିତ । ବୈଜ୍ଞାନିକ ଉପାୟରେ ଜଳବାୟୁ ପରିବର୍ତ୍ତନକୁ କିଛିଟା ରୋକାଯାଇପାରିବ ।

-ଶୈଳଶ୍ରୀବିହାର
ମୋ : ୯୫୫୬୨୬୬୦୮୫



## ଡାଲିଜାତୀୟ ମଞ୍ଜି ବିଶୋଧନ



**ଡା**ଲିଜାତୀୟ ଫସଲ ଓ ଚିନାବାଦାମରେ ୨୫ କି.ଗ୍ରା. ବିହନ ପ୍ରତି ୧୦ ଗ୍ରାମ୍ ସୋଡିୟମ୍ ମଲିବ୍‌ଡେଟ୍ ଏବଂ ୧ ଗ୍ରାମ୍ କୋବାଲ୍‌ଟସ୍ କ୍ଲୋରାଇଡ୍ ପାଣିରେ ଦ୍ରବୀଭୂତ କରି ଏହା ସହ ରାଇଜୋବିୟମ କଲ୍‌ଚର ୫୦୦ ଗ୍ରାମ୍‌ରୁ ୧ କି.ଗ୍ରା. ମିଶାଇ ମଞ୍ଜି ଉପଚାରକରି ଛାଇରେ ଶୁଖାଇ ୧ ଘଣ୍ଟା ପରେ ଉପରବେଳା ମଞ୍ଜି ବୁଣିଲେ ଭଲ । ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ। ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ି ବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମିଲି ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିଡ ଗୁଣ୍ଡ କିମ୍ବା ୧ ମିଲି ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

## ଅଳ୍ପରେ...



➤କପାଚାଷ କରିଥିଲେ ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳାଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

➤ମାଣ୍ଡିଆ କିଆରିରେ ଠିଆପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

➤ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ ।

➤ମାଛଚାଷ କରୁଥିଲେ ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍‌ଏସ୍‌ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ ।

➤ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ ।

# ଜୈବିକ ପଦ୍ଧତିରେ ପିଆଜଚାଷ



ମାନସ ରଞ୍ଜନ ପଟ୍ଟନାୟକ

**ଆ**ମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ। ଏହାର ପ୍ରାୟତଃ ୭୦-୭୧ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରକରି ଚଳିଆସୁଛନ୍ତି। ଯଦିଓ ଆମ ରାଜ୍ୟର ଧାନ ମୁଖ୍ୟ ଫସଲ, ହେଲେ ପନିପରିବା, ମସଲା ଜାତୀୟ ଫସଲ, ଫଳଚାଷ ଏବଂ ଔଷଧୀୟ ବୃକ୍ଷ ମଧ୍ୟ କିଛି ଚାଷ ହେଉଛି। କିନ୍ତୁ ଆଜିର ଜଳବାୟୁ ପରିବର୍ତ୍ତନ ସହ ବାତ୍ୟା, ମରୁଡ଼ି ସ୍ଥିତି ପାଇଁ ଆମ ରାଜ୍ୟ ଯେତିକି ଉତ୍ପାଦନ କରିବା କଥା, ସେତିକି କରିପାରୁନାହିଁ। ଏହି ମସଲା ଫସଲ ମଧ୍ୟରେ ପିଆଜ ଅନ୍ୟତମ। ଏହା ଏକ ଅର୍ଥକରୀ ମସଲା ଫସଲ କହିଲେ ଅତ୍ୟୁକ୍ତି ହେବ ନାହିଁ। ପିଆଜର ଚାହିଁଦା ଆମ ରାଜ୍ୟ ତଥା ଦେଶରେ ବର୍ଷସାରା ରହିଥାଏ। ଏହାକୁ କଞ୍ଚାରେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ତଥା ସାଲାଡ୍ ରୂପେ ବ୍ୟବହାର କରିଥାଆନ୍ତି।

**ଜଳବାୟୁ :** ଆମ ରାଜ୍ୟରେ ପିଆଜ ଶୀତଋତୁରେ ଚାଷ କରାଯାଏ। ବର୍ଷାଦିନେ ମଧ୍ୟ ଏହାକୁ ଚାଷ କରାଯାଇପାରିବ। ୧ ଏକର ପିଆଜ ଚାଷ ଲାଗି ୪-୫ କି.ଗ୍ରା. ବିହନର ଆବଶ୍ୟକତା ପଡ଼ିଥାଏ। ପିଆଜ ଲଗାଇବା ପୂର୍ବରୁ ୧ କି.ଗ୍ରା. ବିହନ ସହ ୫ ଗ୍ରାମ ଟ୍ରାଇକୋଡର୍ମାଭିରିଡ ମିଶାଇ ବିଶୋଧନ କରନ୍ତୁ।

**ମୃତ୍ତିକା :** ନିଗିଡ଼ା, ଦୋରସା, ଉର୍ବର, ବାଲି ଦୋରସା ମାଟିରେ ପିଆଜ ଚାଷ ଭଲ ହୋଇଥାଏ। ଏହି ମାଟିର ପି.ଏଚ୍. ୫.୮ରୁ ୬.୫ ଥିବା ଦରକାର। ଏହାକୁ ରାସାୟନିକ କ୍ଷେତଠାରୁ ୨୫-୫୦ଫୁଟ ଦୂରରେ କରିବା ଉଚିତ।

**ଉନ୍ନତ କିସମ :** ସାଧାରଣତଃ ପିଆଜ ତିନୋଟି ରଙ୍ଗରେ ଦେଖିବାକୁ ମିଳିଥାଏ। ସେଗୁଡିକ ହେଲା-ଧଳା, ହଳଦୀ ଏବଂ ନାଲି। ଧଳା ରଙ୍ଗର ପିଆଜର ଉନ୍ନତ କିମସଗୁଡ଼ିକ ମଧ୍ୟରେ ରହିଛି-ପୁଷା ହ୍ୱାଇଟ୍ ରାଉଣ୍ଡ, ପାଟଣା ହ୍ୱାଇଟ୍, ପୁଷା ହ୍ୱାଇଟ୍ ଏବଂ ପୁଷା ମାଧବୀ। ହଳଦୀ ରଙ୍ଗର ପିଆଜ ଲଗାଉଥିଲେ ତାହାର ଉନ୍ନତ କିସମଗୁଡ଼ିକ ହେଉଛି- ଆର୍ଲି ଗ୍ରାନୋ ଏବଂ ଆର୍କା ପୀତାମ୍ବର। ଅନ୍ୟପକ୍ଷରେ ନାଲି ରଙ୍ଗର ପିଆର ଉନ୍ନତ କିସମଗୁଡ଼ିକ ହେଲା- ଆର୍କା ନିକେତନ, ପୁଷାରେଡ୍, ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍ ଏବଂ ଆର୍କା ପୀତାମ୍ବର।

**ପିଆଜ ଲଗାଇବା ସମୟରେ :** ପିଆଜ ଲଗାଇବା ପୂର୍ବରୁ ମାଟିକୁ ପ୍ରଥମେ ସୂର୍ଯ୍ୟକିରଣରେ ଭଲ ଭାବରେ ବିଶୋଧନ କରନ୍ତୁ। ପିଆଜ ଲଗାଇବାର ୫୦-୬୦ଦିନ ପୂର୍ବରୁ ୩ ମିଟର ଲମ୍ବ, ୧ ମିଟର ଓସାର ଏବଂ ୧୫ସେମି ଉଚ୍ଚାର ତଳିଘରା କରାଯାଏ। ପ୍ରତି ବର୍ଗମିଟର ତଳିଘରା ପାଇଁ ୫ କି.ଗ୍ରା. ସଢ଼ା କମ୍ପୋଷ୍ଟ କିମ୍ବା ଜିଆଖତ ଏବଂ ୨୫୦ ଗ୍ରାମ ନିମ୍ବ ପିଡ଼ିଆ ମିଶାଯାଏ। ଏଥିସହିତ ୧୦ ଗ୍ରାମ ଟ୍ରାଇକୋଡର୍ମା ଭିରିଡି କମ୍ପୋଷ୍ଟ ଗୋଳାଇ ମଧ୍ୟ ପ୍ରୟୋଗ କରିବା ଆବଶ୍ୟକ। ପିଆଜ ବିହନକୁ ୪-୫ ସେ.ମି. ବ୍ୟବଧାନରେ ଗାର ଟାଣି ୨ ସେ.ମି . ଗଭୀରରେ ମଞ୍ଜି ପକାଇ ଘୋଡ଼ାଯାଏ। ସାଧାରଣତଃ ନଭେମ୍ବର ଶେଷ ସପ୍ତାହରେ ପିଆଜ ଚାଷ କଲେ ଉତ୍କୃଷ୍ଟ ପିଆଜ ଅମଳ ହୋଇପାରିବ।

**ଲଗାଇବା ପ୍ରଣାଳୀ :** ମୁଖ୍ୟ ଜମିରେ ରୋପଣର ୪୦-୪୫ ଦିନ ପୂର୍ବରୁ ହଳ ସମୟରେ ଏକର ପ୍ରତି ୨୦୦ କି.ଗ୍ରା. ନିମ୍ବ, କରଞ୍ଜ କିମ୍ବା ସୋରିଷ ପିଡ଼ିଆ, ରକ୍ ଫସ୍‌ଫେଟ୍ ୧୨୦ କି.ଗ୍ରା., କାଠବାଉଁଶ ୪୦ କିଗ୍ରା ଏବଂ ଅମ୍ଳ ମାଟିରେ ୧୦୦ କି.ଗ୍ରା. ଜିପ୍‌ସମକୁ ଜମି ପ୍ରସ୍ତୁତି ବେଳେ ମାଟିରେ ମିଶାଇ ଦିଅନ୍ତୁ। ତା'ପରେ ୨୦ କି.ଗ୍ରା. ଛଣି ବିହନ (ଏକ ସବୁଜ ସାର) ବୁଣନ୍ତୁ। ଏହି ସମୟରେ ଜମିକୁ ପଟାଳି



କରି ଧାଡ଼ିକୁ ଧାଡ଼ି ୧୫ସେ.ମି. ଏବଂ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ କୃଷ୍ଣ ପକ୍ଷରେ ରୋପଣ କରିବା ଉଚିତ। ପିଆଜ ଚାରା ରୋପଣ ପୂର୍ବରୁ ଗୋଟିଏ ଟ୍ରେରେ ୧୦ଲିଟର ପାଣି ନେଇ ୧୦ କି.ଗ୍ରା. ଲେଖାଏଁ ଆଜିଟୋବେକ୍ଟର ଏବଂ ଫସ୍‌ପୋକଲଚର ମିଶାଇ ଚାରାର ଚେରକୁ ୩୦ ମିନିଟ୍ ବୁଡ଼ାଯାଏ।

**ଖତସାର ପ୍ରଣାଳୀ :** ପିଆଜଚାଷ ପାଇଁ ଜମି ପ୍ରସ୍ତୁତି ସମୟରେ ୬.୮ ଟନ୍ ଶଢ଼ା କମ୍ପୋଷ୍ଟ, ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ଏବଂ ୨ କୁଇଣ୍ଟାଲ ନିମ୍ବ ପିଡ଼ିଆ ଦିଆଯାଏ। ପିଆଜ ଚାରା ଲଗାଇବା ସମୟରେ ଏକର ପ୍ରତି ୩ କି.ଗ୍ରା. ଲେଖାଏଁ ଆଜିଟୋବେକ୍ଟର ଏବଂ ଫସ୍‌ପୋ କଲଚର କମ୍ପୋଷ୍ଟ ସହିତ ମିଶାଇ (ପ୍ରୟୋଗର ୪୮ ଘଣ୍ଟା ପୂର୍ବରୁ ଗୋଳାହେବ) ମାଟିରେ ଦିଆହେବ। କୋଡ଼ାଖୋସା ସମୟରେ ୧ କୁଇଣ୍ଟାଲ ଜିଆଖତ ବା ରାଲି ମିଲ୍/ଷ୍ଟେରାମିଲ୍ ଦିଆଯାଇପାରିବ। ଚାଷୀଭାଇମାନେ ସବୁବେଳେ ଜୈବିକ ଚାଷ କରିବା ପୂର୍ବରୁ ରାସାୟନିକ କ୍ଷେତଠାରୁ ୨୫-୫୦ ଫୁଟ ଦୂରରେ ଲଗାଇବା ଉଚିତ।

**ରୋଗପୋକ ପରିଚାଳନା**

**ମୂଳଶଢ଼ା ରୋଗ :** ତଳିଘରା ପ୍ରତିବର୍ଷ ବଦଳାନ୍ତୁ। ମାଟି ଓ ବିହନକୁ ଟ୍ରାଇକୋର୍ଡମାଭିରିଡି ଦ୍ୱାରା ବିଶୋଧନ କରନ୍ତୁ।

**ଉକୁଣି ପୋକ (ଥ୍ରିପ୍‌ସ୍) :** ପୋକ ସହଣୀ ଶକ୍ତି କିସମ ପଷାରତ୍ନାର ବ୍ୟବହାର କରାଯାଏ। ପିଆଜକୁ ସଅଳ ଲଗାନ୍ତୁ। ନିମ୍ବଜାତ କୀଟନାଶକ (୩.୫ ମିଲି/୧ ଲିଟର ପାଣିରେ), ସାମ୍ପୋ କିମ୍ବା ଆସ୍କାଫଟି (୧ ମି.ଲି. ପାଣିରେ/୩ ଲିଟର) ପାଣିରେ ସ୍ପ୍ରେ କରାଯାଇପାରିବ।

**ଅମଳ :** ପିଆଜର କିସମ ଅନୁସାରେ ୯୦-୧୫୦ ଦିନରେ ଅମଳ କରାଯାଇପାରିବ। ପିଆଜ ଗଛର ଅଧାପତ୍ର ଶୁଖିବାର ୭ ଦିନରେ ଅମଳ କରାଯାଇପାରିବ। ଅମଳର ୧୫ଦିନ ପୂର୍ବରୁ ଜଳସେଚନ ବନ୍ଦ କରନ୍ତୁ। ଗଛକୁ ଉପାଡ଼ି ଜମିରେ ୨-୩ ଦିନ ଯାଏ ଧାଡ଼ି ଧାଡ଼ି କରି ରଖାଯାଏ, ଯେପରି ପିଆଜ ଖରାକୁ ଦେଖାନ ଯିବ। ପରେ ୭ଦିନ ଛାଇରେ ରଖି ଗଛ କଟାଯାଏ। ଏକର ପ୍ରତି ୮୦-୧୫୦ କୁଇଣ୍ଟାଲ ପିଆଜ ଅମଳ ମିଳିପାରିବ।

-ପ୍ରିନ୍ସିପାଲ, ଆଗ୍ରୋଟେକ୍ ପଲିଟେକନିକ୍ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୭୬୩୮୦୦୪





ପ୍ରି-କ୍ୱାର୍ଟର ଫାଇନାଲର ପେନାଲ୍ଟି ଶୁଟ୍ ଆଉଟ ପର୍ଯ୍ୟାୟରେ ସ୍ପେନ୍‌ର ଉଦ୍ୟମକୁ ବ୍ୟର୍ଥ କରିଥିବା ଗୋଲକିପରଙ୍କୁ ମରକ୍କୋ ଖେଳାଳିମାନେ ଟେକି ଧରିଛନ୍ତି। ମରକ୍କୋ ଖେଳାଳିଙ୍କ ବିଜୟ ଉଲ୍ଲାସ।

## ଦକ୍ଷିଣ କୋରିଆ କୋଚଙ୍କ ଇସ୍ତଫା

**ଦୋହା,୬।୧୨(ପି.ଟି.):** ବ୍ରାଜିଲ ବିପକ୍ଷ ରାଉଣ୍ଡ ଅଫ୍ ୧୬ ପରାଜୟ ପରେ ଦକ୍ଷିଣ କୋରିଆ କୋଚ ପଦରୁ ଇସ୍ତଫା ଦେଇଛନ୍ତି ପଉଲୋ ବେଣ୍ଟୋ। ବ୍ରାଜିଲ ସୋମବାର ୪-୧ରେ ଦକ୍ଷିଣ କୋରିଆକୁ ହରାଇଥିଲା। ୪ ବର୍ଷ ପରେ ସେ କୋରିଆ ଦଳ ଛାଡିଛନ୍ତି। ପରାଜୟ ସହିତ ଦଳ ଛାଡିବାର କିଛି ସମ୍ପର୍କ ନାହିଁ। ଏ ସମ୍ପର୍କରେ ସେ କିଛି ମାସ ପୂର୍ବରୁ ନିଷ୍ପତ୍ତି ନେଇ ସାରିଥିଲେ। କ୍ରମାଗତ ୧୦ମ ଓ ସମୁଦାୟ ୧୧ ଥର ପାଇଁ ଦକ୍ଷିଣ କୋରିଆ ବିଶ୍ୱକପ ଯୋଗ୍ୟତା ହାସଲ କରିଥିଲେ ହେଁ ଚଳିତ ବର୍ଷ କ୍ୱାର୍ଟର ଫାଇନାଲ ପ୍ରବେଶରେ ବିଫଳ ହୋଇଛି। ୨୦୦୨ରେ ଦଳ କେବଳ ଥରୁଟିଏ ସେମି ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା।

# ସ୍ପେନ୍‌କୁ ବିଦାକଲା ମରକ୍କୋ

**ଅଲ୍ ରାୟାନ (କାତାର), ୬।୧୨**

ଚଳିତ ଫିଫା ବିଶ୍ୱକପରେ ସବୁଠାରୁ ବଡ଼ ବିସ୍ମୟ ସୃଷ୍ଟି କରିଛି ମରକ୍କୋ। ୨୦୧୦ର ଚାମ୍ପିୟନ ସ୍ପେନ୍‌କୁ ପେନାଲ୍ଟି ଶୁଟ୍ ଆଉଟ୍ ୩-୦ ଗୋଲରେ ହରାଇ ଇତିହାସ ସୃଷ୍ଟି କରିଛି। ପ୍ରଥମଥରପାଇଁ ଫୁଟବଲ ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଏହି ଆଫ୍ରିକୀୟ ଦଳ। ଅନ୍ୟପକ୍ଷରେ ମ୍ୟାଚର ନିର୍ଦ୍ଧାରିତ ୯୦ ଓ ଅତିରିକ୍ତ ୩୦ ମିନିଟର ଖେଳରେ ଦୃଢ଼ତା ଦେଖାଇଥିବା ସ୍ପେନ୍ ପେନାଲ୍ଟି ଶୁଟ୍ ଆଉଟ ପର୍ଯ୍ୟାୟରେ ଲଜ୍ଜାଜନକ ପ୍ରଦର୍ଶନ କରି ବିଦାୟ ନେଇଛି। ମରକ୍କୋର ୩ ଜଣ ଖେଳାଳି ଗୋଲ ସ୍କୋର କରିଥିବାବେଳେ ସ୍ପେନ୍‌ର ଜଣେ ହେଲେ ଖେଳାଳି ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ରାଉଣ୍ଡ ଅଫ୍ ୧୬ରୁ ସ୍ପେନ୍‌ର ଅଭିଯାନ ଶେଷ ହୋଇଛି। ଶୁଟ୍ ଆଉଟ ପର୍ଯ୍ୟାୟରେ ସ୍ପେନ୍‌ର ପାବ୍‌ଲୋ ସରବିଅ, କାର୍ଲୋସ ସୋଲେର ଓ ସର୍ଗିଓ ବସ୍‌କ୍ୱେଟ୍ସ ଗୋଲ କରିବାରେ ଅସମର୍ଥ ରହିଥିଲେ। ମରକ୍କୋ ଗୋଲକିପର ୟାସାଇନେ ବୌନେଉଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ମରକ୍କୋର ଏହି ମ୍ୟାଚରେ ସେ ହିରୋ ସାବ୍ୟସ୍ତ ହୋଇଥିଲେ। ଅନ୍ୟପକ୍ଷରେ ମରକ୍କୋ ପକ୍ଷରୁ ଅବଦେଲାମିଦ ସାବିରି, ହାକିମ ଜିୟେଚ ଓ ଅଚରଫ ହାକିମି ଗୋଲ ଦେଇଥିବାବେଳେ କେବଳ ବଦର ବେନୋଉନ୍ ମିସ୍ କରିଥିଲେ।

ୟୁରୋପ ଓ ଦକ୍ଷିଣ ଆମେରିକା ବାହାରେ ଏକମାତ୍ର ଦଳଭାବେ ମରକ୍କୋ ଚଳିତ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହା ପୂର୍ବରୁ ଦଳ ଥରେ ମାତ୍ର ୧୯୮୬ ମେକ୍ସିକୋରେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କାତାରରେ ଗୋଟିଏ ପାଦ ଆଗକୁ ବଢ଼ି ଏହାର ଫୁଟବଲ ଇତିହାସକୁ ଋଦ୍ଧିମନ୍ତ କରିଛି ମରକ୍କୋ। ପୂର୍ବ ବିଶ୍ୱକପ ୨୦୧୮ରେ ମଧ୍ୟ ସ୍ପେନ୍ ପେନାଲ୍ଟି ଶୁଟ୍ ଆଉଟରେ ରୁଷିଆଠାରୁ ହାରି ବିଦାୟ ନେଇଥିଲା। ଗତବର୍ଷର ୟୁରୋପିଆନ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ମଧ୍ୟ ଇଟାଲୀ ବିପକ୍ଷରେ ଅନୁରୂପ ଦଶା ଭୋଗିଥିଲା। ଏହାକୁ ମିଶାଇ ସ୍ପେନ୍ କ୍ରମାଗତ ୫ ଥର ବଡ଼ ଟୁର୍ନାମେଣ୍ଟର ନକ୍‌ଆଉଟ ମ୍ୟାଚ ଅତିରିକ୍ତ ସମୟ ପର୍ଯ୍ୟନ୍ତ ଖେଳିଥିଲା। ପୂର୍ବ ବିଶ୍ୱକପରେ ରୁଷିଆ ବିପକ୍ଷରେ ଦଳ ୧୨୦ ମିନିଟ ଖେଳିଥିବାବେଳେ ୨୦୨୦ ୟୁରୋ କପ୍‌ରେ ଏହାର ଅନ୍ୟ ୩ଟି ନକ୍‌ଆଉଟ ଗେମ୍ ଅତିରିକ୍ତ ସମୟ ପର୍ଯ୍ୟନ୍ତ ଯାଇଥିଲା। ଏଜୁକେଶନ ସିଟି ଷ୍ଟାଡିୟମରେ ସ୍ପେନ୍ ଦର୍ଶକଙ୍କ ଅପେକ୍ଷା ମରକ୍କୋ ସମର୍ଥକ ଅଧିକ ପରିମାଣରେ ଉପସ୍ଥିତ ଥିଲେ। ସେମାନଙ୍କ କୋଳାହଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲା। ଏହା ପୂର୍ବରୁ ମରକ୍କୋ ଗ୍ରୁପ୍ ପର୍ଯ୍ୟାୟରେ କ୍ରୋଏସିଆ ସହିତ ମ୍ୟାଚ ଡ୍ର ରଖିଥିବାବେଳେ ବେଲଜିୟମକୁ ୨-୦ ଗୋଲରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଶେଷ ମ୍ୟାଚରେ କାନାଡ଼ାକୁ ୨-୧ ଗୋଲରେ ହରାଇ କେବଳ ଯେ ଅପରାଜେୟ ରହିଥିଲା ତା' ନୁହେଁ, ଗ୍ରୁପ୍ ଚାମ୍ପିୟନଭାବେ ନକ୍‌ଆଉଟରେ ପ୍ରବେଶ କରିଥିଲା। ବେଲଜିୟମକୁ ଗ୍ରୁପ୍ ପର୍ଯ୍ୟାୟରୁ ବିଦା କରିବାରେ ଏହି ଦଳର ବଡ଼ ଭୂମିକା ରହିଥିଲା। ଏବେ ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ମରକ୍କୋ ଫୁଟବଲ ଏକ ଭିନ୍ନ ସୋପାନରେ ପହଞ୍ଚି ଯାଇଛି।



ମରକ୍କୋଠାରୁ ହାରିବା ପରେ ବିଶ୍ୱକପରୁ ବିଦାୟ ଦୁଃଖରେ ମ୍ରିୟମାଣ ସ୍ପେନ୍ ଖେଳାଳି।

## ରାମୋସଙ୍କ ହ୍ୟାଟ୍ରିକ୍: କ୍ୱାର୍ଟରରେ ପର୍ତ୍ତୁଗାଲ

**ଦୋହା,୬।୧୨**

ଫରୱାର୍ଡ ଗୋନ୍ସାଲୋ ରାମୋସଙ୍କ ହ୍ୟାଟ୍ରିକ୍ ବଳରେ ଆତ୍ମବିଶ୍ୱାସ ଭରା ବିଜୟ ସହିତ କ୍ୱାର୍ଟରରେ ପ୍ରବେଶ କରିଛି ପର୍ତ୍ତୁଗାଲ। ଲୁସେଲ ଷ୍ଟାଡିୟମରେ ମଙ୍ଗଳବାର ଖେଳା ଯାଇଥିବା ରାଉଣ୍ଡ ଅଫ୍ ୧୬ର ଅନ୍ତିମ ମ୍ୟାଚରେ ରାମୋସ ଚଳିତ ବିଶ୍ୱକପର ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବା ବେଳେ ୬-୧ରେ ସୁଇଜରଲାଣ୍ଡକୁ ପରାସ୍ତ କରିଛି ପର୍ତ୍ତୁଗାଲ। ସେ ପ୍ରଥମ ହାଫ୍‌ରେ ଗୋଟିଏ ଗୋଲ ମାରିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ଦୁଇଟି ଗୋଲ ଦେଇଥିଲେ। ପର୍ତ୍ତୁଗାଲ ପକ୍ଷରୁ ରାମୋସ (୧୭, ୫୧ ଓ ୬୭) ମିନିଟରେ ଗୋଲ ସ୍କୋର କରିଥିବା ବେଳେ ପେପେ (୩୩), ରାଫେଲୋ ଗୁରିରିଓ(୫୫) ଓ ରାଫେଲ ଲିଏଓ (୯୦+୨) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମାନୁଏଲ ଆକାଞ୍ଜି ୫୮ ତମ ମିନିଟରେ ସ୍ୱିଜରଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ। ୪-୩-୩ କମ୍ବିନେଶନରେ ଓହ୍ଲାଇଥିବା ପର୍ତ୍ତୁଗାଲ ଷ୍ଟାର୍ଟିଂ ଲାଇନଅପ୍‌ରେ ରୋନାଲ୍ଡୋଙ୍କୁ ରଖି ନ ଥିଲା। ତେବେ ପେପେ ଓ ରାମୋସ୍ ଚିତାକର୍ଷକ ଆଟାକିଂ ଗେମ ଖେଳିଥିଲେ। ସୁଇଜରଲାଣ୍ଡ ମ୍ୟାଚରେ ୫୩% ସମୟ ବଲ ନିୟନ୍ତ୍ରଣରେ ରଖିଥିଲେ ହେଁ ମ୍ୟାଚ ଉପରେ ନିୟନ୍ତ୍ରଣ ରଖି ପାରି ନଥିଲା। ଅନ୍ତିମ ୧୦ ମିନିଟ ପାଇଁ ରୋନାଲ୍ଡୋ ପଡିଆକୁ ଆସିଥିଲେ ମଧ୍ୟ ସ୍କୋର କରି ପାରିନଥିଲେ। ୯୨ ବର୍ଷର ଫୁଟବଲ ବିଶ୍ୱକପ ଇତିହାସରେ ୪୯ ତମ ଖେଳାଳି ଭାବରେ ରାମୋସ୍ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଏହା ସହିତ ପର୍ତ୍ତୁଗୀଜ ଖେଳାଳିଙ୍କ ମଧ୍ୟରେ ଏହା ପ୍ରଥମ ହ୍ୟାଟ୍ରିକ୍। ଶନିବାର ଡିସେମ୍ବର ୧୦ ତାରିଖରେ ମରକ୍କୋ ସହିତ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳିବ ପର୍ତ୍ତୁଗାଲ।

# 'ନାଇଟ୍ ଅଫ୍ ଦି ବ୍ରାଜିଲ ଶୋ'



ଜର୍ଗିନୋ

ଚମତ୍କାର ପ୍ରଦର୍ଶନ। ସାରା ବିଶ୍ୱ ବ୍ରାଜିଲ ଫୁଟବଲ ମ୍ୟାଜିକ୍‌ର ଝଲକ ଦେଖିଲା। ମାତ୍ର ଅଧଘଣ୍ଟାରେ ଟିଟେଙ୍କ ଟିମ୍ ମ୍ୟାଚକୁ ନିଜ ସପକ୍ଷକୁ ନେଇ ଯାଇଥିଲା। ଦକ୍ଷିଣ କୋରିଆର ଦୁର୍ବଳ ରଣନୀତି ବ୍ରାଜିଲକୁ ସହଜ ବିଜୟ ଦେଲା। ଏହା ଏକ ବ୍ରାଜିଲ ଶୋ'ର ରାତି (ନାଇଟ୍ ଅଫ୍ ଦି ବ୍ରାଜିଲ ଶୋ') ଥିଲା। ବ୍ରାଜିଲ ଦଳ ୧୨ ମିନିଟ ମଧ୍ୟରେ ୨ଟି ଗୋଲ ଦେଇ ଏହି ଫୁଟବଲ ଶୋ' ଆରମ୍ଭ କରିଥିଲା। ଫଳରେ ମାତ୍ର ୩୬ ମିନିଟ ମଧ୍ୟରେ ଦଳ ୪-୦ ଗୋଲରେ ଅଗ୍ରଣୀ ହୋଇ ଯାଇଥିଲା। ପ୍ରଥମାର୍ଦ୍ଧରେ ସେମାନେ କୋରିଆ ଗୋଲପୋଷ୍ଟ ଉପରେ ୬ ଥର ଆକ୍ରମଣ କରିଥିଲେ। ଏଥିରୁ ୪ ଗୋଲ ଦେଇଥିଲେ। ଏହା ମୋତେ ୨୦୦୨ରେ ବ୍ରାଜିଲ-ଚାଇନା ମ୍ୟାଚକୁ ମନେପକାଇ ଦେଇଥିଲା। ସେତେବେଳେ ସ୍କୋଲାରିଙ୍କ ଦଳ ୪-୦ ଗୋଲରେ ଜିତିଥିଲା।

ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ବ୍ରାଜିଲ କେବଳ କ୍ୱାର୍ଟର ଫାଇନାଲରେ ପହଞ୍ଚି ନାହିଁ, ପରବର୍ତ୍ତୀ ରାଉଣ୍ଡର ପ୍ରତିଦ୍ୱନ୍ଦ୍ୱୀ କ୍ରୋଏସିଆର ଚିନ୍ତା ବଢ଼ାଇ ଦେଇଛି। ଏଥିସହ ଚଳିତ ବିଶ୍ୱକପର ସବୁଠାରୁ ଫେଭରାଇଟ ଦଳଭାବେ ବ୍ରାଜିଲ ନିଜକୁ ପ୍ରମାଣିତ କରିଛି। ଦଳପାଇଁ ଏକମାତ୍ର ଚିନ୍ତାର କାରଣ ହେଉଛି ସେମାନେ ଏପର୍ଯ୍ୟନ୍ତ କୌଣସି ଶକ୍ତିଶାଳୀ ଏବଂ ଆକ୍ରମଣାତ୍ମକ ରଣନୀତିରେ ଖେଳୁଥିବା ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭେଟି ନାହାନ୍ତି। ନେମାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଞ୍ଜୁରିମୁକ୍ତ ଥିବାପରି ପ୍ରତୀୟମାନ ହେଉଛନ୍ତି। ଏବେ ସେ ନିଜ ନେତୃତ୍ୱରେ ଦଳକୁ ଆଗକୁ ନେଇପାରିବେ। ସେ ହିଁ ମ୍ୟାଚରେ ପ୍ରଭେଦ ଆଣିପାରିବେ। ନେମାର ପ୍ରତ୍ୟାବର୍ତ୍ତନ ମ୍ୟାଚରେ ପେନାଲ୍ଟିରୁ ଏକ ଗୋଲ ସ୍କୋର କରିଛନ୍ତି। ଫ୍ରଣ୍ଟରେ ରାଫିନା, ନେମାର, ଭିନିସିଅସ ଓ ରିଚାର୍ଲିସନ କୋରିଆ ଦଳ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲେ। ନେମାରଙ୍କ ପ୍ରତ୍ୟାବର୍ତ୍ତନରେ ମୋଟିଭେଟ ହୋଇ ବ୍ରାଜିଲ ପ୍ରକୃତ ଫୁଟବଲ ଦକ୍ଷତା ଦେଖାଇଛି। ପ୍ରଥମାର୍ଦ୍ଧରେ ସେମାନେ ୬ ଗୋଲ ଦେବାର ନିକଟତର ହୋଇଥିଲେ ଏବଂ ୪ ଗୋଲ ସ୍କୋର କରିଥିଲେ। ଫଳରେ ଟିଟେ ଜଣକ ପରେ ଜଣେ ମୁଖ୍ୟ ଖେଳାଳିଙ୍କୁ ବିଶ୍ରାମ ଦେବାର ସୁଯୋଗ ପାଇଥିଲେ।

ଟିଟେଙ୍କ ପ୍ରଶିକ୍ଷଣରେ ବ୍ରାଜିଲ ଦଳ ଏବେ ପ୍ରତିଭାରେ ଭରପୂର। ଶାରୀରିକଭାବେ ଫିଟ୍ ଥିବାବେଳେ ବୈଷୟିକ ଦୃଷ୍ଟିରୁ ଶକ୍ତିଶାଳୀ। ଫଳରେ ସେମାନେ ଭଲ ଖେଳିବାକୁ ସକ୍ଷମ ହେଉଛନ୍ତି। ପିଏସ୍‌ଜି (ପ୍ୟାରିସ ସେଣ୍ଟ-ଜର୍ମେନ) ପକ୍ଷରୁ ୭ବର୍ଷ ଖେଳିବାର ଅଭିଜ୍ଞତା ରଖିଥିବା ୨ ଜଣ ସେଣ୍ଟର-ବ୍ୟାକ୍‌ଙ୍କୁ ନେଇ ବେଶ୍ ଦୃଢ଼। ମିଡ୍‌ଫିଲ୍ଡର୍ସଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ଡିଫେନ୍ସରେ କାସେମିରୋ ବଲ୍ ପାସ୍ କରିବାରେ ମାହିର ହୋଇଥିବାବେଳେ ପାକ୍ୱେଟା ଜଣେ ରକ୍ଷଣାତ୍ମକ ଖେଳାଳି। ଆକ୍ରମଣାତ୍ମକ ବିଭାଗରେ ରାଫିନା ଡାହାଣ, ନେମାର ମଝି ଏବଂ ଭିନିସିଅସ ବାମପଟରୁ ସର୍ବଦା ବିପଜ୍ଜନକ ସାବ୍ୟସ୍ତ ହୋଇଥାନ୍ତି। ରିଚାର୍ଲିସନ ଗୋଲ ସ୍କୋର ପାଇଁ ସବୁବେଳେ ସୁଯୋଗ ଅପେକ୍ଷାରେ ଥାଆନ୍ତି।

ବ୍ରାଜିଲ କ୍ୱାର୍ଟର ଫାଇନାଲରେ ଗତବର୍ଷର ଫାଇନାଲିଷ୍ଟ ୟୁରୋପୀୟ ଦଳ କ୍ରୋଏସିଆକୁ ଭେଟିବ। ପୂର୍ବ ମ୍ୟାଚରେ ଜାପାନକୁ ହରାଇବା ପାଇଁ ଏହି ଦଳକୁ କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ତେଣୁ ଆଗାମୀ ମ୍ୟାଚ ପୂର୍ବରୁ ବ୍ରାଜିଲ ଅପେକ୍ଷା କ୍ରୋଏସିଆ ଅଧିକ ଚିନ୍ତାରେ ଥିବ ନିଶ୍ଚିତ। ଆଗାମୀ ମ୍ୟାଚ ସହଜ ନ ହେଲେ ହେଁ ମୋ ମତରେ ବ୍ରାଜିଲ ଫେଭରାଇଟ ରହିବ। କାରଣ ଏପରି ମ୍ୟାଚ ଖେଳିବା ପାଇଁ ବ୍ରାଜିଲ ଦୀର୍ଘ ଦିନରୁ କାମ କରି ଆସୁଛି। ଟିଟେଙ୍କ ନାଁ କମେଇବା ପାଇଁ ଏହା ପ୍ରକୃଷ୍ଟ ସମୟ। ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ। ଆଗାମୀ ଦିନରେ ଅନ୍ୟ ଶକ୍ତିଶାଳୀ ଦଳଗୁଡ଼ିକ ତାଙ୍କୁ ବିସ୍ମିତ କରିବା ଅପେକ୍ଷାରେ ଅଛନ୍ତି ବୋଲି ଟିଟେ ଭଲଭାବେ ଜାଣିଛନ୍ତି।

ନେମାର ଚମତ୍କାର ଫର୍ମ ସହ କାତାରରେ ପହଞ୍ଚିଥିଲେ। ପରିସଂଖ୍ୟାନ ଦୃଷ୍ଟିରେ ସେ ଚଳିତ ସିଜନର ଅନ୍ୟତମ ଶ୍ରେଷ୍ଠ ଖେଳାଳି। ସେ ୧୯ଟି ଗେମ୍ ଖେଳିଥିବାବେଳେ ୧୫ଟି ଗୋଲ ଦେଇଛନ୍ତି ଏବଂ ୧୨ଟି ଗୋଲ ଦେବାରେ ସହାୟତା କରିଛନ୍ତି। ତୃତୀୟ ବ୍ରାଜିଲୀୟ ଖେଳାଳିଭାବେ ୩ କିମ୍ବା ତଦୁର୍ଦ୍ଧ୍ୱ ବିଶ୍ୱକପ୍‌ରେ ଗୋଲ ଦେଇଛନ୍ତି। ଏବେ ପିଏସ୍‌ଜି ଫର୍ମକୁ ବଜାୟ ରଖିବା, ବିଶ୍ୱକପ୍ ଜିତିବା ଏବଂ ବାଲାନ ଡି'ଅର ପୁରସ୍କାର ଜିତିବା ତାଙ୍କର ସ୍ୱପ୍ନ ଥିବ। ଯାହାକୁ ସେ କେବେ ହାସଲ କରିପାରି ନାହାନ୍ତି। ୩୦ ବର୍ଷ ହୋଇଯାଇଥିବାରୁ ନେମାର ଜାଣିଛନ୍ତି ଯେ, ଯାହା ଏବେ ନୁହେଁ ତାହା କେବେ ନୁହେଁ।

**(ଟିଓକ୍ ସ୍ପୋର୍ଟ୍ସ)**

# ଅଡୁଆରେ ସାମୁଏଲ୍ ଇଟୋ

**ଦୋହା, ୬।୧୨(ଏପି)**

କାମେରୁନ୍ ଫୁଟ୍‌ବଲ ମହାସଂଘ ସଭାପତି ତଥା ପୂର୍ବତନ ଷ୍ଟାର ଖେଳାଳି ସାମୁଏଲ ଇଟୋ ଅଡୁଆରେ ପଡ଼ିଯାଇଛନ୍ତି। ସୋମବାର ରାତିରେ ଦକ୍ଷିଣ କୋରିଆ ବିପକ୍ଷରେ ବ୍ରାଜିଲର ୪-୧ ଗୋଲ ବିଜୟ ମ୍ୟାଚ ପରେ ଷ୍ଟାଡିୟମ ୯୭୪ ବାହାରେ ପ୍ରଶଂସକଙ୍କ ସହ ଫଟୋ ପାଇଁ ପୋଜ୍ ଦେଉଥିବା ବେଳେ କ୍ୟାମେରା ଧରିଥିବା ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ସେ ଉତ୍ତ୍ୟକ୍ତ ହୋଇ ଏହି ବ୍ୟକ୍ତିଙ୍କୁ ଲାତ ମାରି ତଳେ ପକାଇ ଦେଇଥିଲେ। ଏହାର ଦୃଶ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହେବାରେ ଲାଗିଛି। କାମେରୁନ୍ ଫୁଟ୍‌ବଲ ମହାସଂଘର ସଭାପତି ଭାବେ ଇଟୋ କାତାର ଆସିଛନ୍ତି। ତାଙ୍କ ଦଳ ଗତ ସପ୍ତାହରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଫିଫା ଲିଜେଣ୍ଡ୍ସ ପ୍ରୋଗ୍ରାମର ଅଂଶ ବିଶେଷ ସ୍ୱରୂପ ସେ ୨୦୧୯ରୁ କାତାର ବିଶ୍ୱକପ୍ ଆୟୋଜକ କମିଟିରେ ଜଣେ ଗ୍ଲୋବାଲ ଲିଗାସି ଆମ୍ବାସାଡର ଭାବେ ପ୍ରତିନିଧିତ୍ୱ କରୁଛନ୍ତି। ସୋମବାର ରାତିରେ କେଉଁ କାରଣରୁ ଇଟୋ ଗେମ୍‌ରେ ଉପସ୍ଥିତ ଥିଲେ ତାହା ଅସ୍ପଷ୍ଟ। କାତାରୀ ଆୟୋଜକ କହିଛନ୍ତି ଗେମ୍ ପାଇଁ ତାଙ୍କୁ ଅତିଥି କରାଯାଇ ନ ଥିଲା। ଫିଫା ପକ୍ଷରୁ ଏନେଇ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। କାମେରୁନ୍ ମହାସଂଘର ମୁଖପାତ୍ରଙ୍କୁ ଏ ବିଷୟରେ ପଚରାଯିବାରେ ସେ ନୀରବତା ଅବଲମ୍ବନ କରିଛନ୍ତି। ପୁନଶ୍ଚ ବିଶ୍ୱକପ୍‌ର ଦେଖାଚାହାଁ କରିବା ଲାଗି ଗଠିତ କାତାରର ସର୍ବୋଚ୍ଚ ବିତରଣ ଓ ଉତ୍ତରାଧିକାରୀ କମିଟି ଏବଂ ସରକାର ଘଟଣାଟିକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ସୂଚନାଯୋଗ୍ୟ, ଇଟୋ ୧୯୯୮ ଓ ୨୦୧୪ ମଧ୍ୟରେ କାମେରୁନ୍ ତରଫରୁ ୪ଥର ବିଶ୍ୱକପ୍ ଖେଳିଛନ୍ତି। ବର୍ଷକ ପୂର୍ବେ ସେ କାମେରୁନ୍ ଫୁଟ୍‌ବଲ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

ଇତିମଧ୍ୟରେ ଫ୍ରେଞ୍ଚ୍ ଓ ଇଂଲିଶ ଟ୍ୱିଟର ଆକାଉଣ୍ଟରେ ଇଟୋ ତାଙ୍କ ବକ୍ତବ୍ୟକୁ ପୋଷ୍ଟ କରିଛନ୍ତି। ମୋ ସହିତ ଝଗଡ଼ା କରିଥିବା ବ୍ୟକ୍ତି ଜଣକ ସମ୍ଭବତଃ ଜଣେ ଆଲଜେରିଆ ସମର୍ଥକ। ମାର୍ଚ୍ଚରେ ସେମାନଙ୍କ ବିଶ୍ୱକପ୍ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ ପରଠାରୁ ଏହି ଦେଶର ସମର୍ଥକମାନେ କାମେରୁନ୍ ପଛରେ ପଡ଼ିଯାଇଛନ୍ତି। ଇଟୋ କ୍ରୋଧ ପ୍ରକାଶ କରିଥିବାରୁ କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ତାଙ୍କ ପ୍ରକୃତ ଚରିତ୍ର ନୁହେଁ ବୋଲି କହିଛନ୍ତି। ଇଟୋ ଯେଉଁ ବ୍ୟକ୍ତିଙ୍କୁ ଲାତ ମାରି ତଳେ ପକାଇ ଦେଇଥିଲେ ସେ ଆଲଜୋରିଆର ଜଣେ ସୋସିଆଲ ମିଡିଆ ବ୍ୟକ୍ତିତ୍ୱ ସଇଦ ମାମୋନି। ସେ ପରେ ୟୁଟ୍ୟୁବ୍‌ରେ ଏକ ଭିଡିଓ ଛାଡ଼ିଥିଲେ। ଏଥିରେ ସେ କହିଥିଲେ, ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ସେ ନିଜେ। ସେ ବର୍ତ୍ତମାନ କାତାରି ପୋଲିସ ଷ୍ଟେଶନରେ ଇଟୋଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଦାୟର କରିବାକୁ ଯାଉଛନ୍ତି। ସାମୁଲ ତାଙ୍କ ସହିତ ଝଗଡ଼ା କରିଥିଲେ। ସେ ଓ ତାଙ୍କର ଜଣେ ସାଥୀ ମୋତେ ଠେଲି ଦେଇଥିଲେ। ସେ ଆହୁରି ମଧ୍ୟ ମୋ କ୍ୟାମେରାକୁ ଭାଙ୍ଗି ଦେଇଥିଲେ। ଖବର ଅନୁସାରେ କାମେରୁନ୍ ଓ ଆଲଜେରିଆ ମଧ୍ୟରେ ଖେଳାଯାଇଥିବା ବିଶ୍ୱକପ୍ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ ବିବାଦୀୟ ଥିଲା। ଏଥିରେ କାମେରୁନ ଦ୍ୱିତୀୟ ଲେଗ୍ ଶେଷମୁହୂର୍ତ୍ତରେ ୨-୧ ଗୋଲରେ ଜିତିଥିଲା। ଏଥିସହିତ ଦଳ ଆୱେ ଗୋଲ୍ ନିୟମାନୁସାରେ ଦଳ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଥିଲା।







ସୋମବାର ଦକ୍ଷିଣ କୋରିଆ ବିପକ୍ଷରେ ବିଜୟ ପରେ ବ୍ରାଜିଲ ଖେଳାଳିଙ୍କ ନୃତ୍ୟ।

# ନାଚିଲେ ବ୍ରାଜିଲ ଖେଳାଳି

**ଦୋହା,୬।୧୨(ପି.ଟି.):** କ୍ୱାର୍ଟର ଫାଇନାଲ ପ୍ରବେଶ ପରେ ବ୍ରାଜିଲ ଦଳର ଖେଳାଳି ମାନେ ନାଚିଥିଲେ। ଟୁର୍ନାମେଣ୍ଟ ପୂର୍ବରୁ ପ୍ରତି ଗୋଲ ପାଇଁ ଭିନ୍ନ ସେଲିବ୍ରେଶନର ପ୍ରତିଶ୍ରୁତି ଦେଇଥିବା ବ୍ରାଜିଲ ଦଳ ଏହାକୁ ପାଳନ କରି ଆସିଛି। ଦକ୍ଷିଣ କୋରିଆ ବିପକ୍ଷ ବୃହତ ବିଜୟ ପରେ ବ୍ରାଜିଲ ଦଳ ଏକାଠି ନାଚିଥିବା ବେଳେ କୋଚ ଟିଟେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ବ୍ରାଜିଲ ପକ୍ଷରୁ ଭିନିସିଅସ୍ ଜୁନିୟର, ନେମାର, ରିଚାର୍ଲିସନ ଓ ଲୁକାସ୍ ପାକ୍ୱେଟା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହା ସହ ପ୍ରତି ଗୋଲ ପାଇଁ ବ୍ରାଜିଲ ଦଳ ପକ୍ଷରୁ ଭିନ୍ନ ଭିନ୍ନ ଡ୍ୟାନ୍ସ ମୁଭ୍ ପ୍ରଦର୍ଶନ କରାଯାଇଥିଲା। ମ୍ୟାଚ ସମୟରେ ଭିନିସିଅସ୍ ଜୁନିୟର, ନେମାର, ରିଚାର୍ଲିସନ ଓ ଲୁକାସ୍ ପାକ୍ୱେଟା ଭିନ୍ନ ଭିନ୍ନ ସମୟରେ ସେଲିବ୍ରେଶନ ଡ୍ୟାନ୍ସ କରିଥିବା ବେଳେ ରିଚାର୍ଲିସନଙ୍କ ସହିତ ଟିଟେ 'ପିଜନ୍' ସେଲିବ୍ରେଶନ୍ କରିଥିଲେ। ମ୍ୟାଚ ଶେଷ ହେବା ପରେ ବ୍ରାଜିଲ କିମ୍ବଦନ୍ତୀ ରୋନାଲ୍ଡୋଙ୍କୁ ଡ୍ୟାନ୍ସ ମୁଭ୍ ଶିଖାଇଥିଲେ କୋଚ୍ ଟିଟେ। ତେବେ ବ୍ରାଜିଲର ଏହି ଡ୍ୟାନ୍ସ ସେଲିବ୍ରେଶନକୁ ଆୟର୍ଲାଣ୍ଡ ଫୁଟବଲ ଓ କିଛି ଭାଷ୍ୟକାରଙ୍କ ପକ୍ଷରୁ ସମାଲୋଚନା କରାଯାଇଥିଲା।

## ୮୫ ବର୍ଷ ପରେ ମିଳିଲା ଟାସ୍‌ମାନିଆ ବାଘ ଅବଶେଷ

**କାନବେରା:** ଅଷ୍ଟ୍ରେଲିଆର ଏକ ସଂଗ୍ରହାଳୟରୁ ଟାସ୍‌ମାନିଆର ଶେଷ ବାଘ ଥାଇଲାସିନର ଅବଶେଷ ମିଳିଛି। ଦୀର୍ଘ ୮୫ ବର୍ଷ ପରେ ଏହା ମିଳିଥିବା ଟାସ୍‌ମାନିଆ ମ୍ୟୁଜିୟମ୍ ଆଣ୍ଡ୍ ଆର୍ଟ ଗ୍ୟାଲେରି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୧୯୩୬ରେ ଥାଇଲାସିନର ମୃତ୍ୟୁ ଘଟିଥିଲା।




# ଦେଶ ସୁରକ୍ଷା କରୁଥିବା ଯବାନଙ୍କ ପରିବାର ଦାୟିତ୍ୱ ସାଧାରଣ ଜନତାଙ୍କର

**ଆ**ର୍ମଡ୍ ଫୋର୍ସ ଫ୍ଲାଗ୍ ଡେ ଭାରତର ସଶସ୍ତ୍ର ବାହିନୀର ସୈନିକମାନଙ୍କୁ ସମ୍ମାନିତ କରିବା ପାଇଁ ଉତ୍ସର୍ଗୀକୃତ ଦିନଟିଏ। ୧୯୪୯ରୁ ଡିସେମ୍ବର ୭ ରେ ଏହା ପ୍ରତିବର୍ଷ ଭାରତରେ ପାଳନ କରାଯାଉଛି। ଭାରତ ସ୍ୱାଧୀନତା ହାସଲ କରିବା ପରେ ତୁରନ୍ତ ଏହାର ପ୍ରତିରକ୍ଷା କର୍ମଚାରୀଙ୍କ କଲ୍ୟାଣ ପାଇଁ ସରକାର ଚିନ୍ତା କରିଥିଲେ। ୨୮ ଅଗଷ୍ଟ ୧୯୪୯ରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧୀନରେ ଗଠିତ ଏକ କମିଟି ପ୍ରତିବର୍ଷ ଡିସେମ୍ବର ୭ ରେ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦିବସ ଅଧିକ ଗୁରୁତ୍ୱ ବହନକରେ, କାରଣ ଏହା ବିବେଚନା କରେ ଯେ ଦେଶ ପାଇଁ ସଂଗ୍ରାମ କରୁଥିବା ସଶସ୍ତ୍ର ବାହିନୀର ପରିବାର ଏବଂ ନିର୍ଭରଶୀଳଙ୍କ ଯତ୍ନ ଥେନବା ଭାରତର ସାଧାରଣ ନାଗରିକଙ୍କ ଦାୟିତ୍ୱ।

### ଆର୍ମଡ୍ ଫୋର୍ସ ଫ୍ଲାଗ୍ ଡେ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୭ଡିସେମ୍ବର ୧୯୫୪ରେ କହିଥିଲେ, ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଶସ୍ତ୍ର ବାହିନୀର ଯବାନମାନଙ୍କୁ ସହାୟତା କରିବାର ଗୋଟିଏ ଉପାୟ ହେଉଛି ଫ୍ଲାଗ୍ ଡେ ପାଣ୍ଠିରେ ଯୋଗଦାନ କରିବା। ଏହି ଦିବସରେ ଭାରତୀୟ ସଶସ୍ତ୍ର ବାହିନୀର ସମସ୍ତ ତିନୋଟି ଶାଖା, ଭାରତୀୟ ସ୍ଥଳସେନା, ଭାରତୀୟ ବାୟୁସେନା ଏବଂ ଭାରତୀୟ ନୌସେନା ପକ୍ଷରୁ ବିଭିନ୍ନ ଶୋ, କାର୍ନିଭାଲ, ଡ୍ରାମା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

# ଫିଫା ଟ୍ରଫି ଉନ୍ମୋଚନ କରିବେ ଦୀପିକା



**ମୁମ୍ବାଇ:** ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ ୧୫ ବର୍ଷ ମଧ୍ୟରେ ଅନେକ ବ୍ଲକବଷ୍ଟର ମୁଭି ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଚଳିତବର୍ଷ ଅଭିନେତ୍ରୀ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରୀ ସଦସ୍ୟ ଭାବେ ଭାରତର ପ୍ରତିନିଧିତ୍ୱ କରୁଥିଲେ। ଏସବୁ ନେଇ ଲାଇମଲାଇଟ୍‌ରେ ଥିବା ଦୀପିକାଙ୍କୁ ଏବେ ଆଉ ଏକ ବଡ଼ ଦାୟିତ୍ୱ ମିଳିଛି। କାତାରରେ ଚାଲିଥିବା ଫିଫା ବିଶ୍ୱକପ୍‌ରେ ଟ୍ରଫି ଉନ୍ମୋଚନ ପାଇଁ ଦୀପିକାଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୧୮ରେ ଫିଫାର ଫାଇନାଲ ଆଇକନିକ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ।






























ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୭/୨୦୨୨ Bhubaneswar, Wednesday, December 7/ 2022

# ରଣଜୀ ଟ୍ରଫିରେ ପ୍ରଥମ ଥର ମହିଳା ଅମ୍ପାୟର

**ନୂଆଦିଲ୍ଲୀ, ୬।୧୨ (ପି.ଟି.):** ରଣଜୀ ଟ୍ରଫିରେ ମହିଳା ଅମ୍ପାୟରଙ୍କୁ ମ୍ୟାଚ ପରିଚାଳନା ଲାଗି ସୁଯୋଗ ଦିଆଯିବ। ସେମାନେ ହେଲେ ବ୍ରିନ୍ଦା ରାଠି, ଜନନୀ ନାରାୟଣ ଓ ଗାୟତ୍ରୀ ଭେନୁଗୋପାଳ। ତେବେ ଖେଳାଳିମାନଙ୍କ ଆକ୍ରମଣାତ୍ମକ ଅପିଲକୁ ହାତେଇବା ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ମଙ୍ଗଳବାର ଏହା ପ୍ରକାଶ କରିଛନ୍ତି। ଯେତେବେଳେ ପୁରୁଷ କ୍ରିକେଟ ମ୍ୟାଚଗୁଡ଼ିକ ପରିଚାଳନା ପାଇଁ ମହିଳା ଅମ୍ପାୟରମାନଙ୍କ କୁହାଯିବ, ଭାରତୀୟ କ୍ରିକେଟ ପାଇଁ ଏହା ପ୍ରଥମ ହେବ। ଅତୀତରେ ଗାୟତ୍ରୀ ଅବଶ୍ୟ ରଣଜୀ ଟ୍ରଫିରେ ରିଜର୍ଭ ଅମ୍ପାୟର (ଚତୁର୍ଥ) ଭାବେ କାର୍ଯ୍ୟ କରିଛନ୍ତି। ରଣଜୀ ଟ୍ରଫି ଡିସେମ୍ବର ୧୩ରୁ ଆରମ୍ଭ ହେବ। ସେତେବେଳେ ଭାରତୀୟ ମହିଳା କ୍ରିକେଟ ଦଳ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ ଖେଳାଯିବାକୁ ଥିବାରୁ ଏହି ୩ ମହିଳା ଅଫିସିଆଲଙ୍କୁ ପୁରୁଷ ପ୍ରଥମଶ୍ରେଣୀ ପ୍ରତିଯୋଗିତାର କେତୋଟି ବଛା ବଛା ମ୍ୟାଚର ପରିଚାଳନା ଦାୟିତ୍ୱ ଦିଆଯିବ। ଚେନ୍ନାଇର ନାରାୟଣନ ଏବଂ ମୁମ୍ବାଇର ରାଠି ହେଉଛନ୍ତି ପୁରୁଖା ମହିଳା ଅମ୍ପାୟର। ୨୦୧୮ରେ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍ସିଲର ପ୍ୟାନେଲ ଅଫ୍ ଡେଭଲପମେଣ୍ଟ ଅମ୍ପାୟର୍ସ ତାଲିକାରେ ସେମାନଙ୍କ ନାମ ସାମିଲ କରାଯାଇଛି। ଦିଲ୍ଲୀର ଗାୟତ୍ରୀ ବିସିସିଆଇ ପ୍ୟାନେଲରେ ପଞ୍ଜୀକୃତ ୩ ଅମ୍ପାୟରଙ୍କ ମଧ୍ୟରେ ଅନ୍ୟତମ।

# ମନୀଷା ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୬।୧୨(ପି.ଟି.)**

ଚଳିତ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତର ସ୍ୱଳ୍ପ ବୟସ୍କା ବ୍ୟାଡ୍‌ମିଣ୍ଟନ ଖେଳାଳି ମନୀଷା ରାମଦାସ ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ବିଡବ୍ଲ୍ୟୁଏଫ୍ ତରଫରୁ ମଙ୍ଗଳବାର ଏ ବିଷୟରେ ସୂଚନା ଦିଆଯାଇଛି। ୧୭ ବର୍ଷୀୟା ମନୀଷା ଏସ୍‌ୟୁ-୫ ବିଭାଗ ବିଶ୍ୱ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ବିଜେତା। ୨୦୨୨ରେ ଓଭରଅଲ ସେ ୧୧ ସ୍ୱର୍ଣ୍ଣ ଏବଂ ୫ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପୁରସ୍କାର ଦୌଡ଼ରେ ରହିଥିବା ଅନ୍ୟ ଭାରତୀୟମାନେ ହେଲେ ନିଥ୍ୟା ଶ୍ରୀ ସୁମାଥି ଓ ମାନସୀ ଯୋଶି, ସାରିନା ସାତୋମି, ଗୁଇଲିଆନା ପୋଭେଦା ଫ୍ଲୋର୍ସ ଓ ପିଲାର ଜରେଗୁଇ। ପାରାଲିମ୍ପିକ୍ସ ଚାମ୍ପିୟନ ପ୍ରମୋଦ ଭଗତ ଓ ଥୋମାସ କପ୍ ବିଜେତା ଏଚ୍‌ଏସ୍ ପ୍ରଣୟ ଏହି ସମ୍ମାନଜନକ ପୁରସ୍କାରରୁ ବଞ୍ଚିତ ହୋଇଛନ୍ତି। ପ୍ରମୋଦ ଚଳିତ ବର୍ଷ ତାଙ୍କର ଚତୁର୍ଥ ବିଶ୍ୱ ଚାମ୍ପିୟନଶିପ୍ ସିଙ୍ଗଲ୍ସ ସ୍ୱର୍ଣ୍ଣ ହାସଲ କରିଛନ୍ତି। ପୁରୁଷ ବିଭାଗରେ ଏହି ପୁରସ୍କାର ଡବ୍ଲ୍ୟୁଏଚ୍-୨ ବିଶ୍ୱ ଚାମ୍ପିୟନ ତଥା ପାରାଲିମ୍ପିକ ଚାମ୍ପିୟନ ଡାଇକା ଜିୱାରାଙ୍କ ହାତକୁ ଚାଲିଯାଇଛି। ସେ ମୋଟ ଉପରେ ୧୦ ସ୍ୱର୍ଣ୍ଣ ଓ ୪ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରସ୍କାର ଦୌଡ଼ରେ ଜାପାନର ଏହି ଖେଳାଳି ଭଗତଙ୍କ ବ୍ୟତୀତ ଚିଆ ଲିକ୍ ହୋୟୁ, ଲୁକାସ ମାଜୁର, ଚୁ ମାନ୍ କାଇ ଓ କୋଇ ଜଙ୍ଗମାନଙ୍କୁ ପଛରେ ପକାଇ ଦେଇଛନ୍ତି।

# ନଜରରେ ସିନିୟର ଖେଳାଳି



ମଙ୍ଗଳବାର ଅଭ୍ୟାସ ସେସନରେ ୱାଶିଂଟନ ସୁନ୍ଦର।

**ମୀରପୁର, ୬।୧୨(ପି.ଟି.)**

ପ୍ରଥମ ଦିନିକିଆ ମ୍ୟାଚ ୧ ଉଇକେଟରେ ହାରିବା ପରେ ଚାପରେ ଭାରତୀୟ ଟପ୍ ଅର୍ଡର। ବୁଧବାର ଦ୍ୱିତୀୟ ଦିନିକିଆରେ ସିରିଜ୍ ବାଜିରେ ଲାଗିଥିବା ବେଳେ ଭାରତର ତାରକା ଖେଳାଳିମାନଙ୍କ ଉପରେ ସମସ୍ତଙ୍କର ନଜର ରହିବ। ପ୍ରଥମ ମ୍ୟାଚରେ ବାଂଲାଦେଶର ଅନ୍ତିମ ଉଇକେଟ ନେବାରେ ଭାରତୀୟ ବୋଲର ବିଫଳ ହୋଇଥିଲେ, ମାତ୍ର ଭାରତୀୟ ବ୍ୟାଟରଙ୍କ ଖରାପ ପ୍ରଦର୍ଶନକୁ ଅଧିକ ଦାୟୀ କରାଯିବ। ଶେଷ ଥର ପାଇଁ ଭାରତ ୨୦୧୫ରେ ବାଂଲାଦେଶରେ ଦିନିକିଆ ସିରିଜ ଖେଳିଥିଲା। ଧୋନୀଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ ଏହି ସିରିଜ ୨-୧ରେ ହାରି ଯାଇଥିଲା। ଶେର ଏ ବାଙ୍ଗଲା ଷ୍ଟାଡିୟମରେ ବାଂଲାଦେଶ ପୁନର୍ବାର ଏହି ଇତିହାସକୁ ଦୋହରାଇବାକୁ ଚାହିଁବ। ଭାରତୀୟ ବ୍ୟାଟରଙ୍କ ମଧ୍ୟରେ କେବଳ ଲୋକେଶ ରାହୁଲ ବାଂଲାଦେଶ ବୋଲିଂର ସଫଳ ମୁକାବିଲା କରିଥିଲେ। ଦିନିକିଆ ବିଶ୍ୱକପ୍‌କୁ ଆହୁରି ୧୦ ମାସ ସମୟ ବାକି ରହିଥିବା ବେଳେ ଭାରତୀୟ ଦଳର ଆଭିମୁଖ୍ୟ ଏଯାଏ ସ୍ପଷ୍ଟ ହୋଇନାହିଁ। ସଞ୍ଜୁ ସାମସନ୍ ଓ ଶୁଭମାନ ଗିଲ୍‌ଙ୍କ ପରି ଖେଳାଳିଙ୍କୁ ଟିମରୁ ବାଦ୍ ଦିଆଯାଇଛି। ସେହିପରି ରିଷଭ ପନ୍ତ ଓ ଇଶାନ କିଶନଙ୍କ ପରି ଏକାଧିକ ଉଇକେଟ କିପର ବ୍ୟାଟର ରହିଥିବା ବେଳେ ରାହୁଲଙ୍କ ଦ୍ୱାରା କିପିଂ ମଧ୍ୟ ଦଳର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୀରପୁରର ଟ୍ରାକ ବ୍ୟାଟିଂ ଅନୁକୂଳ ନ ଥିଲା, ମାତ୍ର ୧୮୬ ରନର ସ୍କୋର ଗ୍ରହଣୀୟ ନୁହେଁ। ଦୁଇ ଭାରତୀୟ

**ଆଜି ଦ୍ୱିତୀୟ ଦିନିକିଆ**

ଓପନରଙ୍କୁ ଅଧିକ ସତର୍କତାର ସହିତ ଖେଳିବାକୁ ପଡ଼ିବ। ଭାରତୀୟ ଦଳର ଏକ ବଡ ସମସ୍ୟା ହେଉଛି ଡଟ୍ ବଲ୍। ଭାରତ ୪୨ ଓଭର ଖେଳିଥିବା ବେଳେ ଏହା ମଧ୍ୟରେ ୨୫ ଓଭର କେବଳ ଡଟ୍ ବଲ୍ ହିଁ ରହିଥିଲା। ଇଂଲଣ୍ଡ ପରି ଦଳ ଟେଷ୍ଟ ମ୍ୟାଚରେ ମଧ୍ୟ ଆକ୍ରମଣାତ୍ମକ କ୍ରିକେଟ ଉପରେ ଫୋକସ ରଖୁଥିବା ବେଳେ ଭାରତୀୟ ଦଳ ଗୋଟିଏ ପାଦ ପଛକୁ ଯାଉଛି। ଏହା ସହିତ ରଜତ ପଟିଦାର ଓ ରାହୁଲ ତ୍ରିପାଠୀଙ୍କ ପରି ଯୁବ ଖେଳାଳିଙ୍କୁ ଦଳରେ ନିଆଯାଇଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ଦେବାରେ ଟିମ୍ ମ୍ୟାନେଜମେଣ୍ଟ ବିଫଳ ହୋଇଛି। ଦ୍ୱିତୀୟ ଦିନିକିଆ ପୂର୍ବରୁ ଭାରତୀୟ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡଙ୍କ ନିକଟରୁ ଦୃଢ ନିଷ୍ପତ୍ତି ଆଶା କରିବ ଭାରତ।

**ମ୍ୟାଚ ଆରମ୍ଭ ପୂର୍ବାହ୍ନ ୧୧ଟା ୩୦**





ମୋର ନାମ ଅଶୋକ କୁମାର ସୈନ୍, ବୟସ 57 ବର୍ଷ, ଜିଲ୍ଲା ଚିତ୍ତୋରଗଡ଼, ରାଜସ୍ଥାନର ବାସିନ୍ଦା । ବିଗତ ଅନେକ ସମୟ ଧରି ମୋ ଆଖିରେ କ୍ଲାନ୍ତି ଓ ଭାରିପଣ ରହୁଥିଲା । ଏହାଦ୍ୱାରା ମୁଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲି । ଖବରକାଗଜ ପଢ଼ିବା ସମୟରେ ବି ଆଖି ଉପରେ ଅତ୍ୟଧିକ ଚାପ ପଡୁଥିଲା । ହେଲେ, ଦିନେ ମୋତେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବିଷୟରେ ସୂଚନା ମିଳିଲା । ଯାହାର ନିୟମିତ ବ୍ୟବହାର କରିବା ଦ୍ୱାରା ମୋର ଆଖି ସମ୍ବନ୍ଧୀୟ ସବୁ ସମସ୍ୟାରେ ମୋତେ ବହୁତ ଉପଶମ ମିଳିଲା । ଏବେ ପଢ଼ିବା ସମୟରେ ଆଖିରେ କୌଣସି କ୍ଲାନ୍ତି ଅନୁଭୂତ ହେଉନାହିଁ । **ଧନ୍ୟବାଦ ଆଇ ମନ୍ତ୍ରା ।**

ମୋର ନାମ ସୁନୀଲ କୁମାର, ବୟସ 27 ବର୍ଷ, ଜିଲ୍ଲା ମେରଠ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ଜଣେ ବିଦ୍ୟାର୍ଥୀ ଅଟେ, ପଢ଼ିବା ସମୟରେ ମୋ ଆଖିରେ କ୍ଲାନ୍ତି, ଜ୍ୱାଳା ଓ ଆଖି ଉପରେ ଚାପ ପଡ଼ିବା ଭଳି ସମସ୍ୟା ଆରମ୍ଭ ହୋଇଯାଇଥିଲା । ଦିନେ ମୋର ଜଣେ ସାଙ୍ଗ ମୋତେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବ୍ୟବହାର କରିବା ପାଇଁ ପରାମର୍ଶ ଦେଲେ । ମାତ୍ର 2 ମାସ ଦୈନିକ ବ୍ୟବହାର ଦ୍ୱାରା ହିଁ ବହୁତ ଭଲ ପରିଣାମ ମୋ ସାମ୍ନାରେ ଥିଲା । ଆଖିର କ୍ଲାନ୍ତି, ଜ୍ୱାଳା ଓ ପଢ଼ିବା ସମୟରେ ଆଖି ଉପରେ ଚାପ ପଡ଼ିବା ବି ଅପେକ୍ଷାକୃତ କମିଗଲା । **ମୁଁ ଆୟୁର୍ବେଦିକ 'ଆଇ ମନ୍ତ୍ରା'କୁ ଆନ୍ତରିକ ଧନ୍ୟବାଦ ଦେଉଛି ।**

ମୁଁ ବିସନଦାସ, ବୟସ 63 ବର୍ଷ, ଜିଲ୍ଲା ସାମ୍ବା, ଜମ୍ମୁର ବାସିନ୍ଦା । କାର୍ଯ୍ୟସ୍ଥଳରେ ସେଠାକାର ଧୂଳି କାରଣରୁ ମୋ ଆଖିରେ ଥକ୍କାପଣ, ଝାପ୍‌ସାପଣ ଏବଂ ଆଖିରୁ ପାଣି ବହିବା ଭଳି ସମସ୍ୟା ଦେଖାଦେବା ଆରମ୍ଭ ହୋଇଯାଇଥିଲା । ଦିନେ ମୁଁ ଖବରକାଗଜ ମାଧ୍ୟମରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବିଷୟରେ ଜାଣିବାକୁ ପାଇଲି । ଏହାକୁ ମୁଁ ନିର୍ଦ୍ଦେଶ ଅନୁସାରେ ବ୍ୟବହାର କରିବା ଆରମ୍ଭ କରିଦେଲି । ମାତ୍ର 2 ମାସର ନିୟମିତ ବ୍ୟବହାରରୁ ହିଁ ମୋର ଆଖିର ସମସ୍ୟାରୁ ମୋତେ ଅନେକ ମାତ୍ରାରେ ଉପଶମ ମିଳିବାକୁ ଲାଗିଲା । ଯଦି ଆଉ କେହି ଏପରି ସମସ୍ୟାରେ ପୀଡ଼ିତ ତେବେ **ଥରେ 'ଆଇ ମନ୍ତ୍ରା' ନିଶ୍ଚୟ ବ୍ୟବହାର କରି ଦେଖନ୍ତୁ ।**

ମୋର ନାମ କିଶନ ସ୍ୱରୂପ ଶର୍ମା, ବୟସ 80 ବର୍ଷ, ଦିଲ୍ଲୀର ବାସିନ୍ଦା । ବିଗତ ଅନେକ ସମୟ ଧରି ମୋ ଆଖିରେ ପାଣି ଆସିବା, ଶୁଷ୍କତା ଏବଂ କ୍ଲାନ୍ତି ଭଳି ସମସ୍ୟା ରହୁଥିଲା । ଯେଉଁ କାରଣରୁ ମୁଁ ବହୁତ କଷ୍ଟ ଭୋଗୁଥିଲି । ଅନେକ ଔଷଧ ବ୍ୟବହାର କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ହେଲେ, ଦିନେ ଜଣେ ଭଦ୍ରବ୍ୟକ୍ତି ମୋତେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବ୍ୟବହାର କରିବାର ପରାମର୍ଶ ଦେଲେ । ଯାହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ଏବେ ମୋ ଆଖିରୁ ପାଣି ଝରିବା, ଆଖିର କ୍ଲାନ୍ତି ଭଳି ସମସ୍ୟାରୁ ଅପେକ୍ଷାକୃତ ଲାଭ ମିଳିଛି । **ସବୁଠାରୁ ଭଲ କଥା ହେଉଛି କି ଏହା ଏକ ଆୟୁର୍ବେଦିକ ଉତ୍ପାଦ ଅଟେ ।**

24x7 Helpline: 8196822222 • www.eyemantra.com • Available at all leading medical stores

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385






72198 21111 BAJAJ FINANCE LTD - AF BAJAJ SECURE • AMC • ROAD SIDE ASSISTANCE

#ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର୍ କେବଳ ବଛା ବଛା ମଡେଲ ସହାଶେ ବଛା ବଛା ଅଞ୍ଚଳରେ ମିଳୁଛି । *ପଲ୍‌ସାର୍ 150 SD ପ୍ରକାର ପାଇଁ ଡାଉନ୍ ପେମେଣ୍ଟ । ଡାଉନ୍ ପେମେଣ୍ଟ ରେ ପ୍ରୋସେସିଙ୍ଗ ଫୀ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ମିଶି ନାହିଁ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ହେବା ଉପରେ ଆଧାରିତ । ଫାଇନାନ୍‌ସିଅର୍‌ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍‌ସ ନିର୍ଭର କରେ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି ।

Authorised Dealers for BAJAJ Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8260712525 Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ